୫୬

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୩୦/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, November 30/2019 | ★★★★★★

୪୭ଶ ଭାଗ ୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

# ମାନ୍ଦାବସ୍ଥା ଝଟକା

## ଜିଡିପି ଅଭିବୃଦ୍ଧି ୪.୫%କୁ ଖସିଲା

- ୬ ବର୍ଷର ସର୍ବନିମ୍ନ ସ୍ତରକୁ ଚାଲିଗଲା
- ଗତ ବର୍ଷ ଜୁଲାଇ-ସେପ୍ଟେମ୍ବର ଅଭିବୃଦ୍ଧି ୭.୧% ଥିଲା
- ବିତ୍ତୀୟ ନିଅଣ୍ଟ ୭.୨ ଲକ୍ଷ କୋଟି ଛୁଇଁଲା
- କୋର୍ ସେକ୍ଟର ଅଭିବୃଦ୍ଧି ୫.୮% ହ୍ରାସ

**ନୂଆଦିଲ୍ଲୀ,୨୯।୧୧**

ଚଳିତ ଆର୍ଥିକ ବର୍ଷ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ୪.୫%କୁ ଖସିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟରେ ୭.୧% ରହିଥିବା ଶୁକ୍ରବାର ସରକାର ଜାରି କରିଥିବା ଡାଟାରୁ ସାମ୍ନାକୁ ଆସିଛି। ୨୦୧୨-୧୩ ଆର୍ଥିକ ବର୍ଷ ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ଭାରତ ୪.୩% ସ୍ତରର ଅଭିବୃଦ୍ଧି ହାସଲ କରିଥିଲା। ଏହାକୁ ଦେଖିଲେ ବର୍ତ୍ତମାନର ଜୁଲାଇ-ସେପ୍ଟେମ୍ବର ମାସର ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଯାଇଥିବା ଜଣାପଡିଛି। ଚଳିତ ବର୍ଷ ଏପ୍ରିଲ-ସେପ୍ଟେମ୍ବର ୬ ମାସ ମଧ୍ୟରେ ଭାରତର ଅଭିବୃଦ୍ଧି ୪.୮% ରହିଛି। ଏହା ଗତ ବର୍ଷ ସମାନ ସମୟରେ ୭.୫% ରହିଥିଲା। ଚଳିତ ଆର୍ଥିକ ବର୍ଷ ଦେଶର ବିକାଶ ହାର ୬.୧% ରହିବ ବୋଲି ରିଜର୍ଭ ବ୍ୟାଙ୍କ ଏହାର ପରିବର୍ତ୍ତିତ ପୂର୍ବାନୁମାନରେ କହିଛି। ଏହା ପୂର୍ବରୁ ଅଭିବୃଦ୍ଧି ୬.୯% ରହିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ କହିଥିଲା।

ଖାଉଟି ଚାହିଦା ହ୍ରାସ, ମାନୁଫାକ୍ଚରିଂ କ୍ଷେତ୍ରରେ ମନ୍ଥରତା, ଘରୋଇ ନିବେଶ ଏବଂ ରପ୍ତାନି ହ୍ରାସ ହେବା ☞ପୃଷ୍ଠା-୪

# ମାଡ଼ି ଆସୁଛି ପାଣି ସଙ୍କଟ

- ୨୦୫୦ ବେଳକୁ ଆହୁରି ସଙ୍ଗିନ ହେବ
- ଦ୍ରୁତଗତିରେ ହ୍ରାସ ପାଉଛି ୨୭ ସହର, ୪୯ ବ୍ଲକର ଭୂତଳ ଜଳ
- କମୁଛି ମୁଣ୍ଡପିଛା ଜଳ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**



ଜଳବାୟୁ ପରିବର୍ତ୍ତନ ଭୟଙ୍କର ବିପଦର ଆଭାସ ଦେଲାଣି। ପାଣିମୁନ୍ଦେ ପାଇଁ ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଏକ ବିଷମ ପରିସ୍ଥିତି ସୃଷ୍ଟି ହେବା ନେଇ ଏବେଠାରୁ ଜଳ ଜଳ ହୋଇ ଦିଶିଲାଣି। ନଦୀ, ହ୍ରଦ ଜଳସ୍ତର ହ୍ରାସ ପାଉଥିବାବେଳେ ଭୂତଳ ଜଳ ମଧ୍ୟ ଶୁଖିବାରେ ଲାଗିଛି। ୨୦୫୦ ବେଳକୁ ଶିଳ୍ପ, ଚାଷବାସ, ପାନୀୟ ପାଇଁ ମହାସଙ୍କଟ ସୃଷ୍ଟି ହେବାର ଆଶଙ୍କା ରହିଥିବା ଏକ ଆକଳନରୁ ଜଣାପଡ଼ିଛି। ପର୍ଯ୍ୟାପ୍ତ ବର୍ଷା ନ ହେବା ସାଙ୍ଗକୁ ପୁରାତନ ଗାଡ଼ିଆ ଓ ପୋଖରୀ ପୋତି ହୋଇଯିବା ଯୋଗୁ ଭୂତଳ ଜଳସ୍ତର ତଳକୁ ତଳ ଖସି ଚାଲିଛି। ରାଜ୍ୟର ଉଭୟ ସହର ଓ ଗ୍ରାମାଞ୍ଚଳରେ ପାଣି କଷ୍ଟ ଯେ ଉତ୍କଟ ହେଲାଣି ଏକଥା ଆଉ ଅଛପା ନାହିଁ। ଜଳ ସମ୍ପଦ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୭ରେ ରାଜ୍ୟର ୩୧୪ଟି ବ୍ଲକରେ ଭୂତଳ ଜଳର ସ୍ଥିତି ପରଖା ଯାଇଥିଲା। ସେଥିରୁ ୪୯ଟି ବ୍ଲକରେ ଭୂଗର୍ଭସ୍ଥ ଜଳ ଅତି ମାତ୍ରାରେ ତଳକୁ ତଳ ଦ୍ରୁତ ଗତିରେ ଖସି ଖସି ଚାଲିଛି। ଭୂତଳ ଜଳ ଆକଳନ ଅନୁଯାୟୀ ରାଜ୍ୟର ୫ଟି ବ୍ଲକ ବାଲେଶ୍ୱର ଜିଲାର ବାହାନଗା ଓ ବାଲିଆପାଳ, ଯାଜପୁର ଜିଲାର କୋରେଇ, କେନ୍ଦ୍ରାପଡ଼ା ଜିଲାର ଗରଦପୁର ଏବଂ ଖୋର୍ଦ୍ଧା ଜିଲାର ବୋଲଗଡ଼ ବ୍ଲକରେ ଭୂତଳ ଜଳ ସଙ୍ଗିନ ଅବସ୍ଥାକୁ ଆସି ଗଲାଣି। ଏସବୁ ବ୍ଲକରେ ଭୂଗର୍ଭ ଜଳ ୭୦ରୁ ୯୦ ଭାଗ ବ୍ୟବହାର ହେଉଛି। ସେହିପରି ୪୪ଟି ବ୍ଲକରେ ମଧ୍ୟ ଭୂଗର୍ଭ ଜଳ ବିପଦ ମୁହାଁ ହୋଇଛି। ଏହି ବ୍ଲକଗୁଡ଼ିକରେ ଲୋକମାନେ ସେମାନଙ୍କର ☞ପୃଷ୍ଠା-୪

**ମହିଳା ଡାକ୍ତରଙ୍କୁ ଗଣବଳାତ୍କାର, ହତ୍ୟା** ପୃଷ୍ଠା-୨

### ଆଜିର ସମ୍ପାଦକୀୟ

ସମ୍ଭାବ୍ୟ ଅଦଳବଦଳ

### ଆଜିର ମନ୍ତବ୍ୟ

"ଭାରତ-ଶ୍ରୀଲଙ୍କା ସମ୍ପର୍କକୁ ବହୁ ଉଚ୍ଚକୁ ନେବା ପାଇଁ ଚାହେଁ।

-ଗୋଟାବାୟା ରାଜପାକ୍ସେ, ଶ୍ରୀଲଙ୍କା ରାଷ୍ଟ୍ରପତି







Vencobb Fresh Chicken — Taste the difference!

29.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |
| BHM | 74 | 124 | 134 |

*Conditions Apply

Issued in the Interest of Consumers








ଅଯୋଧାରେ ପ୍ରସ୍ତାବିତ ରାମମନ୍ଦିର ଦେଶରେ ଶାନ୍ତି ଆଣିବା ସହ ସମ୍ପ୍ରଦାୟ ମଧ୍ୟରେ ଭ୍ରାତୃଭାବ ସ୍ଥାପନ କରିବା।
- ଶ୍ରୀଶ୍ରୀ ରବିଶଙ୍କର, ଆଧାତ୍ମିକ ଗୁରୁ

## ହାଇଦ୍ରାବାଦରେ ନିର୍ଭୟା ଘଟଣାର ପୁନରାବୃତ୍ତି

# ମହିଳା ଡାକ୍ତରଙ୍କୁ ଗଣବଳାତ୍କାର, ହତ୍ୟା

ହାଇଦ୍ରାବାଦ,୨୯।୧୧ (ପି.ଟି./ଆଇଏଏନ୍‌ଏସ୍)

ଅପହରଣ ପରେ ଗଣବଳାତ୍କାର କରି ହତ୍ୟା ଓ ଶେଷରେ ମୃତଦେହକୁ ୩୦ କି.ମି. ଦୂର ଏକ ପୋଲ ତଳେ ଜାଳିଦେଲେ। ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦରେ ବୁଧବାର ରାତିରେ ଜଣେ ୨୬ ବର୍ଷୀୟା ମହିଳା ପ୍ରାଣୀ ଚିକିତ୍ସକଙ୍କ କ୍ଷେତ୍ରରେ ଘଟିଛି ଏଭଳି ଲୋମଟାଙ୍କୁରା ବର୍ବର ଘଟଣା। ଏହି କାଣ୍ଡ ଭିଆଇଥିବା ଅଭିଯୋଗରେ ସାଇବରାବାଦ ପୋଲିସ ଶୁକ୍ରବାର ଜଣେ ଟ୍ରକ୍ ଡ୍ରାଇଭର ଓ କ୍ଲିନରଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଏହି ଘଟଣା ତେଲଙ୍ଗାନା ସମେତ ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇଦେଇଛି।

ମହିଳା ପ୍ରାଣୀ ଚିକିତ୍ସକ ଜଣକ ମେହବୁବ୍‌ନଗର ଜିଲା ନୱାବପେଟ ମଣ୍ଡଳର କୋଲ୍ଲୁରସ୍ଥିତ ଏକ ହସ୍ପିଟାଲରେ କାର୍ଯ୍ୟକରୁଥିଲେ। ସବୁଦିନ ଭଳି ବୁଧବାର ହସ୍ପିଟାଲକୁ ଯାଇ ସେଠାରୁ ଫେରୁଥିଲେ। ଫେରିବାବେଳେ ଜଣେ ତ୍ୱଚା ବିଶେଷଜ୍ଞ (ଡାକ୍ତର)ଙ୍କୁ ଭେଟିବା ପାଇଁ ଗାଚିବାଓ୍ୱଲି ଯାଇଥିଲେ। ସେଠାରୁ ରାତି ୮ଟା ପରେ ଘରକୁ ଫେରୁଥିବାବେଳେ ସେ ହଠାତ୍ ନିଖୋଜ ହୋଇଯାଇଥିଲେ। ଗୁରୁବାର ସକାଳେ ହାଇଦ୍ରାବାଦ ସହର ବାହାରେ ଥିବା ଶାଦ୍‌ନଗର ଅଞ୍ଚଳର ହାଇଦ୍ରାବାଦ-ବେଙ୍ଗାଲୁରୁ ଜାତୀୟ ରାଜପଥର ଏକ କଲଭର୍ଟ ତଳେ ତାଙ୍କର



ଦଗ୍ଧ ମୃତଦେହ ମିଳିଥିଲା। ତନାଘନା ପରେ ପୋଲିସ ଜାଣିବାକୁ ପାଇଛି ଯେ, ପୀଡ଼ିତା ଜଣକ ତୋଣ୍ଡୁପଲ୍ଲୀସ୍ଥିତ ଓଆର୍‌ଆର୍ ଟୋଲ୍ ପ୍ଲାଜାରେ ତାଙ୍କ ସ୍କୁଟି ରଖି ଏକ କାର୍‌ରେ ହସ୍ପିଟାଲକୁ ଯାଇଥିଲେ। ଫେରିବାବେଳେ ତାଙ୍କ ସ୍କୁଟି ପଙ୍କଚର ହୋଇଯାଇଥିବା ସେ ଦେଖିବାକୁ ପାଇଥିଲେ। ଏହି ବିଷୟରେ ସେ ନିଜ ସାନଭଉଣୀଙ୍କୁ ରାତି ୯ଟା ୪୫ରେ ଫୋନ୍ କରି ଜଣାଇଥିଲେ। କେତେଜଣ ଅଚିହ୍ନା ବ୍ୟକ୍ତି ତାଙ୍କୁ ସାହାଯ୍ୟ କରିବା ପାଇଁ ଆସିଥିବା ଭଉଣୀଙ୍କୁ ପୀଡ଼ିତା କହିଥିଲେ। ଅଚିହ୍ନା ଲୋକଙ୍କୁ ଦେଖି ସେ ଭୟଭୀତ ହୋଇଯାଇଥିବାରୁ ଭଉଣୀଙ୍କୁ ଫୋନ୍‌ରେ କଥାବାର୍ତ୍ତା ଜାରି ରଖିବା ପାଇଁ ଅନୁରୋଧ କରିଥିଲେ। ଏହାର କିଛି ମିନିଟ ପରେ ତାଙ୍କର ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ଫଳରେ

- ୩୦ କି.ମି. ଦୂର କଲଭର୍ଟ ତଳେ ମିଳିଲା ଅର୍ଦ୍ଧଦଗ୍ଧ ମୃତଦେହ
- ଟ୍ରକ୍ ଡ୍ରାଇଭର, କ୍ଲିନରଙ୍କ ସମେତ ୪ ଗିରଫ

ପରିବାର ଲୋକେ ଚିନ୍ତିତ ହୋଇ ଶାମଶାବାଦ ଥାନାରେ ରାତି ୧୧ଟାରେ ତାଙ୍କର ନିଖୋଜ ରିପୋର୍ଟ ଦେଇଥିଲେ। ଇତିମଧ୍ୟରେ ଗୁରୁବାର ସକାଳେ ଟୋଲ୍ ପ୍ଲାଜାରୁ ୩୦ କି.ମି. ଦୂରରେ ଥିବା ଏକ କଲ୍‌ଭର୍ଟ ତଳେ ଜଣେ ମହିଳାଙ୍କ ମୃତଦେହ ଜଳୁଥିବା ଦେଖି ଜଣେ ଚାଷୀ ଥାନାକୁ ଖବର ଦେଇଥିଲେ। ଆଖପାଖ ଥାନା ଓ ପୀଡ଼ିତାଙ୍କ ପରିବାରକୁ ଏନେଇ ତୁରନ୍ତ ଖବର ଦିଆଯାଇଥିଲା। ପୋଲିସ ଓ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ପ୍ରିୟଙ୍କାଙ୍କର ବୋଲି ଚିହ୍ନଟ କରିଥିଲେ। ଘଟଣାସ୍ଥଳରୁ ପୀଡ଼ିତାଙ୍କ ଜୋତା, ପୋଷାକ ଓ କେତେକ ମଦ ବୋତଲ ମିଳିଥିବାରୁ ଅଭିଯୁକ୍ତମାନେ ତାଙ୍କୁ ସାହାଯ୍ୟ କରିବା ବାହାନାରେ ଗଣବଳାତ୍କାର ପରେ ହତ୍ୟା କରିଥିବା ଜଣାପଡ଼ିଛି। ସେମାନେ ତାଙ୍କୁ ବଳାତ୍କାର କରିବା ପାଇଁ ଜାଣିଶୁଣି ସ୍କୁଟି ପଙ୍କଚର କରିଥିବା ପୋଲିସ ସନ୍ଦେହ କରୁଛି।

### ନିର୍ଦ୍ଦେଶନାମା ଜାରି କରିବ କେନ୍ଦ୍ର

ନୂଆଦିଲ୍ଲୀ,୨୯।୧୧(ପି.ଟି.)

ହାଇଦ୍ରାବାଦରେ ଜଣେ ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର ଓ ହତ୍ୟା କରାଯିବା ପରେ ମହିଳାଙ୍କ ସୁରକ୍ଷା ନେଇ କେନ୍ଦ୍ରର ଚେତା ପଶିଛି। କେନ୍ଦ୍ର ସରକାର ଏନେଇ ଆଡ୍‌ଭାଇଜରି ଜାରି କରିବେ ବୋଲି ଶୁକ୍ରବାର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ୍ ରେଡ୍ଡୀ ସୂଚନା ଦେଇଛନ୍ତି। ମନ୍ତ୍ରୀ ରେଡ୍ଡୀ କହିଛନ୍ତି, ସେ ତେଲଙ୍ଗାନା ସରକାରଙ୍କ ଅଧିକାରୀମାନଙ୍କ ସହ ଯୋଗାଯୋଗ କରୁଛନ୍ତି। ଅଭିଯୁକ୍ତମାନଙ୍କୁ ଧରି ଦଣ୍ଡିତ କରାଯିବ। ଭବିଷ୍ୟତରେ ଏପରି ଘଟଣା ଯେପରି ନ ଘଟେ ସେଥିପାଇଁ ସମସ୍ତ ରାଜ୍ୟକୁ ପ୍ରତିକାରମୂଳକ ପଦକ୍ଷେପ ପାଇଁ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ପାର୍ଲାମେଣ୍ଟ ବାହାରେ ସେ କହିଛନ୍ତି।

### ତଦନ୍ତ କମିଟି ଗଠନ କଲେ ଏନ୍‌ସିଡବ୍ଲ୍ୟୁ

**ନୂଆଦିଲ୍ଲୀ,୨୯।୧୧(ପି.ଟି.):** ହାଇଦ୍ରାବାଦ ମାମଲାର ତଦନ୍ତ ପାଇଁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଏକ ତଦନ୍ତ କମିଟି ଗଠନ କରିଛନ୍ତି। ଏନେଇ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ରେଖା ଶର୍ମା କହିଛନ୍ତି, ମହିଳାମାନଙ୍କୁ ନେଇ ଗଠିତ କମିଟି ଏହାର ତଦନ୍ତ କରିବ। ଅଭିଯୁକ୍ତମାନଙ୍କୁ କଡ଼ା ଦଣ୍ଡ ଦିଆଯିବ ବୋଲି ସେ ଟୁଇଟ୍ କରିଛନ୍ତି। ଏହାସହ ସାଇବରାବାଦ ପୋଲିସ କମିଶନର ଭି.ସି. ସଜ୍ଜନରଙ୍କ ନିକଟକୁ ମଧ୍ୟ ସେ ଏକ ପତ୍ର ଲେଖିଛନ୍ତି। ମହିଳାଙ୍କ ସୁରକ୍ଷା ଓ ନିରାପତ୍ତାକୁ ନେଇ କମିଶନ ଚିନ୍ତିତ ଥିବା ସେ କହିଛନ୍ତି।

### 'ପୋଲିସକୁ ଫୋନ୍ କରିଥାନ୍ତେ ପୀଡ଼ିତା'

**ହାଇଦ୍ରାବାଦ,୨୯।୧୧(ଆଇଏଏନ୍‌ଏସ୍):** ଗଣବଳାତ୍କାର ଓ ହତ୍ୟାର ଶିକାର ହେବା ପୂର୍ବରୁ ମହିଳା ପ୍ରାଣୀ ଚିକିତ୍ସକ ପୋଲିସକୁ ଫୋନ୍ କରିବା ଉଚିତ ଥିଲା। ସେ ନିଜ ଭଉଣୀଙ୍କୁ ଫୋନ୍ କରିବା ପରିବର୍ତ୍ତେ ୧୦୦ ନମ୍ବରରେ ଫୋନ୍ କରିଥିଲେ ପୋଲିସ ମାତ୍ର ୩ ମିନିଟ ଭିତରେ ପହଞ୍ଚିଥାନ୍ତା। ପୀଡ଼ିତାଙ୍କ ଜୀବନ ବଞ୍ଚିଯାଇଥାନ୍ତା ବୋଲି ତେଲଙ୍ଗାନା ଗୃହମନ୍ତ୍ରୀ ମହମ୍ମଦ ମେହମୁଦ ଅଲି କହିଛନ୍ତି। ମେହମୁଦଙ୍କ ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ଆଲବାନିଆରେ ଭୂମିକମ୍ପ: ୪୯ ମୃତ



**ଟିରାନା,୨୯।୧୧(ଏଏଫ୍‌ପି):** ଆଲବାନିଆ ଭୂମିକମ୍ପରେ ୪୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭୫୦ ଆହତ ହୋଇଛନ୍ତି। ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ଭୋର ସମୟରେ ଆଲବାନିଆରେ ୬.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଏହାକୁ ଦଶନ୍ଧିର ସବୁଠୁ ଭୟାବହ ଭୂକମ୍ପ ବୋଲି କୁହାଯାଇଛି। ବନ୍ଦର ସହର ଡୁରେସ୍ ଏବଂ ଥୁମାନେରେ ସର୍ବାଧିକ କ୍ଷୟକ୍ଷତି ହୋଇଛି। ଧ୍ୱଂସାବଶେଷ ତଳେ ଅନେକ ଲୋକ ଫସି ରହିଯାଇଥିଲେ।

### ମଧ୍ୟାହ୍ନଭୋଜନରେ ୮୧ ପିଲାଙ୍କୁ ଲିଟରେ କ୍ଷୀର

**ସୋନଭଦ୍ର,୨୯।୧୧(ପି.ଟି.):** ଉତ୍ତରପ୍ରଦେଶର ଚୋପାନ ବ୍ଲକ ଅନ୍ତର୍ଗତ ଏକ ସରକାରୀ ବିଦ୍ୟାଳୟରେ ପଢୁଥିବା ୮୧ ଛାତ୍ରୀଛାତ୍ରଙ୍କୁ ୧ ଲିଟର କ୍ଷୀର ବଣ୍ଟାଯାଉଥିବା ଜଣାପଡ଼ିବା ପରେ ସ୍କୁଲର ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ୧ ଲିଟର କ୍ଷୀରେ ବାଲତିଏ ଗରମ ପାଣି ମିଶାଯାଇ ପିଲାଙ୍କୁ ଦିଆଯାଉଥିବାର ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯିବା ସହ କୋଟା ପଞ୍ଚାୟତର ଶିକ୍ଷାମିତ୍ର (ଠିକା ଶିକ୍ଷକ)ଙ୍କ ବିରୋଧରେ ଏତଲା ଦାଏର ହୋଇଛି। ମଧ୍ୟାହ୍ନ ଭୋଜନ ଯୋଜନାରେ ଦୁର୍ନୀତି ରୋକିବାରେ ବିଫଳ ଭାଜପା ସରକାରଙ୍କୁ ସମାଜବାଦୀ ପାର୍ଟି ଓ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ବାଲତିଏ ପାଣିରେ କ୍ଷୀର ମିଶାଇବା କଥାକୁ ପାଚିକା ସ୍ୱୀକାର କରିଛନ୍ତି।



ଉତ୍ତରକାଶୀର ହିମ ଆଚ୍ଛାଦିତ ଗଙ୍ଗୋତ୍ରୀ ଧାମ।

## ୨ ଥର କ୍ଷମାମାଗିଲେ ପ୍ରଜ୍ଞା

ନୂଆଦିଲ୍ଲୀ,୨୯।୧୧(ପି.ଟି.)

ଗଡ୍‌ସେ ବିବାଦ



ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କୁ 'ଦେଶଭକ୍ତ' କହିବା ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁରଙ୍କୁ ମହଙ୍ଗା ପଡିଛି। ଏଥିପାଇଁ ତାଙ୍କୁ ଲୋକ ସଭାରେ ଦୁଇଥର କ୍ଷମା ମାଗିବାକୁ ହୋଇଛି। ପ୍ରଥମେ ତାଙ୍କର ସର୍ତ୍ତମୂଳକ କ୍ଷମାପ୍ରାର୍ଥନା ଅଗ୍ରାହ୍ୟ ହେବା ପରେ ଶୁକ୍ରବାର ପୁଣିଥରେ କ୍ଷମା ମାଗିଥିଲେ। ପ୍ରଥମ କ୍ଷମାପ୍ରାର୍ଥନା ବେଳେ ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଆତଙ୍କବାଦ ମନ୍ତବ୍ୟକୁ ସମାଲୋଚନା କରିଥିଲେ, ଯାହାକୁ ବିରୋଧୀ ଅଗ୍ରାହ୍ୟ କରିଦେଇଥିଲେ। ବାଚସ୍ପତି ଓମ୍ ବିର୍ଲା ଗୃହ ନେତାମାନଙ୍କର ଏକ ବୈଠକ ଡାକିବା ପରେ ପ୍ରଜ୍ଞା ଦ୍ୱିତୀୟ କ୍ଷମାପ୍ରାର୍ଥନା କରିଛନ୍ତି।

ବୁଧବାର ଲୋକ ସଭାରେ ଏସ୍‌ପିଜି ସଂଶୋଧନ ବିଲ୍ ଉପରେ ଆଲୋଚନାବେଳେ ଭୋପାଳ ଏମ୍‌ପି ନାଥୁରାମଙ୍କୁ ଦେଶଭକ୍ତ କହିଥିଲେ। ତେବେ ସେ ନାଥୁରାମଙ୍କୁ ଦେଶଭକ୍ତ କହିନାହାନ୍ତି, ଏପରିକି ତାଙ୍କ ନାଁ ମଧ୍ୟ ଧରିନାହାନ୍ତି ବୋଲି ପ୍ରଜ୍ଞା ଶୁକ୍ରବାର କହିଛନ୍ତି। ଏହା ସତ୍ତ୍ୱେ ତାଙ୍କ ମନ୍ତବ୍ୟ ଯଦି କାହାକୁ ଆଘାତ ଦେଇଛି, ସେଥିପାଇଁ ସେ ଦୁଃଖପ୍ରକାଶ କରିବା ସହ କ୍ଷମା ମାଗୁଛନ୍ତି ବୋଲି ପ୍ରଜ୍ଞା କହିଥିଲେ।

### ପ୍ରଜ୍ଞାଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ

**ଇନ୍ଦୋର,୨୯।୧୧(ପି.ଟି.):** ନାଥୁରାମ ଗଡ୍‌ସେଙ୍କୁ ଦେଶଭକ୍ତ କହିଥିବା ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁରଙ୍କ ବିରୋଧରେ ଇନ୍ଦୋରର ଜଣେ କଂଗ୍ରେସ ନେତା ଥାନାରେ ଦେଶଦ୍ରୋହ ଅଭିଯୋଗରେ ଏତଲା ଦାଏର କରିଛନ୍ତି। ପ୍ରଜ୍ଞାଙ୍କ ମନ୍ତବ୍ୟ ଦେଶଦ୍ରୋହ ବୋଲି କଂଗ୍ରେସ ନେତା ଦେବେନ୍ଦ୍ର ସିଂ ଯାଦବ ପାଣ୍ଡ୍ରିନାଥ ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ପ୍ରଜ୍ଞାଙ୍କ ବିରୋଧରେ ସେଣ୍ଟ୍ରାଲ କୋଟ୍‌ୱାଲି ଥାନାରେ ମଧ କଂଗ୍ରେସ କର୍ମୀମାନେ ଅନୁରୂପ ଏତଲା ଦେଇଛନ୍ତି।

### ଲଣ୍ଡନ ବ୍ରିଜ୍‌ରେ ଛୁରାମାଡ଼

ପୋଲିସ ଗୁଳିରେ ଟଳିଲେ ଆକ୍ରମଣକାରୀ

ଲଣ୍ଡନ,୨୯।୧୧: ଲଣ୍ଡନ ବ୍ରିଜ୍‌ରେ ଜଣେ ଛୁରାଧାରୀଙ୍କ ଆକ୍ରମଣରେ ଅନେକ ଲୋକ ଆହତ ହୋଇଛନ୍ତି। ପୋଲିସ ଗୁଳିରେ ସମ୍ପୃକ୍ତ ଆକ୍ରମଣକାରୀ ନିହତ ହୋଇଛନ୍ତି। ଏହା ଏକ ଆତଙ୍କବାଦୀ ଆକ୍ରମଣ ବୋଲି ପୋଲିସ କହିଛି। ଲଣ୍ଡନର ପ୍ରସିଦ୍ଧ ଲଣ୍ଡନ ବ୍ରିଜ୍‌ରେ ଶୁକ୍ରବାର ଅପରାହ୍ନ ୨ଟାରେ ଏକ ବଡ଼ଧରଣର ଆକ୍ରମଣ ହୋଇଛି। ଜଣେ ବ୍ୟକ୍ତି ହାତରେ ଛୁରା ଧରି ଲୋକଙ୍କୁ ଟାର୍ଗେଟ କରିବାରେ ଲାଗିଥିଲେ। ବ୍ରିଜ୍ ଆଖପାଖ ଦୋକାନୀମାନେ ଭୟରେ ନିଜ ବ୍ୟବସାୟ ବନ୍ଦ କରି ଚାଲିଯାଇଥିଲେ। ପୋଲିସ ଗୁଳିରେ ଆକ୍ରମଣକାରୀ ନିହତ ହେବା ପୂର୍ବରୁ ଅନେକ ଲୋକ ଛୁରାମାଡ଼ରେ ଆହତ ହୋଇସାରିଥିଲେ। ମେଟ୍ରୋପଲିଟାନ୍ ପୋଲିସ ଏହି ଘଟଣାର ଭିଡିଓ ଜାରି କରିଛି। ଏହାସହ ଲୋକଙ୍କୁ ସଂଯମ ରହି ନିଜ ସାଧାରଣ ବୁଦ୍ଧିକୁ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଛି। ସେହିପରି ଅନ୍ୟ ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି।

### ଶାରଦା ଚିଟ୍‌ଫଣ୍ଡ ମାମଲା
### ରାଜୀବ କୁମାରଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ,୨୯।୧୧(ପି.ଟି.)

ବହୁକୋଟି ଟଙ୍କାର ଶାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କୁ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି। ପଶ୍ଚିମବଙ୍ଗ କ୍ୟାଡରର ଏହି ଆଇପିଏସ୍ ଅଫିସରଙ୍କୁ ଦିଆଯାଇଥିବା ଆଗୁଆ ଜାମିନକୁ ସିବିଆଇ କୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ପୂର୍ବରୁ ରାଜୀବ କୁମାର କିଛିଦିନ ପାଇଁ ଫେରାର ହୋଇଯାଇଥିଲେ। ସେ ତଦନ୍ତ ସମୟରେ ସଂଗ୍ରହ କରିଥିବା ଗୁରୁତ୍ୱପୂର୍ଣ୍ଣ ତଥ୍ୟପ୍ରମାଣକୁ ଚାପି ଦେଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କୁ କହିଥିଲେ।

### ୧୦୦୦ଫୁଟ୍ ଉପରୁ ଖସି ଗୋବ୍ରାଇଟ୍‌ଙ୍କ ପରଲୋକ

**ୱାଶିଂଟନ, ୨୯।୧୧:** ଉତ୍ତର ମେକ୍ସିକୋର ଏକ ୧୦୦୦ ଫୁଟ୍ ଉଚ୍ଚ ଶିଳା ଉପରୁ ଖସିପଡ଼ି ଆମେରିକାର ପ୍ରଖ୍ୟାତ ପର୍ବତାରୋହୀ ବ୍ରାଡ୍ ଗୋବ୍ରାଇଟ୍‌ଙ୍କ ପରଲୋକ ହୋଇଛି। ୩୧ ବର୍ଷୀୟ ଗୋବ୍ରାଇଟ୍ ଓ ତାଙ୍କ ସହଯାତ୍ରୀ ଆଇଡାନ୍ ଜାକୋବ୍‌ସନ୍ (୨୬) ନୁଏଭୋ ଲେଓନ୍ ରାଜ୍ୟର



ଶାଇନିଂ ପାଥ୍ ନାମକ ଏକ ଶିଳା ଉପରକୁ ଚଢୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।







ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩୦ ନଭେମ୍ବର, ୨୦୧୯



## ୧୫ ଡିସେମ୍ବରରୁ ଫାଷ୍ଟାଗ୍ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୨୯।୧୧: ସାରା ଦେଶର ଟୋଲ ପ୍ଲାଜାଗୁଡ଼ିକରେ ବାଧ୍ୟତାମୂଳକ ଭାବେ ଫାଷ୍ଟାଗ କାର୍ଯ୍ୟକାରୀ କରିବା ତାରିଖକୁ ସରକାର ଚଳିତ ବର୍ଷ ଡିସେମ୍ବର ୧୫ ତାରିଖ ଯାଏ ବଢାଇ ଦେଇଛନ୍ତି। ଡିସେମ୍ବର ପହିଲାରେ ଏହା ଲାଗୁ ହେବ ବୋଲି କେନ୍ଦ୍ର ସଡକ ଏବଂ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ କୁହାଯାଇଥିଲା। ଫାଷ୍ଟାଗ ଲାଭ କରିବା ପାଇଁ ଲୋକଙ୍କୁ ଅଧିକ ସମୟ ଦେବା ପ୍ରସଙ୍ଗକୁ ଧ୍ୟାନରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି।




# ଡଷ୍ଟବିନ୍‌ରୁ ମିଳିଲା ନରକଙ୍କାଳ, ଖପୁରି

- ଡିଏନ୍‌ଏ ଟେଷ୍ଟ ପାଇଁ ନମୁନା ସଂଗ୍ରହ
- କୌଣସି ମେଡିକାଲ କଲେଜର ହୋଇଥିବା ସନ୍ଦେହ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ରାଜଧାନୀର ଏକ ଡଷ୍ଟବିନ୍‌ରୁ ନରକଙ୍କାଳ ଓ ଖପୁରି ମିଳିଛି। ଏହାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ଶୁକ୍ରବାର ସକାଳେ ନୟାପଲ୍ଲୀ ଥାନା ଅଧୀନ ଆଇଆର୍‌ସି ଭିଲେଜ ହାଇସ୍କୁଲ ପଛପଟେ ଥିବା ଏକ ଡଷ୍ଟବିନ୍‌ରୁ ଏହି କଙ୍କାଳ ଓ ଖପୁରିକୁ ଜବତ କରାଯାଇଛି। ଜଣେ ସଫେଇ କର୍ମଚାରୀ ଡଷ୍ଟବିନ୍ ସଫା କରୁଥିବାବେଳେ କେତେକ ପଲିଥିନରେ ଖପୁରି ସହ କଙ୍କାଳ ବନ୍ଧାହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେ ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ କହିବା ସହ ପୋଲିସକୁ ଜଣାଇଥିଲେ। ନୟାପଲ୍ଲୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି କଙ୍କାଳର ଅଂଶବିଶେଷକୁ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ପରେ ଫୋରେନ୍ସିକ ଟିମ୍ ପହଞ୍ଚି ଡିଏନ୍‌ଏ ପରୀକ୍ଷା ପାଇଁ ଖପୁରି ଓ କଙ୍କାଳର କେତେକ ନମୁନା ସଂଗ୍ରହ କରିଛି।

ଏ ନେଇ ଜୋନ୍ ଏସିପି ଅନିଲ ମିଶ୍ର କହିଛନ୍ତି ଯେ, ହସ୍ପିଟାଲରେ ପରୀକ୍ଷା ପରେ ଏହି କଙ୍କାଳ ପୁରୁଷ କି ମହିଳାଙ୍କର ତାହା ଜାଣିବା ପାଇଁ ପୋଲିସ ଏହାକୁ କଟକସ୍ଥିତ ଏସ୍‌ଏଫ୍‌ଏଲ୍ ଲ୍ୟାବ୍‌କୁ ପଠାଇବ। କାରଣ ପରେ ଯଦି କେହି ଏହାକୁ ନିଜ ପରିଜନଙ୍କର ବୋଲି ଦାବି କରନ୍ତି ତା'ହେଲେ ଡିଏନ୍‌ଏ ସହ ମ୍ୟାଚ୍ କରାଯିବ। ତେବେ ଏହି କଙ୍କାଳରେ ଏଲ୍-୧, ଏଲ୍-୨ ଭଳି ମାର୍କିଂ ହୋଇଥିବାରୁ ଏହା କୌଣସି ମେଡିକାଲ କଲେଜର ଶିକ୍ଷାଦାନ ସମ୍ବନ୍ଧିତ ବୋଲି ଅନୁମାନ କରାଯାଉଛି। ମଣିଷ ଶରୀରର ସମସ୍ତ ଅଂଶବିଶେଷ ଯଥା-ଖପୁରି, ପିଞ୍ଜରା, ନିତମ୍ବ ହାଡ଼, ହନୁ ହାଡ଼, ହାତ ଓ ଗୋଡ ହାଡ଼ ଆଦି ଏହି କଙ୍କାଳରେ ରହିଛି। ଏହା ପୁରୁଣା ହୋଇଯାଇଥିବାରୁ କେହି ମେଡିକାଲ ଛାତ୍ର ଏହାକୁ ଆଣି ଡଷ୍ଟବିନ୍‌ରେ ଫିଙ୍ଗିଦେଇ ଥାଇପାରନ୍ତି। ଏ ନେଇ ତଦନ୍ତ କରାଯାଉଛି ବୋଲି ମିଶ୍ର କହିଛନ୍ତି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଥିବାବେଳେ ନାନା ଚର୍ଚ୍ଚା ଚାଲିଛି। କୌଣସି ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା କିମ୍ବା ଗୁଣିଗାରେଡ଼ି ଉଦ୍ଦେଶ୍ୟରେ ଏହି କଙ୍କାଳକୁ ବ୍ୟବହାର ପାଇଁ ଏଭଳି ଭାବେ ଲୁଚାଇ ରଖାଯାଇଥିବା ସାଧାରଣରେ ଆଲୋଚନା ହେଉଛି।

# 'ନୂତନ ଭାରତ ଗଠନ ପାଇଁ ଦାୟିତ୍ୱ ନିଅ'

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

ସମ୍ବଲପୁର,୨୯।୧୧(ବ୍ୟୁରୋ)

ଶାନ୍ତି, ପ୍ରଗତି ଆଉ ସମୃଦ୍ଧିର ନୂତନ ଭାରତ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏଥିପାଇଁ ଦାୟିତ୍ୱ ବହନ କରିବା ଜରୁରୀ। ନିଜର କର୍ତ୍ତବ୍ୟ ନ କଲେ ଜ୍ଞାନ ଅର୍ଜନ କରିବାର କିଛି ଲାଭ ନାହିଁ। ଆଜି ଯାହା ସଂଗ୍ରହ କରୁଛ ତାହା ଆସନ୍ତା କାଲି ପାଇଁ। ତେଣୁ ବର୍ତ୍ତମାନର ସମୟ ମୂଲ୍ୟବାନ। ଅଧ୍ୟୟନ କରି ନିଜର ଜ୍ଞାନ ବୃଦ୍ଧି କର, ଯାହା ନିଜକୁ ଆଗାମୀ ଦିନରେ ଆଗଧାଡିରେ ଛିଡାହେବାକୁ ସାହାଯ୍ୟ କରିବ। ପାଠ ପଢିବା ସହ ନିଜର ସାମାଜିକ ଦାୟିତ୍ୱ ନିର୍ବାହ କର ବୋଲି ଶୁକ୍ରବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର)ର ୩୦ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନୂତନ ଭାରତର ସଂକଳ୍ପ ନେଇ ପଦକ୍ଷେପ ଗ୍ରହଣ କରୁଛନ୍ତି। ୨୦୨୪ ସୁଦ୍ଧା ଦେଶକୁ ୫ଟ୍ରିଲିୟନ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ମୂଳଲକ୍ଷ୍ୟ ରଖାଯାଇଛି। ୨୦୧୬ରେ ଦେବାଳିଆ ଏବଂ ଦେବାଳିଆପଣ ସଂହିତା ଲାଗୁ କରାଯାଇଥିଲା। କର୍ପୋରେଟ ସଂସ୍ଥାଗୁଡ଼ିକ ଋଣ ପରିଶୋଧ ନ କଲେ କଡ଼ା କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରାଗଲା। ୨୦୧୭ରେ ବସ୍ତୁ ଓ ସେବାକର କାର୍ଯ୍ୟକାରୀ କରାଗଲା। ସାମାଜିକ ବିକାଶ ଓ ନ୍ୟାୟ ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଏହା ସହ ଆୟୁଷ୍ମାନ ଭାରତ, ପିଏମ୍-କିଷାନ ଯୋଜନା ରହିଛି। ଆମ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ଏକ ନୂଆ ଶିକ୍ଷାନୀତି ହାତକୁ ନିଆଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ବାସ୍ତବରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ସୁନ୍ଦର ପରିବେଶ ଓ ସବୁଜିମା ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରହିଛି। ଏଠାରୁ ଯେଉଁମାନେ ସ୍ନାତକ, ସ୍ନାତକୋତର, ଡକ୍ଟରେଟ ଡିଗ୍ରୀ, ଉପାଧି ଓ ପଦକ ପାଉଛନ୍ତି ତାହା ସେମାନଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ବୋଲି ପ୍ରମୋଦ କହିଥିଲେ। ଉତ୍ସବରେ କୁଳାଧିପତି ରାଜ୍ୟପାଳ ଗଣେଶୀ ଲାଲ ଅଧ୍ୟକ୍ଷତା କରିଥିଲେ। ସେ କହିଲେ, ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିଛି। ଛାତ୍ରୀଛାତ୍ର ନିଜ ଉପରେ ବିଶ୍ୱାସ ରଖି ଆଗକୁ ବଢିବା ଆବଶ୍ୟକ। ତେବେଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚି ହେବ। ମଣିଷକୁ ଯାହାସବୁ ମିଳୁଛି ତାହା ସବୁ ଭଗବାନଙ୍କ ଦାନ। ତେଣୁ ସବୁ ସ୍ୱୀକାର କରିବା କଥା ଓ ସମସ୍ତଙ୍କୁ ଭଲ ପାଇବା କଥା। ସମାଜରେ ଉତ୍ସର୍ଗୀକୃତ ଭାବେ ସେବା ଯୋଗାଇବା ଆବଶ୍ୟକ। ବର୍ତ୍ତମାନ ସମୟରେ ବିଜ୍ଞାନ ଓ ବୈଷୟିକ ସଂସ୍କୃତି ମୁଣ୍ଡ ଟେକିବାରେ ଲାଗିଛି। ତେଣୁ ଛାତ୍ରୀଛାତ୍ର ସମୟ ସହିତ ନିଜକୁ ଖାପ୍ ଖୁଆଇ ଆଗକୁ ବଢିବାକୁ ହେବ ବୋଲି ରାଜ୍ୟପାଳ କହିଥିଲେ।

ଏହି ଅବସରରେ ପରମାଣୁ ତଥା ପଦାର୍ଥବିଜ୍ଞାନୀ ଡ. ଅଜିତ କୁମାର ମହାନ୍ତି ସମ୍ମାନସୂଚକ ଡିଏସ୍‌ସି, ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ତଥା ନାଟ୍ୟକାର ଏବଂ ନିର୍ଦ୍ଦେଶକ ଅଟଳ ବିହାରୀ ପଣ୍ଡାଙ୍କୁ ଡିଲିଟ ଉପାଧି ପ୍ରଦାନ କରାଯାଇଥିଲା। କୁଳପତି ପ୍ରଫେସର ଡ. ଦୀପକ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ କୁଳସଚିବ ଡ. ସଂଯତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୫ ଜଣ ପ୍ରଫେସରଙ୍କୁ ଡିଲିଟ୍ ସମ୍ମାନ, ୮୭ ଜଣଙ୍କୁ ବିଭିନ୍ନ ବିଷୟରେ ପିଏଚ୍‌ଡି ଡିଗ୍ରୀ ଦିଆଯାଇଥିଲା। ସେହିପରି ବିଭିନ୍ନ ବିଷୟରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ୨୯ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ଆନ୍ତଃ କଲେଜ ଇଂଲିଶ ଡିବେଟ ପ୍ରତିଯୋଗିତାର ପୀୟୂଷ ପ୍ରତୀକ, ଅଭିଲିପ୍‌ସା ପଟ୍ଟନାୟକ, ଜାହ୍ନବୀ ଶର୍ମା ଓ ଟିକେଚାନ୍ଦ ବେହେରା ଏବଂ ଓଡ଼ିଆ ବକ୍ତୃତାରେ ତେଜସ୍ୱିନୀ ମିଶ୍ର, ତୃପ୍ତିମୟୀ ପାତ୍ର, ଇପ୍‌ସିତା ଦାଶଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜ୍ୟୋତିବିହାରଠାରେ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ।




ଉତ୍ସବରେ କୁଳାଧିପତି ଗଣେଶୀ ଲାଲ ପଦାର୍ଥବିଜ୍ଞାନୀ ଅଜିତ କୁମାର ମହାନ୍ତି ଓ ବରିଷ୍ଠ ଅଭିନେତା ଅଟଳ ବିହାରୀ ପଣ୍ଡାଙ୍କୁ ସମ୍ମାନ ସୂଚକ ଡିଏସ୍‌ସି ଏବଂ ଡିଲିଟ୍ ଉପାଧି ପ୍ରଦାନ କରୁଛନ୍ତି। ପାଖରେ ଅଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ।









**କିଛି ତଥ୍ୟ**
ଚଳିତ ବର୍ଷ ଅକ୍ଟୋବରରେ ଦେଶ ମଧ୍ୟରେ ଅଶୋଧିତ ଇସ୍ପାତ ଉତ୍ପାଦନ ୩.୪% ହ୍ରାସ ଘଟି ୯.୦୮୯ ନିୟୁତ ଟନ୍ ରହିଛି। – **ଇସ୍ପାତ ମନ୍ତ୍ରଣାଳୟ**



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଢୁଗୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୦ ଟ୍ରାଫିକ୍ କଟକଣା

## ଜିଲାପାଳ, ଏସ୍‌ପିଙ୍କୁ ପରିବହନ କମିଶନରଙ୍କ ଚିଠି

କଟକ ଅଫିସ,୨୯।୧୧

ସଂଶୋଧିତ ମୋଟରଯାନ ଆଇନରେ ଥିବା କଟକଣାକୁ ରାଜ୍ୟ ସରକାର ଆଉ ୩ ମାସ କୋହଳ କରିଛନ୍ତି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗୁରୁବାର ବିଧାନସଭାରେ ଘୋଷଣା କରିଥିଲେ। ମାତ୍ର ଶୁକ୍ରବାର ସରକାରଙ୍କ ପକ୍ଷରୁ ୧୦ଟି କାରଣ ଉପରେ କଟକଣା ଜାରି କରାଯାଇଛି। ରାଜ୍ୟ ପରିବହନ କମିଶନରଙ୍କ ପକ୍ଷରୁ ଏ ସମ୍ପର୍କରେ ସମସ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ଚିଠି କରାଯାଇଛି। ଏହି ଚିଠିରେ ଉଲ୍ଲେଖ ରହିଛି, ନିର୍ଦ୍ଧାରିତ ବେଗଠୁ ଅଧିକ ବେଗରେ ଗାଡି ଚଳାଉଥିଲେ ଚାଳକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ନାଲିବତି ଜଳୁଥିବାବେଳେ ଅତିକ୍ରମ କରିବା, ନିଶାଖାଇ ଗାଡ଼ି ଚାଳନା କରିବା, ଟ୍ରାଫିକ ବିପରୀତ ଦିଗରୁ ଗାଡ଼ିଚାଳନା, ଗାଡ଼ି ଚଳାଉଥିବାବେଳେ ମୋବାଇଲ ବ୍ୟବହାର, ବିପଦସଙ୍କୁଳ ଗାଡ଼ିଚାଳନା, ମୋଟରସାଇକେଲରେ ୩ ଜଣ ବସିବା, ବିନା ହେଲମେଟ୍ ଓ ସିଟ୍ ବେଲ୍‌ଟରେ ଗାଡ଼ି ଚାଳନା ସହିତ ଓଭର ଲୋଡିଂ ଉପରେ ଗୁରୁତ୍ୱ ଦିଆଯାଇଛି। ଉପରୋକ୍ତ ନିୟମକୁ ଉଲ୍ଲଂଘନ କରୁଥିବା ଚାଳକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ କମିଶନର ଚିଠିରେ ଉଲ୍ଲେଖ କରିଛନ୍ତି। ଯଦି ଜଣେ ଚାଳକ ଏକାଧିକବାର ଆଇନ ଉଲ୍ଲଂଘନ କରୁଥିବା ପ୍ରମାଣ ମିଳେ ତେବେ ଗାଡ଼ିର ସମସ୍ତ କାଗଜପତ୍ର ତନଖି କରିବାକୁ କୁହାଯାଇଛି। ଯେହେତୁ ସରକାର ୩ ମାସ କଟକଣାକୁ କୋହଳ କରିଛନ୍ତି, ତେଣୁ କେତେକ ଚାଳକଙ୍କ କ୍ଷେତ୍ରରେ ସମସ୍ତ ଆବଶ୍ୟକ କାଗଜପତ୍ର ମିଳିବା ସମ୍ଭବ ନୁହେଁ। ମାତ୍ର ଚେକିଂ କରୁଥିବା କର୍ମଚାରୀଙ୍କ ମନରେ ଯଦି ଚୋରା ଗାଡ଼ି ବୋଲି ସନ୍ଦେହ ହୁଏ ତେବେ ସମ୍ପୃକ୍ତ ଗାଡ଼ିର ସମସ୍ତ କାଗଜପତ୍ର ଦେବାକୁ ବାଧ ହେବେ। ତେବେ ତନଖି ସ୍ଥଳରେ ୩ରୁ ୪ଟି ଗାଡ଼ି ଅଟକ ରଖିବାକୁ କୁହାଯାଇଛି। ଅଧିକ ଗାଡ଼ି ଜମା କରି ଯାତାୟାତରେ ବାଧା ସୃଷ୍ଟି ନ କରିବାକୁ କମିଶନର ଚିଠିରେ ଉଲ୍ଲେଖ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ମାଡ଼ି ଆସୁଛି ...

ଦୈନନ୍ଦିନ କାର୍ଯ୍ୟ ପାଇଁ ୬୦ରୁ ୭୦ ଭାଗ ଜଳ ବ୍ୟବହାର କରୁଛନ୍ତି। କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳଗୁଡ଼ିକୁ ମଧ୍ୟ ପିଇବା ପାଣିର ସଙ୍କଟ ମାଡ଼ି ଆସୁଛି। ୨୭ଟି ସହରାଞ୍ଚଳରେ ଭୂଗର୍ଭସ୍ଥ ଜଳ ଦ୍ରୁତ ବେଗରେ ହ୍ରାସ ପାଇ ଚାଲିଛି। ସେହି ସହରଗୁଡିକ ହେଲା କଟକ, ଭୁବନେଶ୍ୱର, ଅନୁଗୋଳ, ତାଳଚେର, ବରଗଡ଼, ପଦମପୁର, ବରପାଲି, ଟିଟିଲାଗଡ଼, ଆସ୍କା, ଦିଗପହଣ୍ଡି, ହିଞ୍ଜିଳିକାଟୁ, ବ୍ରହ୍ମପୁର, ଝାରସୁଗୁଡା, ଯୋଡ଼ା, ଖୋର୍ଦ୍ଧା, ବାରିପଦା, ନବରଙ୍ଗପୁର, ନୟାଗଡ଼, ପୁରୀ, ସମ୍ବଲପୁର, ଢେଙ୍କାନାଳ, ତରଭା, ସୋନପୁର, ରାଉରକେଲା, ବଲାଙ୍ଗୀର, କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ। ଜଳବାୟୁ ପରିବର୍ତ୍ତନ ଯୋଗୁ ରାଜ୍ୟରେ ମୁଣ୍ଡପିଛା ଜଳ ପରିମାଣ ମଧ୍ୟ ହ୍ରାସ ପାଇବାରେ ଲାଗିଛି। ୧୯୯୧ରେ ବାର୍ଷିକ ମୁଣ୍ଡପିଛା ଜଳ ରାଜ୍ୟରେ ୩୮୦୨.୮୪ ଘନ ମିଲିଲିଟର ଉପଲବ୍ଧ ହେଉଥିବା ବେଳେ ୨୦୦୧ରେ ୩୩୫୯.୧୭, ୨୦୧୧ରେ ୨୮୬୮.୩୫ ଏବଂ ୨୦୧୯ରେ ଏହା ୨୫୭୮.୦୯ ଘନ ମିଲିଲିଟରକୁ ଖସି ଆସିଛି। ୨୦୩୦ ବେଳକୁ ପରିସ୍ଥିତି ଆହୁରି ସଙ୍ଗିନ ହେବ। ସେତେବେଳକୁ ରାଜ୍ୟରେ ମୁଣ୍ଡପିଛା ଜଳ ୨୩୨୯.୮୮ ଘନ ମିଲିଲିଟରକୁ ଖସିଯିବା ନେଇ ଆକଳନ କରାଯାଇଛି। ରାଜ୍ୟର ପ୍ରମୁଖ ଜଳଉତ୍ସ ମହାନଦୀ ସମେତ ୧୧ଟି ବୃହତ୍ ନଦୀରେ ୯୫,୫୪୦ ନିୟୁତ କ୍ୟୁବିକ ମିଟର ଜଳ ଧାରଣ କ୍ଷମତା ଥିବାବେଳେ ସେଥିରୁ ୪୪,୪୫୦.୩୫ ନିୟୁତ କ୍ୟୁବିକ ମିଟର ଜଳ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର ହେଉଛି। ପ୍ରାୟ ଅଧା ଅର୍ଥାତ ୫୧,୦୮୯.୬୫ ନିୟୁତ କ୍ୟୁବିକ ମିଟର ଜଳ ସମୁଦ୍ରକୁ ଚାଲି ଯାଉଛି। ତେବେ ୨୦୫୦ ବେଳକୁ ପରିସ୍ଥିତି ଆହୁରି ଚିନ୍ତାଜନକ ହେବ। ଉକ୍ତ ନଦୀଗୁଡ଼ିକର ଜଳଧାରଣ କ୍ଷମତା ହ୍ରାସ ପାଇଯିବା ନେଇ ଆକଳନ କରାଯାଇଛି। ଏସବୁ ନଦୀରେ ୮୫,୮୯୧ ନିୟୁତ କ୍ୟୁବିକ ମିଟର ପ୍ରବାହିତ ହେବ। ସେଥିରୁ ବିଭିନ୍ନ କାର୍ଯ୍ୟ ପାଇଁ ୮୧,୧୦୯ ନିୟୁତ କ୍ୟୁବିକ ମିଟର ବିନିଯୋଗ କରାଯିବ ବୋଲି ଆକଳନ କରାଯାଇଛି। ୨୦୫୦ ବେଳକୁ ଉଭୟ ଭୂପୃଷ୍ଠ ଓ ଭୂଗର୍ଭସ୍ଥ ଜଳ ୧୪୧ ବିଲିୟନ କ୍ୟୁବିକ ମିଟର(ବିସିଏମ)ରୁ ୧୨୯ ବିସିଏମକୁ ଖସିଯିବା ନେଇ ଅନୁମାନ କରାଯାଇଛି।

ଜଳ ସଙ୍କଟ ଦୂର କରିବାକୁ କୌଣସି ଦୀର୍ଘକାଳୀନ ଯୋଜନା କରାଯାଉ ନ ଥିବାରୁ ଏହି ସଙ୍କଟ ଆହୁରି ସାଂଘାତିକ ହେବ ବୋଲି ବିଶେଷଜ୍ଞମାନେ ଅନୁମାନ କଲେଣି। ଭୂତଳ ଜଳ ଖସୁଥିବାରୁ ରାଜ୍ୟ ସରକାର ସରକାରୀ ଓ ବେସରକାରୀ କୋଠା ଛାତ ଉପରେ ବର୍ଷା ଜଳ ଅମଳ କରିବା ସହିତ ପ୍ରାୟ ୩,୩୦୦ ଅଚଳ କୂପର ପୁନରୁଦ୍ଧାର କରିବାକୁ ଅଣ୍ଟା ଭିଡୁଥିବା ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ମାନ୍ଦାବସ୍ଥା...

ଯୋଗୁ ଭାରତ ବଜାର ଉପରେ ଏହାର ନକାରାତ୍ମକ ପ୍ରଭାବ ଦେଖାଯାଇଛି। ବିଶ୍ୱ ବଜାର ଏବେ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଘରୋଇ ବଜାରରେ ଲଗାତର ଅଭିବୃଦ୍ଧି ହ୍ରାସ ହେଉଥିବା ଦେଖାଯାଇଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଜୁନ ତ୍ରୈମାସରେ ଦେଶର ବିକାଶ ହାର ୭ ବର୍ଷର ସର୍ବନିମ୍ନ ସ୍ତର ୫%କୁ ଖସିଯିବାରୁ ଏହାକୁ ନେଇ ବଜାର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଥିଲେ। ଜୁଲାଇ-ସେପ୍ଟେମ୍ବରରେ ବିକାଶର ଗତି ୫%ରୁ ନିମ୍ନକୁ ଖସିବ ବୋଲି ଅନେକେ ପୂର୍ବାନୁମାନ କରିଥିଲେ। ଗତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଭାରତର ଜିଡିପି ଅଭିବୃଦ୍ଧି ୮% ରହିଥିଲା ମାତ୍ର ଚଳିତ ବର୍ଷ ଲଗାତର ଭାବେ ଏଥିରେ ହ୍ରାସ ପରିଲକ୍ଷିତ ହେଉଛି। ଶୁକ୍ରବାର ପ୍ରକାଶିତ ସରକାରଙ୍କ ତଥ୍ୟ ମୁତାବକ, ଚଳିତ ଆର୍ଥିକ ବର୍ଷ ପ୍ରଥମ ୭ ମାସରେ ଅକ୍ଟୋବର ସୁଦ୍ଧା ବିତ୍ତୀୟ ନିଅଣ୍ଟ ୭.୨ ଲକ୍ଷ କୋଟି ଟଙ୍କା ରହିଛି। ଏହା ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୧୦୨.୪%। ଏହାବାଦ ଅକ୍ଟୋବରରେ ୮ କୋର ସେକ୍ଟର ଶିଳ୍ପ ଅଭିବୃଦ୍ଧି ୫.୮% କମ୍ ହୋଇଛି। ଏଭଳି ତଥ୍ୟକୁ ବିଚାର କଲେ ମାନ୍ଦାବସ୍ଥା କବଳରୁ ଭାରତ ବାହାରିବାକୁ ସକ୍ଷମ ହୋଇ ନ ଥିବା ବିଶେଷଜ୍ଞ ମତ ରଖିଛନ୍ତି। ବଜାରରେ ଆର୍ଥିକ କାର୍ଯ୍ୟକଳାପ ମନ୍ଥର ଥିବା ଯୋଗୁ ଦ୍ୱିତୀୟ ତ୍ରୈମାସ ଅଭିବୃଦ୍ଧି ୪.୭%କୁ ଖସିବ ବୋଲି ଗୁରୁବାର ରଏଟର୍ସ ପୋଲର ବିଶେଷଜ୍ଞ କହିଥିଲେ। ଚଳିତ ବର୍ଷ ଭାରତ ବିଶ୍ୱ ସ୍ତରର ଚାପ, ଉଚ୍ଚ ମୁଦ୍ରାସ୍ଫୀତି ଏବଂ ବିଭିନ୍ନ ରାଜନୈତିକ ଚ୍ୟାଲେଞ୍ଜ ସାମ୍ନା କରୁଥିବା ବେଳେ ଜିଡିପି ହ୍ରାସ ଭଳି ଘଟଣା ଏହି ସମୟରେ ସାମ୍ନାକୁ ଆସିଛି। ଏହି ସମୟ ମଧ୍ୟରେ ଫିଚ୍ ଗ୍ରୁପର ଫାର୍ମ ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ ଚତୁର୍ଥ ଥର ଲାଗି ବିକାଶ ଅନୁମାନକୁ କମ୍ କରିଛି। ଦେଶର ଜିଡିପି ଅଭିବୃଦ୍ଧି ୪.୭%କୁ ଖସିବ ବୋଲି ଏହା ମଙ୍ଗଳବାର କହିଥିଲା। ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଭାରତର ବିକାଶ ହାର ୫.୬%କୁ ଖସିବ ବୋଲି ଏହି ଏଜେନ୍ସି ପକ୍ଷରୁ କୁହାଯାଇଛି। ଶିଳ୍ପ କ୍ଷେତ୍ରରେ ମନ୍ଥର କାର୍ଯ୍ୟକଳାପ ଯୋଗୁ ଚଳିତ ମାସ ୨୧ ତାରିଖରେ ରେଟିଂ ଏଜେନ୍ସି ଇକ୍ରା ମଧ୍ୟ ଦ୍ୱିତୀୟ ତ୍ରୈମାସ ବିକାଶ ହାରକୁ ୪.୭%କୁ କମାଇଥିଲା। ଦେଶର ଗ୍ରସ ଭାଲ୍ୟୁ ଆଡେଡ୍ (ଜିଭିଏ) ୪.୫% ରହିବ ବୋଲି ଏହା ପୂର୍ବାନୁମାନ କରିଥିଲା। ସେହିଭଳି ଚାଇନାର ବିକାଶ ହାର ଜୁଲାଇ-ସେପ୍ଟେମ୍ବର ସମୟରେ ୨୭ ବର୍ଷର ସର୍ବନିମ୍ନ ସ୍ତର ୬%କୁ ଖସିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଲୋଚନା ପରିସରରେ ବିରୋଧାଭାସ ରହିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟସାଧନ କରିବେ। ଗତକାଲିର ବାକି ରହିଯାଇଥିବା କାମଗୁଡ଼ିକୁ ଆଜି ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଅଶ୍ୱିନୀ ନକ୍ଷତ୍ରର ପିଲାମାନଙ୍କର କିମ୍ବା ସ୍ତ୍ରୀଙ୍କର ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରିଯିବ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ମୃଗଶିରା ନକ୍ଷତ୍ର ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ। ଶୁଣା ଖବରକୁ ବିଶ୍ୱାସକରି ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ ଏବଂ ପରେ ମନସ୍ତାପ କରିପାରନ୍ତି। ଅଟକି ରହିଥିବା କାମଗୁଡ଼ିକ ସହକର୍ମୀଙ୍କ ବଦାନ୍ୟତାରୁ ହୋଇଯିବ। ବାଣିଜ୍ୟ ଓ ପରିବହନରେ ସମସ୍ୟା ଦେଖାଦେବା କାରଣରୁ ବ୍ୟସ୍ତ ହେବେ।

**ମିଥୁନ** ପୁନର୍ବସୁ ନକ୍ଷତ୍ର ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ ମାତ୍ର ସତର୍କରେ ଚଳନ୍ତୁ ନହୁବା ପରିସ୍ଥିତି ବଦଳିଯାଇପାରେ। ବେଖାତିର ମନୋଭାବ ହେତୁ ଉପର ଅଧିକାରୀମାନେ ଆପଣଙ୍କ ଉପରେ ରାଗିପାରନ୍ତି। ପରିବାରର ଆଜିର ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ । ବ୍ୟବସାୟରେ ସଫଳତା ହାସଲ କରିପାରିବେ।

**କର୍କଟ** ଅଶ୍ଳେଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ସହକର୍ମୀମାନେ ଏକଜୁଟ ହୋଇ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ସମସ୍ୟା ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଆଶଙ୍କା ଅପରାହ୍ନେ ଦୂର ହୋଇଯିବ ଓ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ନିର୍ମାଣ ଓ ପରିବହନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** ବନ୍ଧୁଙ୍କ ଅଶାଳୀନ ବ୍ୟବହାର ହେତୁ ମନ ବେଶି ବିବ୍ରତ ହେବ, କିନ୍ତୁ ପ୍ରକାଶ୍ୟରେ କିଛି ହିଁ କହିପାରିବେ ନାହିଁ। ମଘା ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା କରୁଥିବା ଲୋକମାନଙ୍କ କଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ରହିବ।

**କନ୍ୟା** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ହସ୍ତା ନକ୍ଷତ୍ରର ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବାରୁ ଚିନ୍ତିତ ରହିପାରନ୍ତି। ସୁନା ଜିନିଷ କିମ୍ବା କୌଣସି ଯାନ୍ତ୍ରିକ ଜିନିଷ କିଣା ବିକାରେ ଠକାମିରେ ପଡ଼ିପାରନ୍ତି। ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବ, ଯାହାକି ଦୁଶ୍ଚିନ୍ତାକୁ ବୃଦ୍ଧି କରିବ ।

**ତୁଳା** ବିଶାଖା ନକ୍ଷତ୍ରର ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଅତ୍ୟଧିକ ଭ୍ରମଣ ଓ ମାନସିକ ଉଦ୍‌ବେଗ ଯୋଗୁ ଆଳସ୍ୟ ଅନୁଭବ କରିବେ। ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବ।

**ବିଛା** ଅନୁରାଧାର ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିଥିଲେ ମଧ୍ୟ ନିଜର ଅବହେଳାଜନିତ କୌଣସି ସମସ୍ୟା ଦେଖାଦେଇପାରେ। ଅପୂରଣୀୟ ଆଶା କ୍ରମଶଃ ମାନସିକ ସ୍ତରକୁ ନିରୁତ୍ସାହିତ କରିବ। ପାରିବାରିକ ସାହାଯ୍ୟ କେତେକାଂଶରେ କାମ ସକାଶେ ଅନୁକୂଳ ରହିପାରେ। ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ଧନୁ** ମୂଳା ନକ୍ଷତ୍ରର ସମୟ ପ୍ରତ୍ୟେକ ଦିଗରୁ ଅନୁକୂଳ ରହିଥିଲେ ମଧ୍ୟ କେତେକ କ୍ଷେତ୍ରରେ ନିଜ ଦୋଷରୁ ସମସ୍ୟା ସୃଷ୍ଟି ହୋଇପାରେ। ବାକ୍ ସଂଯମ ଅଭାବରୁ ବିନା ଦୋଷରେ ବନ୍ଧୁଙ୍କ ଘରୋଇ ଝମେଲା ଭିତରକୁ ଟାଣିହୋଇ ଯାଇପାରନ୍ତି। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ହାସଲ କରିବେ।

**ମକର** ଶ୍ରବଣା ନକ୍ଷତ୍ରର କାମଗୁଡ଼ିକ ବାରମ୍ବାର ପ୍ରତିରୋଧ ମଧ୍ୟରେ ଅଟକି ଯାଉଥିବା କାରଣରୁ ମନସ୍ତାପ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ସହଜରେ କାମ ହାସଲ କରିବେ।

**କୁମ୍ଭ** ଶତଭିଷା ନକ୍ଷତ୍ର ବହୁବିଧ କର୍ମରେ ଅନୁପ୍ରବେଶ ପାଇଁ ରାସ୍ତା ଉନ୍ମୁକ୍ତ କରିପାରେ। ସାମାଜିକ ସ୍ତରରେ ଗତକାଲିର ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ। ଆପଣଙ୍କ ଅନୁରୋଧ କ୍ରମେ ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ନାହିଁ।

**ମୀନ** ସହଜ ଓ ସରଳଭାବରେ ଆଜିର ଜୀବନଯାତ୍ରା ପ୍ରୀତିପ୍ରଦ ରହିବ। କିନ୍ତୁ କେତେକ କ୍ଷେତ୍ର ସକାଶେ ଉତ୍ତରଭାଦ୍ରପଦ୍ ନକ୍ଷତ୍ର ପାଇଁ ପାରିବାରିକ ପ୍ରତିରୋଧ ହେତୁ କେତେକ କାମ ଅଟକି ଯାଇପାରେ। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଘଟିପାରେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ଖୁସି ହୋଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳ ଚତୁର୍ଥୀ ଶନିବାର, ନଭେମ୍ବର ୩୦ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଦିବା ଘ୮ ।୪୨ମି. ଗତେ, ଉତ୍ତରାଷାଢ଼ା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ରାତ୍ରୋ ବିବାହ ପାଣିଗ୍ରହଣ, ଦିବା ଘ୭ ।୩୫ମି. ଗତେ ଘ୯ ।୪୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୭ ।୩୧ମି. ଗତେ ଘ୮ ।୫୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୮ ।୫୧ମି. ଗତେ ଘ୧୦ ।୧୩ମି. ମଧ୍ୟେ ରାହୁକାଳ।


# classifieds
**Everyday 0674-2580101, 2549302**




**SALE**

Toyota Fortuner, Passat, Verna, Breeza, Mitsubishi Lancer, Hyundai Elantra. 7381091234, 9861194627. D-68439

Ice factory compressor KC4 kiloskar, 100HP motor, starter. 8917525377. D-15474

**HIRE**

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185




**SALE**

Gharabari boundary plot Infocity-2 near 200ft. road side. Direct owner- 8144391451. D-68429

SC house 24,00,000/- general house 26,00,000/- finishing Hanspal-8093465134, 9668194157. D-68619

Flats for sale at DHPL Crystal Raghunathpur. Contact: 9937059891, 8908292617. D-15139

"Plot near Gita College 2400sqft. new 100' to Infosys Road". Contact: 8072428923. D-15089

Gated community plot sale in Uttara Sqft.650/-, 2/3BHK flat available Hanspal, GGP Colony, Patia, Khandagiri. 8763886496, 8763887357. D-68422

4300sqft. converted land at Kalinga Nagar near BDA Housing, 10500sqft. near Mancheswar, 6 acres N.H facing land at Bhandari Pokhari, Bhadrak for sale. Contact details: 9337413323, 7008388915. D-67727

2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-15140

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68192

Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148. D-68420

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68180

ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948. D-68430

C.V Raman College ପାଖରେ 2000sqft. yellowzone plot ବିକ୍ରିହେବ। Contact: 9778928492. D-68312

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

1500sqft. (6 Nos) 2000sqft. (7 Nos) main road side plot, infront Tata Areana Ghatikia, Sankarpur, Bhubaneswar 30' road, Electricity, Supply water available: 8114744495, 8328943165. D-15406

C.V Raman College ପାଖରେ 1 Acre plot ବିକ୍ରିହେବ। Contact: 9778928492. D-68313

BDA Residential plots at Patia railwaystation just 3.5K.M from Big Bazar, 7008613186. D-68518

Premium 3BHK and 2BHK flats for sale at Chandrasekharpur and Patia. Construction work full swing. 7008346486, 9437192512. D-68197

Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M- 280/-, କଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68433

ସତ୍ୟନଗରରେ 19000sqft. yellowzone, ଘରବାରି plot ବିକ୍ରିହେବ। Contact: 9778928492. D-68314

4/5 BHK Duplex with gated community at Balianta (land- 1400 & construction-2200 @ 60,00,000/ 2600 @ 70,00,000), Mplanets: 9938219397, 9861022055. D-15470

2020sqft. developed gharabari boundary plot near Rangabazar 13,13,000/- 7991052183. D-68437

2BHK ready Apartment, flats near Tankapani Road Saitemple and Rangabazar (BJEM School-II) @ Rs.25, 27.50, 30 Lakhs including parking, no hidden cost. 9776080988, 9437493502. D-63966

କଟକ-ଭୁବନେଶ୍ୱର middle point ଫୁଲନଖରାଠାରେ ଥିବା Delhi Public Schoolକୁ ଲାଗି ଘରବାରି boundary plot କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 7749090720. D-68436

30ft road connected yellowzone plot for sale at SUM Hospital. 7064229141. D-15471

Yellowzone 30ft road connected plot at Patrapada (Tamando) 9776341255. D-15472

2 bedroom (apartment) ready to move flat at Pokhariput, Bhubaneswar, buyers directly contact Deepak- 9937329999. D-68031

9000 sqft. bunglow with fully interior designed, 3 parking, close to NH Jharpada, Bhubaneswar- 8658182243. D-68033

3900 sqft. land with complete foundations and pillars close to Amri Hospital, Khandagiri, Bhubaneswar- 8658182243. D-68032

New Bhubaneswar Railway station ପାଖରେ 30ft ରାସ୍ତାଥାଇ immediate ଘରକଲାଭଳି yellowzone plot sqft.1400/-ରେ ମିଳୁଅଛି। 7978286401, 9861411038. D-68438

"Litigation free 2storied building with parking, 3phase electricity, 24hr water supply over Freehold Plot (60' X 90') for sale at B.J.B. Nagar (POSH Area), Bhubaneswar. Broker Not allowed, Only genuine buyer contact directly: 9776122122". D-15477

Plot having 2150 sqft. for sale near Damana, Bhubaneswar. Price-65 lakh. Contact: 7326084916. D-68198




Do you want to construct buildings on your own plot ? Contact: Sachi Pattanaik, B.Tech (Civil)- 9338401309, 9439143273. D-67510

Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777. D-15476




3store building for rent cum sale 1/2/3BHK available for family, bachelor Dhauli, Bhubaneswar. 9337730923. D-15091

6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695. D-15405




Newly open full body massage by ladies, gents therapist. 8018656899 D-60852

Ayurvedic full body massage by ladies, gents therapist. 7008773793 D-60853

Refresh your mind and soul with best therapy at Orchid Salon/Spa. 9937287222. D-68708

Sai Harbal spa refresh your body with smart and expert therapist. 7608062524. D-68195

Genuine body massage and SPA provide by expert. 9583125287, 7991082881. D-56661

Ayurvedic full body massage ladies/ gents smart experts therapist- 8480939300. D-68712

Kasturi massage club, fully relaxed by expert lady, home service available- 9178845612. D-68713

**AFFIDAVIT**

By dint of affidavit before Notary Public, my name has changed from Gaurav Gupta to Gaurav Goel. D- 15473


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସଙ୍କୁଚିତ ହେଉଛି ପଦ୍ମ




- ୧୮ ମାସରେ ବଦଳିଯାଇଛି ଭାରତର ରାଜନୈତିକ ମାନଚିତ୍ର
- ବିଧାନସଭା ନିର୍ବାଚନଗୁଡ଼ିକରେ ଅଟକିଛି ଗୈରିକ ଦଳର ବିଜୟ ରଥ

**ନୂଆଦିଲ୍ଲୀ, ୨୯।୧୧:** ୨୦୧୪ରେ ନରେନ୍ଦ୍ର ମୋଦି କେନ୍ଦ୍ରରେ କ୍ଷମତାସୀନ ହେବା ପରେ ହରିୟାଣା, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ଭଳି ଗୋଟିଏ ପରେ ଗୋଟିଏ ରାଜ୍ୟ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲା ଭାଜପା। ମୋଦି ଓ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ନେତୃତ୍ୱରେ ଭାଜପାର ବିଜୟ ଯାତ୍ରା ଦିଲ୍ଲୀ ଓ ବିହାରକୁ ଛାଡ଼ିଦେଲେ ଅନେକ ରାଜ୍ୟରେ ବିନା ବାଧାରେ ବଜାୟ ରହିଥିଲା। ୨୦୧୮ ବେଳକୁ ଭାଜପା ୨୧ ରାଜ୍ୟ ଦଖଲ କରିସାରିଥିଲା। ଉକ୍ତ ରାଜ୍ୟଗୁଡ଼ିକରେ ଭାଜପା ନିଜେ କିମ୍ବା ଆଞ୍ଚଳିକ ଦଳଗୁଡ଼ିକ ସହ ମେଣ୍ଟ କରି କ୍ଷମତାରେ ରହିଥିଲା। କିନ୍ତୁ ୩ ଗୁରୁତ୍ୱପୂର୍ଣ୍ଣ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ନିର୍ବାଚନରେ ଭାଜପାର ପରାଜୟ ପରେ ଏହି ପ୍ରକ୍ରିୟାରେ ଅଙ୍କୁଶ ଲାଗିଥିଲା। କର୍ଣ୍ଣାଟକରେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲେ ହେଁ ସରକାର ଗଠନ ପାଇଁ ଆବଶ୍ୟକ ବହୁମତ ପାଇ ନ ଥିଲା। କଂଗ୍ରେସ-ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)ର ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗୈରିକ ଦଳକୁ ସରକାର ଗଠନ କରିବାକୁ ରୋକିଦେଇଥିଲା। ତେବେ କଂଗ୍ରେସ-ଜେଡିଏସ୍‌ର ୧୫ ବିଧାୟକ ଭାଜପାରେ ଯୋଗଦେବା ପରେ ଏଚ୍.ଡି. କୁମାରସ୍ୱାମୀ ସରକାରର ପତନ ଘଟିଥିଲା। ଏହାସହ ଭାଜପା ନେତା ବି.ଏସ୍. ୟେଦୁରପ୍ପାଙ୍କ ପାଇଁ ଆଉଥରେ ମୁଖ୍ୟମନ୍ତ୍ରୀ ହେବା ପଥ ଉନ୍ମୁକ୍ତ ହୋଇଥିଲା।

ସେପଟେ ୨୦୧୯ ସାଧାରଣ ନିର୍ବାଚନରେ ମୋଦିଙ୍କ ଜୋର୍‌ଦାର ବିଜୟ ସତ୍ତ୍ୱେ ପରବର୍ତ୍ତୀ ସମୟରେ ବିଧାନସଭା ନିର୍ବାଚନଗୁଡ଼ିକରେ ଭାଜପାର ବିଜୟ ରଥ ଅଟକିଯାଇଥିଲା। ହରିୟାଣାରେ ଭାଜପାକୁ ସରକାର ଗଠନ ପାଇଁ ନବଗଠିତ ଜନନାୟକ ଜନତା ପାର୍ଟି (ଜେଜେପି) ଉପରେ ନିର୍ଭର କରିବାକୁ ପଡ଼ିଛି। ସେହିପରି ମହାରାଷ୍ଟ୍ରରେ ଗୈରିକ ଦଳ ତା'ର ସର୍ବପୁରାତନ ସହଯୋଗୀ ଶିବସେନା ସହ ବୁଝାମଣା କରିବାରେ ବିଫଳ ହେବାରୁ ଏହାର ପତନ ଘଟିଛି।

ମହାରାଷ୍ଟ୍ରରେ ଭାଜପା କ୍ଷମତାଚ୍ୟୁତ ହେବା ପରେ ୨୦୧୮ ମାର୍ଚ୍ଚ ତୁଳନାରେ ଭାରତର ରାଜନୈତିକ ମାନଚିତ୍ର ବଦଳିଯାଇଛି। ସମ୍ପ୍ରତି ଭାଜପା କେବଳ କର୍ଣ୍ଣାଟକ, ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ଗୁଜରାଟ, ଅରୁଣାଚଳପ୍ରଦେଶ ଓ ତ୍ରିପୁରାରେ ସଂଖ୍ୟାଗରିଷ୍ଠତା ସହ ସୀମିତ ରହିଛି। ଏହାର ତାତ୍ପର୍ଯ୍ୟ ହେଉଛି ଏହି ରାଜ୍ୟଗୁଡ଼ିକରେ କୌଣସି ସହଯୋଗୀ ଦଳ ମେଣ୍ଟରୁ ଓହରିଗଲେ ବି ଭାଜପାକୁ କ୍ଷମତାରେ ରହିବା ପାଇଁ ଫରକ୍ ପଡ଼ିବନାହିଁ। ଏହାବ୍ୟତୀତ ଅନ୍ୟ ୮ ରାଜ୍ୟରେ କ୍ଷମତା ପାଇଁ ଭାଜପା ସମ୍ପୂର୍ଣ୍ଣ ଭାବେ ଏହାର ସହଯୋଗୀ ଦଳଗୁଡ଼ିକ ଉପରେ ନିର୍ଭରଶୀଳ କିମ୍ବା ଏକ ଆଞ୍ଚଳିକ ଦଳର କନିଷ୍ଠ ସହଯୋଗୀ ଭାବେ ଅବତୀର୍ଣ୍ଣ ହୋଇଛି। ଭାଜପାର ସରକାର ଥିବା ୧୭ ରାଜ୍ୟ ମଧ୍ୟରୁ ୧୧ଟିରେ ବିଧାନସଭା ସଦସ୍ୟଙ୍କ ସଂଖ୍ୟା ୧୦୦ରୁ କମ୍। ତେଣୁ ଭାଜପା ପାଇଁ ଏହା ବଡ଼ ବିଜୟ ଭାବେ ପରିଗଣିତ ହୋଇ ନ ପାରେ।

# ପିଏମ୍‌ଏଫ୍‌ବିୱାଇରେ କୃଷକଙ୍କୁ କ୍ଷତିପୂରଣ ଦେବାକୁ ବିଜେଡି ଏମ୍‌ପିଙ୍କ ଦାବି

**ନୂଆଦିଲ୍ଲୀ,୨୯।୧୧:** ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ)ରେ କୃଷକଙ୍କୁ ଅଧିକ କ୍ଷତିପୂରଣ ଯୋଗାଇଦେବାକୁ ବିଜେଡି ଏମ୍‌ପି ଅମର ପଟ୍ଟନାୟକ ପ୍ରସ୍ତାବ ଦେଇଛନ୍ତି। ଓରିଏଣ୍ଟାଲ ଇନ୍‌ସୁ୍ୟରାନ୍ସ କମ୍ପାନୀ(ଓଆଇସି) କୃଷକଙ୍କୁ ବୀମାରାଶି ପ୍ରଦାନ କରିବାରେ ତ୍ରୁଟିପୂର୍ଣ୍ଣ ପଦ୍ଧତି ଅବଲମ୍ବନ କରୁଥିବାରୁ ଏହାର ତଦନ୍ତ କରି ଯେଉଁମାନେ ଉପଯୁକ୍ତ ବୀମା ଟଙ୍କା ପାଇନାହାନ୍ତି ସେମାନଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ସେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ରାଜ୍ୟ ସଭାରେ ପିଏମ୍‌ଏଫ୍‌ବିୱାଇ ପ୍ରସଙ୍ଗ ଉଠାଇ ବିଜେଡି ଏମ୍‌ପି କହିଥିଲେ, ପ୍ରାକୃତିକ ଦୁର୍ବିପାକରେ କ୍ଷତିଗ୍ରସ୍ତ ହେଉଥିବା ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଏହି ଯୋଜନା କରାଯାଇଥିଲା। କିନ୍ତୁ ଏହି ଯୋଜନାରେ ଓଡ଼ିଶାର ଚାଷୀଙ୍କୁ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟ ମିଳୁ ନ ଥିବା ଅମର ଅଭିଯୋଗ କରିଥିଲେ। ୨୦୧୮ ଖରିଫ ଋତୁରେ ଓଆଇସି ବରଗଡ଼ ଜିଲାର ୪ଟି ବ୍ଲକ ଝାରବନ୍ଧ, ପଦ୍ମପୁର, ସୋହେଲା ଏବଂ ବିଜେପୁରରେ ଭୁଲ୍ ଏସିଏଫ୍ ଏବଂ ୱାଇସିଏଫ୍ ବ୍ୟବହାର କରିବା ଫଳରେ କ୍ଷତିଗ୍ରସ୍ତ ଚାଷୀ ଉପଯୁକ୍ତ କ୍ଷତିପୂରଣ ପାଇପାରି ନାହାନ୍ତି। ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ାରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ବୀମା କମ୍ପାନୀ ପିଏମ୍‌ଏଫବିୱାଇ କାର୍ଯ୍ୟକାରିତା ଗାଇଡଲାଇନ୍‌କୁ ମାନୁ ନ ଥିବା ଏମ୍‌ପି ଅଭିଯୋଗ କରିଛନ୍ତି। ଯେଉଁ କୃଷକମାନେ ଉପଯୁକ୍ତ ବୀମାରାଶି ପାଇନାହାନ୍ତି ସେମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଅମର କୃଷି ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି।

# ଏ ବର୍ଷ ଶୀତ କମ୍

**୩ଦିନ ପର୍ଯ୍ୟନ୍ତ କୁହୁଡ଼ି**

**ଭୁବନେଶ୍ୱର, ୨୯।୧୧ (ବ୍ୟୁରୋ):** ବିଗତ ବର୍ଷଗୁଡ଼ିକ ତୁଳନାରେ ଚଳିତବର୍ଷ ଅଧିକ ଶୀତ ହେବ ନାହିଁ। ନଭେମ୍ବର ଶେଷ ହେବାକୁ ବସିଲାଣି ହେଲେ ଏ ପର୍ଯ୍ୟନ୍ତ ଭଲ ଭାବରେ ଶୀତ ପଡ଼ିନାହିଁ। ଆଗକୁ ମଧ୍ୟ ସେଭଳି ଶୀତ ହେବାର ସମ୍ଭାବନା ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ବିଗତବର୍ଷଗୁଡ଼ିକ ତୁଳନାରେ ଏ ବର୍ଷ ଡିସେମ୍ବରଠାରୁ ମାର୍ଚ୍ଚ ମଧ୍ୟରେ କମ୍ ଶୀତ ଅନୁଭୂତ ହେବ। ଏହି ସମୟରେ ହାରାହାରି ତାମପାତ୍ରା ଅନ୍ୟ ବର୍ଷ ତୁଳନାରେ ଅଧିକ ରହିବ। ସାରା ଦେଶରେ ଏପରି ଅନୁଭୂତ ହେବ। ତେବେ ଦେଶର ହିମାଳୟ ପାର୍ବତ୍ୟାଞ୍ଚଳ ଓ ଅତି ଉତ୍ତର ଭାଗରେ ଥଣ୍ଡା ରହିବ ବୋଲି ପାଣିପାଗ ବିଭାଗ କହିଛି। ଆଇଏମ୍‌ଡିର ସୂଚନାନୁସାରେ, ଅତି ଉତ୍ତର ଭାଗକୁ ଛାଡ଼ିଦେଲେ ଦେଶର ଅଧିକାଂଶ ଅଞ୍ଚଳରେ ହାରାହାରି ତାପମାତ୍ରା ସ୍ୱାଭାବିକଠାରୁ ୦.୫ ଡିଗ୍ରୀ ସେଲସିୟସ ଅଧିକ ରହିବ। କେନ୍ଦ୍ରୀୟ ଓ ଉପକୂଳବର୍ତ୍ତୀ ଭାରତରେ ହାରାହାରି ତାପମାତ୍ରା ସ୍ୱାଭାବିକଠାରୁ ୧ ଡିଗ୍ରୀ ସେଲସିୟସ ଅଧିକ ରହିବ ବୋଲି ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେପଟେ ଓଡ଼ିଶାରେ ମଧ୍ୟ ପୂର୍ବ ବର୍ଷ ଭଳି ଏଥର ବର୍ତ୍ତମାନ ସୁଦ୍ଧା ସେଭଳି ଶୀତ ଅନୁଭୂତ ହୋଇନାହିଁ। ତେବେ ରାତିରେ ବିଭିନ୍ନ ସ୍ଥାନରେ କୁହୁଡ଼ି ପ୍ରବଳ ହେଉଛି। ସକାଳ ପର୍ଯ୍ୟନ୍ତ କୁହୁଡ଼ି ରହୁଛି। ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନ ସମେତ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ ଓ କୋରାପୁଟ ଜିଲାରେ କୁହୁଡ଼ି ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।



## ଜିଲା ଟିଠି

### ଗଜପତି

# ପର୍ଯ୍ୟଟନ ସ୍ଥଳର ବିକାଶ

ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନାମରେ ପରିଚିତ। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ଜିଲା। ଏଠାରେ ଅନେକ ଜଳପ୍ରପାତ ସହ ରହିଛି ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ପର୍ବତ। ଜିଲା ସଦର ପାରଳାଖେମୁଣ୍ଡିଠାରୁ ମାତ୍ର ୨୮କିମି ଦୂରରେ ରହିଛି ଗଣ୍ଡାହାତୀ ଜଳପ୍ରପାତ। ବର୍ଷତମାମ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଶୀତର ଆଗମନ ପରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଏ। ଜଳପ୍ରପାତ ଏବଂ ଏହା ଚତୁଃପାର୍ଶ୍ୱରେ ରହିଥିବା ଶାନ୍ତକାନ୍ତ ପରିବେଶକୁ ପର୍ଯ୍ୟଟକମାନେ ଉପଭୋଗ କରନ୍ତି। ନିକଟସ୍ଥ ଜଙ୍ଗଲରେ ବଣଭୋଜିର ମଜା ଉଠାଇଥାନ୍ତି। ଏହା ବ୍ୟତୀତ ଜିଲାର ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ଜିରାଙ୍ଗ ଗ୍ରାମ ନିକଟ ଗୁଦ୍‌ଗୁଦା ଜଳପ୍ରପାତ, ଆର. ଉଦୟଗିରି ବ୍ଲକ୍ ଅନ୍ତର୍ଗତ ମାଙ୍କଡ଼ଡିଆଁ ଜଳପ୍ରପାତ, ମୋହନା ବ୍ଲକ୍ ଚନ୍ଦ୍ରଗିରି ନିକଟ ଖସଡ଼ା ଜଳପ୍ରପାତ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳଭାବେ ପରିଚିତ। ପାହାଡ଼, ଝରଣା ଓ ସବୁଜ ବନାନୀ ମଧ୍ୟରେ ଏହି ପର୍ଯ୍ୟଟନ କ୍ଷେତ୍ର ରହିଛି। ପ୍ରକୃତି କୋଳରେ କିଛି ସମୟ କଟାଇବା ପାଇଁ ପ୍ରତିଦିନ ବହୁ ପର୍ଯ୍ୟଟକ ଆସିଥାନ୍ତି। ହେଲେ ଏ ପର୍ଯ୍ୟନ୍ତ ଗଣ୍ଡାହାତୀ ଜଳପ୍ରପାତ ବ୍ୟତୀତ ଅନ୍ୟ କୌଣସି ଜଳପ୍ରପାତ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇପାରିନାହିଁ। ଗଣ୍ଡାହାତୀ ଜଳପ୍ରପାତରୁ ଆଦାୟ ରାଜସ୍ୱ ଜିଲା ବିକାଶରେ ସହାୟକ ହୋଇପାରିଛି। ହେଲେ ଅନ୍ୟ ଜଳପ୍ରପାତଗୁଡ଼ିକ ପର୍ଯ୍ୟଟନ ମାନଚିତ୍ରରେ ଲୁକ୍କାୟିତ ଅବସ୍ଥାରେ ରହିଛି। ଗଣ୍ଡାହାତୀକୁ ବାଦ୍ ଦେଲେ ଅନ୍ୟ ପର୍ଯ୍ୟଟନସ୍ଥଳୀକୁ ଗମନାଗମନର ଠିକ୍ ବ୍ୟବସ୍ଥା ନାହିଁ। ଖାଲଖମା ରାସ୍ତା ପର୍ଯ୍ୟଟକମାନଙ୍କୁ ଅଧିକାଂଶ ସମୟରେ ଅଡୁଆରେ ପକାଉଛି। ପର୍ଯ୍ୟଟନସ୍ଥଳ ଏବଂ ତା'ର ଆଖପାଖ ଅଞ୍ଚଳର ବିକାଶ ହୋଇପାରୁ ନ ଥିବାରୁ ଯେତିକି ପର୍ଯ୍ୟଟକ ପ୍ରତିବର୍ଷ ଆସିବା କଥା ସେହି ସଂଖ୍ୟା ହ୍ରାସ ପାଉଥିବା ଅଭିଯୋଗ ହୋଇଛି। ଜିଲା ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଗମନାଗମନର ବ୍ୟବସ୍ଥା ସହ ସାମଗ୍ରିକ ବିକାଶ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ପର୍ଯ୍ୟଟନସ୍ଥଳର ବିକାଶ ହେଲେ ଜିଲାର ଗୌରବ ବୃଦ୍ଧି ପାଇବା ସହ ରାଜସ୍ୱ ବୃଦ୍ଧି ପାଇବ। ଫଳରେ ସେହି ଅଞ୍ଚଳରେ ବ୍ୟବସାୟ ପ୍ରତିଷ୍ଠାନ ଗଢି ଉଠିବ ଏବଂ ଗ୍ରାମୀଣ ବେକାର ଯୁବତୀ ଯୁବକମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତପ୍ରକାଶ ପାଇଛି।

– ରଶ୍ମିରଞ୍ଜନ ମିଶ୍ର

**KHADI AND VILLAGE INDUSTRIES COMMISSION**
Ministry of Micro, Small & Medium Enterprises, Govt. of India
STATE OFFICE, ODISHA
J/16, Bhimpur, Gandamunda, Khandagiri, Bhubaneswar-751030

**ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP) ନିମନ୍ତେ ବର୍ଷ ୨୦୧୯-୨୦ ପାଇଁ ଦରଖାସ୍ତ ଆହ୍ୱାନ।**

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP) ଅଧୀନରେ ସୂକ୍ଷ୍ମ ଉଦ୍ୟୋଗ ସ୍ଥାପନ ପାଇଁ ବର୍ଷ ୨୦୧୯-୨୦ ନିମନ୍ତେ ବେରୋଜଗାର ପ୍ରାର୍ଥୀଙ୍କଠାରୁ କେବଳ Online ମାଧ୍ୟମରେ ଆବେଦନପତ୍ର ଗ୍ରହଣ କରାଯାଉଅଛି।

**ଆବେଦନ କରିବାର ପ୍ରମୁଖ ନିୟମାବଳୀ**

(୧) ଆବେଦନକାରୀଙ୍କ ବୟସ ସୀମା ୧୮ ବର୍ଷରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ।
(୨) ସ୍ୱୟଂ ସହାୟକ ଗୋଷ୍ଠୀ (SHG)।
(୩) ପଞ୍ଜୀକୃତ ଅନୁଷ୍ଠାନ, ସମବାୟ ସମିତି ଏବଂ ଟ୍ରଷ୍ଟ ଇତ୍ୟାଦି।
(୪) ଗ୍ରାମାଞ୍ଚଳ ପାଇଁ ୩୫% ଏବଂ ସହରାଞ୍ଚଳ ପାଇଁ ୨୫% ସର୍ବାଧିକ ମାର୍ଜିନ ରାଶି ସବ୍‌ସିଡି ଉପଲବ୍ଧ।
(୫) ଉତ୍ପାଦନଭିତ୍ତିକ ଉଦ୍ୟୋଗ ପାଇଁ ଟ.୨୫.୦୦ ଲକ୍ଷ ଏବଂ ସେବାଭିତ୍ତିକ ଉଦ୍ୟୋଗ ପାଇଁ ଟ.୧୦.୦୦ ଲକ୍ଷ ପର୍ଯ୍ୟନ୍ତ ଅନୁମତିଯୋଗ୍ୟ ସର୍ବାଧିକ ମୂଲ୍ୟର ପ୍ରକଳ୍ପ ରାଶି (Project Cost) ଧାର୍ଯ୍ୟ କରାଯାଇଅଛି।
(୬) ନକାରାତ୍ମକ ସୂଚୀ (Negative List) ଅନ୍ତର୍ଭୁକ୍ତ ଉଦ୍ୟୋଗ ପାଇଁ ଆବେଦନପତ୍ର ଗ୍ରହଣଯୋଗ୍ୟ ନୁହେଁ।
(୭) ଉତ୍ପାଦନଭିତ୍ତିକ ଶିଳ୍ପ ଟ.୧୦.୦୦ ଲକ୍ଷ ଏବଂ ସେବାଭିତ୍ତିକ ଶିଳ୍ପ ଟ.୫.୦୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପାଇଁ ଆବେଦନକାରୀ ଅନ୍ୟୂନ ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ।
(୮) ଏହି ଯୋଜନା ଅଧୀନରେ ଗୋଟିଏ ପରିବାରରୁ କେବଳ ଜଣେ ବ୍ୟକ୍ତି ଆର୍ଥିକ ସହାୟତା ପାଇଁ ଯୋଗ୍ୟ ବିବେଚିତ ହେବେ।
(୯) ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନଟି ମନୋନୀତ କରିଥିବା ବ୍ୟାଙ୍କ ଶାଖାଟିର ସର୍ଭିସ ଏରିଆ ମଧ୍ୟରେ ହୋଇଥିବା ଆବଶ୍ୟକ।
(୧୦) କାର୍ଯ୍ୟରତ ଉଦ୍ୟୋଗ କିମ୍ବା ଅନ୍ୟ କୌଣସି କେନ୍ଦ୍ର / ରାଜ୍ୟ ସବ୍‌ସିଡି ଯୋଜନା ଅଧୀନରେ ସବ୍‌ସିଡି / ମାର୍ଜିନ ରାଶିର ଲାଭ ନେଇସାରିଥିବା ଆବେଦନକାରୀମାନେ ଯୋଗ୍ୟ ବିବେଚିତ ହେବେ ନାହିଁ।
(୧୧) ଆବେଦନକାରୀଙ୍କର ଆଧାର କାର୍ଡ (Aadhaar Card) କିମ୍ବା ପ୍ୟାନ୍ କାର୍ଡ (PAN Card) ଥିବା ଆବଶ୍ୟକ।

**କିପରି ଆବେଦନ କରିବେ:**

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP)ର ନିୟମାବଳୀ ଅନୁଯାୟୀ ଯୋଗ୍ୟ ଆବେଦନକାରୀ www.kviconline.gov.in/pmegpeportalରେ registration ଏବଂ login କରି online ମାଧ୍ୟମରେ ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ, ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ କିମ୍ବା ଜିଲ୍ଲା ଶିଳ୍ପ କେନ୍ଦ୍ରକୁ ଆବେଦନ କରିପାରିବେ। କୌଣସି ପ୍ରକାର Offline ଆବେଦନପତ୍ର ଗ୍ରହଣଯୋଗ୍ୟ ନୁହେଁ।

ସ୍ୱା. ରାଜ୍ୟ ନିର୍ଦ୍ଦେଶକ, ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ, ଭୁବନେଶ୍ୱର






# ଜେଇଇ ମେନ୍‌ରେ ଆସିବ ଓଡ଼ିଆ ପ୍ରଶ୍ନପତ୍ର

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ଏଣିକି ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା 'ଜେଇଇ ମେନ୍'ରେ ଓଡ଼ିଆ ଭାଷାରେ ପ୍ରଶ୍ନପତ୍ର ଆସିବ। ଓଡ଼ିଆ ସମେତ ମୋଟ ୧୧ ଭାଷାରେ ପ୍ରଶ୍ନପତ୍ର ପ୍ରସ୍ତୁତ ହେବ। ୨୦୨୧ରୁ ଏହା ଲାଗୁ ହେବ। ବର୍ତ୍ତମାନ ଇଂଲିଶ, ହିନ୍ଦୀ ଓ ଏକମାତ୍ର ଆଞ୍ଚଳିକ ଭାଷା ଭାବେ ଗୁଜରାଟୀରେ ପ୍ରଶ୍ନପତ୍ର ଆସୁଛି। ଅନେକ ରାଜ୍ୟ ନିଜର ଆଞ୍ଚଳିକ ଭାଷାରେ ପ୍ରଶ୍ନପତ୍ର ପ୍ରସ୍ତୁତ କରିବାକୁ ବାରମ୍ବାର ଦାବି କରୁଥିଲେ। ତାହାକୁ ବିଚାରକୁ ନେଇ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏଭଳି ଏକ ବଡ଼ ନିଷ୍ପତ୍ତି ନେଇଛି। ୨୦୨୧ରୁ ଇଂଲିଶ, ହିନ୍ଦୀ ସମେତ ୯ ଆଞ୍ଚଳିକ ଭାଷା ଓଡ଼ିଆ, ଅହମିୟା, ବଙ୍ଗଳା, ଗୁଜରାଟୀ, କନ୍ନଡ଼, ମରାଠୀ, ତାମିଲ, ତେଲୁଗୁ ଓ ଉର୍ଦ୍ଦୁ ଭାଷାରେ ପ୍ରଶ୍ନପତ୍ର ଆସିବ। ମୋଟ ୧୧ ଭାଷାରେ ପ୍ରଶ୍ନପତ୍ର କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ)କୁ ନିର୍ଦ୍ଦେଶ ଦିଆଯାଇଛି। ଜେଇଇ ମେନ୍-୨୦୨୦ରୁ ଏହା ଲାଗୁ କରିବାକୁ ଯୋଜନା ହୋଇଥିଲା। ହେଲେ ପରୀକ୍ଷାର ତାରିଖ ଧାର୍ଯ୍ୟ ହୋଇସାରିଥିବାରୁ ୨୦୨୧ ଜାନୁୟାରୀରେ ହେବାକୁ ଥିବା ପରୀକ୍ଷାରୁ ଏହାକୁ ଲାଗୁ କରାଯିବ। ସୂଚନାଯୋଗ୍ୟ, ଜେଇଇ ମେନ୍ ମାଧ୍ୟମରେ ଛାତ୍ରୀଛାତ୍ର ବିଭିନ୍ନ ଇଞ୍ଜିନିୟରିଂ ପାଠ୍ୟକ୍ରମ ସମେତ ଆର୍କିଟେକଚର୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଚୟନ ହୋଇଥାନ୍ତି। ବିଶେଷକରି ଆଇଆଇଟି, ଏନ୍‌ଆଇଟି, ଆଇଆଇଆଇଟି, ସରକାରୀ ଅନୁଦାନପ୍ରାପ୍ତ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା ଲାଗି ଏହି ପ୍ରବେଶିକା ପରୀକ୍ଷା ହେଉଛି।

# ଭୁଲ୍ ଚିକିତ୍ସା ପାଇଁ ଛାତ୍ରଙ୍କ ଜୀବନ ଗଲା

■ ଫାଣ୍ଡି ସମ୍ମୁଖରେ ମୃତଦେହ ରଖି ପରିବାର ଲୋକଙ୍କ ଧାରଣା
■ କ୍ଲିନିକରେ ତାଲା ପକାଇ ଫାର୍ମାସିଷ୍ଟ ଫେରାର

ଭଦ୍ରକ ଅଫିସ/ ଚାନ୍ଦବାଲି, ୨୯।୧୧(ଡି.ଏନ.ଏ.)

ଭୁଲ୍ ଚିକିତ୍ସା ପାଇଁ ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଘଣ୍ଟେଶ୍ୱରୀ ଗାଁର ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କର ଗୁରୁବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଏ ନେଇ ମୃତକଙ୍କ ବାପା ବାଂଶଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ପରିବାର ଲୋକେ ଶୁକ୍ରବାର ବ୍ୟବଚ୍ଛେଦ ହୋଇଥିବା ମୃତଦେହ ଘଣ୍ଟେଶ୍ୱର ଫାଣ୍ଡି ଆଗରେ ରଖି ଧାରଣା ଦେଇ କ୍ଷତିପୂରଣ ଦାବି କରିଥିଲେ।

ମୃତ ଛାତ୍ର ହେଲେ ଘଣ୍ଟେଶ୍ୱରୀ ଗାଁର ଗଙ୍ଗାଧର ବାରିକଙ୍କ ପୁଅ ସୁରେଶ(୧୧)। ବୁଧବାର ସେ ଜ୍ୱରରେ ପୀଡ଼ିତ ହେବାରୁ ପରିବାର ଲୋକେ ତାଙ୍କୁ ଘଣ୍ଟେଶ୍ୱର ବଜାରସ୍ଥିତ ଏକ କ୍ଲିନିକକୁ ନେଇଥିଲେ। ସେଠାରେ କ୍ଲିନିକ ପରିସରରେ ଥିବା ଏକ ଔଷଧ ଦୋକାନରେ ଫାର୍ମାସିଷ୍ଟ ଚିକିତ୍ସା କରିଥିଲେ। ସେ ବିନା ପରୀକ୍ଷାରେ ସୁରେଶଙ୍କୁ ଔଷଧ ଓ ଇଞ୍ଜେକ୍ସନ ଦେଇଥିଲେ। ଜ୍ୱର ଓ ବାନ୍ତି ନ କମିବାରୁ ଗୁରୁବାର ତାଙ୍କୁ ପୁଣି ଇଞ୍ଜେକ୍ସନ ଦେଇଥିଲେ। ସୁରେଶ ଯନ୍ତ୍ରଣାରେ ଛଟପଟ ହୋଇ ବାନ୍ତି କରିବାରୁ ପରିବାର ଲୋକେ ତାଙ୍କୁ ସନ୍ଧ୍ୟାରେ ଭଦ୍ରକ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସା ଆରମ୍ଭର କିଛି ସମୟ ପରେ ସୁରେଶଙ୍କ ମୃତ୍ୟୁ ହୋଇଥିଲା। ଭୁଲ୍ ଚିକିତ୍ସା ଯୋଗୁ ସୁରେଶଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ଏହାପରେ ସୁରେଶଙ୍କ ବାପା ବାଂଶଡ଼ା ଥାନାରେ ଅଭିଯୋଗ କରିଥିଲେ। ଭଦ୍ରକରୁ ଶୁକ୍ରବାର ପୂର୍ବାହ୍ନରେ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିଥିଲା। କ୍ଷତିପୂରଣ ପ୍ରଦାନ, ନକଲି ଚିକିତ୍ସକଙ୍କୁ ଗିରଫ ଓ କ୍ଲିନିକ ସିଲ୍ କରିବା ଦାବିରେ ପରିବାର ଲୋକେ ଅପରାହ୍ନରେ ଘଣ୍ଟେଶ୍ୱର ଫାଣ୍ଡି ଆଗରେ ମୃତଦେହ ରଖି ଧାରଣା ଦେଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଫାଣ୍ଡି ସମ୍ମୁଖରେ ମୃତଦେହ ପଡ଼ି ରହିଥିଲା। ଏହାମଧ୍ୟରେ ଉକ୍ତ କ୍ଲିନିକର ମାଲିକ ତଥା ଫାର୍ମାସିଷ୍ଟ ଜଣଙ୍କ ତାଲା ପକାଇ ଦେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି। ବାଂଶଡ଼ା ଥାନା ଅଧିକାରୀ ବୀରକିଶୋର ରାଉତ ଘଣ୍ଟେଶ୍ୱରରେ ପହଞ୍ଚି ସମ୍ପୃକ୍ତ କ୍ଲିନିକ ଏବଂ ଔଷଧ ଦୋକାନ ସିଲ୍ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ମୃତକଙ୍କ ପରିବାର ଧାରଣାରୁ ଉଠିଥିଲେ।

# କମିବ 'ମୋ ବସ୍' ଭଡ଼ା

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

'ମୋ ବସ୍' ପ୍ରତି ଯାତ୍ରୀଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ପଦକ୍ଷେପ ନେବାପରେ ଏବେ ବସ୍ ଭଡ଼ା କମାଇବାକୁ ନିଷ୍ପତ୍ତି ନେଇଛନ୍ତି କର୍ତ୍ତୃପକ୍ଷ। ବିଶେଷକରି 'ମୋ ବସ୍'ର ଶୀତତାପ ନିୟନ୍ତ୍ରିତ (ଏସି-ବସ୍)ଗୁଡ଼ିକର ଭଡ଼ା କମାଇବାକୁ କ୍ୟାପିଟାଲ ରିଜିୟନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ(କ୍ରୁଟ୍) ସ୍ଥିର କରିଛି। ଡିସେମ୍ବର ୧ରୁ ଜାନୁୟାରୀ ୩୧ ଯାଏ ଆଗାମୀ ୨ମାସ ପର୍ଯ୍ୟନ୍ତ 'ମୋ ବସ୍'ର ଏସି-ବସ୍‌ଗୁଡିକରେ ଯାତ୍ରୀଙ୍କୁ ରିହାତି ଦିଆଯିବ। ତେବେ ଶୀତଦିନକୁ ଦୃଷ୍ଟିରେ ରଖି ଏସି-ବସ୍‌ର ଭଡ଼ାକୁ ୩୮% ପର୍ଯ୍ୟନ୍ତ ହ୍ରାସ କରାଯାଇଥିବା ବେଳେ ମାସିକ ପାସ୍‌ର ଦର ମଧ୍ୟ କମାଯାଇଛି। ପୂର୍ବରୁ ଏସି-ବସ୍‌ଗୁଡିକରେ ପ୍ରଥମ ୨ କି.ମି. ପାଇଁ ସର୍ବନିମ୍ନ ଭଡ଼ା ୮ ଟଙ୍କା ନିଆଯାଉଥିବା ବେଳେ ଏବେ ଏହାକୁ କମାଇ ୫ ଟଙ୍କା କରାଯାଇଛି। ସେହିଭଳି ସର୍ବାଧିକ ଭଡ଼ା ୧୦୦ ଟଙ୍କା ବଦଳରେ ୭୦ ଟଙ୍କା ସ୍ଥିର ହୋଇଛି। ଏନେଇ ଏକ ଖବରଦାତା ସମ୍ମିଳନୀରେ କ୍ରୁଟ୍ ମହାପ୍ରବନ୍ଧକ ଦୀପ୍ତି ମହାପାତ୍ର ସୂଚନା ଦେଇଛନ୍ତି।

ବର୍ତ୍ତମାନ ଶୀତତାପ ନିୟନ୍ତ୍ରିତ ବସ୍‌ର ଭଡ଼ା ଅଣଶୀତତାପ ନିୟନ୍ତ୍ରିତ-ବସ୍ ଭଡ଼ାଠାରୁ ୬୦ରୁ ୧୪୦% ଅଧିକ ରହୁଛି। ନୂଆ ଦର ଅନୁଯାୟୀ ଉଭୟ ବସ୍ ମଧ୍ୟରେ ଭଡ଼ା ବ୍ୟବଧାନ ମାତ୍ର ୩୦% ଅଧିକ ରହିବ। ଶୀତଋତୁରେ ଯାତ୍ରୀ ସଂଖ୍ୟା ବୃଦ୍ଧି କରିବା ଏବଂ ଜନସାଧାରଣଙ୍କ କ୍ରମାଗତ ଅନୁରୋଧକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଥିବା ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଖୁଚୁରା ଟଙ୍କା ଅଭାବକୁ ଦୃଷ୍ଟିରେ ରଖି ୫, ୮, ୧୦, ୧୩, ୧୫ ଓ ୧୭ ଟଙ୍କା ଥିବା ଅଣଶୀତତାପ ନିୟନ୍ତ୍ରିତ ବସ୍ ଭଡ଼ାକୁ ୫, ୧୦, ୧୫ ଓ ୨୦ ଟଙ୍କାରେ ପରିବର୍ତ୍ତିତ କରିବାକୁ ସ୍ଥିର ହୋଇଛି। ଏହାଦ୍ୱାରା ୪୧% ଅଣଶୀତତାପ ନିୟନ୍ତ୍ରିତ ବସ୍ ଯାତ୍ରୀ ରିହାତି ପାଇବେ ଏବଂ ମାତ୍ର ୯% ଯାତ୍ରୀ ସାମାନ୍ୟ ମୂଲ୍ୟବୃଦ୍ଧିରେ ପ୍ରଭାବିତ ହେବେ ବୋଲି କ୍ରୁଟ୍ ପକ୍ଷରୁ କୁହାଯାଇଛି। ସେହିଭଳି ଅଣଶୀତତାପ ନିୟନ୍ତ୍ରିତ ବସ୍‌ର ମାସିକ ଭଡ଼ା ୬୦୦ରୁ ୫୫୦ ଟଙ୍କାକୁ ହ୍ରାସ କରାଯିବାକୁ ଥିବାବେଳେ ଶୀତତାପ ନିୟନ୍ତ୍ରିତ ଭଡ଼ା ୯୦୦ ଟଙ୍କାରୁ ୭୫୦ ଟଙ୍କାକୁ କମାଯିବ। ଏହାବ୍ୟତୀତ ଅଣଶୀତତାପ ନିୟନ୍ତ୍ରିତ ବସ୍‌ର ମ୍ୟାଜିକ ପାସ୍ ଭଡ଼ା ୧୨୦୦ ଟଙ୍କା ପରିବର୍ତ୍ତେ ୧୧୦୦ ଟଙ୍କା ଏବଂ ଶୀତତାପ ନିୟନ୍ତ୍ରିତ ବସ୍ ପାଇଁ ୧୮୦୦ ଟଙ୍କା ପରିବର୍ତ୍ତେ ୧୫୦୦ ଟଙ୍କା କରାଯାଇଛି। ପ୍ରଦୂଷଣ ମାତ୍ରା ରୋକିବା ଲାଗି ଲୋକଙ୍କୁ ସାଧାରଣ ପରିବହନ ବ୍ୟବସ୍ଥାର ବ୍ୟବହାର କରିବାକୁ ଉତ୍ସାହିତ କରିବା କ୍ରୁଟ୍‌ର ମୁଖ୍ୟ ଲକ୍ଷ୍ୟ ବୋଲି ମହାପାତ୍ର କହିଛନ୍ତି।




# 'ବିଏସ୍‌କେୱାଇ'କୁ ସ୍କଚ୍ ସ୍ୱର୍ଣ୍ଣ ପୁରସ୍କାର



ସ୍କଚ୍ ସ୍ୱାସ୍ଥ୍ୟ ଭାରତ ସ୍ୱର୍ଣ୍ଣ ପୁରସ୍କାର ଗ୍ରହଣ ଅବସରରେ ଡା. ପ୍ରମୋଦ କୁମାର ମେହେର୍ଦ୍ଧା ଏବଂ ଶାଳିନୀ ପଣ୍ଡିତ।

ଭୁବନେଶ୍ୱର, ୨୯।୧୧ (ବ୍ୟୁରୋ)

ଓଡ଼ିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ସ୍କଚ୍ ସ୍ୱାସ୍ଥ୍ୟ ଭାରତ ସ୍ୱର୍ଣ୍ଣ ପୁରସ୍କାର ମିଳିଛି। ଶୁକ୍ରବାର ନୂଆଦିଲ୍ଲୀଠାରେ ଆୟୋଜିତ ଏକ ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧା ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟବାସୀଙ୍କୁ ବିନାମୂଲ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ଓଡ଼ିଶା ସରକାର ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିରେ ୭୦ ଲକ୍ଷ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରତି ପରିବାରର ମହିଳାଙ୍କୁ ୧୦ ଲକ୍ଷ ଓ ପୁରୁଷଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତଙ୍କୁ ମାଗଣା ଚିକିତ୍ସା ସେବା ପ୍ରଦାନ କରାଯାଉଛି। ଏହି ଯୋଜନାରେ ମାଗଣାରେ ଔଷଧ, ରୋଗ ନିରୂପଣ, ଡାଏଲିସିସ୍, କେମୋଥେରାପି, ମାଗଣା ଓଟି, ଆଇସିୟୁ ଓ ରକ୍ତ ଆଦି ଯୋଗାଇ ଦିଆଯାଉଛି। ରୋଗୀଙ୍କୁ ଜଟିଳ ରୋଗର ଉନ୍ନତ ଚିକିତ୍ସା ପାଇଁ ରାଜ୍ୟ ସରକାର ପ୍ରାୟ ୨୦୦ ଘରୋଇ ଚିକିତ୍ସାଳୟ ସହିତ ରାଜିନାମା କରିଛନ୍ତି।







# ୧୪,୭୨୫ ଚାଷୀ ବିକିଲେଣି ୯,୮୨,୭୯୦ କ୍ୱିଣ୍ଟାଲ ଧାନ

ଭୁବନେଶ୍ୱର,୨୯।୧୧ (ବ୍ୟୁରୋ): ୨୦୧୯-୨୦ ବର୍ଷ ଲାଗି ଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇଯାଇଛି। ଚଳିତ ମାସରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଦ୍ୱାରା ଏଯାବତ୍ ୯,୮୨,୭୯୦ କ୍ୱିଣ୍ଟାଲ୍ ଧାନ ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକୁ ସ୍ୱଚ୍ଛ ଓ ବ୍ୟବସ୍ଥିତ କରିବା ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥାରେ ପଞ୍ଜୀକୃତ ଚାଷୀମାନଙ୍କଠାରୁ ପ୍ରାଥମିକ କୃଷି ସମବାୟ ସମିତିମାନେ ପି-ପାସ୍ ଜରିଆରେ ସିଧାସଳଖ ଧାନ ସଂଗ୍ରହ କରୁଛନ୍ତି। ସମବାୟ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ୭୦୪ ଧାନ ସଂଗ୍ରହ କେନ୍ଦ୍ରରେ ୭୯,୩୨୪ ଜଣ ଚାଷୀଙ୍କଠାରୁ ୫୬,୦୮,୪୭୨ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଆଗୁଆ ୧,୦୧,୭୨୬ ଟୋକନ ଦିଆଯାଇଛି। ଏଥି ମଧ୍ୟରୁ ଶୁକ୍ରବାର ସୁଦ୍ଧା ୧୪,୭୨୫ ଜଣ ଚାଷୀଙ୍କଠାରୁ ୯,୮୨,୭୯୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଧାନ ବିକ୍ରି ମୂଲ୍ୟ ପ୍ରତ୍ୟକ୍ଷ ହସ୍ତାନ୍ତର ବ୍ୟବସ୍ଥାରେ ଶୁକ୍ରବାର ସୁଦ୍ଧା ୧୦,୮୪୮ ଚାଷୀଙ୍କ ବ୍ୟାଙ୍କ ଜମାଖାତାକୁ ୧୨୨ କୋଟି ୩୦ ଲକ୍ଷ ୧୧ ହଜାର ୨୨୬ ଟଙ୍କା ପ୍ରେରଣ କରାଯାଇଛି।

# କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ୩୦୮ କେନ୍ଦ୍ର

ଭୁବନେଶ୍ୱର,୨୯।୧୧(ବ୍ୟୁରୋ): ସହରାଞ୍ଚଳ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୩୦୮ ପ୍ରକ୍ରିୟାକରଣ କେନ୍ଦ୍ର ଖୋଲାଯିବ। ବର୍ଜ୍ୟବସ୍ତୁ ସୃଷ୍ଟି ହେଉଥିବା ସ୍ଥାନରେ ସେଗୁଡିକର ପୃଥକୀକରଣ କରିବା ପାଇଁ ଜିଲାପାଳ ଏବଂ ସହରାଞ୍ଚଳ କର୍ତ୍ତୃପକ୍ଷମାନଙ୍କୁ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସହରାଞ୍ଚଳ କଠିନ ବର୍ଜ୍ୟବସ୍ତୁ ପରିଚାଳନାର ସମୀକ୍ଷା କରିଥିଲେ।



## ୨୮ ହାବିଲଦାରଙ୍କ ପଦୋନ୍ନତି

**କଟକ ଅଫିସ, ୨୯।୧୧:** ଓଡ଼ିଶା ପୋଲିସରେ କାର୍ଯ୍ୟରତ ୨୮ ଜଣ ହାବିଲଦାରଙ୍କୁ ହାବିଲଦାର ମେଜର ପଦବୀକୁ ପଦୋନ୍ନତି ଦିଆଯାଇଛି। ଏ ନେଇ ଶୁକ୍ରବାର ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଓଡ଼ିଶା ପୋଲିସର କେନ୍ଦ୍ରୀୟ ମନୋନୟନ ପରିଷଦ ଏହି ୨୮ ହାବିଲଦାରଙ୍କ ପଦୋନ୍ନତି ପାଇଁ ନିଷ୍ପତ୍ତି ନେଇଥିଲା। ତେବେ ଏହି ନିଷ୍ପତ୍ତିକୁ ଡିଜିପି ସତ୍ୟଜିତ୍ ମହାନ୍ତି ଶୁକ୍ରବାର ସ୍ୱୀକୃତି ପ୍ରଦାନ କରିଛନ୍ତି।

# ତଦନ୍ତ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ

**ଜଙ୍ଗଲରେ ୩୮ ବର୍ଷ ପ୍ରସଙ୍ଗ**

**ଧରିତ୍ରୀ, ଓଡ଼ିଶା ପୋଷ୍ଟ ପ୍ରଭାବ**

**କେସିଙ୍ଗା, ୨୯।୧୧ (ଡି.ଏନ୍.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କନ୍ତେଶିର ଗ୍ରାମପଞ୍ଚାୟତ ଅଧୀନ ଜୟନ୍ତପୁରରେ ୨ ଆଦିବାସୀ ପରିବାର ଦୀର୍ଘ ୩୮ ବର୍ଷ ଧରି ଜଙ୍ଗଲରେ ଜୀବନଯାପନ କରୁଛନ୍ତି। ଏସମ୍ପର୍କରେ ଏକ ତଥ୍ୟଭିତ୍ତିକ ରିପୋର୍ଟ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟରେ ଗତ ୨୪ ତାରିଖରେ ପ୍ରକାଶିତ ହୋଇଥିଲା। ଓଡ଼ିଶା ପୋଷ୍ଟର ନ୍ୟୁଜ କଟିଂ ଉପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଚିଠି ନଂ. ୧୯୧୮। ତା ୨୫।୧୧।୨୦୧୯ ରିଖରେ କଳାହାଣ୍ଡି ଜିଲାପାଳଙ୍କୁ ୨ ଦିନ ଭିତରେ ତଦନ୍ତ କରି ଏହାର ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଆସିଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର କେସିଙ୍ଗା ବିଡିଓ ଭୀମସେନ ଶବର ଓ ବ୍ଲକ କର୍ମଚାରୀ, ସ୍ଥାନୀୟ ସରପଞ୍ଚ ଉକ୍ତ ଗ୍ରାମପରିଦର୍ଶନ କରିଛନ୍ତି। ଜଙ୍ଗଲରେ ରହୁଥିବା ଏହି ୨ ପରିବାର ସଦସ୍ୟଙ୍କୁ ୪୦ କେଜି ଚାଉଳ, ଡାଲି, ବିସ୍କୁଟ, ପାଣିବୋତଲ, ଲୁଣ, ୨ଟି ସୋଲାର ଲାଇଟ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି। ସେଠାରେ ଗୋଟିଏ ନଳକୂଅ ଖୋଳାଯିବା ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। କନ୍ତେଶିର ଗେଠିପଡାଠାରୁ ଜଙ୍ଗଲରେ ବାସ କରୁଥିବା ଜୟନ୍ତୀପୁର ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆରଜିଏସ୍ ଯୋଜନାରୁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ କରାଯିବ ଏବଂ ବିଦ୍ୟୁତ୍ ସଂଯୋଗ କରାଯିବା ପାଇଁ ସବୁ ବ୍ୟବସ୍ଥା କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି। ଏଥିସହିତ ଉପରୋକ୍ତ ୨ ପରିବାର ଲାଗି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨ଟି ଘର ଯୋଗାଇ ଦିଆଯିବ। କନ୍ତେଶିର ଗ୍ରାମର ଭୂମିହୀନ ବୀର ମାଝିଙ୍କୁ ସେଠାରେ ଜାଗା ଦିଆଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହି କଲୋନୀରେ ଆଉ ୩ ଜଣଙ୍କୁ ଜମି ଓ ଗୃହ ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଡିଓ ଶବରଙ୍କ ସହ ୩ କନିଷ୍ଠ ଯନ୍ତ୍ରୀ, ସରପଞ୍ଚ ଜିତେନ୍ଦ୍ର ବ୍ରହ୍ମା ପ୍ରମୁଖ ଉକ୍ତ ଗ୍ରାମ ପରିଦର୍ଶନ କରିଥିଲେ।

# ୪୫ ଗହଣା ଦୋକାନରେ ଚଢ଼ାଉ

**୩ ଲକ୍ଷ ୭୭ ହଜାର ଟଙ୍କା ଜରିମାନା ଆଦାୟ**

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନ ବୈଧମାପ ବିଜ୍ଞାନ (ଓଜନ ଓ ମାପ) ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶମତେ ଚଳିତ ମାସ ୨୨ରୁ ୨୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସୁନା ଦୋକାନରେ ଚଢାଉ କରାଯାଇଥିଲା। ଏହି ୪ ଦିନରେ ଭୁବନେଶ୍ୱର, ବ୍ରହ୍ମପୁର, କଟକ, ରାଉରକେଲା, ସମ୍ବଲପୁର ଓ ବାଲେଶ୍ୱରରେ ସୁନାଗହଣା ଦୋକାନ ଏବଂ ପ୍ରତିଷ୍ଠାନ ଉପରେ ଅଚାନକ ଚଢ଼ାଉ କରାଯାଇଛି। ସର୍ବମୋଟ ୪୫ ଦୋକାନ ଏବଂ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିବାବେଳେ ୨୯ ଦୋକାନ ଏବଂ ପ୍ରତିଷ୍ଠାନରେ ବୈଧମାପ ବିଜ୍ଞାନ ନିୟମରେ ତ୍ରୁଟି ପରିଲକ୍ଷିତ ହୋଇଛି। ଏହିବାବଦରେ ୨୭ଟି ଦୋକାନ ଓ ପ୍ରତିଷ୍ଠାନରୁ ୩ ଲକ୍ଷ ୭୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟ ଦୁଇଟି ପ୍ରତିଷ୍ଠାନ ଉପରେ କମ୍ପାଉଣ୍ଡିଂ ନୋଟିସ୍ ଜାରି କରାଯାଇଛି।

ରାଜଧାନୀର ୧୦ ଦୋକାନ ଓ ପ୍ରତିଷ୍ଠାନ ଉପରେ କରାଯାଇଥିବା ଚଢ଼ାଉରୁ ୮ ଦୋକାନରେ ବୈଧମାପ ବିଜ୍ଞାନ ନିୟମ ପାଳନର ତ୍ରୁଟି ପରିଲକ୍ଷିତ ହୋଇଛି। ଏଥିସହିତ ଏ ବାବଦରେ ୧ ଲକ୍ଷ ୨୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବ୍ରହ୍ମପୁରରେ ୮ ଦୋକାନ ଓ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉରୁ ୫ ଦୋକାନ ଓ ପ୍ରତିଷ୍ଠାନରେ ବୈଧମାପ ବିଜ୍ଞାନ ନିୟମର ତ୍ରୁଟି ପରିଲକ୍ଷିତ ହୋଇଛି। ତେଣୁ ଜରିମାନା ବାବଦରେ ଏହିସବୁ ଦୋକାନ ଓ ପ୍ରତିଷ୍ଠାନରୁ ୪୫ ହଜାର ଟଙ୍କା ଆଦାୟ କରାଯାଇଛି। ଗୋଟିଏ ପ୍ରତିଷ୍ଠାନ ଉପରେ କମ୍ପାଉଣ୍ଡିଂ ନୋଟିସ୍ ଜାରି କରାଯାଇଛି। କଟକରେ ୮ ଦୋକାନ ଓ ପ୍ରତିଷ୍ଠାନ ଉପରେ କରାଯାଇଥିବା ଚଢ଼ାଉରୁ ୫ ଦୋକାନରେ ବୈଧମାପ ବିଜ୍ଞାନ ନିୟମର ତ୍ରୁଟି ପରିଲକ୍ଷିତ ହୋଇଛି। ଏହି ବାବଦରେ ୩୫ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ରାଉରକେଲାରେ ୪ ଦୋକାନ ଓ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିବାବେଳେ ୨ ଦୋକାନରୁ ୩୫ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ସମ୍ବଲପୁରରେ ଚଢ଼ାଉ କରାଯାଇଥିବା ସମସ୍ତ ୫ ଦୋକାନ ଓ ପ୍ରତିଷ୍ଠାନରେ ବୈଧମାପ ବିଜ୍ଞାନ ନିୟମର ତ୍ରୁଟିପରିଲକ୍ଷିତ ହୋଇଛି, ଏଥିସହିତ ୪ ଦୋକାନ ଓ ପ୍ରତିଷ୍ଠାନରୁ ୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟ ଏକ ପ୍ରତିଷ୍ଠାନ ଉପରେ କମ୍ପାଉଣ୍ଡିଂ ନୋଟିସ୍ ଜାରି କରାଯାଇଛି। ବାଲେଶ୍ୱରର ୧୦ ଦୋକାନ ଓ ପ୍ରତିଷ୍ଠାନ ଉପରେ କରାଯାଇଥିବା ଚଢ଼ାଉରୁ ୪ ଦୋକାନରେ ବୈଧମାପ ବିଜ୍ଞାନ ନିୟମର ତ୍ରୁଟି ପରିଲକ୍ଷିତ ହୋଇଛି। ଏ ବାବଦରେ ୫୫ ହଜାର ଟଙ୍କା ଜରିମାନା ଆଦାୟ କରା ଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏମନ୍ତ ମଜାରେ କହିଯାଉଥିବ**
**କେହି ନ କହିବେ ଝୁଟ**
**ଏମନ୍ତ ସଜରେ ବସି ଯାଉଥିବ**
**କେହି ନ କହିବେ ଉଠ୍**
**ଏମନ୍ତ ମଜାରେ ଚାଲି ଯାଉଥିବ**
**କେହି ନ କହିବେ ଝୁଣ୍ଟା**

କଥା କହିବାରେ ସଂଯମତା ତଥା ବସାଉଠା କରିବାରେ ଯଥାର୍ଥତା ଅବଲମ୍ବନ କରିବା ଉଚିତ। ସ୍ଥାନ କାଳ ପାତ୍ର ଅନୁସାରେ କହିବା, ବସିବା ଏବଂ ଚାଲିବା ଶୋଭନୀୟ ହୋଇଥାଏ। ସ୍ଥଳବିଶେଷରେ ଏହିପରି ସ୍ୱଭାବ ପ୍ରଶଂସନୀୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏସା କରେଙ୍ଗେ ତେସା କରେଙ୍ଗେ**
**ସିପାହି ଦେଖିଲେ ଶୋଇ ପଡ଼େଙ୍ଗେ।**

କିଛି ବ୍ୟକ୍ତି ବଡ଼ ବଡ଼ କରି କଥା କହିଥାନ୍ତି। କିନ୍ତୁ ଅସଲ ଟାଣୁଆ ଲୋକ ହାବୁଡ଼ରେ ପଡ଼ିଗଲେ ମୁହଁ ଫିଟାଇବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଉପରେ ଉପରେ ବାହାଦୁରି ଦେଖାଉଥିବା ଭୀରୁ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଇସ୍ପାତ, ଖଣି ବିଭାଗରେ ମିଶିଲା ୨ ନିର୍ଦ୍ଦେଶାଳୟ

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ):** ରାଜ୍ୟ ପ୍ରଶାସନକୁ ସରଳୀକରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ଖଣି ନିର୍ଦ୍ଦେଶାଳୟ ଏବଂ ଭୂତତ୍ତ୍ୱ ବିଜ୍ଞାନ ନିର୍ଦ୍ଦେଶାଳୟର ସମ୍ମିଶ୍ରଣ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ୨ ନିର୍ଦ୍ଦେଶାଳୟକୁ ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ସହ ମିଶ୍ରଣ କରାଯାଇଛି। ଉଲ୍ଲେଖଯୋଗ୍ୟ, ଗତ ଅଗଷ୍ଟରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସହ ନିର୍ଦ୍ଦେଶାଳୟର ମିଶ୍ରଣ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## କେନ୍ଦ୍ରାପଡ଼ା ଡାକ୍ତରଖାନାରେ ଅଗ୍ନିକାଣ୍ଡ

**କେନ୍ଦ୍ରାପଡା ଅଫିସ, ୨୯।୧୧:** କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ବିଦ୍ୟୁତ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଚିକିତ୍ସାଳୟର ଶୀତତାପ ନିୟନ୍ତ୍ରିତ ଏକ କୋଠରିରୁ ଅନ୍ୟ ସ୍ଥାନକୁ ବିଦ୍ୟୁତ୍ ସଂଯୋଗ ଦିଆଯାଉଥିଲା। ଏହି ସମୟରେ ଶର୍ଟ ସର୍କିଟ ହୋଇ ବିଦ୍ୟୁତ୍ ବୋର୍ଡ ଜଳି ଉଠିଥିଲା।


## ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା

ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା କରିବା।

ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ,
ଜଙ୍ଗଲ ନଷ୍ଟ କରିବା ନାହିଁ
ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା।



ପରିବେଶପ୍ରେମୀ, ରେଢ଼ାଖୋଲ


# ସଂସ୍କୃତି ମନ୍ତ୍ରୀଙ୍କ ହାଇଦ୍ରାବାଦ ଗସ୍ତ ପ୍ରସଙ୍ଗ

# ସରକାରୀ ସ୍ପଷ୍ଟୀକରଣ ହାସ୍ୟାସ୍ପଦ:କଂଗ୍ରେସ

- ଭାଜପା ପକ୍ଷରୁ ମଧ ସମାଲୋଚନା
- ଗସ୍ତକୁ କଦର୍ଥ କରାଯାଉଛି: ବିଜେଡି

**ଭୁବନେଶ୍ୱର ୨୯।୧୧ (ବ୍ୟୁରୋ):** ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ହାଇଦ୍ରାବାଦ ଗସ୍ତ ନେଇ କଂଗ୍ରେସ ଶାସକ ଦଳ ଉପରେ ଆକ୍ରମଣ ଜାରି ରଖିଛି। ମନ୍ତ୍ରୀଙ୍କ ଗସ୍ତ ପ୍ରସଙ୍ଗ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୁରୁବାର ବିଧାନସଭାରେ ସ୍ପଷ୍ଟୀକରଣ ରଖିଥିଲେ। ମନ୍ତ୍ରୀଙ୍କ ଉତ୍ତର ପରେ ମଧ ବିବାଦ ଥମୁ ନାହିଁ। କଂଗ୍ରେସ ପକ୍ଷରୁ ଶୁକ୍ରବାର ଖବରଦାତା ସମ୍ମିଳନୀ କରାଯାଇ ମନ୍ତ୍ରୀ ଏବଂ ସରକାରଙ୍କୁ ଟାର୍ଗେଟ କରାଯାଇଛି।

କଂଗ୍ରେସ ନେତା ସତ୍ୟପ୍ରକାଶ ନାୟକ କହିଛନ୍ତି, ସରକାରୀ ଅର୍ଥରେ ସମ୍ପର୍କୀୟ ମହିଳାଙ୍କୁ ଗସ୍ତରେ ନେବା ପ୍ରସଙ୍ଗରେ ବିରୋଧୀ ସଂପୃକ୍ତ ମନ୍ତ୍ରୀଙ୍କ ଉତ୍ତର ପାଇଁ ବିଧାନସଭାରେ ଦାବି କରିଥିଲେ। ହେଲେ ସମ୍ପୃକ୍ତ ମନ୍ତ୍ରୀ ଭୁବନେଶ୍ୱରରେ ଥାଇ ମଧ ଗୃହରେ ବିବୃତି ରଖିଲେ ନାହିଁ। ତାଙ୍କ ପରିବର୍ତ୍ତେ ବିକ୍ରମ କେଶରୀ ଆରୁଖ ଉତ୍ତର ରଖିଲେ। ଏଭଳି ଏକ ସଙ୍ଗିନ ଅଭିଯୋଗକୁ ମନ୍ତ୍ରୀ ଆରୁଖ ହାଲ୍‌କା ଭାବେ ନେଇ ଧାଡିକିଆ ସ୍ପଷ୍ଟୀକରଣ ରଖିବା ହାସ୍ୟାସ୍ପଦ। ସେହିପରି ଯେଉଁ ମନ୍ତ୍ରୀ ବିଧାନସଭା ଭଳି ପବିତ୍ର ଗୃହରେ ଉତ୍ତର ରଖିଲେ ସେ ମଧ ନିଜ ପତ୍ନୀଙ୍କ ନାମରେ ଇଚ୍ଛାଧୀନ କୋଟାରୁ ଏକାଧିକ ଘର ନେଇଥିଲେ। ଏଥିରେ ଧରାପଡ଼ିବା ପରେ ଲୋକଲଜ୍ଜାକୁ ଭୟ କରି ଘର ଫେରାଇଥିବା ସତ୍ୟପ୍ରକାଶ କହିଥିଲେ। ଖବରଦାତା ସମ୍ମିଳନୀରେ ସତ୍ୟପ୍ରକାଶ ବିଭିନ୍ନ କାଗଜପତ୍ର ଦେଖାଇ ସରକାରଙ୍କ ସ୍ପଷ୍ଟୀକରଣ ମିଥ୍ୟା ବୋଲି କହିଥିଲେ। ଭାଜପା ମଧ ଏହି ପ୍ରସଙ୍ଗରେ ମନ୍ତ୍ରୀଙ୍କୁ ସମାଲୋଚନା କରିଛି। ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ କହିଛନ୍ତି, ସଂସ୍କୃତି ମନ୍ତ୍ରୀ ଯେଉଁଳି ଦୁଇଜଣ ମହିଳାଙ୍କ ସହ ସରକାରୀ ଖର୍ଚ୍ଚରେ ହାଇଦ୍ରାବାଦ ଯିବା ପରେ ବିଧାନସଭାରେ ତାଙ୍କୁ ଶାସକ ଦଳ କ୍ଲିନଚିଟ୍ ଦେବା ଦୁର୍ଭାଗ୍ୟଜନକ। ମନ୍ତ୍ରୀଙ୍କ ସରକାରୀ ଅର୍ଥରେ ଦୁଇ ମହିଳା ଯିବାର ସମସ୍ତ ପ୍ରମାଣ ରହିଥିବା ବିଷ୍ଣୁ କହିଛନ୍ତି। ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ବିରୋଧୀ ଦଳ ଅଯଥା କଥାକୁ ପ୍ରସଙ୍ଗ କରୁଛି। କିଏ କାହା ସମ୍ପର୍କୀୟଙ୍କ ସହ କୁଆଡେ ଯିବେ, ସେ କଥା କ'ଣ ଭାଜପାକୁ ପଚାରିକି ଯିବେ। ବିଧାନସଭାରେ ଗସ୍ତ ଖର୍ଚ୍ଚ ସମ୍ପର୍କରେ ସରକାର ସ୍ପଷ୍ଟ କରିସାରିଛନ୍ତି। ତେଣୁ ଏହି ପ୍ରସଙ୍ଗରେ ଅଯଥା ରାଜନୀତି କରା ନ ଯାଉ।

## ଧରାପଡ଼ିଲେ ଆଉ ୯ ନକଲି ଶିକ୍ଷକ

**ବ୍ରହ୍ମପୁର ଅଫିସ, ୨୯।୧୧:** ନିଯୁକ୍ତି ବେଳେ ନକଲି ଶିକ୍ଷାଗତ ସାର୍ଟିଫିକେଟ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତାଲିକା ଗଞ୍ଜାମ ଜିଲାରେ ବଢ଼ିବାରେ ଲାଗିଛି। ପୂର୍ବରୁ ଏପରି ୭ ଶିକ୍ଷୟିତ୍ରୀ ଶିକ୍ଷକ ଧରାପଡ଼ିଥିବା ଶୁକ୍ରବାର ଆଉ ୯ ଜଣଙ୍କ ସାର୍ଟିଫିକେଟ ନକଲି ବୋଲି ଜଣାପଡ଼ିଛି।


**ଗଜପତି ଜିଲ୍ଲା କୃଷି ବିଭାଗ ତରଫରୁ କୃଷକମାନଙ୍କ ପାଇଁ ସୂଚନା**

**(କ୍ଷେତ ପୋଖରୀ ଖନନ ପାଇଁ ଆବେଦନ)**

ଏତଦ୍ୱାରା ଗଜପତି ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଗୋଚରାର୍ଥେ ଜଣାଇଦିଆଯାଉଛି କି, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଆଗ୍ରହୀ ଚାଷୀମାନଙ୍କ ଜମିରେ କ୍ଷେତ ପୋଖରୀ ଖନନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆଗ୍ରହୀ ଚାଷୀମାନେ ଉପଯୁକ୍ତ ଦରଖାସ୍ତ ଫର୍ମ ବିନା ମୂଲ୍ୟରେ ଆପଣମାନଙ୍କ ଅଞ୍ଚଳର କୃଷି କର୍ମଚାରୀ, ଉଦ୍ୟାନ କୃଷି କର୍ମଚାରୀ, ମୃତ୍ତିକା ସଂରକ୍ଷଣ କର୍ମଚାରୀମାନଙ୍କଠାରୁ ସଂଗ୍ରହ କରି ଆବେଦନ କରିପାରିବେ। ଉକ୍ତ କ୍ଷେତ ପୋଖରୀ ଆପଣଙ୍କ ଜମିର ଆକାର ଅନୁସାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS) ମାଧ୍ୟମରେ ବିନାମୂଲ୍ୟରେ ଖୋଳାଯିବାର ବନ୍ଦୋବସ୍ତ କରାଯାଇଅଛି।

**ବି.ଦ୍ର.- ଏ ସମ୍ବନ୍ଧରେ ସବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି, ମୃତ୍ତିକା ସଂରକ୍ଷଣ ଓ ଉଦ୍ୟାନ ବିଭାଗର କର୍ମକର୍ତ୍ତାଙ୍କ ସହିତ ଯୋଗାଯୋଗ କରନ୍ତୁ।**

ସ୍ୱା./- ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, (ଆତ୍ମା), ଗଜପତି

ସ୍ୱା./- ଜିଲ୍ଲାପାଳ ତଥା ଅଧକ୍ଷ (ଆତ୍ମା), ଗଜପତି

**PRESS NOTICE**
**NOTICE INVITING BIDS** — No. O-561
**Government of Odisha**
**Rural Development Department**
**O/o the Superintending Engineer, Rural Works Circle, Balasore**
**PRESS NOTICE (for inviting tenders)**
**NIB No.e-procurement notice no.2657, Date. 25.11.2019**

Superintending Engineer, R.W.Circle, Balasore on behalf of the employer invites online item rate Bids from eligible bidders for construction of road and CD works including Maintenance for five years of Rural Roads under Pradhan Mantri Gram Sadak Yojana (ADB Rural Connectivity Investment Program).

**Period of availability of tenders on-line:** **The details are as follows:**

| Procurement Officer | Bid Identification NO. | No. of Packages | Availability of Tender on-line for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, Rural Works, Circle, Balasore | ADB Assisted PMGSY On-line NCB No.263 | 1 | 29.11.2019 at 11.00 A.M | 12.12.2019 upto 11.00A.M |

**List of Packages under procurement officer, Superintending Engineer, R. W. Circle, Balasore (1 Package)**

| Sl. No. | Package No. | No. of Roads | No. of LSB | Length of roads in Km. |
|---|---|---|---|---|
| 1 | 2 | 3 | 4 | 5 |
| R.W. Division, Bhadrak (Dist-Bhadrak) | | | | |
| 1 | OR-04-ADB-24/TII (Balance work) | 1 | - | 3.30 |

Sd/- Superintending Engineer Rural Works Circle, Balasore

Detailed NIB and other details can be viewed on our website http://pmgsytenders.gov.in 25105/11/0012/1920

**ପଞ୍ଚାୟତ ସମିତି, ରେଢ଼ାଖୋଲ**

**ବିଜ୍ଞପ୍ତି**

ରେଢ଼ାଖୋଲ ବ୍ଲକ୍ ଅନ୍ତର୍ଗତ ସମସ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଏବଂ ବିଜୁ ପକ୍କାଘର (ସ୍ୱତନ୍ତ୍ର) ହିତାଧିକାରୀମାନଙ୍କୁ ଜଣାଇ ଦିଆଯାଉଛି କି, ପ୍ରଥମ କିସ୍ତି ପାଇବାର ୧୨୦ ଦିନ ମଧ୍ୟରେ ଗୃହ ସମ୍ପୂର୍ଣ୍ଣ କରନ୍ତୁ ଏବଂ ସରକାରଙ୍କ ତରଫରୁ ୨୦,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପାଇବାର ସୁଯୋଗ ନିଅନ୍ତୁ।

- ଆପଣଙ୍କ ଗୃହର ସମସ୍ତ ଝରକା କବାଟ ଲଗାନ୍ତୁ (ଅଗ୍ନି ନିରୋଧକ)।
- ଗୃହର ସମସ୍ତ କାନ୍ଥ ପଲସ୍ତରା ଏବଂ ଚଟାଣ ତିଆରି କରନ୍ତୁ।
- କବାଟ, ଝରକା ଏବଂ କାନ୍ଥଗୁଡ଼ିକ ଆକର୍ଷଣୀୟ ରଙ୍ଗ କରିବା ସହିତ ସୌନ୍ଦର୍ଯ୍ୟକରଣ କରି ଗୃହ ସମ୍ପୂର୍ଣ୍ଣ କରନ୍ତୁ।

ସୌଜନ୍ୟ:- ପଞ୍ଚାୟତ ସମିତି, ରେଢ଼ାଖୋଲ

**ଭବାନୀପାଟଣା ପୌର ପରିଷଦ, ଭବାନୀପାଟଣା**

ଧରିତ୍ରୀ ଦୈନିକ ଖବରକାଗଜର ସ୍ୱନକ୍ଷତ୍ର ଦିବସ, ୨୦୧୯ ଉପଲକ୍ଷେ ଭବାନୀପାଟଣା ପୌରପାଳିକା ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ପୌର ପରିଷଦର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛି। ଆସନ୍ତୁ ଏହି ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ, ଆବର୍ଜନାମୁକ୍ତ ଓ ପଲିଥିନମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଂକଳ୍ପ ନେବା।

**ନିବେଦନ:**

୧. ନିଜ ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ।
୨. ରାସ୍ତା ଉପରେ ଗୃହ ନିର୍ମାଣ ସାମଗ୍ରୀ ରଖି ସର୍ବସାଧାରଣ ରାସ୍ତାକୁ ଅବରୋଧ କରନ୍ତୁ ନାହିଁ।
୩. ରାସ୍ତା ଓ ନାଳରେ ଅଳିଆ ଆବର୍ଜନା ନ ପକାଇ ପୌର ପରିଷଦ ଦ୍ୱାରା ନିୟୋଜିତ ଗାଡ଼ିରେ ଦିଅନ୍ତୁ।
୪. ନିୟମିତ ଶୌଚାଳୟ ବ୍ୟବହାର କରି ସ୍ୱଚ୍ଛ ଭାରତ ମିଶନକୁ ସଫଳ କରନ୍ତୁ।
୫. ପୌର ପରିଷଦର ଦେୟ ଯଥା ସମୟରେ ପୈଠ କରନ୍ତୁ।

ନିର୍ବାହୀ ଅଧିକାରୀ
ପୌର ପରିଷଦ, ଭବାନୀପାଟଣା

**CLASSIFIED DISPLAY**

**TARIFF — MORE SPACE • SAME PRICE** — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ALL EDITION - B/W (Everyday)**

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165




!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କେଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କେଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi




ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, କୁଆ-ସଜ୍ଜା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।



ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଜ୍ଜା, କୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।



A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390




ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨୦ ଲକ୍ଷ/- ଭଡ଼ା - ୨୦ ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office
G-79, Adarsh Nagar, Karol Bagh
7082322494
7496805598

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲ୍‌ସର୍ ବାଇକ୍ (ମାସିକ 25,000 - 30,000ର ଅନ୍ୟାନ୍ୟ ସୁବିଧା)



atc4gnetwork@gmail.com
MOB - 9471965297




SESSION 2019-21
B.Ed.
Shirdi Sai College of Education
Markapur, Prakasam Dist.
NCTE Approved
Acharya Nagarjuna University
Equivalent to Govt. of Odisha
9885051696
9985646958

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR
OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କେଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ। ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି। ସୁଧ=1%
MOB - 9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ



ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

**COLOR DISPLAY CLASSIFIED** — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DSPL-169




# ODISHA The New Manufacturing Hub of India

**Odisha has emerged as the #1 investment destination in India, with 18% share of all investments nationally during April-September, 2019**

After the 7 phases of ground-breaking/inauguration and the successful organization of Make in Odisha Conclave 2018, Invest Odisha is pleased to announce...

## 8th Phase of Ground-breaking/Inauguration of 27 New Industrial Projects* spanning 10 Sectors across 11 districts

by

## Shri Naveen Patnaik

**Hon'ble Chief Minister**

**30th November 2019**

### Inauguration

OCL India Ltd, Sundergarh | Omjay EV, Jajpur | Pro-minerals, Keonjhar | Shree Cement Ltd., Cuttack | Suraj Products, Sundergarh

### Ground-breaking

Aditya Birla Renewable, Boudh | Agrasen Sponge Pvt. Ltd., Sundergarh | Anand Glass, Puri | Chemflo Industries (India) Pvt. Ltd, Khurdha | Deo Residency and Resorts Pvt. Ltd, Jajpur | Gopu Hill View Resort, Ganjam | Hindalco Industries Limited, Sambalpur | Highland Agro, Balasore | Inox Fab India Pvt. Ltd, Khurdha | Jayashree Enterprises, Balangir J.M Industries Unit–II, Balasore | Kalinga Alloys Pvt. Ltd, Jajpur | Kasturi Flour Mill, Khurdha | Om Oil and Flour Mills Ltd, Cuttack | Page Industries Ltd., Cuttack | Rashmi Enterprises, Balasore | RND Laboratories, Cuttack | Shoukeen Industries Ramdaspur Unit, Cuttack | Shree Sai Enterprises, Cuttack | Suguna Foods, Khurdha | Swosti Vacations Club Pvt. Ltd, Ganjam | Utkal Feeds Private Limited, Khurdha

***Investment of ₹8,939 crore with potential employment for 12,142**

14005/13/0012/1920

#Source: Center for Monitoring Indian Economy (CMIE)

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Invest Odisha Mobile app
Follow us on @investInOdisha /InvestOdisha

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩୦ ନଭେମ୍ବର, ୨୦୧୯



ଜାନୁୟାରୀ ୬ରେ ରିଲିଜ୍ ହେବାକୁ ଥିବା 'ହଙ୍ଗାମା-୨'ରେ ଅଭିନେତ୍ରୀ ଶିଳ୍ପା ସେଟ୍ଟିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ସେ ଭେଟେରାନ୍ ପରେଶ ରାୱଲଙ୍କ ବିପକ୍ଷରେ ଅଭିନୟ କରିବେ ବୋଲି ନିର୍ଦ୍ଦେଶକ ପ୍ରିୟଦର୍ଶନ ସୂଚନା ଦେଇଛନ୍ତି।



# ଛୁଟି ପାଇଁ ମିଛ

## ୫ରୁ ୨ଜଣ କରିଥାନ୍ତି ବାହାନା



**ନୂଆଦିଲ୍ଲୀ:** କାର୍ଯ୍ୟକ୍ଷେତ୍ରରେ ଛୁଟି ପାଇଁ ଅନେକେ କରିଥାନ୍ତି ବାହାନା। ଏହା ଭାରତ ଭଳି ଦେଶରେ ସାଧାରଣ କଥା। ହେଲେ ଏକଥା ଜାଣି ଆଶ୍ଚର୍ଯ୍ୟ ହେବେ ବିଶ୍ୱର ଅନ୍ୟତମ ବିକାଶିତ ରାଷ୍ଟ୍ର ବ୍ରିଟେନ ମଧ୍ୟ ଏଥିରୁ ବାଦ୍ ପଡ଼ିନି। ଏଠାକାର କର୍ମଚାରୀମାନେ ମାଲିକ (ବସ୍)ଙ୍କୁ ମିଛ କହି ଛୁଟି ନେଇଥାନ୍ତି। ସବୁଠାରୁ ବଡ଼ କଥା ଅଧିକାଂଶଙ୍କ ଛୁଟିର କାରଣ ସ୍ୱାସ୍ଥ୍ୟଗତ। ହାରାହାରି ୫ଜଣ କର୍ମଚାରୀଙ୍କ ଭିତରୁ ୨ଜଣ ଏପରି କରିଥାନ୍ତି। ଏକ ପ୍ରତିଷ୍ଠିତ ଖବର ସରବରାହ ସଂସ୍ଥା ପକ୍ଷରୁ କରାଯାଇଥିବା ସର୍ଭେରୁ ଏପରି ତଥ୍ୟ ପଦାକୁ ଆସିଛି।

କାର୍ଯ୍ୟକ୍ଷେତ୍ରରେ ନୈତିକତାକୁ ନେଇ କରାଯାଇଥିବା ସର୍ଭେରେ ଅଧିକାଂଶ କର୍ମଚାରୀ ସ୍ପଷ୍ଟ ମତ ରଖିଥିଲେ। ଛୁଟି ପାଇଁ ମିଛରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇବା, ଅଫିସରୁ ଚୋରି କରିବା, ଅନ୍ୟ ଲୋକର କାମ ପାଇଁ ନିଜେ ଶ୍ରେୟ ନେଉଥିବା ସେମାନେ ଦର୍ଶାଇଥିଲେ। ବ୍ରିଟେନର ଅଫିସ ଫର୍ ନ୍ୟାଶନାଲ ଷ୍ଟାଟିଷ୍ଟିକ୍ସର ତଥ୍ୟ ଅନୁଯାୟୀ, ଜଣେ କର୍ମଚାରୀ ବର୍ଷକୁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ହାରାହାରି ୪ଦିନ ଛୁଟି ନେଇଥାନ୍ତି। ୨୦୧୮ରେ କର୍ମଚାରୀମାନେ ଅଫିସ ନ ଆସିବାର ପ୍ରମୁଖ କାରଣ ସର୍ଦ୍ଦି, ଥଣ୍ଡା, ପିଠି ପୀଡ଼ା ଏବଂ ମାନସିକ ଅସୁସ୍ଥତା ବୋଲି ଦରଖାସ୍ତରେ ଉଲ୍ଲେଖ କରିଥିଲେ।

ସର୍ଭେରୁ ଆହୁରି ମଧ୍ୟ ଜଣାପଡ଼ିଛି, ସିନିୟରଙ୍କ ତୁଳନାରେ ଜୁନିୟର କର୍ମଚାରୀମାନେ ଅଧିକ ମିଛ କହିଥାନ୍ତି। ଏ କ୍ଷେତ୍ରରେ କନିଷ୍ଠମାନେ ସେମାନଙ୍କ ସହଯୋଗୀଙ୍କୁ ସର୍ବଦା ସହାୟତା କରିବାକୁ ପ୍ରସ୍ତୁତ ରହିଥାନ୍ତି। ମହିଳାଙ୍କ ତୁଳନାରେ ପୁରୁଷଙ୍କ ନିକଟରେ ଅନ୍ୟ ଜଣଙ୍କ କାମର ଶ୍ରେୟ ନେବା ପ୍ରବୃତ୍ତି ଦୁଇଗୁଣ। ସେହିପରି ୬୬% କର୍ମଚାରୀ ସେମାନଙ୍କ ସହକର୍ମୀ ଅସୁସ୍ଥ ନ ଥାଇ ଛୁଟିରେ ରହିଥିବା ଜାଣିଥିବା ସତ୍ତ୍ୱେ ଏହି ସୂଚନା ଲୁଚାଇଥାନ୍ତି। ସର୍ଭେରେ ସାମିଲ ହୋଇଥିବା ଏକ ତୃତୀୟାଂଶ ସଦସ୍ୟ କହିଥିଲେ, ସେମାନେ ଅଫିସରୁ ଷ୍ଟାପଲର, ନୋଟବୁକ୍ ଭଳି ଛୋଟ ଛୋଟ ଜିନିଷ ଚୋରି କରିଛନ୍ତି। କାର୍ଯ୍ୟାଳୟରେ ଯୌନ ଉତ୍ପୀଡ଼ନ ମାମଲାରେ ୩୪ବର୍ଷରୁ କମ୍ ବୟସର କର୍ମଚାରୀ ବୟସ୍କଙ୍କ ତୁଳନାରେ ଅଧିକ ପ୍ରତିକ୍ରିୟାଶୀଳ ହୋଇଥାନ୍ତି। ଯୌନ ଟିପ୍ପଣୀ ମାମଲାରେ ୭୦% ଯୁବ କର୍ମଚାରୀ ପୀଡ଼ିତାଙ୍କ ସହ ଛିଡ଼ା ହୋଇଥାନ୍ତି, ଯେଉଁଠି ୫୫ବର୍ଷରୁ ଊର୍ଦ୍ଧ୍ୱ ବୟସର କର୍ମଚାରୀମାନେ ଏପରି ଘଟଣାରୁ ନିଜକୁ ଦୂରେଇ ରଖିବାକୁ ପସନ୍ଦ କରିଥାନ୍ତି ଅଥବା ସହଯୋଗ ପାଇଁ ପଛଘୁଞ୍ଚା ଦେଇଥାନ୍ତି। ୧୬ବର୍ଷରୁ ଊର୍ଦ୍ଧ୍ୱ ୩୬୫୫ ଜଣ ବୟସ୍କ ଲୋକଙ୍କୁ ନେଇ ଏହି ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଛି।

ଏ ନେଇ ବ୍ୟବସାୟିକ ମନୋବିଜ୍ଞାନୀ ହେଲ୍ ଲୁଇସ୍ କୁହନ୍ତି, କାମରୁ ଫୁରସତ ପାଇଁ କର୍ମଚାରୀମାନେ ଛୁଟି ପାଇଁ ବେମାର ରହିବା ବାହାନା କରିଥାନ୍ତି। ମାଲିକଙ୍କ ଭଲ ଦୃଷ୍ଟିରେ ରହିବାକୁ ସେମାନେ ପ୍ରାଣପଣେ ଚେଷ୍ଟା କରିଥାନ୍ତି। ଏଥିପାଇଁ ଆବଶ୍ୟକ ପଡ଼ିଲେ ବସ୍ଙ୍କ ଖାଇବା ଟେବୁଲ ଆଖପାଖରେ ଉପସ୍ଥିତି ଜାହିର କରି ତାଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିଥାନ୍ତି।



# ଟୁଇଟରରେ ଭୂମିଙ୍କୁ ବିବାହ ପ୍ରସ୍ତାବ

**ମୁମ୍ବାଇ:** ଭୂମି ପାଡନେକର ଆଜିକାଲି ଖୁବ୍ ଚର୍ଚ୍ଚାରେ। ତାଙ୍କ ଭର୍ସାଟାଇଲ ଆକ୍ଟିଂ ସାଙ୍ଗକୁ ସିମ୍ପଲ୍ ଆଉ ଷ୍ଟାଇଲିଶ୍ ଲୁକ୍ ଫ୍ୟାନ୍‌ମାନଙ୍କୁ ଆକର୍ଷିତ କରୁଛି। ତେବେ ଭୂମି ଏବେ ନିଜ ଅପ୍‌କମିଂ ଫିଲ୍ମ 'ପତି, ପତ୍ନୀ ଔର ୱ'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏହା ପୂର୍ବରୁ ତାଙ୍କର ଦୁଇଟି ଫିଲ୍ମ 'ସୋନ୍‌ଚିଡିଆ' ଏବଂ 'ସାଣ୍ଡ୍ କି ଆଁଖ' ରିଲିଜ୍ ହୋଇଥିଲା। ଏହି ଦୁଇଟି ଫିଲ୍ମରେ ସେ ନନ୍-ଗ୍ଲାମରସ୍ ଲୁକ୍‌ରେ ନଜରକୁ ଆସିଥିଲେ। ହେଲେ 'ପତି, ପତ୍ନୀ ଔର ୱ' ଫିଲ୍ମରେ ସେ ଷ୍ଟାଇଲିଶ୍ ହାଉସ୍‌ୱାଇଫ୍ ଭୂମିକାରେ ନଜରକୁ ଆସିବେ। ଭୂମି ଗୋଟିଏ ପରେ ଗୋଟିଏ ଫିଲ୍ମ କରିଚାଲିଛନ୍ତି। ତାଙ୍କ ଅଭିନୟକୁ ମଧ୍ୟ ଖୁବ୍ ପ୍ରଶଂସା ମିଳିଚାଲିଛି। ହେଲେ ଏତେ ବ୍ୟସ୍ତତା ଭିତରେ ମଧ୍ୟ ସେ ସୋସିଆଲ ମିଡିଆରେ ଫ୍ୟାନ୍‌ମାନଙ୍କୁ ନିଜ ଅପ୍‌ଡେଟ୍ ଦେବାକୁ ଭୁଲନ୍ତି ନାହିଁ। ସେ ପ୍ରାୟତଃ ନିଜର ଗ୍ଲାମ୍ ଲୁକ୍ ସୋସିଆଲ ମିଡିଆରେ ଶେୟାର କରିଥାନ୍ତି। ଏହାରି ଭିତରେ ଟୁଇଟରରେ ଜଣେ ଫ୍ୟାନ୍ ତାଙ୍କୁ ବିବାହ ପ୍ରସ୍ତାବ ଦେଇଛନ୍ତି। ଏନେଇ ଭୂମିଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଫ୍ୟାନ୍ ଜଣକ ଲେଖିଛନ୍ତି, "ହାଲୋ ସୁନ୍ଦରୀ ମ୍ୟାଡାମ୍। ଆପଣଙ୍କ ଫଟୋ ନ ଦେଖି ମୁଁ ଗୋଟିଏ ଦିନ ମଧ୍ୟ ରହିପାରିବିନି। ଆପଣ ଖୁବ୍ ସୁନ୍ଦର। ହୁଏତ ଆପଣ ଜଣେ ସାଧାରଣ ଝିଅ ହୋଇଥାଇପାରନ୍ତି, କିନ୍ତୁ ଆପଣ ଜଣେ ବଡ଼ ସେଲିବ୍ରିଟି। ମୁଁ କେତେ ବି ଭଲ ପାଇଲେ ଆପଣ ଜଣେ ସାଧାରଣ ବ୍ୟକ୍ତିକୁ ବିବାହ କରିବା ସମ୍ଭବ ନୁହେଁ, ସେଥିପାଇଁ ଦୁଃଖ ଲାଗେ।"

ଟୁଇଟରରେ ଫ୍ୟାନ୍‌ଙ୍କ ନିକଟରୁ ଏଭଳି ବିବାହ ପ୍ରସ୍ତାବ ପାଇବା ପରେ ଭୂମି ମଧ୍ୟ ମଜାଦାର ଉତ୍ତର ଦେଇଛନ୍ତି। ସେ ଲେଖିଛନ୍ତି, ସେଲିବ୍ରିଟି ହୁଅନ୍ତୁ ବା ସାଧାରଣ ବ୍ୟକ୍ତି, ବାହାଘର ଚାନ୍ସ ଏବେ ବି କମ୍ ରହିଛି। କିନ୍ତୁ ଆପଣ ମୋତେ ମିସ୍ କରିବେ, ସେ କଥା ମୁଁ ହେବାକୁ ଦେବିନାହିଁ। ଯଥାସମ୍ଭବ ବଡ଼ ପରଦାରେ ମୁଁ ଆସୁଥିବି ବୋଲି ଭୂମି ଉତ୍ତର ଦେଇଛନ୍ତି। ଏହା ପରେ ଫ୍ୟାନ୍ ଜଣକ ପୁଣି ଭୂମିଙ୍କ ସୌନ୍ଦର୍ଯ୍ୟର ପ୍ରଶଂସା କରି ଜୀବନରେ ମରିବା ପୂର୍ବରୁ ଅନ୍ତତଃ ଥରେ ତାଙ୍କୁ ସାକ୍ଷାତ୍ କରିବାର ଇଚ୍ଛା ପ୍ରକାଶ କରିଛନ୍ତି। ଏହା ପରେ ଅନ୍ୟ ଫ୍ୟାନ୍‌ମାନେ ମଧ୍ୟ କମେଣ୍ଟ ଦେବା ଆରମ୍ଭ କରିଦେଇଛନ୍ତି। ଅନ୍ୟପକ୍ଷରେ ଭୂମି, କାର୍ତ୍ତିକ ଆର୍ଯ୍ୟନ ଏବଂ ଅନନ୍ୟା ପାଣ୍ଡେ ଅଭିନୀତ ଫିଲ୍ମ 'ପତି, ପତ୍ନୀ ଔର ୱ' ଡିସେମ୍ବର ୬ରେ ରିଲିଜ୍ ହେବ।

# ନିରାମିଷ ଖାଦ୍ୟକୁ ପ୍ରୋତ୍ସାହନ ମିଳୁ

## ମୋଦିଙ୍କୁ ଚିଠି ଲେଖିଲେ ପାମେଲା



**ନୂଆଦିଲ୍ଲୀ:** ବେୱାଚ୍ ଆଇକନ୍ ତଥା ବିଗ୍‌ବସ୍‌ର ପୂର୍ବତନ ଗେଷ୍ଟ ପାମେଲା ଆଣ୍ଡରସନ୍ ନିରାମିଷ ଖାଦ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି। ସମସ୍ତ ସରକାରୀ ବୈଠକ ଓ କାର୍ଯ୍ୟକ୍ରମରେ ନିରାମିଷ ଖାଦ୍ୟ ପରିବେଷଣ ପାଇଁ ସେ ପିପୁଲ୍ ଫର୍ ଏଥିକାଲ୍ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ୍ସ (ପେଟା) ତରଫରୁ ଅନୁରୋଧ କରିଛନ୍ତି। ଭାରତର ଜଳବାୟୁ ପରିବର୍ତ୍ତନ ନିରୋଧୀ ଲଢ଼େଇ ପାଇଁ ସୁସ୍ୱାଦୁ ବ୍ୟଞ୍ଜନ (ସମ୍ପୂର୍ଣ୍ଣ ଶାକାହାରୀ) ବିଶେଷ ସହାୟକ ହେବ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି। ମାଂସ, ଅଣ୍ଡା ଆଦି ପାଇଁ ପ୍ରାଣୀ ହତ୍ୟା ଏକ-ପଞ୍ଚମାଂଶ ମାନବକୃତ ସବୁଜଗୃହ ଉତ୍ସର୍ଜନ କରାଇଥାଏ। ତେଣୁ ନ୍ୟୁଜିଲାଣ୍ଡ, ଚାଇନା ଓ ଜର୍ମାନୀ ଭଳି ଭାରତରେ ମଧ୍ୟ ଶାକାହାରୀ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ପାଇଁ ୫୨ ବର୍ଷୀୟା ଅଭିନେତ୍ରୀ ତଥା ପେଟା ଡାଇରେକ୍ଟର ପାମେଲା ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ଇତିହାସର ଆଇନାରେ

# ନଭେମ୍ବର ୩୦ର ପ୍ରମୁଖ ଘଟଣା



୧୯୬୭ ନଭେମ୍ବର ୩୦ରେ ଜୁଲ୍‌ଫିକର ଅଲି ଭୁଟ୍ଟୋ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଗଠନ କରିଥିଲେ। ସେ ଏହି ରାଜନୈତିକ ଦଳର ପ୍ରଥମ ଅଧକ୍ଷ ହୋଇଥିଲେ। ୧୯୭୦ ନିର୍ବାଚନରେ ଏହି ଦଳ ପଶ୍ଚିମ ପାକିସ୍ତାନରେ ଅଧିକାଂଶ ଆସନରେ ବିଜୟୀ ହୋଇଥିଲା।



୧୯୮୮ ନଭେମ୍ବର ୩୦ରେ ସାମୁଦ୍ରିକ ଝଡ଼ରେ ବାଂଲାଦେଶ ଓ ପଶ୍ଚିମବଙ୍ଗରେ ୬୨୪୦ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୯ରେ ଏହା ବାଂଲାଦେଶ-ଭାରତ ସୀମାରେ ସ୍ଥଳଭାଗ ଛୁଇଁବା ସହ ଘଣ୍ଟାପ୍ରତି ୨୦୦ କିଲୋମିଟର ବେଗରେ ପବନ ବହିଥିଲା। ବାତ୍ୟା ଯୋଗୁ ପଶ୍ଚିମବଙ୍ଗରେ ୫୩୮ ଜଣ ଓ ବାଂଲାଦେଶରେ ୫୭୦୮ ଜଣ ପ୍ରାଣ ହରାଇଥିଲେ। ବାଂଲାଦେଶରେ ୭୦ ଭାଗ ଫସଲ ଉଜୁଡ଼ି ଯାଇଥିଲା।

# ହିମବାହ ତରଳାଇବ ଆମାଜନ ନିଆଁ

**ରିଓ ଡି ଜେନିରୋ:** ଚିରହରିତ୍ ଅରଣ୍ୟ ଆମାଜନରେ ଲାଗିଥିବା ନିଆଁ ଯୋଗୁ ହିମବାହ ତରଳିବା ବୃଦ୍ଧିପାଇବ ବୋଲି ଗବେଷକମାନେ ସତର୍କ କରାଇଦେଇଛନ୍ତି। ଦକ୍ଷିଣପଶ୍ଚିମ ଆମାଜନିଆ (ବ୍ରାଜିଲ, ପେରୁ ଓ ବଲିଭିଆରେ ଥିବା ଆମାଜନ)ରେ ଲାଗିଥିବା ନିଆଁ ଲିଭୁନାହିଁ। ଏଥିଯୋଗୁ ଆଣ୍ଡିଜ୍ ଓ ଦକ୍ଷିଣ ଆମେରିକାରେ ଥିବା ଉଷ୍ଣ ମଣ୍ଡଳୀୟ ହିମବାହଗୁଡ଼ିକ ଅଧିକରୁ ଅଧିକ ପରିମାଣରେ ତରଳିବ ବୋଲି ଏକ ଗବେଷଣାରୁ ସେମାନେ ଜାଣିବାକୁ ପାଇଛନ୍ତି।

ବ୍ରାଜିଲସ୍ଥିତ ରିଓ ଡି ଜେନିରୋ ଷ୍ଟେଟ୍ ୟୁନିଭର୍ସିଟିର ଗବେଷକ ନିଉଟନ୍ ଡି ମଗଲହାଏସ୍ ନେଟୋ ଓ ତାଙ୍କ ସହଯୋଗୀମାନେ ଆମାଜନ ଅବବାହିକାରେ ବାୟୋମାସ୍ ଜଳିବା ଫଳରେ ବଲିଭିଆର ଜୋଙ୍ଗୋ ହିମବାହ ଉପରେ ଏହାର ସମ୍ଭାବ୍ୟ କୁପ୍ରଭାବ ନେଇ ଏକ ମଡେଲ ପ୍ରସ୍ତୁତ କରିଥିଲେ। ଏଥିପାଇଁ ସେମାନେ ୨୦୦୦ରୁ ୨୦୧୬ ମଧ୍ୟରେ ଘଟିଥିବା ଅଗ୍ନିକାଣ୍ଡ, ଧୂମବଳୟ, ବର୍ଷା ଓ ହିମବାହ ତରଳିବା ସମ୍ପର୍କିତ ତଥ୍ୟକୁ ଉପଯୋଗ କରିଥିଲେ। ଜୈବବର୍ଜ୍ୟ ଜଳିବା ଫଳରେ ସେଥିରୁ ସୃଷ୍ଟ ବ୍ଲାକ୍ କାର୍ବନ ଭଳି ସୂକ୍ଷ୍ମକଣିକାଗୁଡ଼ିକ ପବନରେ ଉଡି ଉଷ୍ଣ ମଣ୍ଡଳୀୟ ଆଣ୍ଡିଆନ୍ ଗ୍ଲେସିୟରରେ ପହଞ୍ଚିଥାଏ। ଏହା ହିମବାହକୁ ଅଧିକ ମାତ୍ରାରେ ତରଳାଇଥାଏ ବୋଲି ସାଇଣ୍ଟିଫିକ୍ ରିପୋର୍ଟ ଜର୍ନାଲରେ ପ୍ରକାଶିତ ଅଧ୍ୟୟନରେ ଉଲ୍ଲେଖ କରାଯାଇଛି।



# ଜାମିନ ନ ଦେବାରୁ ମହିଳା ଜଜ୍‌ଙ୍କୁ ଧମକ

**ଥିରୁଭାନନ୍ତପୁରମ୍:** ଜଣେ ମାଜିଷ୍ଟ୍ରେଟ୍ ଏକ ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ଦେବାକୁ ମନା କରିବାରୁ ଓକିଲ ତାଙ୍କୁ ମାଡ଼ ମାରିବାର ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଜଜ୍‌ଙ୍କୁ ଧମକ ଦେବା ଅପରାଧରେ ୧୨ ଓକିଲଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଥିରୁଭାନନ୍ତପୁରମ୍‌ରେ ଜୁଡିସିଆଲ୍ ଫାଷ୍ଟକ୍ଲାସ୍ ମାଜିଷ୍ଟ୍ରେଟ୍ ଦୀପା ମୋହନ ନିଜ ଏଫ୍‌ଆଇଆରରେ ଉଲ୍ଲେଖ କରିଛନ୍ତି ଯେ, ଓକିଲମାନେ ତାଙ୍କୁ ଚ୍ୟାମ୍ବର ମଧ୍ୟରେ ବନ୍ଦ କରି 'ତୁମେ ଜଣେ ମହିଳା ହୋଇ ନ ଥିଲେ ଚ୍ୟାମ୍ବରରୁ ଘୋଷାଡ଼ି ବାହାରି କରିଥାନ୍ତୁ ଏବଂ ମାଡ଼ ମାରିଥାନ୍ତୁ' ବୋଲି ଧମକାଇଥିଲେ। ଏହାସହ ତୁମେ ବାହାରକୁ କେମିତି ବାହାରିବ ଆମେ ଦେଖିବୁ ବୋଲି ମଧ୍ୟ ଧମକ ଦେଇଥିଲେ। ଗତ ବୁଧବାର ରାଜ୍ୟ ସଡ଼କ ପରିବହନ ନିଗମର ଜଣେ ଗାଡ଼ିଚାଳକଙ୍କୁ ଜାମିନ ନ ଦେବାରୁ ଓକିଲମାନେ ଏପରି ଧମକ ଦେଇଥିବା ସେ ଉଲ୍ଲେଖ କରିଛନ୍ତି। କୌଣସି ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ କୋର୍ଟ ବନ୍ଦ ରହିବ ବୋଲି ଓକିଲମାନେ କୋର୍ଟ ପରିସରରେ ଉପସ୍ଥିତ ଲୋକମାନଙ୍କୁ ମଧ୍ୟ କୋର୍ଟ ଛାଡ଼ିବାକୁ କହି କୋର୍ଟ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ଜଜ୍ ଅଭିଯୋଗ କରିଛନ୍ତି। ଧମକ ଦେଇଥିବା ଓକିଲଙ୍କ ମଧ୍ୟରେ ବାର୍ ଆସୋସିଏସନ୍‌ର ଅଧ୍ୟକ୍ଷ ଏବଂ ସମ୍ପାଦକ ମଧ୍ୟ ସାମିଲ ଥିବା ସେ କହିଛନ୍ତି। ତେବେ ଏହି ମାମଲାରେ କେରଳ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଜଜ୍ ଓକିଲମାନଙ୍କ ବିରୋଧରେ ଏତଲା ଦେଇଛନ୍ତି।




## ବିରକ୍ତ କଲା ଟ୍ରାଫିକ ଜାମ୍

# ଘରେ ତିଆରି କଲେ ହେଲିକପ୍ଟର

**ଜାକର୍ତ୍ତା:** ବ୍ୟସ୍ତବହୁଳ ଜୀବନଶୈଳୀ ସାଙ୍ଗକୁ ଟ୍ରାଫିକ ସମସ୍ୟା ଲୋକଙ୍କୁ ଅଧିକ ବିରକ୍ତ କରିଥାଏ। କୌଣସି କାର୍ଯ୍ୟରେ ଘରୁ ବାହାରିଲେ ଅତି କମ୍‌ରେ ଅଧଘଣ୍ଟା ବା ଘଣ୍ଟାଏ ଅଧିକ ସମୟ ହାତରେ ରଖି ବାହାରିବାକୁ ପଡ଼େ। ଭାରତର ମୁମ୍ବାଇ, ଦିଲ୍ଲୀ ଓ ବାଙ୍ଗାଲୋର ଆଦି ବଡ଼ ସହର ଭଳି ଛୋଟ ଛୋଟ ସହରରେ ବି ଟ୍ରାଫିକ ସମସ୍ୟା ପାଇଁ ଲୋକେ ଅତିଷ୍ଠ ହୋଇପଡ଼ନ୍ତି। ବେଳେବେଳେ ଟ୍ରାଫିକ ଜାମ୍‌ରେ ଫସି ଥିବା ବେଳେ ଅନେକେ ଆକାଶରେ ଉଡ଼ି ଆଗକୁ ଚାଲିଯିବାକୁ ଇଚ୍ଛା କରନ୍ତି। କିନ୍ତୁ ସମସ୍ତେ ଏହି ଇଚ୍ଛା ପୂରଣ କରିପାରୁ ନ ଥିବା ବେଳେ ଇଣ୍ଡୋନେସିଆର ଜୁଜୁନ୍ ଜୁନେଦୀ ନାମକ ଜଣେ ବ୍ୟକ୍ତି ଏହାକୁ ସତରେ ପରିଣତ କରିଛନ୍ତି। ଜାକର୍ତ୍ତାଠାରୁ ପ୍ରାୟ ୧୦୦ କିମି ଦୂରରେ ଜୁଜୁନ୍‌ଙ୍କ ଘର। ଟ୍ରାଫିକ୍ ଜାମ୍‌ରେ ବାରମ୍ବାର ଫସି ଅତିଷ୍ଠହେବା ପରେ ଜୁଜୁନ୍ ନିଜ ଘର ପଛ ପଟ ବାଡ଼ିରେ ଏକ ହେଲିକପ୍ଟର ତିଆରି କରିଛନ୍ତି। ଇଣ୍ଟରନେଟ୍‌ରେ ଭିଡିଓ ଦେଖି ସେ ଏହାକୁ ତିଆରି କରିବାରେ ସଫଳ ହୋଇଛନ୍ତି। ଏଥିପାଇଁ ତାଙ୍କୁ ୧,୫୦,୪୧୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ଏ ସମ୍ପର୍କରେ ଜୁଜୁନ୍ କୁହନ୍ତି, ଟ୍ରାଫିକ୍ ଜାମ୍‌ରେ ବାରମ୍ବାର ଫସିବା ପରେ ନିଜେ ହେଲିକପ୍ଟର ତିଆରି କରିବେ ବୋଲି ଭାବିଥିଲେ। ଏହାକୁ ତିଆରି କରିବାରେ ଜୁଜୁନ୍‌ଙ୍କ ପୁଅ ଓ ପଡୋଶୀ ତାଙ୍କୁ ସହଯୋଗ କରିଥିଲେ। ୨୬ ଫୁଟ୍‌ର ଏହି ହେଲିକପ୍ଟର ତିଆରି କରିବା ପାଇଁ ୧୮ ମାସ ସମୟ ଲାଗିଥିଲା। ଜୁଜୁନ୍‌ଙ୍କ ହେଲିକାପ୍ଟର ପେଟ୍ରୋଲ ସାହାଯ୍ୟରେ ଉଡ଼ିବ। ଏହା ଥରେ ଆକାଶରେ ଉଡ଼ିଗଲା ପରେ ମନକୁ ଶାନ୍ତି ଆସିବ ବୋଲି ଜୁଜୁନ୍ କହିଛନ୍ତି।





ମୋତେ ୮୪ କି ୮୫ ବର୍ଷ ହେଉଛି। ମୁଁ ସୁସ୍ଥ ଅଛି। ମୋ ଉତ୍ତରାଧିକାରୀ ଚୟନ ପାଇଁ ଏତେ ତରବର କାହିଁକି?
- ଦଲାଇ ଲାମା, ତିବ୍ବତୀୟ ଧର୍ମଗୁରୁ



# ଉଦ୍ଧବଙ୍କ ଶକ୍ତିପରୀକ୍ଷା ଆଜି

ମୁମ୍ବାଇ,୨୯।୧୧(ପି.ଟି.)

ଉଦ୍ଧବ ଠାକ୍ରେଙ୍କ ନେତୃତ୍ୱାଧୀନ ମହା ବିକାଶ ଅଘାଡି ସରକାର ଶନିବାର ମହାରାଷ୍ଟ୍ର ବିଧାନସଭାରେ ଆସ୍ଥାଭୋଟ ଲୋଡ଼ିପାରନ୍ତି। ଏହା ପୂର୍ବରୁ କାମଚଳା ବାଚସ୍ପତି (ପ୍ରୋଟେମ୍ ସ୍ପିକର) ଭାବେ ଏନ୍‌ସିପିର ବରିଷ୍ଠ ନେତା ଦିଲୀପ ୱାଲ୍‌ସେ ପାଟିଲଙ୍କୁ ନିଯୁକ୍ତି ଦିଆଯାଇଛି। ଡିସେମ୍ବର ୩ ସୁଦ୍ଧା ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ମୁଖ୍ୟମନ୍ତ୍ରୀ ଉଦ୍ଧବଙ୍କୁ ପରାମର୍ଶ ଦେଇଥିଲେ। ଶନିବାର ଆସ୍ଥାଭୋଟ ହେବା ସମ୍ଭାବନା ରହିଛି ବୋଲି ବିଧାନ ଭବନ ସୂତ୍ରରୁ କୁହାଯାଇଛି। ନବନିର୍ବାଚିତ ବିଧାୟକମାନଙ୍କୁ ଶପଥ ପାଠ କରାଇବା ଲାଗି ଭାଜପା ବିଧାୟକ କାଳିଦାସ କୋଲମ୍ବକରଙ୍କୁ କାମଚଳା ବାଚସ୍ପତି ନିଯୁକ୍ତ କରାଯାଇଥିଲା। ତାଙ୍କ ସ୍ଥାନରେ ଆମ୍ବେଗାଓଁ ବିଧାୟକ ପାଟିଲଙ୍କୁ ନିଯୁକ୍ତି ଦିଆଯାଇଛି।

ଗୁରୁବାର ସନ୍ଧ୍ୟାରେ ଶିବସେନା ଅଧ୍ୟକ୍ଷ ଉଦ୍ଧବ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ପ୍ରଥମ କ୍ୟାବିନେଟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଉଦ୍ଧବଙ୍କ ବ୍ୟତୀତ ୬ ଜଣ ମନ୍ତ୍ରୀ ଗୁରୁବାର ଶପଥ ନେଇଥିଲେ। ଆସ୍ଥାଭୋଟ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବ ବୋଲି ଜଣାପଡ଼ିଛି। ଶୁକ୍ରବାର ଅପରାହ୍ନରେ ଉଦ୍ଧବ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଅପରାହ୍ନ ୨ଟାରେ ସେ ସଚିବାଳୟର ଷଷ୍ଠ ମହଲାରେ ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉକ୍ତ କାର୍ଯ୍ୟାଳୟ ବାହାରେ ଥିବା ନାମଫଳକ ବଦଳାଯାଇ ଉଦ୍ଧବ ବାଲାସାହେବ ଠାକ୍ରେ ଲେଖାଥିବା ଫଳକ ଲଗାଯାଇଥିଲା। ସଚିବାଳୟରେ ପହଞ୍ଚି ଉଦ୍ଧବ ପ୍ରଥମେ ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ଉଦ୍ଧବ ଆରେ କଲୋନିରେ ମେଟ୍ରୋ କାର ସେଡ୍ ପ୍ରକଳ୍ପ ନିର୍ମାଣକୁ ସ୍ଥଗିତ ରଖିବା ଲାଗି ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ସେଠାରେ ବ୍ୟାପକ ଗଛକଟାକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକାଶ ନାମରେ ଏତେସଂଖ୍ୟାରେ ଗଛକଟାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ଉଦ୍ଧବ କହିଛନ୍ତି। ଆରେ କଲୋନି ଗଛକଟାକୁ ଶିବସେନା ପକ୍ଷରୁ ବିରୋଧ କରାଯାଇଥିଲା।



ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍ରେ ଦାୟିତ୍ୱ ଗ୍ରହଣ କରିବା ଲାଗି ସଚିବାଳୟକୁ ଯାଉଛନ୍ତି।

- ଆନୁଷ୍ଠାନିକ ଭାବେ ଦାୟିତ୍ୱ ନେଲେ ଉଦ୍ଧବ
- ଆରେ କାର୍ ସେଡ୍ ପ୍ରକଳ୍ପ ସ୍ଥଗିତ
- ଦିଲୀପ ପାଟିଲ କାମଚଳା ବାଚସ୍ପତି

## ମୋଦି-ଉଦ୍ଧବ ଭାଇ-ଭାଇ

**ମୁମ୍ବାଇ,୨୯।୧୧(ଆଇଏଏନ୍‌ଏସ୍):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍ରେ ପରସ୍ପରର ଭାଇ ଭଳି ବୋଲି ଶିବସେନା ପକ୍ଷରୁ କୁହାଯାଇଛି। ମହାରାଷ୍ଟ୍ର ରାଜନୀତିରେ ଭାଜପା ଏବଂ ଶିବସେନା ପରସ୍ପରଠାରୁ ଦୂରେଇ ଯାଇଥିଲେ ମଧ୍ୟ ମୋଦି-ଉଦ୍ଧବଙ୍କ ସମ୍ପର୍କ ଭାଇ ଭଳି ବୋଲି ଦଳୀୟ ମୁଖପତ୍ର 'ସାମନା'ରେ କୁହାଯାଇଛି। ପ୍ରଧାନମନ୍ତ୍ରୀ କୌଣସି ନିର୍ଦ୍ଦିଷ୍ଟ ଦଳର ନୁହନ୍ତି, ସେ ସାରା ଦେଶର। ତେଣୁ ଭିନ୍ନ ନୀତି ଆଦର୍ଶର ରାଜ୍ୟ ସରକାରଙ୍କ ସହ କେନ୍ଦ୍ରର ମତପାର୍ଥକ୍ୟ ରହିବା ଉଚିତ ନୁହେଁ। ପ୍ରଧାନମନ୍ତ୍ରୀ ତାଙ୍କ ସାନଭାଇ ଉଦ୍ଧବଙ୍କୁ ନିଶ୍ଚୟ ସହଯୋଗ କରିବେ ବୋଲି ଏଥିରେ କୁହାଯାଇଛି।

## ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ବିରୋଧରେ ପିଟିଶନ ଖାରଜ

ନୂଆଦିଲ୍ଲୀ,୨୯।୧୧(ପି.ଟି.): ମହାରାଷ୍ଟ୍ରରେ ସରକାର ଗଠନ ପାଇଁ ଶିବସେନା, ଏନ୍‌ସିପି ଏବଂ କଂଗ୍ରେସ ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗଠନ କରିଥିବାରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଏହାକୁ ଖାରଜ କରିଦେଇଛନ୍ତି। ରାଜନୀତିର ନୈତିକତାଠାରୁ ସଂସଦୀୟ ନୈତିକତା ଭିନ୍ନ ବୋଲି ଜଷ୍ଟିସ୍ ଏନ.ଭି. ରମାନ୍ନା, ଅଶୋକ ଭୂଷଣ ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମତ ଦେଇଛନ୍ତି। ଗଣତନ୍ତ୍ରରେ ଅନ୍ୟ ଦଳ ସହ ମେଣ୍ଟ କରିବା ଲାଗି କୌଣସି ରାଜନୈତିକ ଦଳର ଅଧିକାର ଉପରେ କଟକଣା ଜାରି କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ନିର୍ବାଚନ ପରବର୍ତ୍ତୀ ମେଣ୍ଟ ସମ୍ପର୍କରେ ଜନସାଧାରଣ ବିଚାର କରିବେ, କୋର୍ଟ ନୁହେଁ ବୋଲି ଖଣ୍ଡପୀଠ ଆବେଦନକାରୀଙ୍କୁ ଜଣାଇ ଦେଇଛନ୍ତି। ଅଖିଳ ଭାରତ ହିନ୍ଦୁ ମହାସଭାର ପ୍ରମୋଦ ପଣ୍ଡିତ ଜୋଷୀ ଏହି ପିଟିଶନ ଦାଏର କରିଥିଲେ।

# ଝାଡ଼ଖଣ୍ଡ ୧ମ ପର୍ଯ୍ୟାୟ ଭୋଟ ଆଜି

## ପ୍ରତିଦ୍ୱନ୍ଦ୍ୱିତାରେ ମନ୍ତ୍ରୀ, ପିସିସି ସଭାପତି

ରାଞ୍ଚି,୨୯।୧୧(ପି.ଟି.)

ଝାଡ଼ଖଣ୍ଡ ବିଧାନସଭା ଲାଗି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶନିବାର ଅନୁଷ୍ଠିତ ହେଉଛି। ଏହି ପର୍ଯ୍ୟାୟରେ ୬ଟି ଜିଲ୍ଲାର ୧୩ ଆସନରେ ଭୋଟଗ୍ରହଣ ହୋଇ ୧୮୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରାଯିବ। ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ରାମଚନ୍ଦ୍ର ଚନ୍ଦ୍ରବଂଶୀ ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ରାମେଶ୍ୱର ଓରାଓଁ ଅଛନ୍ତି। ୧୮ ଲକ୍ଷ ମହିଳାଙ୍କ ସମେତ ମୋଟ ୩୭ ଲକ୍ଷ ୮୩ ହଜାର ୫୫ ଭୋଟର ଏହି ପର୍ଯ୍ୟାୟରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଭୋଟଗ୍ରହଣ ହେବାକୁ ଥିବା ଆସନଗୁଡ଼ିକ ହେଲା ଛତ୍ରା, ଗୁମ୍‌ଲା, ବିଷ୍ଣୁନ୍‌ପୁର, ଲୋହାରଡାଗା, ମାନିକ, ଲାଟେହାର, ପାଙ୍କି, ଡାଲ୍‌ଟନଗଞ୍ଜ, ବିଶ୍ରାମପୁର, ଛତରପୁର, ହୁସେନାବାଦ୍, ଗରୱା ଏବଂ ଭୱନାଥପୁର। ୩୯୦୬ ବୁଥରେ ଭୋଟଗ୍ରହଣ କରାଯିବ ଯେଉଁଥିରୁ ୯୮୯ଟିରେ ୱେବ୍‌କାଷ୍ଟିଂ ସୁବିଧା ରହିଛି। ଆଇନଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୋଲିଂ କର୍ମଚାରୀମାନଙ୍କୁ ହେଲିକପ୍ଟର ଯୋଗେ ଉପାନ୍ତ ଅଞ୍ଚଳକୁ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଭାଜପା ୧୨ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ହୁସେନାବାଦ୍‌ରେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ ଦେଇଛି। ବିରୋଧୀ ଜେଏମ୍‌ଏମ୍, କଂଗ୍ରେସ ଏବଂ ଆର୍‌ଜେଡି ଯଥାକ୍ରମେ ୪, ୬ ଏବଂ ୩ ଆସନରେ ଲଢୁଛନ୍ତି। ସକାଳ ୭ରୁ ଭୋଟଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହେବ।

**OFFICE OF THE EXECUTIVE ENGINEER RWS&S DIVISION, BALANGIR**

**Email: eerwss_blg@nic.in**
**3rd Corrigendum for "e" Procurement Notice**
**Bid Identification No. RWSS/11 /2019-2020**

**No.O-565:-** The corrigendum has been made to the e-procurement notice Identification Bid Identification No. RWSS/11 /2019-2020 and Letter No. 2289 Dated 30.09.2019 as per following amendment.

- Bid document will be available in the website on dt. 18.12.2019 at 10.00 A.M to 06.01.2020 till 5.00 P.M instead of 28.11.2019 at 10.00 A.M to 13.12.2019 till 5.00 P.M respectively.
- The date of opening of Bid document is on dt. 08.01.2020 at 11.00 A.M onwards instead of dt. 16.12.2019.

All other terms and conditions of Bid documents remains unaltered.

Further details can be seen from the e-procurement portal **http://tenderodisha.gov.in**.

**Sd./- Executive Engineer, RWS&S Division, Balangir**
**25033/11/0011/1920**

# ଇଲେକ୍ଟୋରାଲ ବଣ୍ଡ୍ ଉପରେ ରହିତାଦେଶ ଲାଗି ଆବେଦନ

ନୂଆଦିଲ୍ଲୀ,୨୯।୧୧(ଆଇଏଏନ୍‌ଏସ୍): ଇଲେକ୍ଟୋରାଲ ବଣ୍ଡ ଯୋଜନା ଉପରେ ରହିତାଦେଶ ଲାଗି ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ (ଏଡିଆର୍) ପକ୍ଷରୁ ଶୁକ୍ରବାର ସୁପ୍ରିମକୋର୍ଟରେ ଆବେଦନ କରାଯାଇଛି। ଏଡିଆର୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏହି ଆବେଦନ କରିଛନ୍ତି। ୨୦୧୮ ଜାନୁୟାରୀ ୨ରେ କେନ୍ଦ୍ର ସରକାର ଇଲେକ୍ଟୋରାଲ ବଣ୍ଡ ଯୋଜନା ବିଜ୍ଞପ୍ତି ପ୍ରକାଶ କରିଥିଲେ। ରାଜନୈତିକ ଦଳଗୁଡିକୁ କର୍ପୋରେଟ ଚାନ୍ଦା ପାଇଁ ଏହି ବଣ୍ଡ୍ ଦ୍ୱାର ଖୋଲିଦେଇଛି। ଅବଧି ସରିଯାଇଥିବା ଇଲେକ୍ଟୋରାଲ ବଣ୍ଡକୁ ଗ୍ରହଣ କରିବା ଲାଗି ସରକାର ବ୍ୟାଙ୍କକୁ କହୁଛନ୍ତି। ଏହି ବଣ୍ଡ ମାଧ୍ୟମରେ ଚାନ୍ଦା ସଂଗ୍ରହରେ କୌଣସି ଅଙ୍କୁଶ ରହୁନାହିଁ। ତେଣୁ ଏହା ଉପରେ ରହିତାଦେଶ ଜରୁରୀ ବୋଲି ଆବେଦନରେ ଦର୍ଶାଯାଇଛି।

# ନୂଆ ରୋଷ୍ଟର୍ ଜାରି କଲେ ସୁପ୍ରିମକୋର୍ଟ

## ସିଜେଆଇ, ୩ ବରିଷ୍ଠତମ ବିଚାରପତିଙ୍କୁ ପିଆଇଏଲ୍ ଦାୟିତ୍ୱ

ନୂଆଦିଲ୍ଲୀ,୨୯।୧୧(ପି.ଟି.)



ସୁପ୍ରିମକୋର୍ଟ ଏକ ନୂଆ ରୋଷ୍ଟର୍ ଜାରି କରିଛନ୍ତି। ଏଣିକି ଜନସ୍ୱାର୍ଥ ମାମଲା (ପିଆଇଏଲ୍)ଗୁଡ଼ିକର ଶୁଣାଣି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେଙ୍କ ସହ ଅନ୍ୟ ୩ ବରିଷ୍ଠତମ ବିଚାରପତି କରିବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

ସୁପ୍ରିମକୋର୍ଟ ବିଚାରପତିମାନଙ୍କ କାର୍ଯ୍ୟ ବଣ୍ଟନ ପାଇଁ ଉଦ୍ଦିଷ୍ଟ ନୂଆ ରୋଷ୍ଟର ନଭେମ୍ବର ୨୬ରୁ ଲାଗୁ ହୋଇଛି। ସିଜେଆଇ ବୋବ୍‌ଡେଙ୍କ ସହ ଏନ୍.ଭି. ରମାନ୍ନା, ଅରୁଣ ମିଶ୍ର ଏବଂ ଆର୍.ଏଫ୍ ନରିମାନ୍ ପିଆଇଏଲ୍ ଏବଂ ଲେଟର୍ ପିଟିଶନଗୁଡ଼ିକର ଶୁଣାଣି କରିବେ। ଏହି ରୋଷ୍ଟର୍ ପୂର୍ବ ତୁଳନାରେ ସାମାନ୍ୟ ଭିନ୍ନ। ପୂର୍ବତନ ସିଜେଆଇ ରଞ୍ଜନ ଗୋଗୋଇ ପିଆଇଏଲ୍ ବିଷୟଗୁଡ଼ିକୁ ନିଜ ସହ ଶୀର୍ଷ ୫ ବିଚାରପତିଙ୍କୁ ଦେଇଥିଲେ। ସିଜେଆଇ ବୋବ୍‌ଡେ ପିଆଇଏଲ୍ ସହ ଅବମାନନା, ନିର୍ବାଚନ, ହେବିୟସ୍ କର୍ପସ୍, ସାମାଜିକ ନ୍ୟାୟ, ପ୍ରତ୍ୟକ୍ଷ ଓ ପରୋକ୍ଷ କର ମାମଲା ଆଦି ନିଜ ପାଖରେ ରଖିଛନ୍ତି। ସେହିପରି ଆପରାଧିକ ମାମଲା ଓ ତଦନ୍ତ କମିଶନ, କମ୍ପାନୀ ଆଇନ, ମନୋପଲିଷ୍ଟିକ୍ ଆଣ୍ଡ ରେଷ୍ଟ୍ରିକ୍ଟିଭ୍ ଟ୍ରେଡ୍ ପ୍ରାକ୍ଟିସ୍, ଭାରତର ଟେଲିକମ୍ ନିୟନ୍ତ୍ରକ କର୍ତ୍ତୃପକ୍ଷ, ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ ଏବଂ ରିଜର୍ଭ ବ୍ୟାଙ୍କ ସଂକ୍ରାନ୍ତ ମାମଲାଗୁଡ଼ିର ଶୁଣାଣି କରିବେ।

ନୂଆ ରୋଷ୍ଟର୍ ଅନୁସାରେ ଜଷ୍ଟିସ୍ ରମାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସଶସ୍ତ୍ର ବଳ, ଅର୍ଦ୍ଧସାମରିକ ବାହିନୀ, କ୍ଷତିପୂରଣ, ଆପରାଧିକ ଓ ସାଧାରଣ ଦେୱାନି ପ୍ରସଙ୍ଗ, ନ୍ୟାୟିକ ଅଧିକାରୀଙ୍କ ସମସ୍ୟା, ସୁପ୍ରିମକୋର୍ଟ କର୍ମଚାରୀ, ହାଇକୋର୍ଟ, ଜିଲ୍ଲା କୋର୍ଟ ଓ ଟ୍ରିବ୍ୟୁନାଲ ସମ୍ପର୍କିତ ମାମଲାଗୁଡ଼ିକର ବିଚାର କରିବେ। ସେହିପରି ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଖଣ୍ଡପୀଠ ଭୂମି ଅଧିଗ୍ରହଣ, ଅଧିଯାଚନା, ମେଡିକାଲ କଲେଜଗୁଡ଼ିକରେ ଆଡ୍‌ମିଶନ ପାଇଁ ସଂରକ୍ଷଣ ଆଦି ପ୍ରସଙ୍ଗ ବୁଝିବେ। ଜଷ୍ଟିସ୍ ଆର୍.ଏଫ୍. ନରିମାନ୍ ପିଆଇଏଲ୍ ସହ ଫାମିଲି ଆଇନ ସମ୍ପର୍କିତ ମାମଲା, ସରକାର ଓ ସ୍ୱାୟତ୍ତ ସଂସ୍ଥାଗୁଡ଼ିକ ପକ୍ଷରୁ ଦିଆଯାଉଥିବା ଲିଜ୍ ଓ କଣ୍ଟ୍ରାକ୍ଟ ପ୍ରସଙ୍ଗରେ ଶୁଣାଣି କରିବେ। ଜଷ୍ଟିସ୍ ଆର୍. ବାନୁମତୀଙ୍କ ଖଣ୍ଡପୀଠ ଶ୍ରମ, ଭଡ଼ା ଆଇନ, ଜମି ଆଇନ, ଚାଷଜମିର ସ୍ୱତ୍ୱ ଆଦି ପ୍ରସଙ୍ଗରେ ଦାଏର ପିଟିଶନର ଶୁଣାଣି କରିବେ। ସେହିପରି ସୁପ୍ରିମକୋର୍ଟ କଲେଜିୟମ୍‌ରେ ସିଜେଆଇଙ୍କ ସହ ଜଷ୍ଟିସ୍ ରମାନ୍ନା, ମିଶ୍ର, ନରିମାନ୍ ଓ ବାନୁମତୀ ରହିଛନ୍ତି।

**ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ**
(ଭାରତ ସରକାରଙ୍କ ଉପକ୍ରମ)
ସହାୟକ ଉତ୍ପାଦନ କେନ୍ଦ୍ର
ଏସ ୩/୬୬, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଭୁବନେଶ୍ୱର - ୭୫୧୦୧୦

ତ୍ରୁଟି ମାର୍ଜନା – ତା ୨୯.୧୧.୧୯ 'ସମାଜ' (ପୃଷ୍ଠା – ୧୩) ଓ 'ଧରିତ୍ରୀ' (ପୃଷ୍ଠା – ୦୯) ରେ ପ୍ରକାଶିତ ହୋଇଥିବା ବିଜ୍ଞାପନକୁ ନିମ୍ନଲିଖିତ ଅନୁସାରେ ପଢିବାକୁ ଅନୁରୋଧ।

ଆବଶ୍ୟକ ସୂଚନା

ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ (ଆଲିମ୍‌କୋ) ଦ୍ୱାରା ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ଅଧିକାରିତା ମନ୍ତ୍ରଣାଳୟ ଏବଂ ଜିଲ୍ଲା ପ୍ରଶାସନ ଖୋର୍ଦ୍ଧାଙ୍କ ମିଳିତ ସହଯୋଗରେ "ADIP" ଯୋଜନା ଅନ୍ତର୍ଗତ ତିନି ଚକିଆ ସାଇକେଲ, ହ୍ୱିଲ୍ ଚେୟାର, ସିପି ଚେୟାର, ଆଶାବାଡି, ଶ୍ରବଣ ଯନ୍ତ୍ର ଇତ୍ୟାଦି ଉପକରଣ ପାଇଁ ନିମ୍ନଲିଖିତ ସ୍ଥାନରେ **ପରୀକ୍ଷଣ ଶିବିରର** ଆୟୋଜନ କରାଯାଉଅଛି।

| ତାରିଖ | ସ୍ଥାନ | ସମୟ |
|---|---|---|
| ୩୦.୧୧.୧୯ | ଚନ୍ଦ୍ରଶେଖର ପୁର କଲ୍ୟାଣ ମଣ୍ଡପ, ଭୁବନେଶ୍ୱର | ପୂର୍ବାହ୍ନ ୯.୩୦ ଠାରୁ ସନ୍ଧ୍ୟା ୪.୦୦ ପର୍ଯ୍ୟନ୍ତ |
| ୦୨.୧୨.୧୯ | ଡେ କେୟାର ସେଣ୍ଟର, ରେଣ୍ଟାଲ କଲୋନୀ, ଭୁବନେଶ୍ୱର | |
| ୦୪.୧୨.୧୯ | ଶହିଦ ନଗର କଲ୍ୟାଣ ମଣ୍ଡପ, ଭୁବନେଶ୍ୱର | |

ଭିନ୍ନକ୍ଷମ ବ୍ୟକ୍ତିମାନେ ନିମ୍ନଲିଖିତ ନଥିପତ୍ର ଗୁଡିକୁ ସାଥିରେ ଆଣିବା ଉଚିତ।
୧. ଭିନ୍ନକ୍ଷମ ପ୍ରମାଣ ପତ୍ର (୪୦% କିମ୍ବା ତାଠାରୁ ଅଧିକ)
୨. ରାସନ କାର୍ଡ/ରାଜସ୍ୱ ଅଧିକାରୀଙ୍କଠାରୁ ମାସିକ ଆୟ ପ୍ରମାଣ ପତ୍ର।
୩. ଠିକଣା ପ୍ରମାଣ ପତ୍ର (ଭିନ୍ନକ୍ଷମ ଭତ୍ତା ପ୍ରମାଣ ପତ୍ର /ଭୋଟରକାର୍ଡ/ଆଧାରକାର୍ଡ/ବାସସ୍ଥାନ ପ୍ରମାଣ ପତ୍ର)
୪. ଭିନ୍ନକ୍ଷମ ଦେଖାଯାଉଥିବା ୨ ଗୋଟି ପୂର୍ଣ୍ଣ ଫଟୋ (ପାଦ ଠାରୁ ମୁଣ୍ଡ ପର୍ଯ୍ୟନ୍ତ)।
ଗତ ତିନିବର୍ଷ ମଧ୍ୟରେ ଏହି ଭଳି କୌଣସି ଉପକରଣ ପାଇନଥିବା ଦରକାର।
ଫୋନ୍ ନଂ – ୦୬୭୪ ୨୫୮୬୮୮୧
ମୋବାଇଲ୍ ନଂ – ୯୮୬୧୪୭୬୭୪୮/୯୯୦୨୧୨୨୫୪୮

(ବି.ଦ୍ର : ସହାୟକ ଉପକରଣ ମାଗଣାରେ ବଣ୍ଟନ ପାଇଁ ଧାର୍ଯ୍ୟ ତାରିଖ ଏବଂ ସ୍ଥାନ ପରେ ଜଣାଇ ଦିଆଯିବ)

ଡେପୁଟି ମ୍ୟାନେଜର

**ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅଧୀନରେ ସ୍ଥାପିତ)

କର୍ମନିଯୁକ୍ତି ସୂଚନା ସଂ.୦୦୬/୨୦୧୯, ତାରିଖ: ୨୮।୧୧।୨୦୧୯

ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବିଭିନ୍ନ ଶୃଙ୍ଖଳାରେ **ପ୍ରଫେସର ଓ ଆସୋସିଏଟ୍ ପ୍ରଫେସର** ପଦବୀ ନିମନ୍ତେ ଦରଖାସ୍ତ ଆମନ୍ତ୍ରଣ କରୁଛି। ପ୍ରାର୍ଥୀମାନେ **ତା୦୫।୧୨।୨୦୧୯ରିଖ**ଠାରୁ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ଅର୍ଥାତ୍ **www.cuhimachal.ac.in** ରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। **ଶେଷ ତାରିଖ ହେଉଛି ତା୩୧।୧୨।୨୦୧୯ରିଖ।** ଅଧିକ ବିବରଣୀ ପାଇଁ ଦୟାକରି ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ।

davp 21339/11/0009/1920 କୁଳସଚିବ

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ବିବିଧ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

୧. ଟେଣ୍ଡର ବିଜ୍ଞପ୍ତି ନଂ. ଓ ତାରିଖ: ଏମ୍-ଆର୍-ଇଟି-୧୯-୨୦-୨୩। କାର୍ଯ୍ୟର ନାମ: ଦୁଇବର୍ଷ ଅବଧି ପାଇଁ ଡିଆର୍‌ଜେଡ଼ଠାରେ କୋଚ୍ ସଫେଇ ଗତିବିଧି ଓ ବକ୍ସ ବଏର ଆଉଟ୍‌ସୋର୍ସିଂ। ଆନୁମାନିକ ଟେଣ୍ଡର ମୂଲ୍ୟ: ₹୪୪,୩୬,୯୧୨.୦୦। ୨. ଟେଣ୍ଡର ବିଜ୍ଞପ୍ତି ନଂ. ଓ ତାରିଖ: ଏମ୍-ଆର୍-ଇଟି-୧୯-୨୦-୨୪। କାର୍ଯ୍ୟର ନାମ: ଏକ (୦୧) ବର୍ଷ ଅବଧି ପାଇଁ ଖୋଲା ଟେଣ୍ଡର ଭିତ୍ତି ମାଧ୍ୟମରେ ବଗି ମାଉଣ୍ଟେଡ୍ ବ୍ରେକ୍ ସିଷ୍ଟମ୍ (ବିଏମ୍‌ବିଏସ୍) ଲାଗିଥିବା ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍‌ର ୧୦୦ ଗୋଟି ବଗି ମାଉଣ୍ଟେଡ୍ ବ୍ରେକ୍ ସିଲିଣ୍ଡର (ବିଏମ୍‌ବିସି)ର ଓଭରହଲିଂ। ଆନୁମାନିକ ଟେଣ୍ଡର ମୂଲ୍ୟ: ₹୨୧,୭୨,୦୦୫.୦୦। ୩. ଟେଣ୍ଡର ବିଜ୍ଞପ୍ତି ନଂ. ଓ ତାରିଖ: ଏମ୍-ଆର୍-ଇଟି-୧୯-୨୦-୨୫। କାର୍ଯ୍ୟର ନାମ: ପିପି ୟାର୍ଡ, ଭିଲାଇଠାରେ ୱାଗନ୍ ସୁପରଷ୍ଟ୍ରକ୍ଚର୍ କମ୍ପୋନେଣ୍ଟଗୁଡ଼ିକର ରନିଂ ଲେଙ୍ଗଥରେ କଟିଂ ଓ ୱେଲ୍ଡିଂ ଦ୍ୱାରା ସି-କ୍ୟାଟେଗୋରୀର ଅନ୍‌ଲୋଡେବଲ୍ ମରାମତି। ଆନୁମାନିକ ଟେଣ୍ଡର ମୂଲ୍ୟ: ₹୪୭,୬୩,୧୨୯.୦୦। ଉପରୋକ୍ତ ଟେଣ୍ଡରଗୁଡ଼ିକର ସମାପ୍ତି ତାରିଖ: ତା୩୦।୧୨।୨୦୧୯ରିଖ ୧୫.୦୦ ଘଟିକା। ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ୍ ଅଫର୍‌କୁ ନାକଚ କରିଦିଆଯିବ। ଅଧିକ ବିବରଣୀ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଏମ୍‌ଇ (କୋ-ଅର୍ଡ)/ଏସ୍.ଇ.ସି. ରେଳପଥ, ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ।

ସିନିୟର ଡିଏମ୍‌ଇ (ଓ ଆଣ୍ଡ ଏଫ୍)
ଏସ୍.ଇ.ସି. ରେଳପଥ, ରାୟପୁର
PR/R/Sr.DME(O&F)/HL/152
South East Central Railway @secrail

**ପୂର୍ବ ତଟ ରେଳପଥ**
**ଶୁଦ୍ଧିପତ୍ର-I**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMBBS 2019062, ତାରିଖ:19.11.2019 କୁ ପ୍ରଶାସନିକ କାରଣରୁ **ରଦ୍ଦ** କରାଯାଇଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-85/CC/19-20

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. MSM-QUICKWATERING-3-19

**କାର୍ଯ୍ୟର ନାମ:** ସମ୍ବଲପୁର, ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ଷ୍ଟେସନ ପ୍ଲାଟଫର୍ମ ଗୁଡ଼ିକଠାରେ କାମ୍‌ଟେକ୍ (Camtech) ଡିଜାଇନ୍ ହାଇପ୍ରେସର କୋଚ୍ ୱାଟରିଙ୍ଗ୍ ସୁବିଧା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 4,93,65,121/-, EMD (ଟଙ୍କାରେ): 3,96,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, କାର୍ଯ୍ୟ ଶେଷ ହେବା ଅବଧି: 04(ଚାରି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.17.12.2019 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ସମ୍ବଲପୁର
PR-550/K/19-20

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ବୈଦ୍ୟୁତିକ ସାଧାରଣ ସର୍ଭିସ୍ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.: ୨୯-ଟେଣ୍ଡର-ଇଏଲ୍-ସିଓଏନ୍-ଏସ୍‌ଇସିଆର୍-ବିଏସ୍‌ପି-୨୦୧୯, ତାରିଖ: ୨୬।୧୧।୨୦୧୯

କାର୍ଯ୍ୟର ନାମ: "ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ବିଳାସପୁର ଡିଭିଜନରେ ଅନୁପପୁର-କାଟନୀ ୩ୟ ଲାଇନ୍ ସଂକ୍ରାନ୍ତରେ ଅନୁପପୁର (ଏପିଆର୍)ରୁ ଶାହାଡୋଲ (ଏସ୍‌ଡିଏଲ୍) ମଧ୍ୟରେ ୩ୟ ଲାଇନ୍‌ର ସାଧାରଣ ସର୍ଭିସ୍ କାର୍ଯ୍ୟ।"

ଟେଣ୍ଡର ମୂଲ୍ୟ: ₹୪,୯୭,୫୧,୧୩୨/- (ଚାରିକୋଟି ସତାନବେ ଲକ୍ଷ ଏକାବନ ହଜାର ଶହେ ବତିଶ ଟଙ୍କା ମାତ୍ର)। ଇଏମ୍‌ଡି: ₹୩,୯୮,୮୦୦/- (ତିନିଲକ୍ଷ ଅଠାନବେ ହଜାର ଆଠଶହ ଟଙ୍କା ମାତ୍ର)। ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୨୩।୧୨।୨୦୧୯ରିଖ ୧୫.୩୦ ଘଟିକା। ସମାପ୍ତି ତାରିଖ: ଏଲ୍‌ଓଏ ଜାରି ତାରିଖରୁ ୨୪ (ଚବିଶ) ମାସ।

ୱେବ୍‌ସାଇଟ୍ ବିବରଣୀ ଓ ନୋଟିସ୍ ବୋର୍ଡ ଅବସ୍ଥିତି: ଇ-ଟେଣ୍ଡର କାଗଜପତ୍ର ସଂକ୍ରାନ୍ତୀୟ ଅଧିକ ବିବରଣୀ, ଯୋଗ୍ୟତା ମାନଦଣ୍ଡ ଓ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆମ ୱେବ୍‌ସାଇଟ୍- http://www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ।

ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ନିର୍ମାଣ)
ଏସ୍.ଇ.ସି. ରେଳପଥ, ବିଳାସପୁର
CPR/10/338
South East Central Railway @secrail

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.38-KUR-TRD-OT-2019-20, ତା.25.11.2019ରିଖ

**କାର୍ଯ୍ୟର ନାମ:** "ଯାଜପୁର କେନ୍ଦୁଝର ରୋଡ୍ ଷ୍ଟେସନ ସ୍ଥିତ ବର୍ତ୍ତମାନର ପୁରୁଣା ଫୁଟ୍ ଓଭର ବ୍ରିଜ୍(FOB)ର ପୁନଃସ୍ଥାପନ ଦ୍ୱାରା ଭଦ୍ରକ ସୀମା ପଟରୁ ଗୋଟିଏ ନୂଆ ଫୁଟ୍ ଓଭର ବ୍ରିଜ୍‌ର (6.00 ମିଟର ପ୍ରସ୍ଥ) ବ୍ୟବସ୍ଥା" ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 6,66,567/-, EMD (ଟଙ୍କାରେ): 13,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,360/-।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.12.2019 ରିଖ 1330 ଘଟିକା ପର୍ଯ୍ୟନ୍ତ,
ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ : ତା.16.12.2019 ରିଖ 1530 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)/ ଖୋର୍ଦ୍ଧା ରୋଡ୍
PR-551/K/19-20

# ଶ୍ରୀଲଙ୍କାକୁ ୪୫୦ ନିୟୁତ ଡଲାର ଋଣ ଦେବ ଭାରତ



ରାଷ୍ଟ୍ରପତି ଭବନରେ ଶ୍ରୀଲଙ୍କାର ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ସହ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ନୂଆଦିଲ୍ଲୀ,୨୯।୧୧(ପି.ଟି.)

ଶ୍ରୀଲଙ୍କାରେ ଆତଙ୍କବାଦ ଦମନ ଲାଗି ୫୦ ନିୟୁତ ଡଲାର ସମେତ ୪୫୦ ନିୟୁତ ଡଲାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଘୋଷଣା କରିଛନ୍ତି। ଭାରତ ଗସ୍ତରେ ଆସିଥିବା ଶ୍ରୀଲଙ୍କାର ନୂଆ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ସହ ପ୍ରଧାନମନ୍ତ୍ରୀଙ୍କର ଫଳପ୍ରଦ ଆଲୋଚନା ପରେ ଏହି ଘୋଷଣା କରାଯାଇଛି। ଆଲୋଚନାରେ ଶ୍ରୀଲଙ୍କାର ତାମିଲ ସମ୍ପ୍ରଦାୟଙ୍କ ଆଶା ଆକାଂକ୍ଷା ପୂରଣ ପ୍ରସଙ୍ଗ ସ୍ଥାନ ପାଇଥିଲା। ଏହାବ୍ୟତୀତ ମତ୍ସ୍ୟଜୀବୀମାନଙ୍କ ସୁରକ୍ଷା, ବାଣିଜ୍ୟ ସମ୍ପର୍କ ଉପରେ ଆଲୋଚନା ହୋଇଥିଲା। ଶ୍ରୀଲଙ୍କାର ଦ୍ରୁତ ବିକାଶ ଲାଗି ଭାରତ ପୂର୍ଣ୍ଣ ସହାୟତା ଯୋଗାଇଦେବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଆତଙ୍କବାଦ ଦମନ ଲାଗି ଆପୋସ ସହଯୋଗକୁ ସୁଦୃଢ଼ କରିବା ଉପରେ ମୋଦି ଗୋଟାବାୟାଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ଆତଙ୍କବାଦର ମୁକାବିଲା ପାଇଁ ଶ୍ରୀଲଙ୍କାର ପୋଲିସ ଅଫିସରମାନେ ଭାରତୀୟ ପ୍ରଶିକ୍ଷଣ ଅନୁଷ୍ଠାନରେ ତାଲିମ ନେଉଥିବା ମୋଦି କହିଛନ୍ତି।

## ଦ୍ୱିପାକ୍ଷିକ ସମ୍ପର୍କକୁ ଶିଖରରେ ପହଞ୍ଚାଇବାକୁ ଚାହେଁ: ଗୋଟାବାୟା

ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ପ୍ରଥମ ବିଦେଶ ଗସ୍ତରେ ଭାରତ ଆସିଥିବା ଗୋଟାବାୟା ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିଥିଲେ। ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଶିଖରରେ ପହଞ୍ଚାଇବାକୁ ଚାହାନ୍ତି ବୋଲି ଗୋଟାବାୟା କହିଛନ୍ତି। ରାଷ୍ଟ୍ରପତି ଭବନରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପରେ ଗୋଟାବାୟା ଖବରଦାତାମାନଙ୍କୁ କହିଥିଲେ, ଦୁଇଦେଶର ଲୋକଙ୍କ ସୁରକ୍ଷା ଏବଂ ସାମଗ୍ରିକ କଲ୍ୟାଣ ଲାଗି ନୂଆଦିଲ୍ଲୀ ଓ କଲମ୍ବୋ ଏକାଠି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ଫଳପ୍ରଦ ହୋଇଥିବା ଗୋଟାବାୟା କହିଛନ୍ତି।

**SUIIT**
**SAMBALPUR UNIVERSITY INSTITUTE OF INFORMATION TECHNOLOGY**

Order: 1396/SUIIT Date- 28.11.2019

**SUIIT was established in the year 2010 as a Constituent Autonomous Unit of Sambalpur University with the approval of Dept. of Higher Education, Govt. of Odisha**

**VISION**
- To enlighten the young minds by giving patronage to the quest for knowledge.
- To contribute to mankind through excellence in scientific and technological education and research.
- To prove to be a valuable resource for industry and society alike and to remain a symbol of pride for all Indians.

**MISSION**
To inspire young minds to lead the world in the right direction by quality research in Information Technology and allied areas and to create a technically sound workforce that puts the nation in safer hands for a bright future.

**SUIIT offers the following IT related programmes in Self-sustaining mode:**
- B. Tech.: Computer Science and Engineering (CSE)
- B. Tech.: Electronics and Communication Engineering (ECE)
- B. Tech.: Electrical and Electronics Engineering (EEE)
- M. Tech.: Computer Science and Engineering
- M. Tech.: Communication System Engineering
- M. Tech.: Embedded Systems Design
- Master in Computer Application
- M. Sc.: Computer Science
- M. Sc.: Electronics
- M. Phil: Computer Science
- M. Phil: Electronics
- Nodal Centre for Ph.D in CSE, EEE, Electronics Engineering
- SUIIT is also Nodal Centre for OJEE

**HIGHLIGHTS**
- SUIIT has a Training & Placement cell. Students are being exposed to advance mode of training through summer internship programmes and industrial tours at different reputed organizations to make the students industry worthy.
- Our alumni are placed in the reputed companies like TCS, Infosys, IBM, HCL, Cognizant Technology Solutions, Tech Mahindra, Citrix, Aptus Datalabs, Silicon Interfaces, MAINTech, WIPRO etc.
- Our students are also admitted into IIM, XIMB, IMT, ISI & other reputed organisations through GATE, XAT & CSIR/UGC-NET for their higher study.
- Some students joined in reputed institutions abroad for their higher studies.
- Awarded as "Best emerging Technical Institute" of Odisha on the eve of Engineer's Day on 15th Sept. 2013 by Ever Green Forum.
- We have collaborative activities with Startup Odisha and our students won the first prize in Industry group in Make in Odisha (Smart Odisha Hackathon).
- Visiting professors / motivators from reputed institutes namely IIT / ISI / NIT / Central Universities / State Universities and industries visit the institute regularly.
- We have students activities through innovation Club, Cultural Club, Sports Club and Literary Club throughout the year.



ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।
- ଗୌତମ ବୁଦ୍ଧ



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ମହାନଗର ଟାଇମ୍ସ ପକ୍ଷରୁ ଅନ୍ତର୍ଜାତୀୟ ମିଡିଆ ଏକ୍ସପୋ, ଇଉ୍‌କଲ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା।
- ଶହୀଦ ରଘୁ-ଦିବାକରଙ୍କ ଜୟନ୍ତୀ ଅବସରରେ ରଘୁ-ଦିବାକର ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ, ଜନକଲ୍ୟାଣ ନିକଟ, ୟୁନିଟ-୯, ରୋଡ ୩, ପୂର୍ବାହ୍ନ ୧୦ଟା ୩୦।
- ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନ ଟ୍ରଷ୍ଟର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୧ଟା ୩୦।
- ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ୧୩ତମ ବାର୍ଷିକ ଉତ୍ସବ, ଉତ୍କଳ ମଣ୍ଡପ, ରବୀନ୍ଦ୍ର ମଣ୍ଡପ ପଛପଟ, ୟୁନିଟ-୪, ଅପରାହ୍ନ ୩ଟା ୩୦।
- ବିଭିନ୍ନ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ, ୟୁନିଟ-୮ ଡିଏଭି ସ୍କୁଲ ସମ୍ମୁଖ, ଅପରାହ୍ନ ୪ଟା ୩୦।
- ଆର୍ଟିଷ୍ଟ ଆସୋସିଏଶନ ଅଫ ଓଡ଼ିଶା ପକ୍ଷରୁ 'ଚିତ୍ରାଞ୍ଜଳି', ଅପରାହ୍ନ ୫ଟା, ଏକାମ୍ର ଅର୍ବାନ ହାଟ, ୟୁନିଟ-୩, ଅପରାହ୍ନ ୫ଟା।
- ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା ଓ ପ୍ରତିଭା ସମ୍ମାନ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଆଇସିଓଜି-ଏଫ୍‌ଓଜିଏସ୍‌ଆଇ ପକ୍ଷରୁ ଜାତୀୟ ସମ୍ମିଳନୀ, ମେ ଫେୟାର, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ସାହିତ୍ୟ ସମାଜର ଅଧିବେଶନ, ଓଡ଼ିଶା ସାହିତ୍ୟ ସମାଜ, ସନ୍ଧ୍ୟା ୬ଟା।

### କଟକ

- ମା' ସରସ୍ୱତୀ ଶିକ୍ଷା ମନ୍ଦିରର ବିଜ୍ଞାନମେଳା ଓ ଶିଶୁ ବାଟିକା ପ୍ରଦର୍ଶନୀ, ବିଦ୍ୟାଳୟ ପରିସର, ମାଛୁଆବଜାର, ବକ୍ସିବଜାର, ସକାଳ ୯ଟା।
- ପଣ୍ଡିତ କୁଣ୍ଡଳା ଆଦିନାରାୟଣଙ୍କ ଷଷ୍ଠ ସ୍ମୃତି ଉତ୍ସବ, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା ୩୦।

### ବାଲିଅନ୍ତା

- ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ଶଟଲ ସ୍ମାଶର୍ସ, କଲେଜ ପରିସର, ଅଟଳା, ପୂର୍ବାହ୍ନ ୧୦ଟା ୩୦।

### ସାକ୍ଷୀଗୋପାଳ

- ସେବାୟତ ସଂଘ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପଶା ଖେଳ ପ୍ରତିଯୋଗିତା, ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସନ୍ଧ୍ୟା ୭ଟା।

# ଶ୍ରୀଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସ ଉଚ୍ଛେଦ ଆରମ୍ଭ



**ପୁରୁଣା ଭୁବନେଶ୍ୱର,୨୯।୧୧ (ଡି.ଏନ.ଏ.)**

ପୁରୁଣା ଭୁବେନେଶ୍ୱରସ୍ଥିତ ଶ୍ରୀଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସ ଉଚ୍ଛେଦ କାର୍ଯ୍ୟ ଶୁକ୍ରବାର ଆରମ୍ଭ ହୋଇଛି। ମୋଟ ୧୩୬ଟି ଦୋକାନ ଗୃହ ରହିଥିବା ଏହି ଦୁଇମହଲା ବିପଦସଙ୍କୁଳ କୋଠାକୁ ୪ଟି ଡୋଜର ସାହାଯ୍ୟରେ ଭଙ୍ଗାଯାଉଛି। ୧୯୮୬ରେ ଲୋକାର୍ପଣ ହୋଇଥିବା ଏହି ମାର୍କେଟ କମ୍ପ୍ଲେକ୍ସ ୨୦୧୩ରୁ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଦୀର୍ଘ ୩୩ ବର୍ଷ ଧରି ବ୍ୟବସାୟ କରି ଆସୁଥିବା ଦୋକାନୀଙ୍କୁ ଥଇଥାନ ନ କରି ଉଚ୍ଛେଦ କରାଯିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି କୋଠା ଭଙ୍ଗାଯିବାକୁ ୩ରୁ ୪ଦିନ ଲାଗିପାରେ ବୋଲି ଉଚ୍ଛେଦକାରୀ ଟିମ୍ କହିଛନ୍ତି। ଉଚ୍ଛେଦ ବେଳେ ବିଡିଏର ଆଡିଶନାଲ କମିଶନର ହରିଶ ଚନ୍ଦ୍ର ନାୟକ, ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ କୁମାର ପାତ୍ର, ଲିୟାସନିଂ ଅଫିସର ଶୁଭ୍ରାଂଶୁ ମହାନ୍ତି, ବିଏମ୍‌ସିର ଜୋନାଲ ହେଡ ରୂପକ କୁମାର ପଟ୍ଟନାୟକଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଭାଙ୍ଗିବା ଆଳରେ କାଟିଲେ ଗଛ

୧୯୯୯ ମହାବାତ୍ୟା ଓ ଫନୀ ଦାଉରୁ ରକ୍ଷା ପାଇଯାଇଥିବା ପୁରାତନ ବରଗଛକୁ ଉଚ୍ଛେଦ ଆଳରେ କଟାଯାଇଛି। ଜଙ୍ଗଲ ବିଭାଗର ବିନା ଅନୁମତିରେ ଏହା କଟାଯିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

### ଦୁର୍ବୃତ୍ତ ତାଡ଼ି ନେଲେ ୭୦ ଶଟର

ମାର୍କେଟ କମ୍ପ୍ଲେକ୍ସ ଭଙ୍ଗାଯିବା ପୂର୍ବରୁ ଗୁରୁବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ୭୦ରୁ ଉର୍ଦ୍ଧ୍ୱ ବନ୍ଦ ଥିବା ଦୋକାନ ଗୃହ ଶଟର ତାଡି ନେଇଥିଲେ। ଏଗୁଡିକ ମୂଲ୍ୟ ପାଖାପାଖି ୪ଲକ୍ଷ ଟଙ୍କା ହେବ। ଶୁକ୍ରବାର ସକାଳ ୮ଟା ସୁଦ୍ଧା ସେମାନେ କେତେଜଣ ଦୋକାନୀଙ୍କ ଆସବାବପତ୍ର ମଧ୍ୟ ଲୁଟି ନେଇଛନ୍ତି। ଏହି କୋଠା ଭଙ୍ଗାଯିବା ନେଇ ଲିଙ୍ଗରାଜ ଥାନା ଅଧିକାରୀ ଶରତ କୁମାର ପାତ୍ରଙ୍କୁ ପଚାରିବାରେ ଏ ସଂକ୍ରାନ୍ତରେ ଚିଠି ପାଇ ନ ଥିବା କହିଛନ୍ତି।

### ଐତିହ୍ୟ ସୁରକ୍ଷାକୁ ଭୁଲିଗଲେ

ଉଚ୍ଛେଦ ଟିମ୍ ଐତିହ୍ୟ ସୁରକ୍ଷା ପ୍ରତି ଦୃଷ୍ଟି ଦେଇ ନ ଥିବା ଅଭିଯୋଗ ହେଉଛି। ମାର୍କେଟ କମ୍ପ୍ଲେକ୍ସକୁ ଲାଗି ରହିଥିବା ଐତିହ୍ୟ ଦେବୀ ପାଦହରା ପୁଷ୍କରିଣୀ ଓ ୧୦୮ ଶିବଲିଙ୍ଗ ସୁରକ୍ଷା ନେଇ ମିଳିତ ଉଚ୍ଛେଦ ଟିମ୍ କୌଣସି ପଦକ୍ଷେପ ନେଇ ନ ଥିଲେ। ମନ୍ଦିର ପ୍ରଶାସନ କିମ୍ବା ଦେବୋତ୍ତର ବିଭାଗକୁ ଏ ନେଇ ପୂର୍ବ ସୂଚନା ଦିଆଯାଇ ନ ଥିଲା।

### ନୂଆ ମାର୍କେଟ କମ୍ପ୍ଲେକ୍ସ ଆବଣ୍ଟନରେ ଦୁର୍ନୀତି ଅଭିଯୋଗ

ଦୁଇ ଏକରରୁ ଉର୍ଦ୍ଧ୍ୱ ଜମି ଉପରେ ଗଢି ଉଠିଥିବା ନୂଆ ମାର୍କେଟରେ ପର୍ଯ୍ୟଟନ ବିଭାଗ ୫୮ଟି ଦୋକାନ ଗୃହ ନିର୍ମାଣ କରିଛି। ଦୋକାନ ଗୃହ ଆବଣ୍ଟନରେ ଦୁର୍ନୀତି ହୋଇଥିବା କେତେଜଣ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ପ୍ରକୃତ କ୍ଷୁଦ୍ର ବ୍ୟବସାୟୀଙ୍କୁ ଗୃହ ଯୋଗାଇବାକୁ ଦାବି ହେଉଛି।

### ମନ୍ଦିର ସମ୍ମୁଖ ରାସ୍ତାରୁ ହଟିବ ଜବରଦଖଲ

ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖ ରାସ୍ତା ଉଭୟ ପାର୍ଶ୍ୱରୁ ବେଆଇନ ନିର୍ମାଣ, ଦୋକାନକୁ ପରବର୍ତ୍ତୀ ପର୍ଯ୍ୟାୟରେ ଉଚ୍ଛେଦ କରାଯିବ ବୋଲି ଘୋଷଣା କରାଯାଇଛି। ଏହାକୁ ନେଇ ବ୍ୟବସାୟୀ ଏବଂ ଜବରଦଖଲକାରୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଜବରଦଖଲ ହଟାଯାଇ ସୌନ୍ଦର୍ଯ୍ୟକରଣ କରାଯିବ।

## ସ୍ୱନ୍ଦନ ଷ୍ଟାର ଓଲିଉଡ୍ ଆୱାର୍ଡ ୨୦୧୯

# ମିହିର ଦାସ 'ଏଭରଗ୍ରୀନ୍ ଅଭିନେତା'



ସ୍ୱନ୍ଦନ ଷ୍ଟାର୍ ଓଲିଉଡ୍ ଆୱାର୍ଡ ଉତ୍ସବରେ ଅଭିନେତା ମିହିର ଦାସ, ବାବୁସାନ ମହାନ୍ତି, ଅଭିନେତ୍ରୀ ଭୂମିକା ଦାଶ ଓ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ସମ୍ମାନିତ କରାଯାଉଛି।

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

- ଶ୍ରେଷ୍ଠ ଫିଲ୍ମ 'ସୁନ୍ଦରଗଡ଼ର ସଲମାନ୍ ଖାନ୍'
- ବାବୁସାନ୍ 'ଶ୍ରେଷ୍ଠ ଅଭିନେତା', ଭୂମିକା 'ଶ୍ରେଷ୍ଠ ଅଭିନେତ୍ରୀ'

ରଙ୍ଗିଲା ଡ୍ୟାନ୍ସ ଇଣ୍ଟରନ୍ୟାଶନାଲ ସହଯୋଗରେ ସ୍ୱନ୍ଦନ ଷ୍ଟାର୍ ଓଲିଉଡ୍ ଆୱାର୍ଡ ପକ୍ଷରୁ ସ୍ୱନ୍ଦନ ଷ୍ଟାର୍ ଓଲିଉଡ୍ ଆୱାର୍ଡ-୨୦୧୯ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିବାବେଳେ 'ଏଭର୍‌ଗ୍ରୀନ୍ ଅଭିନେତା' ଭାବେ ବିଶିଷ୍ଟ ଅଭିନେତା ମିହିର ଦାସଙ୍କୁ ସମ୍ମାନିତ କରାଯାଇଛି। ସେହିପରି ଭର୍ସାଟାଇଲ୍ ଅଭିନେତା ଭାବେ ସିଦ୍ଧାନ୍ତ ମହାପାତ୍ର ଏବଂ ବଲିଉଡ୍‌ରେ ଓଡ଼ିଆ ଭାବେ ରାଜେଶ କୁମାର ମହାନ୍ତିଙ୍କୁ ପୁରସ୍କୃତ କରାଯାଇଛି। ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ 'ସୁନ୍ଦରଗଡ଼ର ସଲମାନ୍ ଖାନ୍' ପୁରସ୍କୃତ ହୋଇଥିବା ବେଳେ ତାପସ ସରଘରିଆଙ୍କୁ 'ଶ୍ରେଷ୍ଠ ନିର୍ଦ୍ଦେଶକ', ବାବୁସାନ୍ ମହାନ୍ତିଙ୍କୁ 'ଶ୍ରେଷ୍ଠ ଅଭିନେତା', ଭୂମିକା ଦାଶଙ୍କୁ 'ଶ୍ରେଷ୍ଠ ଅଭିନେତ୍ରୀ' ସମ୍ମାନ ପ୍ରଦାନ କରାଯାଇଛି। ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁ 'ପିପୁଲସ୍ ଚଏସ୍ ହିରୋ ଅଫ୍ ଦ ଇୟର୍', ଏଲିନା ସାମନ୍ତରାୟ 'ପିପୁଲ୍ସ ଚଏସ୍ ଆକ୍ଟ୍ରେସ୍ ଅଫ୍ ଦ ଇୟର୍' ଭାବେ ପୁରସ୍କୃତ ହୋଇଛନ୍ତି। ଝିଲିକ୍ ଭଟ୍ଟାଚାର୍ଯ୍ୟ ଓ ଶୀତଲ ପାତ୍ରଙ୍କୁ 'ବେଷ୍ଟ ସିଗ୍ନିଫିକାଣ୍ଟ ପର୍‌ଫର୍ମାନ୍ସ' ପାଇଁ ପୁରସ୍କୃତ କରାଯାଇଛି।

ଏହି ଅବସରରେ ସ୍ୱର୍ଗତ ହର ପଟ୍ଟନାୟକ, ରୁନୁ ପରିଜା, ଅମିୟ ପଟ୍ଟନାୟକ, ଅଭିରାମ ମିଶ୍ର, ମୀନକେତନ, କେଶବ ରାଉତ, ସୁବାସ ରାଉତ, କୁଶ ପଟ୍ଟନାୟକ, ଅନିତା ଦାଶ ଓ ସଲିଲ୍ ମିତ୍ରଙ୍କୁ 'ମରଣୋତ୍ତର ଷ୍ଟାର ଆୱାର୍ଡ' ପ୍ରଦାନ କରାଯାଇଥିଲା, ଯାହାକୁ ସେମାନଙ୍କ ଆତ୍ମୀୟ ସ୍ୱଜନମାନେ ଗ୍ରହଣ କରିଥିଲେ। ପ୍ରେମ ଆନନ୍ଦଙ୍କୁ 'ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ', ସୁବ୍ରତ ସ୍ୱାଇଁଙ୍କୁ 'ଶ୍ରେଷ୍ଠ ଗୀତିକାର', ହ୍ୟୁମାନ୍ ସାଗରଙ୍କୁ 'ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ', ଦୀପ୍ତିରେଖା ପାଢୀଙ୍କୁ 'ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା', 'ବୋଉ ମାରିବ' ଗୀତକୁ ଲୋକପ୍ରିୟ ସଙ୍ଗୀତ ଓ ଶ୍ରେଷ୍ଠ କୋରିଓଗ୍ରାଫର ଭାବେ ସୁଧାକର ବସନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ରୋଜାଲିନ୍ ମିଶ୍ର ଓ ଭାବନା ମାଥିଓଙ୍କୁ 'ଶ୍ରେଷ୍ଠ ଚଳଚ୍ଚିତ୍ର ସାମ୍ବାଦିକ' ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ୱନ୍ଦନ ଷ୍ଟାର ଓଲିଉଡ୍ ଆୱାଡର ବ୍ରାଣ୍ଡ୍ ଆମ୍ବାସାଡର ଅର୍ଚ୍ଚିତା ସାହୁ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ମୋ କଲେଜ ଅଧ୍ୟକ୍ଷ ଆକାଶ ଦାଶ ନାୟକ, ଓଡ଼ିଶା ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସ୍ୱନ୍ଦନ ଷ୍ଟାର ଓଲିଉଡ୍ ଆୱାର୍ଡର ନିର୍ଦ୍ଦେଶକ ହରପ୍ରସାଦ ମହାପାତ୍ର, ରଙ୍ଗିଲା ଡ୍ୟାନ୍ସ ଇଣ୍ଟରନ୍ୟାଶନାଲର ପ୍ରତିଷ୍ଠାତା ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମା' ସିଂଘାସିନୀ ଫିଲ୍ମସ୍‌ର 'ମୁଁ ପରଦେଶୀ ଚଢେଇ'ର ମ୍ୟୁଜିକ୍ ରିଲିଜ ହୋଇଥିଲା।

## ଭଦ୍ରକ ଜିଲା ଚିକିତ୍ସାଳୟର ଏମ୍‌ସିଏଚ୍ ସମ୍ପ୍ରସାରଣ ହେବ

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ):** ଭଦ୍ରକ ଜିଲା ଚିକିତ୍ସାଳୟରେ ଥିବା ଏମ୍‌ସିଏଚ୍‌କୁ ସମ୍ପ୍ରସାରଣ କରାଯାଇ ୧୦୦ ଶଯ୍ୟାବିଶିଷ୍ଟରେ ପରିଣତ କରାଯିବ। ହସ୍ପିଟାଲ୍‌ର ଚାରିପାଖେ ପାଚେରି ଓ ରାସ୍ତା ନିର୍ମାଣ ଲାଗି ୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ଶୁକ୍ରବାର ବିଭାଗ ପକ୍ଷରୁ ଆୟୋଜିତ ଏକ ବୈଠକରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ଭଦ୍ରକ ଜିଲାରେ ଚିକିତ୍ସାସେବା ବ୍ୟବସ୍ଥାକୁ ଆହୁରି ଲୋକାଭିମୁଖୀ କରିବା ତଥା ଖାଲି ଥିବା ଡାକ୍ତର ପଦବୀ ପୂରଣ ଉପରେ ବିଧାୟକମାନେ ଗୁରୁତ୍ୱ ଦେଇଥିଲେ। ଏହାସହ ଭଦ୍ରକରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ଲାଗି ମନ୍ତ୍ରୀଙ୍କୁ ଅନୁରୋଧ ମଧ କରିଛନ୍ତି। ଏହାକୁ ସହୃଦୟତାର ସହ ବିଚାର ଓ ଅନୁଧାନ କରିବାକୁ ମନ୍ତ୍ରୀ ମତ ରଖିଛନ୍ତି। ବୈଠକରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଷ୍ଣୁଚରଣ ସେଠୀ, ବ୍ୟୋମକେଶ ରାୟ, ସଞ୍ଜୀବ କୁମାର ମଲ୍ଲିକ, ବିଷ୍ଣୁବ୍ରତ ରାଉତରାୟ, ଡିଏମ୍‌ଇଟି ପ୍ରଫେସର ସି.ବି.କେ. ମହାନ୍ତି, ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡା. ଦିଲୀପ କୁମାର ଷଡ଼ଙ୍ଗୀଙ୍କ ସମେତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶଂସା ସାଉଣ୍ଟୁଛି ଆସାଦ୍‌ଙ୍କ 'ଆଫିୟାନ୍ସ'

**କୁମାରଶ୍ରୀ ସାହୁ**
**କଟକ ଅଫିସ,୨୯।୧୧**

ଆଜି କଟକ ସହରକୁ ଓଡ଼ିଆ ସଙ୍ଗୀତର ଅନ୍ତୁଡ଼ିଶାଳ ବୋଲି କୁହାଯାଉଛି। ହେଲେ ୮୦ ଦଶକ ପୂର୍ବରୁ ଏଭଳି ଚିତ୍ର ନ ଥିଲା। ସେତେବେଳେ କୋଲକାତା, ମାଡ୍ରାସ ଓ ବମ୍ବେ ସହର ଉପରେ ଓଡ଼ିଶା ସଙ୍ଗୀତ ଜଗତ ଭରସା କରୁଥିଲା। ତେବେ ଆକାଶବାଣୀ କେନ୍ଦ୍ରରେ ଯେଉଁ କାର୍ଯ୍ୟକ୍ରମମାନ ହେଉଥିଲା ତାହା କେନ୍ଦ୍ରର ନିଜସ୍ୱ ଷ୍ଟୁଡିଓରେ ହୁଏ। ଏଣୁ ବ୍ୟବସାୟିକ ଗୀତଟିଏ ତିଆରି କରିବାକୁ ହେଲେ ୧୫/୨୦ଦିନ ସମୟ ନେଇ କଳାକାରମାନେ ରାଜ୍ୟ ବାହାରକୁ ଯାଉଥିଲେ। ପ୍ରାୟ ୮୦ ଦଶକରେ କଟକର ଶେଲ୍ଟରଛକରେ ପ୍ରଥମେ ବ୍ୟବସାୟିକ ଷ୍ଟୁଡିଓ ଖୋଲିଲା। ଆଉ ଏବେ ସହରରେ ୧୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ ଷ୍ଟୁଡିଓ। ହେଲେ ଏହି ଭିଡ଼ ଭିତରେ କେଶରପୁରସ୍ଥିତ 'ଆଫିୟାନ୍ସ ଷ୍ଟୁଡିଓ' ନିଜର ଭିନ୍ନ ଏକ ପରିଚୟ ସୃଷ୍ଟି କରିପାରିଛି।

ଗତ ଦୁଇବର୍ଷ ଭିତରେ ଓଡ଼ିଆ ସଙ୍ଗୀତପ୍ରେମୀଙ୍କୁ ଅନେକ ସୁପରହିଟ୍ ଗୀତ ଦେଇଛି 'ଆଫିୟାନ୍ସ ଷ୍ଟୁଡିଓ'। ଷ୍ଟୁଡିଓର ଲୋକପ୍ରିୟତା ଏବଂ ସଫଳତାର କାହାଣୀ ଜାଣିବାକୁ 'ଧରିତ୍ରୀ'



### ମ୍ୟୁଜିକ ଷ୍ଟୁଡିଓ

ଯେତେବେଳେ ଏହାର ପ୍ରାଙ୍ଗଣରେ ପହଞ୍ଚିଥିଲା, ସେତେବେଳେ ସଙ୍ଗୀତ ଆସର ଜମିଥିଲା। ଚାଲିଥିଲା ଜାମ୍ମିଂ ବା ମ୍ୟୁଜିକ୍ ବୈଠକ। ସଙ୍ଗୀତ ନିର୍ଦ୍ଦେଶକ ତଥା ଷ୍ଟୁଡିଓର ମାଲିକ ଆସାଦ୍ ନିଜାମ, କିବୋର୍ଡ ପ୍ଲେୟାର ସୌମ୍ୟ ସାହୁ, ବରିଷ୍ଠ ତାବଲା ବାଦକ ଟୁଲା ଓ କଣ୍ଠଶିଳ୍ପୀ ମାଧବ ଦାସ ନୂଆ ଗୀତ ତିଆରିରେ ବ୍ୟସ୍ତ ଥିଲେ। ରୁଦ୍ରାକି ଫିଲ୍ମ ବ୍ୟାନରରେ ରାଜା ଦାସଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେଉଥିବା ଓଡ଼ିଆ ଚଳଚ୍ଚିତ୍ର 'ରାଜା-ସାହିବା'ର ଏକ ଗୀତ ପ୍ରସ୍ତୁତିରେ ସମସ୍ତେ ହଜିଯାଇଥାନ୍ତି। ତପୁ ନାୟକଙ୍କ ରଚିତ ଏହି ଗୀତର ଶୀର୍ଷକ ହେଉଛି 'ଆଜି ମୋ ପାଖେ ଆସିଛି ଜହ୍ନ'। ଗୀତର ମୁଖଡ଼ା କାର୍ଯ୍ୟ ଶେଷ ହୋଇଥିବାବେଳେ ଇଣ୍ଟରଲ୍ୟୁଡ୍‌ଟି କିପରି ଭଲ ଶୁଭିବ ସେ ନେଇ ଆଲୋଚନା ହେଉଥିଲା।

୨୦୧୨ରେ ଆସାଦ୍ ଏହି ଷ୍ଟୁଡିଓର କଳ୍ପନାକୁ ବାସ୍ତବ ରୂପ ଦେଇଥିଲେ। ଚର୍ଚ୍ଚିତ ସଙ୍ଗୀତ ନିର୍ଦ୍ଦେଶକ ଆସାଦ୍‌ଙ୍କ ଆଉ ଏକ ପରିଚୟ ହେଉଛି, ସେ ବିଶିଷ୍ଟ ଗୀତିକାର ନିଜାମ୍‌ଙ୍କ ସୁପୁତ୍ର। ୨୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ରରେ ସେ ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ(ବିଜିଏମ୍) କାର୍ଯ୍ୟ କରିବା ପରେ ନିଜସ୍ୱ ଷ୍ଟୁଡିଓ କରିବାକୁ ଇଚ୍ଛା କରିଥିଲେ। ପ୍ରଥମେ ହାତୀପୋଖରୀଠାରେ ଏକ ଭଡ଼ାଘରେ ଷ୍ଟୁଡିଓ ଆରମ୍ଭ ହୋଇଥିଲା। ଗତ ଦୁଇବର୍ଷ ହେବ କେଶରପୁରରେ ନିଜସ୍ୱ ଜମିରେ ଷ୍ଟୁଡିଓ କରି ସଙ୍ଗୀତରେ ମଜି ରହୁଛନ୍ତି ଆସାଦ୍। ଇତିମଧ୍ୟରେ ୭ ଚଳଚ୍ଚିତ୍ରରେ ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ତାଙ୍କର କିଛି ଗୀତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜୟୀ ମଧ୍ୟ ହୋଇଛି। ଚଳିତବର୍ଷ ଆସାଦ୍‌ଙ୍କ ଏକ ଗୀତ ବଲିଉଡ୍‌ର ଲୋକପ୍ରିୟ ଗାୟକ ଶାନ୍(ଶାନ୍ତନୁ ମୁଖାର୍ଜୀ) ଗାଇଥିଲେ। ବମ୍ବେର ଏକ ଷ୍ଟୁଡିଓରେ ଗୀତର ଡବିଂ କରାଯାଇଥିଲା। ଏନେଇ ଆସାଦ୍ କୁହନ୍ତି, ଗୀତର ଟ୍ରାକ୍ ନ ଶୁଣି ଶାନ୍ ରେକର୍ଡିଂ ରୁମ୍‌କୁ ଚାଲି ଯାଇଥିଲେ। ହେଲେ ଟ୍ରାକ୍ ଶୁଣିବା ପରେ ଆଶ୍ଚର୍ଯ୍ୟ ହୋଇ ମୋତେ ଚାହିଁବା ସହ ଉକ୍ତ ଟ୍ରାକ୍ ଓଡ଼ିଶାରେ ନୁହେଁ ବରଂ ବମ୍ବେର କୌଣସି ଷ୍ଟୁଡିଓରେ କରାଯାଇଛି ବୋଲି କହିଥିଲେ। ହେଲେ ମୁଁ ମୋ କେଶରପୁର ଷ୍ଟୁଡିଓରେ କରିଛି ବୋଲି କହିବା ପରେ ଓଡ଼ିଶାରେ ଏବେ ଭଲ କାମ ଆରମ୍ଭ ହେଲାଣି ବୋଲି ଶାନ୍ କହିଥିବା ଆସାଦ୍ ଜଣାଇଛନ୍ତି। ଆରବିକ୍ ଭାଷାରେ 'ଆଫିୟାନ୍ସ'ର ଅର୍ଥ କ୍ରିଏଟିଭିଟି (ସୃଜନଶୀଳତା)। ଏହିଅନୁସାରେ ଷ୍ଟୁଡିଓର ନାମକରଣ ହୋଇଥିବା ସେ କହିଛନ୍ତି।

### ଆଫିୟାନ୍ସର କିଛି ହିଟ୍ ଗୀତ

- ନଜଦିକିୟାଁ
- ଇସ୍କ
- ଫଗୁଣରେ ଯେବେ
- ମୋ ଘର ବାଟ ଦେଇ
- ଲଭ ୟୁ ଆୟେଶା
- ନିଦ ଭରା ରାତି
- ମନେ ପଡ଼ ତୁମେ
- ମାହି ମାହି

### ଆସାଦ୍ କୁହନ୍ତି...

ପୂର୍ବରୁ ଟୁ-ଟ୍ରାକ୍ ରେକର୍ଡିଂ ହେଉଥିଲା। ମାତ୍ର ଦୁଇଟି ଟ୍ରାକ୍‌ରେ ଗୀତ ଶେଷ ହେଉଥିଲା। ଏବେ ମଲ୍ଟି-ଟ୍ରାକ୍ କରାଯାଉଛି। ଯେତେ ଇଚ୍ଛା ସେତେ ଟ୍ରାକ୍ ଗୋଟିଏ ଗୀତରେ ରହୁଛି। ଜ୍ଞାନକୌଶଳ ବୃଦ୍ଧି ଯୋଗୁଁ ଭଲ ଗୀତ ମଧ ତିଆରି ହେଉଛି। ହେଲେ ବମ୍ବେର ଷ୍ଟୁଡିଓ ଏବଂ ଓଡ଼ିଶାର ଷ୍ଟୁଡିଓରେ ବେଶି କିଛି ତଫାତ୍ ନାହିଁ। ସେମାନଙ୍କ କାମ କରିବାର ତରିକା ଭଲ। ଆମ କଳାକାରମାନେ ଭଲ କାମ କଲେ ନିଶ୍ଚିତ ଭାବେ ଭଲ ଗୀତ ସୃଷ୍ଟି ହେବ। ଯେଉଁମାନେ ଆଗାମୀ ଦିନରେ ଷ୍ଟୁଡିଓ କରିବାକୁ ଚାହାନ୍ତି, ସେମାନେ ବର୍ତ୍ତମାନର ଟେକ୍ନୋଲୋଜି ବିଷୟରେ ଶିକ୍ଷାଲାଭ କରିବା ଦରକାର।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ଯାଜ୍ଞସେନୀ



ସ୍ୱାଧୀନ



ସାଗରିକା



ସୁମିତ୍ରା



ନିହାର



ପ୍ରକାଶ



ଦର୍ଶନ



ବିରଞ୍ଚି

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

**ଧରିତ୍ରୀ**ର ୪୬ତମ ସ୍ୱନକ୍ଷତ୍ର ଅବସରରେ ମୋରଡା ବ୍ଲକ୍‌ର ସମସ୍ତ କାର୍ଯ୍ୟକର୍ତ୍ତା ତଥା ଜନସାଧାରଣଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ପଞ୍ଚାୟତ ସମିତି ମୋରଡା, ଚିତ୍ରଡା**

---

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିନ ଅବସରରେ

**ଭୁବନ ବ୍ଲକ୍**

ପକ୍ଷରୁ ସମସ୍ତଙ୍କୁ ସ୍ୱାଗତ ।

**ଶ୍ରୀଯୁକ୍ତ ଆଶୀର୍ବାଦ ପରିଡ଼ା**
ବିଡିଓ, ଭୁବନ, ଢେଙ୍କାନାଳ

ବି.ଦ୍ର.: ଭୁବନ ବ୍ଲକ୍ ପକ୍ଷରୁ ଚଳିତ ମାସ ୨୬ ତାରିଖରେ ଦକ୍ଷତା ହିଁ କ୍ଷମତା ବୈଷୟିକ ତାଲିମ୍ ଶିବିର ଆୟୋଜନ ଓ ୨୯ ତାରିଖ ଦିନ ସାମର୍ଥ ଶିବିରରେ ବ୍ଲକ୍‌ର ସମସ୍ତ ଅଞ୍ଚଳବାସୀମାନଙ୍କ ମଧ୍ୟରୁ ଯୁବତୀଯୁବକ ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ଯୋଗଦେବାକୁ ନିବେଦନ କରାଯାଉଛି ।

---

**ଧରିତ୍ରୀ**ର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଲୋଧା ଉନ୍ନୟନ ସଂସ୍ଥା ମୋରଡା ଅଧୀନସ୍ଥ ସମସ୍ତ ଗ୍ରାମର ଅଧୀବାସୀଙ୍କ ବିକାଶ ଏବଂ ଉନ୍ନତି କାମନା କରୁଅଛୁ ।

**ସ୍ୱତନ୍ତ୍ର ଅଧିକାରୀ, ମୋରଡା**
ଲୋଧା ଉନ୍ନୟନ ସଂସ୍ଥା ଓ ସହକର୍ମୀ ବୃନ୍ଦ

---

ଧରିତ୍ରୀର ୪୬ ତମ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ



**ଉମାକାନ୍ତ ସାମନ୍ତରାୟ, ବିଧାୟକ, ସତ୍ୟବାଦୀ**



**ସସ୍ମିତା ପ୍ରଧାନ, ଅଧ୍ୟକ୍ଷା**
ସତ୍ୟବାଦୀ ପଞ୍ଚାୟତ ସମିତି
ସମୃଦ୍ଧ ସତ୍ୟବାଦୀ ଗଠନରେ ଆପଣଙ୍କର ସହଯୋଗ କାମନା କରୁଛୁ ।
ନବବର୍ଷ ଆପଣଙ୍କ ସୁଖ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ।
ସୌଜନ୍ୟ- ଶଙ୍କର ପ୍ରଧାନ, ପୂର୍ବତନ ସମିତିସଭ୍ୟ

---

# ସତ୍ୟବାଦୀ ମହୋତ୍ସବ



୨୦୨୦ ଫେବୃୟାରୀ ୭, ୮ ଓ ୯ ତାରିଖ
ସ୍ଥାନ - ପଞ୍ଚସଖା ମୁକ୍ତାକାଶ ରଙ୍ଗ ମଞ୍ଚ, ବକୁଳବନ, ପ୍ରତ୍ୟହ ସନ୍ଧ୍ୟାରେ
ନୃତ୍ୟ, ସଙ୍ଗୀତ, ଲୋକନୃତ୍ୟ, ବଲିଉଡ ନାଇଟ୍ସ

ସାଦର ନିମନ୍ତ୍ରଣ :- **ଦିପକ କୁମାର ଶତପଥି** (ସଂଯୋଜକ)

**ସତ୍ୟବାଦୀ ମହୋତ୍ସବ କମିଟି, ସାକ୍ଷୀଗୋପାଳ**

---

ଧରିତ୍ରୀରେ ପ୍ରକାଶିତ ସମ୍ପାଦକୀୟ, ସାହିତ୍ୟାୟନ, ପାଠକଙ୍କୁ ଆଦୃତ କରି ଆସିଛି । ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ସହ...

**କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ମୈଦଲପୁର**

---

ଧରିତ୍ରୀର ୪୬ତମ ଜନ୍ମଦିବସ ଅବସରରେ
**"ପ୍ରକୃତି କୁଟୀର ଯୁକୋପାର୍କ"**
ଚିତ୍ରକୋଣ୍ଡା ଆପଣଙ୍କୁ ସ୍ୱାଗତ ଜଣାଉଛି ।



ଅନ୍‌ଲାଇନ୍ ବୁକିଙ୍ଗ ପାଇଁ ଯୋଗାଯୋଗ କରନ୍ତୁ- https:www.ecotourodisha.com
ମାଲକାନଗିରି ବନଖଣ୍ଡ, ଚିତ୍ରକୋଣ୍ଡା ବନାଞ୍ଚଳ

---

ଧରିତ୍ରୀ ର ୪୬ ତମ ଜନ୍ମବାର୍ଷିକ ଉପଲକ୍ଷେ



ସମସ୍ତ କୃଷୀ ଭାଇ ଓ ଭଉଣୀ ମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା

**ଜାତୀୟ କୃଷି ବଜାର ରେ ନାମ ପଞ୍ଜୀକରଣ କରାଇ ନିଅନ୍ତୁ**

**ସାକ୍ଷୀଗୋପାଳ ନିୟନ୍ତ୍ରୀତ ବଜାର କମିଟି**
ସାକ୍ଷୀଗୋପାଳ, ପୁରୀ

କମଳ କୁମାର ଆଚାର୍ଯ୍ୟ, ସଂପାଦକ
ଭବତାରଣ ସାହୁ, ଓପ୍ରସେ, ଅଧ୍ୟକ୍ଷ

---

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ କସ୍ତୁରବା ଗାନ୍ଧୀ ବିଦ୍ୟାଳୟ, ଏକ୍ସବୋର୍ଡ, ନବରଙ୍ଗପୁରର ଆନ୍ତରିକ ଶୁଭକାମନା । ଏହାର ଉତ୍ତରୋତ୍ତର ପ୍ରଗତି ଆମ୍ଭେ ଦୃଢ଼ ଆଶା ପୋଷଣ କରୁଛୁ ।

**ପ୍ରଧାନ ଶିକ୍ଷୟିତ୍ରୀ**
ସମସ୍ତ କର୍ମଚାରୀ ଓ ଅନ୍ତେବାସୀ

---

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନବରଙ୍ଗପୁର ବ୍ଲକର ସମସ୍ତ ଛାତ୍ର, ଛାତ୍ରୀଙ୍କୁ ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ ।

"ଆସନ୍ତୁ ସମସ୍ତେ ମିଳିମିଶି ମୋ ସ୍କୁଲ ଅଭିଯାନକୁ ସଫଳ କରିବା ।"

**ଗୋଷ୍ଠୀ ଶିକ୍ଷା ଅଧିକାରୀ**
ନବରଙ୍ଗପୁର

---

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ବନାଞ୍ଚଳ ଅଧିକାରୀ, ରାୟଗଡ଼ା**

---

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ

**ଡାବୁଗାଁ ବ୍ଲକ୍**ର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ।

**ପଦ୍ମନାଭ ତ୍ରିପାଠୀ**
ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ

**ଉମେଶ ଚନ୍ଦ୍ର ମାଝୀ**
ସହକାରୀ ଯନ୍ତ୍ରୀ

ଓ ସମସ୍ତ କନିଷ୍ଠ ଯନ୍ତ୍ରୀ
ଡାବୁଗାଁ ପଞ୍ଚାୟତ ସମିତି

---

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ସହ...

**ପଞ୍ଚାୟତ ସମିତି ପାପଡ଼ାହାଣ୍ଡି**

---

ଓଡ଼ିଶାର ୧ନଂ. ଅଗ୍ରଣୀ ଖବରକାଗଜ ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉତ୍ସବରେ କୁନ୍ଦୁରା ସାମାଜିକ ସୁରକ୍ଷା ଅଧିକାରୀ ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ତରଫରୁ ଶୁଭେଚ୍ଛା ।

ସବୁ ସମୟରେ ଏଭଳି ଭାବେ ସମସ୍ତଙ୍କ ଆଗ୍ରହ ଧରିତ୍ରୀ ପ୍ରତି ରହିଥାଉ ।



**ସୁମିତ୍ରା ଖରା**
ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ, କୁନ୍ଦୁରା

---

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପାଠକ, ପାଠିକା, ଲେଖକ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ।

**ପଞ୍ଚାୟତ ସମିତି ନବରଙ୍ଗପୁର**

---



ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ପକ୍ଷରୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା

*From ITDA Rayagada*

---

# ମା' ସରସ୍ୱତୀ ବିଦ୍ୟା ମନ୍ଦିର

ସ୍ଥାପିତ : ୧୯୯୮

ଶୁଭେଚ୍ଛା ସହ...
ଡାଇମଣ୍ଡ ଟ୍ୟାଙ୍କ୍ ରୋଡ୍ ଓ ଶିବାନନ୍ଦ ନଗର, ବ୍ରହ୍ମପୁର-୨
ଦୂରଭାଷ:୯୪୩୭୩୫୮୨୦୨, ୦୬୮୦-୨୨୬୦୬୧୬

**ଓଡ଼ିଶା ସରକାରଙ୍କ ଦ୍ୱାରା ଶ୍ରେଷ୍ଠ ବିଦ୍ୟାଳୟ ବିବେଚିତ**

**ନାମଲେଖା ବିଜ୍ଞାପନ**

୧. ଆସନ୍ତା ୨୦୨୦-୨୧ ଶିକ୍ଷାବର୍ଷରେ ପ୍ଲେସ୍କୁଲ ଓ ଶିଶୁପ୍ରାରମ୍ଭ ଶ୍ରେଣୀରେ ପ୍ରବେଶ ନିମନ୍ତେ ଆବେଦନ ଫର୍ମ ତା.୧୫.୧୧.୨୦୧୯ରିଖ ସକାଳ ୯ଘ.୩୦ମି. ଠାରୁ ଅପରାହ୍ନ ୨ଘ.୩୦ମି. ମଧ୍ୟରେ ବିଦ୍ୟାଳୟ କାର୍ଯ୍ୟାଳୟରେ ଦିଆଯାଉଛି ।
୨. ଶିଶୁଙ୍କ ବୟସ ତା.୦୧.୦୪.୨୦୨୦ରିଖ ସୁଦ୍ଧା ୩ ବର୍ଷରୁ ଉର୍ଦ୍ଧ ଏବଂ ୪ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ ।
୩. ପ୍ଲେସ୍କୁଲ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ରହିଅଛି ।
୪. ଶିଶୁଙ୍କ ସୁଗମ ଓ ନିରାପଦ ଯାତାୟତ ପାଇଁ ବସ୍ ଓ ଭ୍ୟାନ୍‌ର ସୁବିଧା ରହିଅଛି ।

**ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ**

ଶିକ୍ଷାଗତ ଯୋଗ୍ୟତା : I.A / I.Sc. ସହିତ C.T. କିମ୍ବା B.A..B.Sc. ସହିତ B.Ed. ହୋଇଥିବା ଆବଶ୍ୟକ । ଅଭିଜ୍ଞତା ଥିବା ଓ O.T.E.T. ପାସ୍ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।

* ମୂଳ ପ୍ରମାଣପତ୍ର ସହ ତାହାର ନକଲ ଏବଂ BIODATA FORM ସହ ଆସନ୍ତା ତା.୦୧.୧୨.୨୦୧୯ରିଖ (ରବିବାର) ଦିନ ସକାଳ ଘ.୯.୦୦ମି ସମୟରେ ସାକ୍ଷାତକାର ପାଇଁ ଉପସ୍ଥିତ ରହିବେ ।
* ଅଭିଜ୍ଞତା ଭିତ୍ତିରେ ଉପଯୁକ୍ତ ଦରମା ସକାଶେ ଆଲୋଚନା କରାଯିବ ।

ଯୋଗାଯୋଗ : ୭୦୦୮୧୮୧୨୨୦
ସ୍ୱା-ସମ୍ପାଦକ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩୦ ନଭେମ୍ବର, ୨୦୧୯



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବସ୍‌ଷ୍ଟାଣ୍ଡରୁ ଯୁବକଙ୍କ ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ):** କ୍ୟାପିଟାଲ ଥାନା ଅଧୀନ ମାଷ୍ଟରକ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କର ବୟସ ପାଖାପାଖି ୩୦ ହେବ। ତାଙ୍କର ମୁଣ୍ଡ ଏବଂ ହାତରେ କ୍ଷତ ଥିବାରୁ ତାଙ୍କୁ କେହି ଆକ୍ରମଣ କରି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଖବର ପାଇ କ୍ୟାପିଟାଲ ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ସନ୍ଧ୍ୟାରେ ଯୁବକଙ୍କ ମୃତଦେହ ବସ୍‌ଷ୍ଟାଣ୍ଡରେ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ସେ ନିଶା ଖାଇ ଏଭଳି ଶୋଇଥିବା ଭାବି ତାଙ୍କୁ କେହି ଉଠାଇ ନ ଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଉଠିବାରୁ ଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ତାଙ୍କ ନିକଟକୁ ଯାଇ ଡାକିବା ପରେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ଯୁବକ ଜଣକ ସ୍ଥାନୀୟ ଅଞ୍ଚଳର କେହି ହୋଇଥିବା ପୋଲିସ ଅନୁମାନ କରିଛି।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନବନିର୍ବାଚିତ ଜିଲାପରିଷଦ

**ଭୁବନେଶ୍ୱର୨୯।୧୧(ବ୍ୟୁରୋ)-** ସଦ୍ୟ ସମାପ୍ତ ହୋଇଥିବା ଜିଲା ପରିଷଦ ଉପନିର୍ବାଚନ ବିଜୟୀ ବ୍ୟକ୍ତିବିଶେଷମାନେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ନବୀନ ନିବାସରେ ପୂର୍ବାହ୍ନରେ ପ୍ରାର୍ଥୀମାନେ ନିଜ ସମର୍ଥକଙ୍କ ସହ ଉପସ୍ଥିତ ରହିଥିଲେ। ବିଜେଡି ସଭାପତି ସେମାନଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ୍ ପ୍ରଦାନ କରିଥିବାରୁ ଧନ୍ୟବାଦ ଦେଇଥିଲେ। ସମସ୍ତ ବିଜୟୀ ପ୍ରାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇବା ସହ ସବୁ ସମୟରେ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

### ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ ଏସ୍‌ଏଚ୍‌ଜିର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୨୯।୧୧-** ମହିଳା ସଶକ୍ତୀକରଣ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଲାଗି ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ରାଜ୍ୟର ଅପହଞ୍ଚ ଇଲାକାରେ ବିଭିନ୍ନ ସରକାରୀ ଯୋଜନା, ବ୍ୟାଙ୍କ ତଥା କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ମାଧମରେ ମହିଳାମାନେ ବର୍ତ୍ତମାନ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରୁଛନ୍ତି ବୋଲି ରାଜ୍ୟ କୃଷି ଓ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ କୁମାର ଗର୍ଗ କହିଛନ୍ତି। ଏଠାରେ ସିଡବୀ ଓ ଡିଏଫ୍‌ଆଇଡି ସହାୟତାରେ ଓସାଫି ପକ୍ଷରୁ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଏସ୍‌ଏଚ୍‌ଜି ସମ୍ମିଳନୀକୁ ଉଦଘାଟନ କରି ଗର୍ଗ ରାଜ୍ୟ ସରକାର ମହିଳାଙ୍କ ବିକାଶ ଲାଗି ଗ୍ରହଣ କରିଥିବା ଯୋଜନା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅପହଞ୍ଚ ଅଞ୍ଚଳରେ ଆର୍ଥିକ ଅନ୍ତର୍ଭୁକ୍ତି ଲାଗି ସମସ୍ତେ ଚେଷ୍ଟା କରିବା ଆବଶ୍ୟକ ବୋଲି ଆର୍‌ବିଆଇ ପ୍ରବନ୍ଧକ ସୁନୀଲ ଦାସ କହିଛନ୍ତି। ନାବାର୍ଡ ମହାପ୍ରବନ୍ଧକ ଏ.ପି.ଦାସ, ସିଡବୀ ମୁଖ୍ୟ ପ୍ରବନ୍ଧକ ପ୍ରକାଶ କୁମାର, ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଓଡିଶା ଜୀବିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଆବାହକ ପିକେସି ଦାସ, ଆର୍ଥିକ ଅନ୍ତର୍ଭୁକ୍ତୀକରଣର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଓସାଫିର ମୁଖ୍ୟ କାର୍ଯ୍ୟନିର୍ବାହି ନରେନ୍ଦ୍ର ନାୟକ, ସଭାପତି ଦିବ୍ୟ ଜ୍ୟୋତିପଟ୍ଟନାୟକ ଏବଂ ସମ୍ପାଦକ ମହମ୍ମଦ ଅମିନ ପ୍ରମୁଖ ଉପସ୍ଥିତ ଥିଲେ।

ଗୋଚର ଜମିରେ ପାଚେରି ନିର୍ମାଣକୁ ନେଇ ମାରପିଟ୍

# ଅଭିଯୁକ୍ତଙ୍କ ଗିରଫ ଦାବି: ଥାନା ଅଧିକାରୀଙ୍କୁ ଠେଲାପେଲା

**ଖୁଣ୍ଟୁଣୀ, ୨୯।୧୧(ଡି.ଏନ୍.ଏ.)**

ଗୋଚର ଜମିରେ ପାଚେରି ନିର୍ମାଣକୁ ନେଇ ଗୁରୁବାର ଗୁରୁଡିଝାଟିଆ ଥାନା ବାଲୀ ଗ୍ରାମର ୨ପରିବାର ମଧ୍ୟରେ ମାରପିଟ୍ ହୋଇଛି। ଏ ନେଇ ଉଭୟ ପରିବାରଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା(ନଂ.୧୧୫/୧୯, ୧୧୬/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ଶୁକ୍ରବାର ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ମହିଳା ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନାରେ ପହଞ୍ଚି ହୋହଲ୍ଲା କରିବା ସହ ଥାନା ଅଧିକାରୀ ବିଜୟ କେତନ ବିସିଙ୍କୁ ଠେଲାପେଲା କରିଥିଲେ। ପରେ ଥାନା ଆଗରେ ଧାରଣାରେ ବସିଥିଲେ।

ସୂଚନା ଅନୁଯାୟୀ, ବାଲୀ ଗ୍ରାମର ବାଗେଟି ସାହିର ନିତ୍ୟାନନ୍ଦ ରାଉତ, ରସାନନ୍ଦ ରାଉତ ଓ ପ୍ରେମାନନ୍ଦ ରାଉତଙ୍କ ଏକ ପାଚେରି ନିର୍ମାଣ ହେଉଥିଲା। ଏହା ଗୋଚର ଜମି ହୋଇଥିବାରୁ ପାଚେରି ନିର୍ମାଣ କଲେ ରାସ୍ତା ବନ୍ଦ ହୋଇଯିବ ବୋଲି କହି ନିତ୍ୟାନନ୍ଦଙ୍କ ପଡୋଶୀ ହରିହର ଦଳେଇ ପ୍ରତିବାଦ କରିଥିଲେ। ସର୍ବସାଧାରଣଙ୍କ ରାସ୍ତା ଉପରେ ହରିହର କାଠ ଗଦାକରି ରାସ୍ତା ଅବରୋଧ କରୁଛନ୍ତି ବୋଲି ନିତ୍ୟାନନ୍ଦଙ୍କ ପରିବାରର ରାଜେନ୍ଦ୍ର ଓ ଗାଣ୍ଡୁଆ ପାଲଟା ଅଭିଯୋଗ କରିବା ପରେ ଦୁଇ ପରିବାର ମଧ୍ୟରେ ମାରପିଟ୍ ହୋଇଥିଲା। ଏ ନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ସକାଳ ପ୍ରାୟ ୧୦ଟାରେ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ମହିଳା ଥାନାରେ ପହଞ୍ଚି ହୋହଲ୍ଲା କରିବା ସହ ନିତ୍ୟାନନ୍ଦଙ୍କ ପରିବାର ସଦସ୍ୟଙ୍କୁ ଗିରଫ କରାଯିବା ନେଇ ଅଡି ବସିଥିଲେ। ଏହି ସମୟରେ ହରିହରଙ୍କ ସ୍ତ୍ରୀ କବିତା ସେଠାରେ ଅଚେତ ହୋଇପଡ଼ିଥିଲେ। ଥାନା ଅଧିକାରୀ ବିସି ତାଙ୍କୁ ଡାକ୍ତରଖାନା ନେବାକୁ ଉଦ୍ୟମ କରୁଥିବା ବେଳେ କେତେଜଣ ମହିଳା ତାଙ୍କୁ ଠେଲାପେଲା କରିବା ସହ କବିତାଙ୍କୁ ଛାଡି ନ ଥିଲେ। ଏହା ପରେ ଅଭିଯୁକ୍ତଙ୍କ ଗିରଫ ଦାବି କରି ପ୍ରାୟ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ପରେ ସେମାନେ ଆପେ ଆପେ ଧାରଣାରୁ ଉଠି ପଳାଇଥିଲେ। ଏହି ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି।

**ଥାନା ଆଗରେ ୫୦ରୁ ଉର୍ଦ୍ଧ୍ୱ ମହିଳାଙ୍କ ଧାରଣା**



# 'ପୋଲିସ ପାଇଁ ମୋ ଝିଅ ମରିଛି'

## ଥାନା ଅଧିକାରୀଙ୍କ ବହିଷ୍କାର ଦାବିରେ ଡିଜିପିଙ୍କୁ ସ୍ମାରକପତ୍ର

**କଟକ ଅଫିସ, ୨୯।୧୧:**

ମୋ ଝିଅ ଆତ୍ମହତ୍ୟା କରିନି। ତାକୁ ଏଭଳି କରିବା ପାଇଁ ପୋଲିସ ପରୋକ୍ଷରେ ବାଧ୍ୟ କରିଛି। ତେଣୁ ଏହି ଥାନା ଅଧିକାରୀଙ୍କୁ ବହିଷ୍କାର କରାଯାଉ। ମୋ ଝିଅକୁ ବାରମ୍ବାର ବଳାତ୍କାର କରି ବଦ୍‌ନାମ କରିଥିବା ଗିରଫ ଯୁବକଙ୍କୁ ଫାଶୀ ଦିଆଯାଉ। ଏଭଳି ଅଭିଯୋଗ କରିଛନ୍ତି ଗତ ୭ତାରିଖରେ ନାଉଗାଁ ଥାନା ଅଞ୍ଚଳରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦଳିତ ଯୁବତୀଙ୍କ ମା'। ଏ ନେଇ ମୃତା ଯୁବତୀଙ୍କ ମା' ଶୁକ୍ରବାର ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯୁବତୀଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏହି ଯୁବକ ଜଣକ ତା'ଙ୍କ ଝିଅକୁ ଏକତରଫା ପ୍ରେମ କରୁଥିଲେ। ଝିଅ ପ୍ରେମ ନିବେଦନକୁ ପ୍ରତ୍ୟାଖାନ କରିବାରୁ ସେ ତାକୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଝିଅ ଓ ପରିବାର ଲୋକେ ନାଉଗାଁ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ ମଧ୍ୟ ପୋଲିସ ଅଭିଯୋଗ ଗ୍ରହଣ କରି ନ ଥିଲା। ଆମକୁ ଥାନାରୁ ତଡ଼ି ଦେଇଥିଲେ। ଫଳରେ ଯୁବକଜଣକ ବାରମ୍ବାର ମୋ ଝିଅକୁ ବଳାତ୍କାର କରିଥିଲେ। ଶେଷରେ ଗତ ୭ତାରିଖରେ ସେ ମୋ ଝିଅକୁ ବଳାତ୍କାର କରିବା ସହ ତା'ର ଖରାପ ଫଟୋ କାନ୍ଥରେ ଲଗାଇ ଦେଇଥିଲା। ଏହାକୁ ସହ୍ୟ କରି ନ ପାରି ମୋ' ଝିଅ ରଶି ଲଗାଇ ଆତ୍ମହତ୍ୟା କଲା। ଥାନା ଅଧିକାରୀ ଯଦି ଆମ ଅଭିଯୋଗ ଶୁଣି ପୂର୍ବରୁ ଉକ୍ତ ଯୁବକକୁ ଗିରଫ କରିଥାନ୍ତେ ତେବେ ମୋ ଝିଅ ମରି ନ ଥାନ୍ତା ବୋଲି ମୃତ ଯୁବତୀଙ୍କ ମା' ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଯୁବକଙ୍କୁ କଠୋର ଦଣ୍ଡ ଦିଆଯିବା ସହ ଥାନା ଅଧିକାରୀଙ୍କୁ ବହିଷ୍କାର କରିବା ଦାବିରେ ସେ ଡିଜିପିଙ୍କ ନିକଟକୁ ଆସିଥିଲେ। ୧୫ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୃତ ପୀଡ଼ିତାଙ୍କ ମା' ବାପାଙ୍କ ସହ ଡିଜିପିଙ୍କୁ ଭେଟିଥିବା ରାଷ୍ଟ୍ରୀୟ ଦଳିତ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ମଲିକ କହିଛନ୍ତ। ଏ ସମ୍ପର୍କରେ ନାଉଗାଁ ଥାନା ଅଧିକାରୀ କୁହନ୍ତି, ଏହି ଘଟଣା ପୂର୍ବରୁ ପୀଡ଼ିତାଙ୍କ ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିଲା।

## ଓଡ଼ିଶାର ୧୦.୭ ଲକ୍ଷ ଶିଶୁ ଅର୍ଦ୍ଧବିକଶିତ

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ଓଡ଼ିଶାରେ ୨୦୩୬ରେ ଅପପୁଷ୍ଟି ହାର ୨୯.୧% ହେବ। ଏନେଇ କୋଆଲିଶନ ଫର୍ ଫୁଡ୍ ଆଣ୍ଡ୍ ନ୍ୟାଶନାଲ ସିକ୍ୟୁରିଟି(ସିଏଫ୍‌ଏନ୍‌ଏସ୍) ପକ୍ଷରୁ ପ୍ରକାଶିତ ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଶୁକ୍ରବାର ନୂଆଦିଲ୍ଲୀରେ ପ୍ରକାଶ ପାଇଥିବା ଏହି ରିପୋର୍ଟ ଅନୁସାରେ, ରାଜ୍ୟର ୧୦.୭ ଲକ୍ଷ ଶିଶୁ ଅର୍ଦ୍ଧବିକଶିତ ହୋଇ ରହିଛନ୍ତି। ସେହିପରି ୫.୧୩ ଲକ୍ଷ ଶିଶୁ ଦୁର୍ବଳ ସ୍ୱାସ୍ଥ୍ୟର ଅଟନ୍ତି ଏବଂ ୧୦.୮ ଲକ୍ଷ ଶିଶୁ ଓଜନ ହୀନତାର ଶିକାର ହୋଇଛନ୍ତି। ରାଜ୍ୟରେ ପ୍ରାୟ ୬୦% କିଶୋରାବସ୍ଥାରେ ରକ୍ତହୀନତାର ଶିକାର ହେଉଛନ୍ତି। ଏମାନଙ୍କ ମଧ୍ୟରେ ୪୦.୪% କିଶୋରୀ ରହିଥିବାବେଳେ ୧୮.୮% କିଶୋର ରହିଛନ୍ତି। ଏହାଛଡ଼ା ୩୮.୯% ପିଲାଙ୍କ ଉଚ୍ଚତା ଅଧିକ ଥିଲେ ମଧ ଓଜନ କମ୍ ରହିଛି ଏବଂ ୨୯.୨% ଉଚ୍ଚତା ଅନୁସାରେ ଓଜନ କମ୍ ରହିଛି। ରାଜ୍ୟ ସରକାର ୨୦୨୨ର ନ୍ୟାଶନାଲ୍ ନ୍ୟୁଟ୍ରିଶନ ମିଶନ ଟାର୍ଗେଟ ପୂରଣ କରିବାରେ ବିଫଳ ହେବ ବୋଲି ଏହି ରିପୋର୍ଟ ଦର୍ଶାଇଛି। ସଂସ୍ଥାର ନିର୍ଦ୍ଦେଶକ ସୁଜିତ ରଞ୍ଜନ କହିଛନ୍ତି ଯେ, ଅପପୁଷ୍ଟିକୁ ରୋକିବା ଲାଗି ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। କିନ୍ତୁ ଏହା ନ୍ୟାଶନାଲ୍ ନ୍ୟୁଟ୍ରିଶନ ମିଶନ ଟାର୍ଗେଟ ପୂରଣ କରିବାରେ ଅସଫଳ ହୋଇପାରେ। ରାଜ୍ୟରେ ବର୍ତ୍ତମାନ ପରିସ୍ଥିତି ବହୁ ଜଟିଳ ରହିଛି। ତେଣୁ ସ୍ଥିତିରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ଯଥାଶୀଘ୍ର ପଦକ୍ଷେପ ନେବା ଉଚିତ ବୋଲି ସେ କହିଛନ୍ତି।

## ଜଳସମ୍ପଦ ମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ କାଡା କର୍ମକର୍ତ୍ତା



**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ଓଡ଼ିଶା ସେଚାଞ୍ଚଳ ଉନ୍ନୟନ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି(କାଡା)ର ନବ ନିର୍ବାଚିତ କର୍ମକର୍ତ୍ତା ଶୁକ୍ରବାର ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ୍ କରିଛନ୍ତି। ଜଳସମ୍ପଦ ବିଭାଗ ଅଧୀନ କାଡାର ରାଜ୍ୟ ସଭାପତି ବିମଳ ଭୂଷଣ ମହାନ୍ତି ଓ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ବିଭାଗୀୟ ମନ୍ତ୍ରୀଙ୍କ ସହ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟଙ୍କୁ ୟୁନିଟ-୬ସ୍ଥିତ ମନ୍ତ୍ରୀଙ୍କ ବାସଭବନରେ ସାକ୍ଷାତ୍ କରିଥିଲେ। ଏହି ଅବସରରେ ସେମାନେ ଅଣଗେଜେଟେଡ କର୍ମଚାରୀଙ୍କ ବହୁବିଧ ବିକାଶ ତଥା ବିଭିନ୍ନ ଡିଭିଜନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂତନଭାବେ ଚୟନ ହୋଇଥିବା ସଂଘର ଉପଦେଷ୍ଟା ସଞ୍ଜୟ କୁମାର ଆଚାର୍ଯ୍ୟ, ଉପସଭାପତି ସୁଦର୍ଶନ ରଥ ଓ ସୁରେନ୍ଦ୍ର ହେମ୍ବ୍ରମ, କୋଷାଧ୍ୟକ୍ଷ ବିଜୟାନନ୍ଦ ବେହେରା, ସାଙ୍ଗଠନିକ ସମ୍ପାଦକ ଗୋବିନ୍ଦ ପ୍ରସାଦ ଦାସ, ପ୍ରଣବ କୁମାର ଦାଶ ଏବଂ ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

## ଉପସହକାରୀ ଅଡିଟର ଜେନେରାଲଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

**କଟକ ଅଫିସ, ୨୯।୧୧**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ସମବାୟ ସମିତିର ଉପ ସହକାରୀ ଅଡିଟର ଜେନେରାଲ ଶିବ ପ୍ରସାଦ ମଲ୍ଲିକଙ୍କ ଘରେ ଭିଜିଲାନ୍ସ ଯାଞ୍ଚ କରିଛି। ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ମଲ୍ଲିକଙ୍କ ଭୁବନେଶ୍ୱରସ୍ଥିତ ଆବାସିକ କୋଠା, ଭୁବନେଶ୍ୱରରେ ଥିବା ସମ୍ପର୍କୀୟଙ୍କ ଘର, କେନ୍ଦ୍ରାପଡ଼ା କୁତରଙ୍ଗା ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘର ଓ କଟକସ୍ଥିତ ଅଫିସରେ ଏକକାଳୀନ ଯାଞ୍ଚ କରାଯାଇ ମୋଟ ୭୧ ଲକ୍ଷ ୨୫ହଜାର ୨୯ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମସ୍ତ ସମ୍ପତ୍ତି ମଲ୍ଲିକ ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ସମ୍ପତ୍ତିଗୁଡ଼ିକର ହୋଇଥିବା ମୂଲ୍ୟାୟନ ଅନୁଯାୟୀ ଭୁବନେଶ୍ୱରରେ ତାଙ୍କର ୪ ମହଲା କୋଠା ରହିଛି। ଏହାର ମୂଲ୍ୟ ୫୨ ଲକ୍ଷ ୫୦ହଜାର ୪୪୬ ଟଙ୍କା ହେବ ବୋଲି ଭିଜିଲାନ୍ସ କହିଛି। ସେହିପରି ଭୁବନେଶ୍ୱର ଓ କେନ୍ଦ୍ରାପଡ଼ାରେ ତାଙ୍କର ୮ଟି ପ୍ଲଟ ରହିଛି, ଯାହାର ମୂଲ୍ୟ ୯ ଲକ୍ଷ ୪୮ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଯାଞ୍ଚ ସମୟରେ ମଲ୍ଲିକଙ୍କ ଘରୁ ୨ ଲକ୍ଷ ୭୧ ହଜାର ୪୯୮ ଟଙ୍କାର ସୁନା, ରୂପା ଗହଣା ଠାବ କରାଯାଇଛି। ସେହିପରି ତାଙ୍କର ୪୨ ହଜାର ଟଙ୍କାର ଗୋଟିଏ ମୋଟରସାଇକେଲ ରହିଛି। ବିଭିନ୍ନ ବ୍ୟାଙ୍କରେ ମଲ୍ଲିକ ୧ ଲକ୍ଷ ୪୬ହଜାର ୫୮୩ ଟଙ୍କା ଜମା ରଖିଥିବାବେଳେ ଯାଞ୍ଚ ସମୟରେ ଘରୁ ନଗଦ ୩୯ହଜାର ଟଙ୍କା ଠାବ କରାଯାଇଛି। ସେହିପରି ମଲ୍ଲିକଙ୍କ ଘରୁ ୪ ଲକ୍ଷ ୨୭ହଜାର ୫୦୨ ଟଙ୍କାର ଆସବାବପତ୍ରକୁ ଭିଜିଲାନ୍ସ ଠାବ କରିଛି।

କନ୍ୟାକୁମାରୀରୁ କଟକ

## ଏକତାର ମନ୍ତ୍ର ନେଇ ଥଙ୍ଗାରାଜାଙ୍କ ଦେଶ ପରିକ୍ରମା

**କଟକ ଅଫିସ, ୨୯।୧୧**



ପଙ୍ଗୁ ଲଙ୍ଘୟତେ ଗିରି। ସଂସ୍କୃତରେ ଥିବା ଏହି ଶ୍ଳୋକକୁ ପ୍ରମାଣିତ କରିଛନ୍ତି କନ୍ୟାକୁମାରୀର ଆର୍. ଥଙ୍ଗାରାଜା(୪୦)। ଦୁଇଟି ଗୋଡ଼ ଅକର୍ମଣ୍ୟ ହୋଇଥିଲେ ମଧ୍ୟ ଏକ ସ୍ୱତନ୍ତ୍ର ସ୍କୁଟରରେ ଦେଶ ପରିକ୍ରମାରେ ସେ ବାହାରିଛନ୍ତି। ରାଜଧାନୀ ଦିଲ୍ଲୀ ହେଉକି ଦୁର୍ଗମ ଜମ୍ମୁ-କଶ୍ମୀର। ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଦେଶ ସାରା ଏକତାର ମନ୍ତ୍ର ବାଣ୍ଟୁଛନ୍ତି। ଏହି ସାହସୀ ଯୁବକ ଜଣଙ୍କ ଶୁକ୍ରବାର ସନ୍ଧ୍ୟାରେ କଟକରେ ପହଞ୍ଚିଥିଲେ। ଯୋବ୍ରା ରୋଡ୍‌ସ୍ଥିତ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଶାଖା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିବା ବେଳେ ଥଙ୍ଗାରାଜା ଉପସ୍ଥିତ ରହି ନିଜ ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ।

'ଏକ ଭାରତ, ବିଜୟୀ ଭାରତ। ଦେଶବାସୀଙ୍କ ସାମୂହିକ ଅବଦାନର ସମୟ ଆସିଛି। ରାଷ୍ଟ୍ରବାସୀ ଏକ ହେଲେ ଦେଶର ନବନିର୍ମାଣ ହୋଇ ପାରିବ।' ଏହା ହେଉଛି ଥଙ୍ଗାରାଜାଙ୍କ ବାର୍ତ୍ତା। ଇତି ମଧ୍ୟରେ ସେ ଅନେକ ରାଜ୍ୟ ଅତିକ୍ରମ କରି ସାରିଲେଣି। କଟକ ପରେ ସେ ଭୁବନେଶ୍ୱର, ସମ୍ବଲପୁର ଅଭିମୁଖେ ଯାତ୍ରା କରିବେ। ଏହାପରେ ସେ ଛତିଶଗଡ଼ ଅଭିମୁଖେ ଯାତ୍ରା ଆରମ୍ଭ କରିବେ ବୋଲି କହିଛନ୍ତି। କନ୍ୟାକୁମାରୀ ବିବେକାନନ୍ଦ କେନ୍ଦ୍ରର ସୂଚନା କେନ୍ଦ୍ରରେ ଥଙ୍ଗାରାଜା କାର୍ଯ୍ୟ କରନ୍ତି। ଗତ ସେପ୍ଟେମ୍ବର ୧୧ରେ ସେ ଯାତ୍ରା ଆରମ୍ଭ କରିଥିଲେ। କନ୍ୟାକୁମାରୀଠାରେ ୧୯୭୦ ମସିହାରେ ପ୍ରତିଷ୍ଠା ହୋଇଥିବା ବିଶାଳ ରାଷ୍ଟ୍ରୀୟ ସ୍ମାରକୀର ୫୦ତମ ପ୍ରତିଷ୍ଠା ବର୍ଷ ଅବସରରେ ତାଙ୍କର ଏହି ଯାତ୍ରା ବୋଲି ସେ କହିଥିଲେ। ଶ୍ରୀନଗର, ଲେହ୍, କାର୍ଗିଲ ଆଦି ସ୍ଥାନ ଯାତ୍ରା କରିବାର ଅନୁଭୂତି ନିଆରା ବୋଲି ଥଙ୍ଗାରାଜା କହିଛନ୍ତି। ଖବରଦାତା ସମ୍ମିଳନୀରେ କେନ୍ଦ୍ରର କଟକ ନଗର ସଙ୍ଗଠକ ରଶ୍ମିତା ନାୟକ, ପ୍ରାନ୍ତ ସଞ୍ଚାଳକ ସୁରସେନ ଜେନା, 'ଏକ ଭାରତ ବିଜୟୀ ଭାରତ'ର ସଂଯୋଜକ ବିଭୂତି ଭୂଷଣ ମହାପାତ୍ର ଉପସ୍ଥିତ ଥିଲେ।

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ମିରାଣ୍ଡ ହାଉସ୍ ମହାବିଦ୍ୟାଳୟ ମଧ୍ୟରେ ଏମ୍‌ଓୟୁ

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଦିଲ୍ଲୀର ମିରାଣ୍ଡ ହାଉସ୍ ମହାବିଦ୍ୟାଳୟ ମଧ୍ୟରେ ଶୁକ୍ରବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପ୍ରଥମ ବିଧାୟିକା, ପ୍ରଥମ ବାଚସ୍ପତି, ଜେଲ ଯାଇଥିବା ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀଙ୍କ ନାମରେ ଏକ ଗବେଷଣା କେନ୍ଦ୍ର ଖୋଲାଯାଇଛି। ଲିଙ୍ଗଗତ ନ୍ୟାୟ ସମ୍ପର୍କିତ ଗବେଷଣା କେନ୍ଦ୍ରକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପଦ୍ମଜା ମିଶ୍ର ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ସରଳା ଦେବୀଙ୍କ କୃତିତ୍ୱ ସମ୍ପର୍କରେ ଓଡ଼ିଶାର ଜନସାଧାରଣଙ୍କୁ ପରିଚିତ କରାଇବା ସହ ଲିଙ୍ଗଗତ ନ୍ୟାୟ, ଅସମାନତା ଓ ଏ ସମ୍ପର୍କିତ ଗବେଷଣା କରିବା ଏହି ଚୁକ୍ତିନାମାର ମୂଳ ଉଦ୍ଦେଶ୍ୟ ବୋଲି କୁଳପତି ମିଶ୍ର କହିଛନ୍ତି। ଏହି ବୁଝାମଣା ପତ୍ରକୁ ରମାଦେବୀ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବ ଇତିଶ୍ରୀ ଦାସ ଓ ମିରାଣ୍ଡ ହାଉସ ମହାବିଦ୍ୟାଳୟ ତରଫରୁ ଅଧକ୍ଷା ଡ. ବିଜୟଲକ୍ଷ୍ମୀ ନନ୍ଦ ସ୍ୱାକ୍ଷର କରିଛନ୍ତି। ଦ୍ୱିତୀୟ ଅଧିବେଶନରେ ମିରାଣ୍ଡ ହାଉସ ମହାବିଦ୍ୟାଳୟ ପ୍ରାଧାପିକା ଡ. ହିନା ସିଂହ ଗବେଷଣାର ରୂପରେଖ ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନା କରିଥିଲେ।

## ଆରମ୍ଭ ହେଲା ଚିତ୍ରାଞ୍ଜଳି

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ଆର୍ଟିଷ୍ଟ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଏକାମ୍ର ହାଟଠାରେ ଶୁକ୍ରବାରଠାରୁ 'ଚିତ୍ରାଞ୍ଜଳି-୨୦୧୯' ଆରମ୍ଭ ହୋଇଛି। ଏକାଡେମୀ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ, ବରିଷ୍ଠ ଶିଳ୍ପୀ ପଞ୍ଚାନନ ସୁର, ସଭାପତି ଜନପ୍ରିୟ ଦେବତା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି। ରବିବାର ଶେଷ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ତରୁଣ, ଯୁବ ଓ ପ୍ରବୀଣ ଚିତ୍ରଶିଳ୍ପୀ ଯୋଗ ଦେଇଛନ୍ତି। ଅପରାହ୍ନରେ ଆଲୋଚନା ଚକ୍ର, ସନ୍ଧ୍ୟାରେ ଭାରତର ବିଭିନ୍ନ ସ୍ଥାନର କଳାତ୍ମକ ଚଳଚ୍ଚିତ୍ର ପ୍ରଦର୍ଶନ ହେଉଛି। ଉପସଭାପତି ଚିନ୍ତାମଣି ବିଶ୍ୱାଳ, ଉପଦେଷ୍ଟା ମୀନକେତନ ପଟ୍ଟନାୟକ ଏବଂ 'ଆଓ'ର କର୍ମକର୍ତ୍ତା ସହଯୋଗ କରିଛନ୍ତି।

ମାମୁ-ଭଣଜାଙ୍କ କଳି ପାଇଁ ବଳିପଡ଼ିଲେ ଭଡ଼ାଟିଆ ଦୋକାନୀ

## ଦୋକାନରେ ଭଙ୍ଗାରୁଜା ସହ ଔଷଧ ଫିଙ୍ଗିଲେ ମହିଳା

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ମାମୁ ଓ ଭଣଜାଙ୍କ ମଧ୍ୟରେ ଜମି ବିବାଦ ପାଇଁ ବଳିପଡ଼ିଲେ ଭଡ଼ାଟିଆ ଦୋକାନୀ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନୟାପଲ୍ଲୀ ଥାନା ଅଧୀନ ଆଇଆରସି ଭିଲେଜ ଏନ୍-୫ ପ୍ଲଟ ନଂ-୫୪୦ରେ। ଶୁକ୍ରବାର ସକାଳୁ ଶତାଧିକ ମହିଳା ଶାବଳ ଏବଂ ଅନ୍ୟ ଅସ୍ତ୍ର ଧରି ସେହି ପ୍ଲଟରେ ଥିବା ଔଷଧ ଦୋକାନଗୁଡ଼ିକର ତାଲା ତାଡ଼ି ଭଙ୍ଗାରୁଜା କରିବା ସହ ଔଷଧ ଫିଙ୍ଗି ଦେଇଥିଲେ। ଦୋକାନ ଖୋଲିବାକୁ ଆସିଥିବା କର୍ମଚାରୀଙ୍କୁ ଆକ୍ରମଣ କରିବା ସହ କାଉଣ୍ଟରରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଦୋକାନୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ନୟାପଲ୍ଲୀ ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି। ଅଭୟ ଚରଣ ମିଶ୍ରଙ୍କ ଅଭିଯୋଗକ୍ରମେ ନଂ. ୪୨୫/୧୯ରେ ମାମଲା ରୁଜୁ ହୋଇଥିବାବେଳେ ଦୋକାନ ମାଲିକ ରାମଚନ୍ଦ୍ର ବେହୁରା, ପ୍ରଶାନ୍ତ ପରିଡ଼ା, ସର୍ବେଶ୍ୱର ଦାଶ, ଅଶୋକ ପଟ୍ଟନାୟକଙ୍କ ଅଭିଯୋଗ ଅନୁଯାୟୀ କେସ୍ ନଂ-୪୨୬/୧୯ ରୁଜୁକରି ତଦନ୍ତ ଜାରି ରଖିଛି ପୋଲିସ।

ସୂଚନା ଅନୁଯାୟୀ, ଅଭୟ ଓ ତାଙ୍କ ଭଣଜା ଭବାନୀ ଚରଣ ଶତପଥୀଙ୍କ ମଧ୍ୟରେ ଏନ୍-୫ ପ୍ଲଟ ନଂ-୫୪୦ ଜାଗାକୁ ନେଇ ବିବାଦ ଲାଗିରହିଛି। ଜାଗାଟି ଅଭୟଙ୍କ ନାମରେ ଥିବା ସେ ଦାବି କରୁଛନ୍ତି। ସେହିପରି ଭବାନୀ ମଧ୍ୟ ନିଜର ବୋଲି ଦାବି କରି ଦଖଲରେ ରଖିଛନ୍ତି। ଭବାନୀ ଉକ୍ତ ଜାଗାକୁ ମେଡିସିନ୍ ଦୋକାନୀଙ୍କୁ ଭଡ଼ା ଲଗାଇ ମାସକୁ ଭଡା ନେଉଛନ୍ତି। ତେବେ ଏହି ଜମିର ମାଲିକାନାକୁ ନେଇ ହାଇକୋର୍ଟରେ ମାମଲା ଚାଲିଛି। ଅଭୟଙ୍କ ଅଭିଯୋଗ ଅନୁଯାୟୀ କୋର୍ଟରେ ତାଙ୍କର ଡିଗ୍ରୀ ହୋଇଛି। ତେଣୁ ସେ ଦୋକାନୀଙ୍କୁ ଖାଲି କରିବାକୁ କହିଥିଲେ ମଧ୍ୟ ସେମାନେ ଶୁଣୁନାହାନ୍ତି। ତେଣୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଦୋକାନୀମାନେ ଅଭିଯୋଗ କରିଛନ୍ତି, ଦୁଇଦିନ ତଳେ ସେଠାରେ କୌଣସି ବିଶୃଙ୍ଖଳା ନ କରିବା ପାଇଁ ପୋଲିସ କହିଥିଲା। ହେଲେ ପୋଲିସ ନିର୍ଦ୍ଦେଶକୁ ସେମାନେ ବେଖାତିର କରି ମହିଳାମାନଙ୍କୁ ଲଗାଇ ଏଭଳି କାଣ୍ଡ ଘଟାଇଛନ୍ତି। ଏଥିଯୋଗୁ ଆମର କୋଟି କୋଟି ଟଙ୍କାର ମେଡିସିନ୍ ନଷ୍ଟ ହୋଇଛି। ତେଣୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଦାବି କରିଛନ୍ତି।

# ଫ୍ରାଇଡେ ଫିଲ୍ମ ମତାମତ

**ଶୁକ୍ରବାର ରିଲିଜ ହୋଇଛି ହିନ୍ଦି ଫିଲ୍ମ କମାଣ୍ଡୋ-୩ ଏବଂ ହୋଟେଲ ମୁମ୍ବାଇ। ଏହି ଦୁଇଟି ଫିଲ୍ମ ଦେଖିସାରିବା କେତେଜଣ ଦର୍ଶକଙ୍କ ମତାମତ ନେଇଥିଲୁ। ସେମାନେ ଯାହା କହନ୍ତି...**

### କମାଣ୍ଡୋ-୩



**ସ୍ମୃତି ରଞ୍ଜନ:** ଫିଲ୍ମଟି ପଇସା ଉଠେଇ ଦେଇଛି। ବିଦ୍ୟୁତ୍ ଜମୱାଲ ଥିବାରୁ ଆକ୍ସନ୍ ଜମିଛି। ଆଶାଠାରୁ ବି ଅଧିକ ଆଉ ଭୟଙ୍କର ଆକ୍ସନ ଦେଖିବାକୁ ମିଳିଲା। ବର୍ତ୍ତମାନର ଯୁବବର୍ଗ ପାଇଁ ଏହି ଫିଲ୍ମ ବେଶ୍ ପ୍ରେରଣାଦାୟକ ହେବ। ବଲିଉଡ୍‌ର ଶ୍ରେଷ୍ଠ ଆକ୍ସନ ଚିତ୍ର ଏହି ଫିଲ୍ମରେ ଦେଖିବାକୁ ମିଳିଲା।



**ଆଦିତ୍ୟ ଖୁଣ୍ଟିଆ:** ହିରୋଙ୍କ ନାଁ ଯେମିତି, ଫିଲ୍ମଟା ବି ସେହିଭଳି ହୋଇଛି। ଫିଲ୍ମର ସବୁ ଆକ୍ସନ ପୁରା ବିଦ୍ୟୁତ୍ ଭଳିଆ ଲାଗୁଥିଲା। ମନ ଖୁସି କରିଦେଲା ଭଳି ଫିଲ୍ମ। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦେହରେ କରେଣ୍ଟ ଭରି ଦେଉଛି।

### ହୋଟେଲ୍ ମୁମ୍ବାଇ



**ଅନୀଲ ରାଉତରାୟ:** ସମସ୍ତ କଳାକାରଙ୍କ ଅଭିନୟ ବାସ୍ତବତା ଭିତରକୁ ନେଇଯାଉଛି। ବିଶେଷକରି ମୁମ୍ବାଇରେ ଏହି ସମୟରେ ହୋଇଥିବା ଘଟଣାବଳୀଗୁଡ଼ିକ ଦର୍ଶକଙ୍କୁ ପ୍ରତ୍ୟକ୍ଷଦର୍ଶୀ କଲା ଭଳି ଅନୁଭବ ହେଉଛି। ଦେବ ପଟେଲ, ଅନୁପମ ଖେର ଓ ନିର୍ଦ୍ଦେଶକ ବେଶ୍ ଭଲ କାର୍ଯ୍ୟ କରିଛନ୍ତି।



**ଶୁଭ ପ୍ରକାଶ ରଥ:** ଏଥିରେ ସେମିତି କିଛି ବି ନୂଆ ନାହିଁ। ଯାହା ପୁରୁଣା ଡକ୍ୟୁମେଣ୍ଟାରି ଗୁଡ଼ିକରେ ଥିଲା, ତାହା ଦେଖାଯାଉଛି। ଅଭିନୟ ଭଲ ହୋଇଛି, ହେଲେ କାହାଣୀରେ ନୂତନତ୍ୱ ନାହିଁ। ଘଟଣା ପଛର କାହାଣୀ ଦୃଶ୍ୟମାନ ହେବ ବୋଲି ଆଶା ଥିଲା।






## ମୃତ ବଉଳା କୁମ୍ଭୀର ଉଦ୍ଧାର

**ରାଜନଗର, ୨୯।୧୧ (ଡି.ଏନ୍.ଏ.):** ରାଜନଗର ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ କୂଳ ମହୁଲିଆ ପଞ୍ଚାୟତର ରାଜଗଡ଼ ନିକଟରୁ ଗୁରୁବାର ଏକ ୬ ଫୁଟ ଲମ୍ବର ମୃତ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ନଦୀ କୂଳରେ ମଲା କୁମ୍ଭୀର ପଡ଼ିଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ରାଜନଗର ରେଞ୍ଜ ଅଫିସର ସୁରଜିତ କୁମାର ସାହୁ ରାଜଗଡ଼ ଗ୍ରାମରେ ପହଞ୍ଚି କୁମ୍ଭୀରର ମୃତଦେହ ଉଦ୍ଧାର କରିଛନ୍ତି। କୁମ୍ଭୀର ଦେହରେ କୌଣସି ଚିହ୍ନ ନ ଥିବାରୁ ଏହା ମାଛ ଧରା ଜାଲରେ ଛନ୍ଦି ହୋଇ ମରିଥିବା ସନ୍ଦେହ କରାଯାଉଛି।

### ସଂକ୍ଷେପରେ

## ଉଦ୍ଧବଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ

**ଭୁବନେଶ୍ୱର ୨୯।୧୧(ବ୍ୟୁରୋ):** ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଉଦ୍ଧବ ଠାକରେଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଶୁକ୍ରବାର ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବାରୁ ଉଦ୍ଧବଙ୍କୁ ଶୁଭେଚ୍ଛା। ତାଙ୍କ ନେତୃତ୍ୱ ଏବଂ ସରକାରଙ୍କ କାର୍ଯ୍ୟ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବ ବୋଲି ଆଶା।

## ଲୋକ ସଭାରେ ଉଠିଲା ସ୍ମିତାରାଣୀ ପ୍ରସଙ୍ଗ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ):** କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା ଯାଜପୁର ଜିଲା ପିଇଓ ସ୍ମିତାରାଣୀ ବିଶ୍ୱାଲଙ୍କ ସନ୍ଦେହଜନକ ମୃତ୍ୟୁ ପ୍ରସଙ୍ଗ ଲୋକ ସଭାରେ ଉଠାଇଛନ୍ତି। ଶୁକ୍ରବାର ଶୂନ୍ୟକାଳ ଚାଲିଥିବା ସମୟରେ ଏହି ପ୍ରସଙ୍ଗ ଉଠାଇ ସପ୍ତଗିରି କହିଥିଲେ ଯେ, ସ୍ମିତାରାଣୀଙ୍କ ମୃତ୍ୟୁ ରହସ୍ୟଜନକ। ସ୍ଥାନୀୟ ପୋଲିସ ପ୍ରଶାସନ ଦ୍ୱାରା କରାଯାଉଥିବା ତଦନ୍ତ ସନ୍ଦେହଜନକ। ଦୃଢ଼ ଅନୁସନ୍ଧାନ କରା ନ ଯାଇ ସ୍ମିତାରାଣୀଙ୍କ ହତ୍ୟାକୁ ଆତ୍ମହତ୍ୟା ବୋଲି କୁହାଯାଇଛି। ଘଟଣାର ସିବିଆଇ ଯାଞ୍ଚ କରାଯାଉ ବୋଲି ସପ୍ତଗିରି ଦାବି କରିଥିଲେ। ଓଡ଼ିଶାରୁ କଂଗ୍ରେସରୁ ଗୋଟିଏ ଏମ୍‌ପି ହୋଇଥିଲେ ମଧ ତାଙ୍କ ସ୍ୱରକୁ ଚପାଯାଇପାରିବ ନାହିଁ, ଏହି ପ୍ରସଙ୍ଗରେ ନ୍ୟାୟ ମିଳିବା ପର୍ଯ୍ୟନ୍ତ ସେ ଲଢେଇ ଜାରି ରଖିବେ ବୋଲି ସପ୍ତଗିରି ନିଜ ଟୁଇଟରରେ ଉଲ୍ଲେଖ କରିଥିଲେ। ସପ୍ତଗିରି ଏହି ପ୍ରସଙ୍ଗ ଉପସ୍ଥାପନ କରୁଥିବା ସମୟରେ ବିଜେଡି ଏମ୍‌ପି ପିନାକୀ ମିଶ୍ର ଏହି ପ୍ରସଙ୍ଗରେ ତଦନ୍ତ ଚାଲୁଥିବା କହିଥିଲେ। ବିରୋଧୀମାନେ ଏହି ପ୍ରସଙ୍ଗରେ ଅଯଥା ରାଜନୀତି କରୁଥିବା ମିଶ୍ର କହିଥିଲେ।

## କେନ୍ଦ୍ରାପଡ଼ାକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ ଲାଗି ଅନୁଭବଙ୍କ ଦାବି

**ନୂଆଦିଲ୍ଲୀ,୨୯।୧୧:** କେନ୍ଦ୍ରାପଡାକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ବିଜେଡି ଏମ୍‌ପି ଅନୁଭବ ମହାନ୍ତି ଶୁକ୍ରବାର ଦାବି କରିଛନ୍ତି। ଏହାଦ୍ୱାରା ଉକ୍ତ ଅଞ୍ଚଳକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିବା ସହ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି। ଫେବୃୟାରୀରେ କେନ୍ଦ୍ରାପଡ଼ାକୁ ମାଲବାହୀ ଟ୍ରେନ୍ ଚାଲିବାକୁ ଯାଉଥିବାରୁ ଏଥିପାଇଁ ଅନୁଭବ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଲୋକ ସଭାରେ ଶୂନ୍ୟକାଳରେ କେନ୍ଦ୍ରାପଡା ଏମ୍‌ପି କହିଥିଲେ, ସ୍ୱାଧୀନତାର ୭୨ ବର୍ଷ ବିତିଥିଲେ ହେଁ ଏପର୍ଯ୍ୟନ୍ତ କେନ୍ଦ୍ରାପଡାବାସୀ ରେଳଲାଇନ ଦେଖିପାରି ନ ଥିଲେ। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ଓ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସହଯୋଗରୁ କେନ୍ଦ୍ରାପଡା ଦେଇ ହରିଦାସପୁର-ପାରାଦୀପ ରେଳଲାଇନରେ ମାଲ୍‌ବାହୀ ଟ୍ରେନ ଚଳାଚଳ କରିବାକୁ ଯାଉଛି। ଏହା ସହ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ବ୍ୟବସ୍ଥା କରିବାକୁ ସେ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

# ବ୍ରେଲ୍‌ରେ ଛପାଗଲା ଏଡ୍‌ସ ସଚେତନତା ପୁସ୍ତିକା

**ବ୍ରହ୍ମପୁର ଅଫିସ୍,୨୯।୧୧**

ଓଡ଼ିଶାରେ ଏଡ୍‌ସ ଭଳି ଏକ ଭୟଙ୍କର ରୋଗର ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଚଳିତବର୍ଷ ପ୍ରଥମ ଥର ପାଇଁ ବ୍ରେଲ୍‌ରେ ଏଡ୍‌ସ ସଚେତନତା ପୁସ୍ତିକା ଛପାଯାଉଛି। ଦୃଷ୍ଟିବାଧିତଙ୍କୁ ଏଡ୍‌ସର କାରଣ, ନିରାକରଣ, ଭୟାବହତା ଏବଂ ଅନ୍ୟାନ୍ୟ ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ବ୍ରହ୍ମପୁରରେ ଥିବା ରାଜ୍ୟର ଏକମାତ୍ର ସରକାରୀ ବ୍ରେଲ୍ ମୁଦ୍ରଣାଳୟରେ ଏହି ପୁସ୍ତିକା ଛପା ଚାଲିଛି। ଚଳିତ ବର୍ଷ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦୃଷ୍ଟିବାଧିତଙ୍କୁ ଏଡ୍‌ସ ସମ୍ପର୍କରେ ସଚେତନ କରିବା ଦିଗରେ ଆଲୋଚନା ହୋଇଥିଲା। ସେମାନଙ୍କ ପାଖରେ ମୁଦ୍ରିତ ବାର୍ତ୍ତା ପହଞ୍ଚାଇବାର ଏକମାତ୍ର ମାଧ୍ୟମ ହେଲା ବ୍ରେଲ୍। ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି(ଓଏସ୍‌ଏସିଏସ୍) ତରଫରୁ ବ୍ରେଲ୍ ପୁସ୍ତିକା ଛାପିବାକୁ ନିଷ୍ପତ୍ତି ନିଆଯାଇଥିଲା। ବ୍ରହ୍ମପୁରସ୍ଥିତ ରେଡକ୍ରସ୍ କମ୍ପ୍ୟୁଟରୀକୃତ ବ୍ରେଲ୍ ମୁଦ୍ରଣାଳୟକୁ ଗତ ୨୭ତାରିଖରେ ବ୍ରେଲ୍ ପୁସ୍ତକ ଛାପିବା ପାଇଁ ବରାଦ ଦିଆଯାଇଥିଲା। ମ୍ୟାନେଜର୍ ପ୍ରକାଶ ନାରାୟଣ ରଥଙ୍କ କହିବାନୁଯାୟୀ, 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ଶୀର୍ଷକରେ ୧୬ ପୃଷ୍ଠାର ଏହି ପୁସ୍ତିକା ଛାପିବା ଆରମ୍ଭ ହୋଇଛି । ଡିସେମ୍ବର ୧ରେ ବିଶ୍ୱ ଏଡ୍‌ସ ଦିବସ ପାଳନ ହେଉଛି। ଏହା ପୂର୍ବରୁ ସମସ୍ତ ଛପାକାର୍ଯ୍ୟ ସାରିବାକୁ କୁହାଯାଇଛି।

ଜିଲା ଏଡ୍‌ସ ନିରାକରଣ ଏବଂ ନିୟନ୍ତ୍ରଣ ୟୁନିଟ୍ (ଡିଏପିସିୟୁ)ର ଜିଲା ପ୍ରକଳ୍ପ ପରିଚାଳକ ହେମନ୍ତ କୁମାର ଦାସ କହିଛନ୍ତି, ଡିସେମ୍ବର ୧ରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁସ୍ତିକାକୁ ଉନ୍ମୋଚନ କରିବା ପରେ ଦୃଷ୍ଟବାଧିତଙ୍କୁ ବଣ୍ଟାଯିବ। ପୁସ୍ତିକାରେ ଏଡ୍‌ସର କାରଣ, ନିରାକରଣ, କ'ଣ କଲେ ସଂକ୍ରମଣ ବ୍ୟାପିବ ନାହିଁ, ଏଚ୍‌ଆଇଭି କ'ଣ, ଯୌନ ରୋଗ, ଏଡ୍‌ସ ରୋଗୀଙ୍କ କିଭଳି ଯତ୍ନ ନିଆଯିବ, ପରିବାର ସଦସ୍ୟଙ୍କ କର୍ତ୍ତବ୍ୟ, ଏଡ୍‌ସ ରୋଗୀଙ୍କ ବିଭିନ୍ନ ଅଧିକାର, ସରକାରଙ୍କ ତରଫରୁ ଉପଲବ୍ଧ ବିଭିନ୍ନ ଯୋଜନା, କେମିତି ଏଡ୍‌ସ ପରୀକ୍ଷା କରାଯିବ ଆଦି ସହ ସଚେତନତା ସମ୍ପର୍କିତ ଅନେକ ତଥ୍ୟ ମୁଦ୍ରିତ ହୋଇଛି ।



ବ୍ରେଲ୍‌ରେ ଛପାହୋଇଥିବା ଏଡ୍‌ସ ସଚେତନତା ପୁସ୍ତକ ।

**ଉନ୍ମୋଚନ କରିବେ ମୁଖ୍ୟମନ୍ତ୍ରୀ, ଉପକୃତ ହେବେ ଦୃଷ୍ଟିବାଧିତ**

# ଜବାବ ଦାଖଲ ପାଇଁ ସମୟ ଲୋଡ଼ିଲେ ବିଧାୟିକା

**କଟକ ଅଫିସ,୨୯।୧୧**

**ବରୀ ବିଧାନସଭା ନିର୍ବାଚନୀ ମାମଲା**

ଯାଜପୁର ଜିଲା ବରୀ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଶୁକ୍ରବାର ହାଇକୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିଲା। ଏହି ମାମଲାରେ ବରୀ ବିଧାୟିକା ସୁନନ୍ଦା ଦାସ ଜବାବ ଦାଖଲ କରିବା ନିମନ୍ତେ ସମୟ ଲୋଡିଛନ୍ତି। ବିଧାୟିକାଙ୍କ ଆବେଦନକୁ ଗ୍ରହଣ କରି ବିଚାରପତି ଜଷ୍ଟିସ କେ.ଆର. ମହାପାତ୍ର ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଜାନୁୟାରୀ ୩ ତାରିଖକୁ ଦିନଧାର୍ଯ୍ୟ କରିଛନ୍ତି। ଉକ୍ତ ଦିନ ବିଧାୟିକା ନିଜର ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ସୂଚନାଥାଉ କି, ସୁନନ୍ଦାଙ୍କ ବିରୋଧରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ପରାଜିତ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ସୁନନ୍ଦା ନିର୍ବାଚନ ସମୟରେ ଦେଇଥିବା ସତ୍ୟପାଠର ସତ୍ୟତା ନ ଥିବା ମଲ୍ଲିକ ପିଟିଶନରେ ଦର୍ଶାଇଥିଲେ। ସୁନନ୍ଦାଙ୍କ ନାମରେ ଫୌଜଦାରି ମାମଲା ଥିବାବେଳେ ସେ ଦାଖଲ କରିଥିବା ସତ୍ୟପାଠରେ ସେ କଥା ଉଲ୍ଲେଖ କରି ନ ଥିବା ପିଟିଶନରେ ଦର୍ଶାଯାଇଛି।

# ଶସ୍ତ୍ର ଏଣ୍ଟରପ୍ରାଇଜର୍ସ ନିର୍ଦ୍ଦେଶକ ଗିରଫ

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

- ସଂସ୍ଥା ନାମରେ ୨୮ କୋଟି ଟଙ୍କା ଠକେଇ ଅଭିଯୋଗ
- ଜମାକାରୀଙ୍କ ଅର୍ଥ ନେଇ ଫେରାର ଥିଲେ ଅଧିକାରୀ
- ପୂର୍ବରୁ ୪ଜଣଙ୍କୁ ଗିରଫ କରିଥିଲା ଇଓଡବ୍ଲ୍ୟୁ

ଜମାକାରୀଙ୍କଠାରୁ କୋଟି କୋଟି ଟଙ୍କା ଠକେଇ ଅଭିଯୋଗରେ ଶସ୍ତ୍ର ଏଣ୍ଟରପ୍ରାଇଜର୍ସ ସଂସ୍ଥାର ନିର୍ଦ୍ଦେଶକ ବାଲାରାଜୁ ମଲିକାର୍ଜୁନ ରାଜୁ(୫୪)ଙ୍କୁ ଇଓଡବ୍ଲ୍ୟୁ (ଅର୍ଥନୈତିକ ଅପରାଧ ଶାଖା) ଶୁକ୍ରବାର ଗିରଫ କରିଛି। ଇଓଡବ୍ଲ୍ୟୁର ଏକ ଟିମ୍ ଆନ୍ଧ୍ରପ୍ରଦେଶସ୍ଥିତ ତାଙ୍କ ଘରୁ ତାଙ୍କୁ ଗିରଫ କରିବା ପରେ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ଏହାପରେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣିଥିବା ଜଣାପଡ଼ିଛି। ତାଙ୍କ ବିରୋଧରେ ଇଓଡବ୍ଲ୍ୟୁ କେସ୍ ନଂ-୧୬/୧୧ରେ ଆଇପିସି ଦଫା ୪୬୭, ୪୬୮, ୪୭୧, ୪୨୦, ୪୦୬, ୧୨୦(ବି) ଆଦି ରୁଜୁ କରାଯାଇ ତାଙ୍କୁ ବାଲେଶ୍ୱର ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଶସ୍ତ୍ର ଏଣ୍ଟରପ୍ରାଇଜର୍ସ ନାମକ ଏକ ସଂସ୍ଥାର ମୁଖ୍ୟ ଅଫିସ ଆନ୍ଧ୍ରପ୍ରଦେଶ ହୋଇଥିବାବେଳେ ୨୦୦୯ରେ ଓଡ଼ିଶାର ବାଲେଶ୍ୱର, ବାରିପଦା ସମେତ ଅନେକ ସ୍ଥାନରେ ଏହାର ଶାଖା ଅଫିସ ଖୋଲିଥିଲା। ସ୍ୱଳ୍ପ ଟଙ୍କା ସଞ୍ଚୟରେ ଅଧିକ ସୁଧ ଦେବା ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲା ଏହି ସଂସ୍ଥା। ଏପରି କି ଟଙ୍କା ଦ୍ୱିଗୁଣିତ କରିଦେବାକୁ ବିଭିନ୍ନ ସ୍କିମ୍ କରି ବିଜ୍ଞାପନ ମାଧ୍ୟମରେ ଜମାକାରୀଙ୍କୁ ଲୋଭ ଦେଖାଇଥିଲା। ସାଧାରଣ ଲୋକେ ବିଜ୍ଞାପନ ଦେଖି ଅଧିକ ସୁଧ ଆଶାରେ ୨୦୦୯ରୁ ୨୦୧୦ ମଧ୍ୟରେ କୋଟି କୋଟି ଟଙ୍କା ଜମା କରିଥିଲେ। ହେଲେ ଜମାକାରୀଙ୍କ ଟଙ୍କା ମାଚ୍ୟୁଅର ହେବା ପରେ ସଂସ୍ଥାର କର୍ମକର୍ତ୍ତାମାନେ ସେମାନଙ୍କୁ ଟଙ୍କା ଦେବା ପରିବର୍ତ୍ତେ ଅଫିସରେ ତାଲା ପକାଇ ଫେରାର ହୋଇଯାଇଥିଲେ। ଉକ୍ତ ସଂସ୍ଥା ଏଭଳି ଭାବେ ଓଡ଼ିଶାରୁ ୨୮କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଟଙ୍କା ନ ପାଇ ଠକେଇର ଶିକାର ହୋଇଥିବା ବାରିପଦା ଟାଉନ ଅଞ୍ଚଳର କ୍ଷୀରୋଦ ଚନ୍ଦ୍ର ବାରିକ ଏ ନେଇ ଇଓଡବ୍ଲ୍ୟୁରେ ୨୦୧୧ ମେ ୨୧ରେ ଏକ ଅଭିଯୋଗ କରିଥିଲେ। ଏହି ଆଧାରରେ ଇଓଡବ୍ଲ୍ୟୁ କେସ୍ ନଂ-୧୬/୧୧ରେ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା। ପ୍ରଥମେ ସଂସ୍ଥାର ୪ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ମ୍ୟାନେଜିଂ ଡାଇରେକ୍ଟର ଭି. ସମ୍ପଥ, ବାରିପଦା ବ୍ରାଞ୍ଚ ଅଫିସର ପ୍ରାର୍ଥସାରଥି ଜେନା, ତପନ ବାରିକ ଏବଂ ସଦାଶିବ ନାୟକ। ଏହି ମାମଲାରେ ନିର୍ଦ୍ଦେଶକ ରାଜୁ ଫେରାର ରହିଥିଲେ। ସେ ଆନ୍ଧ୍ରପ୍ରଦେଶସ୍ଥିତ ନିଜ ଘରେ ରହୁଥିବା ଖବର ପାଇ ଇଓଡବ୍ଲ୍ୟୁ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଛି। ତାଙ୍କ ଘରୁ ଏକାଧିକ କାଗଜପତ୍ର ଜବତ ହୋଇଥିବା ଜଣାପଡ଼ିଛି।

# ସରକାରୀ ଦଳକୁ ବିରୋଧୀଙ୍କ କଡ଼ା ସମାଲୋଚନା

**ନିର୍ଦ୍ଧାରିତ ସମୟ ପୂର୍ବରୁ ବିଧାନସଭା ବନ୍ଦ ପ୍ରସଙ୍ଗ**

- ଜବାବ ରଖିଲା ବିଜେଡି

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ):** ବିଧାନସଭାର ଶୀତ ଅଧିବେଶନ ଧାର୍ଯ୍ୟ ସମୟର ୧୭ ଦିନ ପୂର୍ବରୁ ବନ୍ଦ କରିଦିଆଗଲା । ଏହି ଅଧିବେଶନରେ ବିରୋଧୀ ଶାସକ ଦଳକୁ ବିଭିନ୍ନ ପ୍ରସଙ୍ଗରେ ଅକଳରେ ପକାଇଥିଲେ। ସବୁ ପ୍ରସଙ୍ଗକୁ ଆଲୋଚନା କରିବାକୁ ଶାସକ ଦଳ ପଛଘୁଞ୍ଚା ଦେଇଥିବା ଭାଜପା ପକ୍ଷରୁ ଶୁକ୍ରବାର ଅଭିଯୋଗ କରାଯାଇଛି। ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଏହି ପ୍ରସଙ୍ଗରେ ଦଳୀୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ବିଷ୍ଣୁ କହିଛନ୍ତି ଯେ, ବିଧାନସଭା ଆରମ୍ଭରୁ ବିରୋଧୀ ଭାଜପା ଯାଜପୁର ଜିଲାର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ସରକାରଙ୍କୁ ଘେରିଥିଲା। ହେଲେ ଅପଦସ୍ଥ ହେବା ଆଶଙ୍କାରେ ବିଜେଡି କଂଗ୍ରେସ ସହ ଷଡ଼ଯନ୍ତ୍ର କରି ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଆଲୋଚନା କରାଇ ଦେଇ ନ ଥିଲା । ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ପ୍ରତିଦିନ ସାମ୍ନାକୁ ଆସୁଛି । ସେହିପରି ରାଜ୍ୟରେ ପାନୀୟ ଜଳ ଅଭାବ, ଚାଷ ଓ ଚାଷୀ ସମସ୍ୟା, ବିପର୍ଯ୍ୟସ୍ତ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା, ପ୍ରଶାସନିକସ୍ତରରେ ଦୁର୍ନୀତି, ମହିଳା ସୁରକ୍ଷା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇପାରିଥାଆନ୍ତା। ତେଣୁ ଶାସକ ଦଳ ଅଡୁଆରେ ପଡ଼ିବ ବୋଲି ଜାଣିପାରି ବିଧାନସଭାକୁ ଆଗୁଆ ବନ୍ଦ କରିଥିବା ସେଠୀ ଅଭିଯୋଗ କରିଛନ୍ତି। ସେହିପରି ଧାନ କ୍ରୟରେ ଟୋକନ ବ୍ୟବସ୍ଥା, ପିଆଜ ଦର ବୃଦ୍ଧି, ଶାସକଦଳ ବିଧାୟକ ପ୍ରଦୀପ ମହାରଥୀଙ୍କ ୧୦୦ କୋଟିର ଜମି ଦୁର୍ନୀତି, ଆଳୁ ମିଶନରେ ଟଙ୍କା ହଡ଼ପ, ବେସରକାରୀ ମେଡିକାଲରେ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ ନ ରହିବା ପରି ଅନେକ ସମ୍ବେଦନଶୀଳ ପ୍ରସଙ୍ଗ ରହିଥିବା ଭାଜପା ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ବିଧାୟକ ମୁକେଶ ମହାଲିଙ୍ଗ, ବିଧାୟିକା କୁସୁମ ଟେଟେ ଏବଂ ଭାଜପା ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ବିଜେଡିପକ୍ଷରୁ ଏହିଅଭିଯୋଗକୁ ଖଣ୍ଡନ କରାଯାଇଛି। ଦଳର ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ବିରୋଧୀଦଳର ଉପନେତା ବିଷ୍ଣୁ ସେଠୀ ଖବରଦାତା ସମ୍ମିଳନୀରେ ଯେଉଁଭଳି ଅସାମ୍ବିଧାନିକ ଶବ୍ଦ ବ୍ୟବହାର କରିଛନ୍ତି, ତାହା ଜଣେ ବିଧାୟକଙ୍କ ମୁହଁରେ ଶୋଭା ପାଏନାହିଁ । ନିଜର ପଦମର୍ଯ୍ୟାଦା ଦୃଷ୍ଟିରୁ ସେହିସବୁ ଶବ୍ଦ ପ୍ରତ୍ୟାହାର କରନ୍ତୁ ବୋଲି ସସ୍ମିତ କହିଛନ୍ତି । ସେହିପରି ଭାଜପା ଅଧିବେଶନ ଚାଲିଥିବା ସମୟରେ ପ୍ରସଙ୍ଗ ନ ଉଠାଇ ବିଧାନସଭା ବନ୍ଦ ପରେ ଅଭିଯୋଗ ଆଣିଛନ୍ତି । ମଣ୍ଡିରେ ଦଲାଲଙ୍କ ପ୍ରାଦୁର୍ଭାବ ହ୍ରାସ ପାଇଁ ଟୋକନ ବ୍ୟବସ୍ଥା ହୋଇଥିବାବେଳେ ସେଠୀ ଏହାକୁ ବିରୋଧ କରିଛନ୍ତି। ତେଣୁ ଧାନ ବିକ୍ରିରେ ଥିବା ଦଲାଲ ବ୍ୟବସ୍ଥାକୁ ଭାଜପା ନେତା ପରୋକ୍ଷରେ ପ୍ରୋତ୍ସାହିତ କରୁଥିବା ବିଜେଡି ପକ୍ଷରୁ କୁହାଯାଇଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଅନ୍ୱେଷା ମହାରଣା


ସୁବ୍ରତ ବିଶ୍ୱାଳ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## କଟକ-ସମ୍ବଲପୁର ରାସ୍ତାର ସାପୁଆ ନଦୀ ପୋଲ ନିକଟରେ ଦୁର୍ଘଟଣା

# ଓଲଟିଲା ଯାତ୍ରାପାର୍ଟି ଟ୍ରକ୍: ୧୩ ଗୁରୁତର

**ଆଠଗଡ଼,୨୯।୧୧(ସ୍ୱ.ପ୍ର.)**

- ଯାନବାହନ ଚଳାଚଳ ବ୍ୟାହତ
- ଟ୍ରକ୍ ଡ୍ରାଇଭର ଫେରାର
- ଗୁରୁତରଙ୍କ ମଧ୍ୟରେ ୨ ବାଇକ୍ ଆରୋହୀ, ୧୧ ଯାତ୍ରା ପାର୍ଟି କର୍ମଚାରୀ

କଟକ ଜିଲା ଆଠଗଡ଼ ସହର ଉପକଣ୍ଠ କନ୍ତୋଲ ଗ୍ରାମ ନିକଟସ୍ଥ ପୁରୁଣା କଟକ-ସମ୍ବଲପୁର ରାସ୍ତାର ସାପୁଆ ନଦୀ ପୋଲ ନିକଟରେ ଶୁକ୍ରବାର ସାବିତ୍ରୀ ଗଣନାଟ୍ୟ ନାମକ ଏକ ଯାତ୍ରା ପାର୍ଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅପରାହ୍ନ ପ୍ରାୟ ୩ଟାରେ ଟ୍ରକ୍‌ଟି ଏକ ବାଇକ୍‌କୁ ଧକ୍କାଦେଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ବାଇକ୍ ଚାଳକ କନ୍ତୋଲ ଗ୍ରାମର ମନୋରଞ୍ଜନ ବେହେରା(୨୨) ଓ ବାଇକ୍ ପଛରେ ବସିଥିବା ବଳରାମ ସାହୁ (୨୦)ଙ୍କ ସମେତ ଯାତ୍ରା ପାର୍ଟି ଟ୍ରକରେ ଥିବା ୧୧ କର୍ମଚାରୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତରିକୁନ୍ଦ ଜଗତ୍‌ସିଂହପୁରର ବାବୁଲି ଭୋଇ, ବାରିହା ଆନନ୍ଦପୁର କେନ୍ଦୁଝରର ସନାତନ ବାରିକ, ନବରଙ୍ଗପୁରର ସରାଦୁ ବତ୍ରା, କଲି ବତ୍ରା, ସିନ୍ଧୁ ବତ୍ରା, ମଣ୍ଟୁ ବତ୍ରା, ବଅନ୍ତ ଭଦ୍ରକର ପ୍ରଭାସ ନାଏକ, କଣାସ ପୁରୀର ଅପୁନା ପାଇକରାୟ, ମାଣିକଯୋଡ଼ି ଅନୁଗୋଳର ସୁଶାନ୍ତ ନାୟକ ଓ ପାରାଦୀପର ପିଙ୍କୁ ମଲ୍ଲ ବୋଲି ଜଣାପଡ଼ିଛି। ଗୁରୁତରଙ୍କୁ ପ୍ରଥମେ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ସମସ୍ତଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଟ୍ରକ ଓ ବାଇକ୍ ରାସ୍ତା ଉପରେ ପଡ଼ିଥିବାରୁ କଟକ-ସମ୍ବଲପୁର ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଖବର ପାଇ ଆଠଗଡ଼ ପୋଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଥିଲା। ଆଠଗଡ଼ ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସ, ଅତିରିକ୍ତ ତହସିଲଦାର ତଥା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସାଓ ପହଞ୍ଚି ଗୁରୁତରଙ୍କ ଅବସ୍ଥା ସମ୍ପର୍କରେ ବୁଝିବା ସହ କଟକ ପଠାଇବାର ବ୍ୟବସ୍ଥା କରିଥିଲେ। ଟ୍ରକଟି ଦୀର୍ଘ ସମୟ ଧରି ରାସ୍ତାରେ ପଡ଼ି ରହିବାରୁ ସମ୍ପୃକ୍ତ ରାସ୍ତାଦେଇ ଢେଙ୍କାନାଳ, ଅନୁଗୋଳ ସମେତ ପଶ୍ଚିମାଞ୍ଚଳରୁ ମଧୁସୂଦନ ସେତୁ ଦେଇ କଟକ ଆସୁଥିବା ଗାଡ଼ିଗୁଡ଼ିକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣା ଖବର ପାଇ ଯାତ୍ରା ପାର୍ଟିର ପରିଚାଳକ ପହଞ୍ଚି ଥିଲେ ମଧ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଟ୍ରକ୍ ଓ ସେଥିରେ ଥିବା ଅନେକ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଛି। ଏହି କାରଣରୁ ରାସ୍ତା ଫାଙ୍କା କରିବାରେ ବିଳମ୍ବ ହୋଇଥିବା ପୋଲିସ ସୂଚନା ଦେଇଛି।


ଦୁର୍ଘଟଣାରେ ଓଲଟି ପଡ଼ିଥିବା ଟ୍ରକ୍।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଭୁବନେଶ୍ୱରରେ ଦରମା ସହିତ ରହିବା, ଖାଇବା ସୁବିଧା ଥାଇ, ଆୟୁର୍ବେଦିକ୍ କ୍ଲିନିକ୍ ପାଇଁ ମହିଳା କର୍ମୀ ଆବଶ୍ୟକ।
ଯୋଗାଯୋଗ
9861193818

Urgently Required
A Sales Manager for SP& CFA of JK-Lakshmi Cement in Puri District. Candidate must be Experienced / Native in Puri District.
Cell : 9040096746 / 9040096740
E-mail - logisticsaikrupa@gmail.com

Urgent Required
Experience Lady Candidate for Backend Job. Salary 7K-10K. Work Place Bhubaneswar. The candidate should have well experience in Computer Knowledge.
Contact : 8327770813 7609947073

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭୫୦୦/- ରୁ ୪୨୫୦୦/-
7894509327

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary Rs.27,000/-.
Contact: 9938676412

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

DIRECT JOINING
~ CALL CENTER
~ DATA ENTRY
~ TELE CALLER
~ DIGITAL MARKETING
~ BACK OFFICE
~ AUTOCAD
(Age Below 32 yrs) Odia, Hindi, English & Bengali
Qual. : 10th / +2 / +3 / ITI / Diploma
Salary : Rs.(6500 To 16500) + OT
9938733697, 9853844830

ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ।
M : 7327065424 / 8895725158

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

REQUIRED
A reputed business house in Bhubaneswar requires the following experienced and dynamic personnel:
1. SALES EXECUTIVE: Graduation with 3-5 year experience in Lubricants /Automobile / FMCG
2) ACCOUNTS ASSISTANT - Commerce with 2-3 year experience in Tally.
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

URGENTLY REQUIRED
(HOTEL JOB)
SALARY - 10000 TO 17000
INDIAN COOK-2, CHINESE COOK-2, WAITER (LADIES)-2, SWEEPER-2, ALL ROUNDER COOK-1
MOBILE NUMBER -
7008447669,9438752527,9861990534

URGENT REQUIRED
FLYING JET JEWELLERY
A leading direct sales company in India.
ISO Certified -9001-2015
Required 100 nos. of male and female for every District in Odisha.
Post: Sales/ Marketing Executive. And Team Leader
Qualifications: 10th pass and above can apply.
Age Limit- 21 to 50
Direct Company recruitment. Interested Franchisers also can contact us.
Address :- John House building, 2nd Floor, Goutam Nagar, Bhubaneswar. Land mark- Mausima temple.
For more details contact to :- 8596095964, 9178719177
E-mail : flyingjetonline@gmail.com

**ନୋଟିସ୍**

ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ସରକାର ଅର୍ଥନୀତିକୁ ସୁଧାରିବା ଲାଗି ପ୍ରୟାସ ଜାରି ରଖିଛନ୍ତି। ଏହା ଶୀଘ୍ର ସ୍ଥିତାବସ୍ଥାକୁ ଫେରିବା ନେଇ ଆଶା ରହିଛି।
–ସନ୍ଦୀପ ସୋମାନି, ଫିକି ସଭାପତି



୪.୫% ଜିଡ଼ିପି ଅଭିବୃଦ୍ଧି ଗ୍ରହଣଯୋଗ୍ୟ ନୁହେଁ। ଏହା ଅତ୍ୟନ୍ତ ଚିନ୍ତାଜନକ ପ୍ରସଙ୍ଗ ଭାବେ ଉଭା ହୋଇଛି।
–ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ



# ୨ ଲକ୍ଷ କୋଟିର ଋଣ ରାଇଟ ଅଫ୍ କଲେ ବ୍ୟାଙ୍କ

**■ ସର୍ବାଧିକ ରାଇଟ ଅଫ୍ କରିଛି ଏସ୍‌ବିଆଇ**

**■ ୨୦୧୭-୧୮ ତୁଳନାରେ ୪୨% ଅଧିକ**

ନୂଆଦିଲ୍ଲୀ,୨୯–୧୧

ଦେଶରେ ସୂଚୀଭୁକ୍ତ ୪୨ ବାଣିଜ୍ୟିକ ବ୍ୟାଙ୍କ ୨୦୧୮–୧୯ରେ ୨.୧୨ ଲକ୍ଷ କୋଟି ଟଙ୍କାର ଅନାଦାୟ ଋଣ ରାଇଟ ଅଫ୍ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପାର୍ଲାମେଣ୍ଟକୁ ଦିଆଯାଇଥିବା ସୂଚନାରୁ ଏହା ସାମ୍ନାକୁ ଆସିଛି। ୨୦୧୭–୧୮ରେ ରାଇଟ ଅଫ୍ ହୋଇଥିବା ଋଣ ପରିମାଣଠାରୁ ଏହା ୪୨% ଅଧିକ ରହିଛି। ଏହି ସମୟରେ ବ୍ୟାଙ୍କ ୧.୫ ଲକ୍ଷ କୋଟି ଟଙ୍କାର ଋଣ ରାଇଟଅଫ୍ କରିଥିଲେ। ରାଇଟଅଫ୍ କରାଯାଇଥିବା ଋଣ ବ୍ୟାଙ୍କଗୁଡିକର ମୋଟ ଅନାଦାୟ ଋଣ(ଏନ୍‌ପିଏ)ର ୨୦% ରହିଥିବା ଜଣାପଡ଼ିଛି। ବ୍ୟାଙ୍କ ସାଧାରଣତଃ ସେମାନଙ୍କ ବାଲାନ୍ସ ସିଟକୁ ସ୍ୱଚ୍ଛ ଦେଖାଇବା ଲାଗି ଏନ୍‌ପିଏକୁ ସେମାନଙ୍କ ଖାତାରେ ଦେଖାଇ ନ ଥାନ୍ତି। ଅର୍ଥାତ୍ ବାଦ୍ ଦେଇଥାନ୍ତି। ଏହା ଦ୍ୱାରା ବ୍ୟାଙ୍କଗୁଡିକର ବାଲାନ୍ସ ସିଟ୍ ସ୍ୱଚ୍ଛ ହେବା ସହ କ୍ଷତି ଏବଂ ଲାୟାବିଲିଟି କମ୍ ହୋଇଥାଏ। ବ୍ୟାଙ୍କଗୁଡିକ ରାଇଟ ଅଫ କରିଥିବା ଋଣ ଏବଂ ବାଲାନ୍ସ ସିଟକୁ ବାଦ ଦିଆଯାଇଥିବା ଋଣ ଯାହା ୪ ବର୍ଷ ହେଲା ପ୍ରଦାନ କରାଯାଇଥିବା ତାକୁ ଆରବିଆଇ ନିୟମ ମୁତାବକ ଏନ୍‌ପିଏ ବୋଲି ବିଚାର କରାଯାଇଥାଏ।

୨୦୧୪–୧୫ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଶାସନ କ୍ଷମତାକୁ ଆସିବା ପରେ ଦେଶର ବ୍ୟାଙ୍କଗୁଡିକ ୫.୭ ଲକ୍ଷ କୋଟି ଟଙ୍କାର ଋଣ ରାଇଟ ଅଫ୍ କରିଛନ୍ତି। ୨୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କଥା ବିଚାରକୁ ନେଲେ ଏମାନେ ଅଧିକ ପରିମାଣର ଚାପଗ୍ରସ୍ତ ଋଣକୁ ସେମାନଙ୍କ ବାଲାନ୍ସ ସିଟ୍‌ରୁ ହଟାଇଛନ୍ତି। ୨୦୧୮–୧୯ରେ ବ୍ୟାଙ୍କଗୁଡିକ ୧.୯ ଲକ୍ଷ କୋଟି ଟଙ୍କାର ଋଣ ରାଇଟଅଫ କରିଛନ୍ତି। ମୋଟ ବାଣିଜ୍ୟିକ ବ୍ୟାଙ୍କ କରିଥିବା ଋଣ ରାଇଟ ଅଫ୍‌ର ଏହା ୯୦%। ୨୦୧୪–୧୫ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଯେଉଁ ପରିମାଣର ଋଣ ରାଇଟଅଫ କରିଥିଲେ ସେହି ତୁଳନାରେ ୨୦୧୮–୧୯ର ରାଇଟଅଫ୍ ହୋଇଥିବା ଋଣ ପରିମାଣ ପ୍ରାୟ ୪ ଗୁଣ ଅଧିକ। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଏହି ସମୟରେ ସର୍ବାଧିକ ୫୬,୫୦୦ କୋଟି ଟଙ୍କା ଋଣ ଏହାର ବାଲାନ୍ସ ସିଟରୁ ହଟାଇଛି। ବାଣିଜ୍ୟିକ ବ୍ୟାଙ୍କଗୁଡିକରେ ଅନାଦାୟ ଋଣ ଦ୍ରୁତ ହାରରେ ବଢୁଥିବାରୁ ଏଭଳି ବୃହତ୍ତ ରାଇଟ ଅଫ୍ ହେଉଥିବା ଦେଖାଯାଉଛି। ୨୦୧୪–୧୫ରେ ବ୍ୟାଙ୍କଗୁଡିକରେ ଏନ୍‌ପିଏ ୩.୨ଲକ୍ଷ କୋଟି ଟଙ୍କା ରହିଥିଲା।ମାତ୍ର ଗତ ୪ବର୍ଷରେ ଏହା ୩ ଗୁଣ ବଢି ୨୦୧୮–୧୯ରେ ୯.୪ ଲକ୍ଷ କୋଟି ଟଙ୍କା ଛୁଇଁଛି।

## ସୁନା ଗହଣାରେ ବାଧ୍ୟତାମୂଳକ ହେବ ହଲ୍‌ମାର୍କ

ନୂଆଦିଲ୍ଲୀ,୨୯–୧୧

୨୦୨୧ ଜାନୁୟାରୀ ୧୫ଠାରୁ ସୁନା ଗହଣାରେ ହଲମାର୍କକୁ ବାଧ୍ୟତାମୂଳକ କରାଯିବ। ସୁନା ଗହଣାର ଗୁଣବତ୍ତା ପ୍ରସଙ୍ଗକୁ ଧ୍ୟାନରେ ରଖି ସରକାର ଏଭଳି ପଦକ୍ଷେପ ନେଇଥିବା କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ ଶୁକ୍ରବାର ସୂଚନା ଦେଇଛନ୍ତି। ଏଥି ଲାଗି ସରକାର ଏକ ବିଜ୍ଞପ୍ତି ଆଗାମୀ ଦିନରେ ଜାରି କରିବେ। ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଇବା ଲାଗି ଏକ ବର୍ଷ ସମୟ ଦେଇଛନ୍ତି। ଏହା ଦ୍ୱାରା ଜୁଏଲର୍ସମାନେ ସେମାନଙ୍କ ବର୍ତ୍ତମାନର ଗଚ୍ଛିତ ଗହଣାକୁ ବିକ୍ରି କରିବାକୁ ସମୟ ମିଳିବ।

## ଜିଡ଼ିପି ବୃଦ୍ଧି ନେଇ ଆଶାବାଦୀ: ସିଇଏ

ନୂଆଦିଲ୍ଲୀ,୨୯–୧୧ : ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଦେଶର ଜିଡ଼ିପି ଅଭିବୃଦ୍ଧି ଉନ୍ନତ ହେବା ନେଇ ଆଶାବାଦୀ ରହିଥିବା ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) କେଭି ସୁବ୍ରମଣ୍ୟନ କହିଛନ୍ତି। ଦେଶର ଅର୍ଥନୈତିକ ଢାଞ୍ଚା ଏହାର ଦୃଢତା ଧାରା ଜାରି ରଖିବ ବୋଲି ସେ ମତ ରଖିଛନ୍ତି। ଚଳିତ ବର୍ଷ ପୁଞ୍ଜି ବଜାରରୁ ପୁଞ୍ଜି ଆଗମନ ଉନ୍ନତ ରହିଥିବା ଅର୍ଥନୈତିକ ବ୍ୟାପାର ବିଭାଗ ସଚିବ ଅତନୁ ଚକ୍ରବର୍ତ୍ତୀ କହିଛନ୍ତି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୫୬.୪୭%

ଭୁବନେଶ୍ୱର,୨୯–୧୧(ବ୍ୟୁରୋ)

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ସେପ୍ଟେମ୍ବରରେ ୩୨୨ ପଏଣ୍ଟ ଥିଲା। ଅକ୍ଟୋବରରେ ୩ ପଏଣ୍ଟ ବଢି ଏହା ୩୨୫ ହୋଇଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୩୮ ପଏଣ୍ଟ ଥିଲା। ଏଥିରେ ୨ ପଏଣ୍ଟ ବୃଦ୍ଧି ପାଇ ୩୪୦ ପଏଣ୍ଟ ହୋଇଛି। ରାଉରକେଲାରେ ଏହା ୩୨୦ ପଏଣ୍ଟ ଥିବା ବେଳେ ଏଥିରେ ୩ ପଏଣ୍ଟ ବୃଦ୍ଧି ଘଟିଛି। ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ ଅର୍ଦ୍ଧବାର୍ଷିକ କ୍ଲୋଜିଂ ପାଇଁ ମହଙ୍ଗା ଭତ୍ତାରେ କୌଣସି ପରିବର୍ତ୍ତନ କରାଯାଏ ନାହିଁ।

ବର୍ତ୍ତମାନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ୧୫୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୪.୪୭% ବୃଦ୍ଧି ଘଟି ୧୫୬.୪୭% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ସେମାନେ ଜାନୁୟାରୀ ପହିଲାରୁ ପାଇବେ। ଓଡ଼ିଶା ବ୍ୟତୀତ ସାରା ଦେଶର ଅବସରପ୍ରାପ୍ତ ଓ କାର୍ଯ୍ୟରତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କର୍ମଚାରୀମାନେ ବର୍ତ୍ତମାନ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଏଥିରେ ୪% ବୃଦ୍ଧି ଘଟି ୨୧% ହୋଇଛି। ଏହା ଜାନୁୟାରୀ ପହିଲାରୁ ଲାଗୁ ହେବ। ଓଡ଼ିଶାର ୮ ଲକ୍ଷ ଅବସର ପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀ ବର୍ତ୍ତମାନ ୧୨%ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଭତ୍ତାରେ ୯% ବଢିଛି। ଏମାନେ ପିଛିଲା ଭାବେ ୫% ଜୁଲାଇ ପହିଲାରୁ ଏବଂ ଅବଶିଷ୍ଟ ୪% ଜାନୁୟାରୀ ପହିଲାରୁ ପାଇବେ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମଡିମାନେ ମଧ୍ୟ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଭତ୍ତା ୪% ବଢିଛି। ସେମାନେ ୨୧% ମହଙ୍ଗା ଭତ୍ତା ଜାନୁୟାରୀ ପହିଲାରୁ ପାଇବେ। ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୭୧.୮% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୨.୬% ବୃଦ୍ଧି ଘଟି ୭୪.୪% ହୋଇଛି। ଏହା ଫେବୃୟାରୀ ପହିଲାରୁ ଲାଗୁ ହେବ। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନସନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ସେମାନେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଜାନୁୟାରୀ ୨୧ରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବୀମା କର୍ମଚାରୀମାନେ ବର୍ତ୍ତମାନ ୬୫.୧% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୨.୬% ବୃଦ୍ଧି ଘଟି ୬୭.୭ % ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ଫେବୃୟାରୀ ପହିଲାରୁ ପାଇବେ। ଶୁକ୍ରବାର ଅନେକ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ୨୦୧୮ ସେପ୍ଟେମ୍ବର ୪ ଏବଂ ୫ ଦୁଇ ଦିନ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନସନ ଏବଂ ପେନସନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ୩୧ ହଜାର ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ପେନସନ ସଂଶୋଧନ କରାଯାଇଛି। ପ୍ରାୟ ୩ ହଜାର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନସନକୁ ଅପେକ୍ଷା କରିଛନ୍ତି। ସୋମବାର ଅନୁଷ୍ଠିତ ହେବାକୁ ଥିବା ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ।


e-mail ID : eerbkbj@rediffmail.com
Tel/FAX No. : 06657-220216

**Government of Odisha**
**OFFICE OF THE EXECUTIVE ENGINEER**
**KANTABANJI (R&B) DIVISION**

No.B-357 :- **Bid Identification No.03/ KBJ / 2019-20**

The Executive Engineer, Kantabanji (R&B) Division, Kantabanji on behalf of Governor of Odisha invites percentage rate bids in Double Cover to be received in online mode only for Building and Road Works.

1) No. of work :- 1 No.
2) Nature of work :- Building work (Composit Tender)
3) Class of contractor :- B & A
4) Approximate value of work :- Rs.68.46 lakh (Online)
5) Tender cost :- Rs.10000/- (Online)
6) Available of Bid documents in online :- from 10:00 Hours of dt.10.12.2019 to 17:00 Hours of dt.22.12.2019
7) Date of Opening of bid in online :- 11:30 Hours on dt.26.12.2019
8) Other details can be seen in the bidding documents from the e-procurement portal "https://tendersorissa.gov.in"
9) Any corrigendum / addendum will be displayed in the above e-procurement portal.

Sd./-Executive Engineer,
Kantabanji (R&B) Division

34099/11/0004/1920

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019

F.No. J-11030(042)/2019-20/S&P Date: 27-11-2019

**TENDER CALL NOTICE**

Director, All India Institute of Medical Sciences (AIIMS) Bhubaneswar Odisha, GOI, invites Tender for procurement **"(1) Supply of Medical Gas on Rate Contract & Cylinders on Rental/Security Deposit Basis** in Two Bid System". The tender document along with last date of submission of the tender can be viewed and downloaded from the official website **i.e. www.aiimsbhubaneswar.nic.in.** The sealed Tender will be received through Speed post/Reg. post/Courier/ by hand only on or before due date & time by office of **Sr. Procurement-Cum Store Officer, AIIMS, Bhubaneswar** and the said tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document / tender received after scheduled date & time shall be rejected. Director, AIIMS, Bhubaneswar reserves the right to reject any or all the tenders without assigning any reason thereof.

Sd/-
Sr. Procurement-Cum Store Officer
AIIMS, Bhubaneswar

**OFFICE OF THE DISTRICT MAGISTRATE & COLLECTORATE, RAYAGADA**
(SOCIAL WELFARE SECTION)
Rayagada District

No: 3693/XIV-74/2019 **TENDER CALL NOTICE** Date: 27/11/2019

Sealed Tenders are invited from registered travel agencies having valid GST certificate for Selection of Travel Agency for 'Providing Hired Vehicle on Call Basis' for Mission Shakti at district level. The details of Tender Document including General information may be referred from the district website, www.rayagada.nic.in from Dt- 27/11/2019 to Dt-11/12/2019.

The Tender document completed in all respect shall be deposited towards EMD in the office of DSWO, Rayagada District on or before Dt-11/12/2019 by 4 P.M. through Register Post/Speed Post only. A sum of Rs.6000/- (Six Thousand) only shall be deposited by intending bidders in shape of Account Demand Draft drawn in favour of the DSWO, Rayagada payable at UCO Bank, Rayagada. The Tenders will be opened on 11/12/2019 at 05.00 P.M. in the Office chamber of DSWO Rayagada. The authority reserves the right to modify/cancel the Tender at any point of time, same will be published in the Dist. Website.

*Sd/-District Social Welfare Officer, Rayagada*

**FAKIR MOHAN UNIVERSITY**
Vyasa Vihar, Nuapadhi, Balasore, Odisha, PIN - 756089

**No.: FMU-Purchase-RUSA-390/2019/8234 Date: 29.11.19**

**TENDER CALL NOTICE**

Sealed tenders are invited from the different agencies having Spare and Service Maintenance Agreement/AMC of different range and brand of Water Cooler-cum-Purifier/Storage Cooler-cum-Purifier in Old and New Campus of F.M. University, Balasore. The last date of receipt of tender on 09.12.2019 at 5.00 P.M. and shall be opened on 10.12.2019 at 04.00 P.M. The University authority reserves the right to cancel any or all tender without assigning any reason thereof. For details, visit our website: **www.fmuniversity.nic.in.**

**Sd./- Registrar**

Mail ID :- sepwdsbp@rediffmail.com
Fax & Ph. No. 0663-2412303

**GOVERNMENT OF ODISHA** No.B-358
**OFFICE OF THE SUPERINTENDING ENGINEER, NORTHERN (R&B) CIRCLE, SAMBALPUR**
**e - Procurement**
**BID IDENTIFICATION No SENC(R&B) /03/ 2019-20**

**No.3694 Dtd. 27.11.2019**

1. The Superintending Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for the construction of Road works as detailed in the DTCN from the eligible class of contractors.
2. No. of Road works= 06 (Six).
3. Tender Cost: Rs. 10,000/-
4. Class of contractor: "B" Class and "A" Class
5. Date & Time of available in web site & receipt of Bids From16.12.2019 to 17.00 Hours of 30.12.2019.
6. Date of opening of Technical Bid 31.12.2019 at 11.00 Hours.
7. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in.**
8. Any corrigendum / Addendum will be displayed in the website **www.tendersodisha.gov.in.**

Sd./- Superintending Engineer
Northern (R&B) Circle, Sambalpur

34035/11/0003/1920

## ପ୍ରଗତି ପଥେ ପଞ୍ଚାୟତ ସମିତି, ତିହିଡ଼ି, ଜିଲ୍ଲା-ଭଦ୍ରକ

**୨୦୧୮-୧୯-୨୦ ଆର୍ଥିକ ବର୍ଷରେ ନିମ୍ନଲିଖିତ ଯୋଜନାଗୁଡ଼ିକରେ ସରକାରୀ ଅର୍ଥ ବ୍ୟୟବରାଦ ହୋଇ ପଞ୍ଚାୟତ ସମିତି ତିହିଡ଼ି ପ୍ରଗତି ପଥରେ ଅଗ୍ରସର**

| ଯୋଜନା | ପ୍ରକଳ୍ପ ସଂଖ୍ୟା | ଅଟକଳ ମୂଲ୍ୟ |
|---|---|---|
| ଗୋପବନ୍ଧୁ ଗ୍ରାମୀଣ ଯୋଜନା | ୧୨୭ | ଟ୧,୯୦,୨୮,୫୬୪ |
| ତିତିଲି କ୍ଷୟକ୍ଷତି | ୬୨ | ଟ୨,୩୦,୬୨,୦୦୦ |
| ଫୋନି କ୍ଷୟକ୍ଷତି(୧୯–୨୦) | ୬୪ | ଟ୧,୦୬,୯୦,୦୦୦ |
| ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ରାସ୍ତା ଅନୁଦାନ | ୨୭ | ଟ୪୫,୪୩,୨୩୬ |
| ଆମ ଗାଁ ଆମ ବିକାଶ | ୨୪୯ | ଟ୭,୭୫,୦୦,୦୦୦ |
| ଜାତୀୟ ପେନ୍‌ସନ ଯୋଜନା | ୭୯୪୪ ହିତାଧିକାରୀ | ଟ୪,୮୯,୯୭,୨୦୦ |
| ମଧୁବାବୁ ପେନ୍‌ସନ ଯୋଜନା | ୧୧୮୬୪ ହିତାଧିକାରୀ | ଟ୭,୮୮,୭୪,୮୦୦ |

ପ୍ରଧାନମନ୍ତ୍ରୀ ଆବାସ/ ବିଜୁ ପକ୍କାଘର ୨୦୧୮–୧୯–୧୬୬୫ ଓ ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା ୨୦୧୯–୨୦–୫୧୨୦, ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୫୬୦୦୦ ଶ୍ରମ ଦିବସ ସୃଷ୍ଟି ହୋଇ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛି।



**ବିଦ୍ୟୁତ୍‌ଲତା ନାୟକ**
**ବ୍ଲକ୍ ଅଧ୍ୟକ୍ଷା**



**ଦୀପକ କୁମାର ରାଉତ**
**ଭାରପ୍ରାପ୍ତ ବିଡିଓ, ତିହିଡ଼ି**

GOVERNMENT OF ODISHA O-564
OFFICE OF THE EXECUTIVE ENGINEER
RURAL WORKS DIVISON GAJAPATI PARLAKHEMUNDI
e-mail : rwd_gajapati@yahoo.co.in
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 05/GJP/2019-20**

| | | |
|---|---|---|
| 1. | Name of the work | : Road work |
| 2. | Total No. Work | : 1 (One) No. of Road work |
| 3. | Estimated Cost | : Rs. 70.72 lakhs |
| 4. | Class of Contractor | : 'B' & 'A' Class Contractor |
| 5. | Period of Completion | : Furnished in Annexure |
| 6. | Availability of Tender Online for bidding | : 05.12.2019 at 10.00 AM to 17.12.2019 upto 5.30 PM |
| 7. | Date and Time of Opening of Tender | |
| a. | Technical Bid | : 19.12.2019 at 11.30 AM |
| b. | Financial Bid | : 24.12.2019 at 11.30 AM |
| 8. | Last Date & Time of Seeking tender clarification | : 16.12.2019 upto 5.30 PM |
| 9 | Place of Opening | : As per Annexure |

Further details can be seen from the Website www.tenderorissa.gov.in

25158/11/0006/1920

EXECUTIVE ENGINEER
R.W. DIVN.GAJAPATI

## ବ୍ରହ୍ମପୁର ମହାନଗର ନିଗମ

ଏତଦ୍ୱାରା ବ୍ରହ୍ମପୁର ମହାନଗର ନିଗମର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି ଯେ,

୧. ଆପଣଙ୍କ ଘର/ଅନୁଷ୍ଠାନ/ବ୍ୟବସାୟିକ ପ୍ରତିଷ୍ଠାନର ଓଦା ବର୍ଜ୍ୟବସ୍ତୁକୁ ଏକ ଶାଗୁଆରଙ୍ଗର ଡ଼ଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁକୁ ଏକ ନୀଳରଙ୍ଗର ଡ଼ଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ସକାଳ ଘ.୭.୦୦ମିରୁ ଘ.୮.୩୦ମି ମଧ୍ୟରେ ନିଗମର ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ ଓ ପରିବେଶକୁ ସଫା ରଖନ୍ତୁ।
୨. ପ୍ରତ୍ୟେକ ବାଣିଜ୍ୟିକ ପ୍ରତିଷ୍ଠାନ/ସଂସ୍ଥା ସେମାନଙ୍କ ବ୍ୟବସାୟ ଗୃହ ଆଗରେ ଆବଶ୍ୟକୀୟ ଡଷ୍ଟବିନ୍ ସ୍ଥାପନ କରିବା ଅନିବାର୍ଯ୍ୟ। ନଚେତ୍ ଖିଲାପକାରୀଙ୍କ ଠାରୁ ଏସ୍.ଡ଼ବ୍ଲ୍ୟୁ.ଏମ୍. S.W.M. ଆଇନାନୁଯାୟୀ ଦଣ୍ଡିତ ସହିତ ଟ.୧୦,୦୦୦/–ଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ବାଧ୍ୟ ହେବେ।
୩. ସମସ୍ତେ ନିଜ ଘରର ପାଇଖାନା କିମ୍ବା ପାଖରେ ଥିବା ନିଗମର କମ୍ୟୁନିଟି ଏବଂ ପବ୍ଲିକ୍ ପାଇଖାନା ବ୍ୟବହାର କରନ୍ତୁ।
୪. ସ୍ୱଚ୍ଛତା ସକାଶେ ପ୍ରତି ୩ବର୍ଷରେ ଥରେ ନିଜ ନିଜ ଘରର ଲାଟ୍ରିନ୍ ସେପ୍‌ଟିକ୍ ଟାଙ୍କି ସଫା କରାଇ ନିଅନ୍ତୁ। ଅନ୍ୟଥା ଜୋରିମାନା ଆଦାୟ କରାଯିବ।
୫. ବର୍ଷାଜଳକୁ ସଂରକ୍ଷଣ କରନ୍ତୁ।
୬. ଘର ନିର୍ମାଣ ଏବଂ ଘରଭଙ୍ଗା ସାମଗ୍ରୀକୁ ନିଗମ ଦ୍ୱାରା ନିର୍ଦ୍ଧାରିତ ସ୍ଥାନରେ ୟୁଜର ଫି ଦେଇ ଜମା କରିବେ।







**SWACHH SURVEKSHAN - 2020**

**DOWNLOAD SWACHHATA APP**
**for immediate resolution of sanitation issues**

**SOUTHCO UTILITY**
*Marching Towards Excellence...*
**Corporate Office: Kamapalli, Courtpeta, Brahmapur - 760004**

*Performance highlights towards Customer Satisfaction:*

- Power supply to Rural Households including BPL Households on priority basis as per the Rural Electrification Scheme of GoI and GoO.
- Huge Capital Investment under sytem improvement scheme for reliable and uninterrupted power supply.
- Replacement of Bare Conductors through AB cable in theft prone areas.
- Mobile Phone photo based spot billing for 15.67 lakhs of consumers.
- Grievance Redressal Forums (GRFs) established at Berhampur and Jeypore for quick redressal of the grievance of the consumers.
- Installation of prepaid meters planned for all Govt. consumers.
- SMS facilities to the consumers on generation of the bill and on payment of the energy bill as well as for new connection registration.
- Online new connection to the consumers.
- Customer care centre for quick redressal of consumer complaints through single window facilities for bill revision, bill deposit, meter replacement and new connection etc.
- Construction of new 33/11KV and 11/0.4 KV substations and upgradations.
- Construction of new 33 KV, 11 KV and LT lines.
- Alternate mode of collection facilities like Internet Banking (ICICI Bank, Bill Desk, ATOM Gateway) SBI PoS, Post Office, Ltz Cash, Common Service Centre (CSC) and Oxygen PoS etc.
- Planned for utility Energy Bill payment through different banks website and payment through Mobile Wallet.
- Engagement of SEFA-WSHGs in rural areas for collection of energy bills.
- Toll Free No. 1912 for receiving consumer complaints and redressal thereof.
- Functioning of Online cash collection centre from 8.00 A.M. to 8.00 P.M. for 365 days at different locations facilitating for making payment.

**Expanding Horizon to Power the Progress of Southern Odisha**
**SAVE ENERGY - SAVE NATION**

## ପ୍ରଗତିର ପଥେ ବିଞ୍ଝାରପୁର ପଞ୍ଚାୟତ ସମିତି, ବିଞ୍ଝାରପୁର, ଯାଜପୁର

ଧରିତ୍ରୀ ଦୈନିକ ଓଡ଼ିଆ ଖବରକାଗଜର ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଶୁଭକାମନା ସହିତ ବିଞ୍ଝାରପୁର ଅଞ୍ଚଳର ଧରିତ୍ରୀ ପାଠକ ପାଠିକାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

- ୨୦୧୯–୨୦ ଆର୍ଥିକ ବର୍ଷରେ ବିଞ୍ଝାରପୁର ପଞ୍ଚାୟତ ସମିତି ପକ୍ଷରୁ ୩୨୪୨ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି।
- ଉପରୋକ୍ତ ହିତାଧିକାରୀଙ୍କୁ ମନରେଗା ଯୋଜନାରେ ୯୫ ଦିନର କାର୍ଯ୍ୟ ଦିବସ ଉପଲବ୍ଧ କରାଯାଇଛି।
- ଆବାସ ଯୋଜନାରେ ହିତାଧିକାରୀ ଗୃହ ନିର୍ମାଣ କାର୍ଯ୍ୟ ୪ ମାସ ମଧ୍ୟରେ କିମ୍ବା ୬ ମାସ ମଧ୍ୟରେ ଶେଷ କଲେ ଯଥାକ୍ରମେ ୨୦୦୦୦ ଓ ୧୦୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି।
- ୨୧୬୫୩ ହିତାଧିକାରୀଙ୍କ ମଧ୍ୟରୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ୧୩୩୫୪ ଜଣ ଜାତୀୟ ଯୋଜନାରେ ୮୨୯ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି।
- ବିଭିନ୍ନ ପଞ୍ଚାୟତରେ ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ଚତୁର୍ଦ୍ଦଶ ଅର୍ଥ କମିଶନ ଅର୍ଥ ଅନୁଦାନକୁ ଉପଯୋଗ କରି ମାର୍କେଟ କମ୍ପ୍ଲେକ୍ସ ଓ ପୋଖରୀ ନିର୍ମାଣ କରାଯାଇଛି।
- ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩୬୯୭୫ ଜଣ ହିତାଧିକାରୀଙ୍କୁ ରାଶନକାର୍ଡ ପ୍ରଦାନ କରାଯାଇଛି।
- ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩୭୦ କୋଟି ଟଙ୍କା ବ୍ୟୟ କରଯାଇ ୯୭୫୪୯ କାର୍ଯ୍ୟଦିବସ ସୃଷ୍ଟି କରାଯାଇ ୩୪ ପରିବାରକୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଛି।
- ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ୩୫୦୦୦ ହିତାଧିକାରୀଙ୍କୁ ପାଇଖାନା ପ୍ରଦାନ କରାଯିବା ସହିତ ବିଞ୍ଝାରପୁର ପଞ୍ଚାୟତ ସମିତିର ୨୯ ଗୋଟି ପଞ୍ଚାୟତର ୧୧୪ ଗ୍ରାମକୁ ସ୍ୱଜଳଧାରା ଯୋଜନାରେ ସ୍ୱଚ୍ଛ ପାନୀୟ ଜଳ ଓ ଆଲୋକୀକରଣ କରାଯାଇଛି।



**ଶ୍ରୀମତୀ ପ୍ରମିଳା ମଲ୍ଲିକ**
ମୁଖ୍ୟ ସଚେତକ, ଓଡ଼ିଶା ସରକାର
ଭୁବନେଶ୍ୱର



**ଶ୍ରୀଯୁକ୍ତ ନନ୍ଦକିଶୋର ସାମଲ**
ଅଧ୍ୟକ୍ଷ, ବିଞ୍ଝାରପୁର ପଞ୍ଚାୟତ ସମିତି, ବିଞ୍ଝାରପୁର



**ଶ୍ରୀମତୀ ମିନତୀ ଜଗଦେବ**
ମଣ୍ଡଳ ଉନ୍ନୟନ ଅଧିକାରିଣୀ
ବିଞ୍ଝାରପୁର

## ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ପ୍ରଗତି ପଥେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି

୧. ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୋଟ ୩୦ଟି ପ୍ରକଳ୍ପ ପାଇଁ ୮କୋଟି ୧୮ ଲକ୍ଷ ଟଙ୍କା ମଞ୍ଜୁର।
୨. ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୨୯,୨୬୧ ଜଣ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୯୭୯. IAYରେ ୩୯୩୭ ପରିବାରକୁ ରାଶନ କାର୍ଡ ଯୋଗାଣ।
୩. ବ୍ଲକ ଅଞ୍ଚଳରେ ୭୮ଟି ନୂତନ ଅଙ୍ଗନ ୱାଡି ଗୃହ ନିର୍ମାଣ।
୪. ବ୍ଲକର ବିଭିନ୍ନ ଗ୍ରାମରେ ଢଳେଇ ରାସ୍ତା ନିର୍ମାଣ। ଅଧିକାଂଶ ଗ୍ରାମରେ ଶ୍ମଶାନ ଘାଟ, ଗାଧୁଆ ତୁଠ ନିର୍ମାଣ ହେବା ସହ ଅଧିକାଂଶ ପ୍ରକଳ୍ପ ହାତକୁ ନିଆଯାଇଛି।
୫. ଜୀବିକା ମିଶନ ମାଧ୍ୟମରେ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନା ନିମନ୍ତେ ଆର୍ଥିକ ସହାୟତ ସହ Bank Linkage କରାଯାଇଛି।
୬. ସ୍ୱଚ୍ଛଭାରତ–(ଗ୍ରାମୀଣ) ଅନ୍ତର୍ଗତ ଏ ଯାବତ୍ ୧୨ହଜାର ପାଇଖାନା ଗୃହ ନିର୍ମାଣ କରାଯାଇଛି

**ପବିତ୍ର ମୋହନ କାନୁନ୍‌ଗୋ**
**ବିଡିଓ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି**

**ସୁଶାନ୍ତ ଦାସ**
**ଉପାଧ୍ୟକ୍ଷ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି**

**ଜ୍ୟୋତିର୍ମୟୀ ବେହେରା**
**ଅଧ୍ୟକ୍ଷା, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି**

# 'ହକି ଭଳି ଫିଫା ବିଶ୍ୱକପ୍ ବୃହତ୍ ସଫଳତା ପାଇବ'

ଭୁବନେଶ୍ୱର, ୨୯।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଆସନ୍ତା ବର୍ଷ ଭାରତରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଅନୁଷ୍ଠିତ ହେବ। ବିଶ୍ୱସ୍ତରୀୟ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ ଲାଗି ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ପୂର୍ବରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ପ୍ରୋଭିଜିନାଲ ଭେନ୍ୟୁର ଅନୁମୋଦନ ଲାଭ କରିସାରିଛି। ଏହି ଅବସରରେ ଫିଫାର ଏକ ଟିମ୍ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତି ନିରୀକ୍ଷଣ କରିଛନ୍ତି। ବିଶ୍ୱକପ୍ ପାଇଁ ଷ୍ଟାଡିୟମ ପ୍ରସ୍ତୁତି ନିରୀକ୍ଷଣ କରିବା ପରେ ଫିଫା ଟୁର୍ନାମେଣ୍ଟ ଓ ଇଭେଣ୍ଟ ଡିଭିଜନ ମୁଖ୍ୟ ଓଲିଭର ଭୋଗତ୍ ସନ୍ତୋଷ ଜାହିର କରିବା ସହିତ ଏଠାରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଲେ ବୃହତ୍ ସଫଳତା ଲାଭ କରିବ ବୋଲି ସେ କହିଛନ୍ତି।

'ଭୁବନେଶ୍ୱର ହେଉଛି ଏପରି ଏକ ସହର ଯେଉଁଠାରେ ଖେଳକୁ ନେଇ ପ୍ରବଳ ଉତ୍ସାହ ରହିଛି। ତେଣୁ ଏଠାକୁ ଆସି ଆମେ ବହୁତ ଖୁସି ଅଛୁ। ହକି ବିଶ୍ୱକପ୍ ଏକବର୍ଷ ପୂର୍ବେ ଏଠାରେ ସଫଳତାର ସହ ଆୟୋଜିତ ହୋଇସାରିଛି। ଏବେ ଏହା ଫୁଟ୍‌ବଲକୁ ସ୍ଥାନାନ୍ତରିତ କରିବାର ସମୟ ଆସିଛି। ଭୁବନେଶ୍ୱର ଯଦି ଆୟୋଜନ ସହର ଅଧିକାର ଲାଭ କରେ ତେବେ ମୋର ପୂରା ବିଶ୍ୱାସ ରହିଛି କି, ହକି ବିଶ୍ୱକପ୍ ଭଳି ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ମଧ୍ୟ ବୃହତ୍ ସଫଳତା ଲାଭ କରିବ' ବୋଲି ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଲିଭର ଏହା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁଭଳି ଭାବେ ବିଶ୍ୱକପ୍ ଆୟୋଜନ ଲାଗି ଷ୍ଟାଡିୟମର ପ୍ରସ୍ତୁତି ଚାଲିଛି ଏହା ୪ଟି ସହର ମଧ୍ୟରୁ ଗୋଟିଏ ଭେନ୍ୟୁର ମାନ୍ୟତା ପାଇବ ବୋଲି ଦୃଢ଼ ବିଶ୍ୱାସ ରହିଛି। ଲୋକାଲ୍ ଅର୍ଗାନାଇଜିଂ କମିଟି (ଏଲ୍‌ଓସି) ଟୁର୍ନାମେଣ୍ଟ ନିର୍ଦ୍ଦେଶିକା ରୋମା ଖାନ୍ନା ମଧ୍ୟ ଉପସ୍ଥିତ ରହିବା ସହିତ ଷ୍ଟାଡିୟମ ପ୍ରସ୍ତୁତି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ତତ୍ପରତା ଦେଖାଦେଇଛି ସେଥିରେ ଖୁସି ଜାହିର କରିଛନ୍ତି।



ଖବରଦାତା ସମ୍ମିଳନୀରେ ଫିଫା ଅଧିକାରୀଙ୍କ ସହ କ୍ରୀଡା ସଚିବ ବିଶାଲ ଦେବ।

## ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍

### ମାର୍ଚ୍ଚ ୨୬ରେ ଭାରତ-କାତାର ମ୍ୟାଚ୍

'୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଆୟୋଜନ ଲାଗି ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ୨୦୨୦ ଫେବୃୟାରୀ ସୁଦ୍ଧା କଳିଙ୍ଗ ଷ୍ଟାଡିୟମର ପ୍ରସ୍ତୁତି ଓ ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ପୂର୍ବରୁ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଓ ପୁରୁଷ ହକି ବିଶ୍ୱକପ୍ ଏଠାରେ ସଫଳତାର ସହ ଆୟୋଜନ କରିଛୁ। ତେଣୁ ଏଥର ମଧ୍ୟ ପୂର୍ଣ୍ଣ ବିଶ୍ୱାସ ରହିଛି କି, ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍‌କୁ ମଧ୍ୟ ସଫଳତାର ସହ ଆୟୋଜନ କରିବୁ' ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ବିଶାଲ ଦେବ କହିଛନ୍ତି। ସେହିଭଳି ଆସନ୍ତା ବର୍ଷ ମାର୍ଚ୍ଚ ୨୬ରେ କଳିଙ୍ଗ ଷ୍ଟାଡିୟମରେ ଭାରତ ଓ କାତାର ମଧ୍ୟରେ ୨୦୨୨ ଫିଫା ପୁରୁଷ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ ବୋଲି ସେ ଖବରଦାତା ସମ୍ମିଳନୀ ଅବସରରେ ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୧୯ରେ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଓମାନଠାରୁ ୧-୦ ଗୋଲରେ ହାରି ଭାରତ ୨୦୨୨ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରୁ ଏକପ୍ରକାର ବଞ୍ଚିତ ହୋଇଛି।

### ୨୭ରେ ଘରୋଇ ଗ୍ରାଉଣ୍ଡରେ ଖେଳିବ ଓଡ଼ିଶା ଏଫ୍‌ସି

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ଚଳିତ ବର୍ଷ ପଦାର୍ପଣ କରିଥିବା ଓଡ଼ିଶା ଏଫ୍‌ସି ଟିମ୍ ଆସନ୍ତା ଡିସେମ୍ବର ୨୭ରେ ଘରୋଇ ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମରେ ଏହାର ପ୍ରଥମ ମ୍ୟାଚ୍ ଖେଳିବ ବୋଲି ଜଣାପଡ଼ିଛି। ଏହିଦିନ ଜାମସେଦପୁର ଏଫ୍‌ସି ବିପକ୍ଷରେ ଖେଳି ଘରୋଇ ଭେନ୍ୟୁରେ ଓଡ଼ିଶା ଦଳ ଏହାର ଅଭିଯାନ ଆରମ୍ଭ କରିବ। ପୂର୍ବରୁ ନଭେମ୍ବର ୨୪ରେ ଏଟିକେ ବିପକ୍ଷରେ ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚ୍ ଖେଳିବ ବୋଲି କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଲାଗି କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତି କାମ ଚାଲିଥିବାରୁ ଓଡ଼ିଶା ଏଫ୍‌ସି ଏହାର ଘରୋଇ ମ୍ୟାଚ୍ ଖେଳିବାରେ ବିଳମ୍ବ ହୋଇଥିଲା।

# ସାଫ୍ ଗେମ୍ସରେ ଓଡ଼ିଶାର ସତ୍ୟଜିତ୍

ବାଲେଶ୍ୱର ଅଫିସ, ୨୯।୧୧




ବାଲେଶ୍ୱରର ଖୋଖୋ ଖେଳାଳି ସତ୍ୟଜିତ୍ ସିଂ ନେପାଳର କାଠମାଣ୍ଡୁଠାରେ ଆୟୋଜିତ ହେବାକୁ ଥିବା ସାଉଥ୍ ଏସିଆନ (ସାଫ୍) ଗେମ୍ସ ଖେଳିବା ପାଇଁ ଭାରତୀୟ ଦଳରେ ମନୋନୀତ ହୋଇଛନ୍ତି। ଶୁକ୍ରବାର ଭାରତୀୟ ଖୋ ଖୋ ମହାସଂଘ ପକ୍ଷରୁ ବାଲାସାହେବ ପୋକର୍ଡେଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ପୁରୁଷ ଦଳରେ ସତ୍ୟଜିତ ସ୍ଥାନ ପାଇଛନ୍ତି। ନେପାଳର କାଠମାଣ୍ଡୁଠାରେ ଡିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ସାଫ୍ ଗେମ୍ସର ତ୍ରୟୋଦଶ ସଂସ୍କରଣ ଅନୁଷ୍ଠିତ ହେବ। ୨୦୧୬ରେ ପ୍ରଥମ ଥର ଲାଗି ସାଫ୍ ଗେମ୍ସରେ ଖୋ ଖୋ ଖେଳକୁ ସାମିଲ କରାଯାଇଥିଲା। ଏଥିରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲା।

ବାଲେଶ୍ୱରର କୋଚ୍ ମଳୟ ରଞ୍ଜନ ବେହେରାଙ୍କ ଅଧୀନରେ ସତ୍ୟଜିତ୍ ଖୋ ଖୋ ପ୍ରଶିକ୍ଷଣ ନେଉଛନ୍ତି। ସତ୍ୟଜିତ ୨୦୧୬ରୁ ୨୦୧୯ ମଧ୍ୟରେ ଓଡ଼ିଶା ଜୁନିୟର ଓ ସିନିୟର ଖୋ ଖୋ ଦଳ ପକ୍ଷରୁ ଜାତୀୟସ୍ତରର ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରିସାରିଛନ୍ତି। ପ୍ରକାଶଥାଉ କି, ସେ ୨୦୧୬ ମସିହାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ହୋଇଥିବା ଖୋଖୋ ଟେଷ୍ଟ ମ୍ୟାଚ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

# ଆଇଏସ୍‌ଏଲ୍: ହାଇଦ୍ରାବାଦ-ବେଙ୍ଗାଲୁରୁ ମ୍ୟାଚ୍ ଡ୍ର

ହାଇଦ୍ରାବାଦ, ୨୯।୧୧(ପି.ଟି.)

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଶୁକ୍ରବାର ହାଇଦ୍ରାବାଦ ଏଫ୍‌ସି ଓ ବେଙ୍ଗାଲୁର ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ତରଫରୁ ସୁନୀଲ ଛେତ୍ରୀ ଦ୍ୱିତୀୟ ମିନିଟରେ ଗୋଲ ଦେଇଥିଲେ। ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତରେ ହାଇଦ୍ରାବଦ ତରଫରୁ ଇଞ୍ଜୁରି ଟାଇମ୍‌ର ଦ୍ୱିତୀୟ ମିନିଟରେ ରବିନ୍ ସିଂ ଗୋଲ ପରିଶୋଧ କରିବା ସହ ମ୍ୟାଚ୍‌କୁ ଡ୍ର ରଖିଥିଲେ।

# ରାଜ୍ୟସ୍ତରୀୟ ପାରା ସ୍ପୋର୍ଟ୍ସ ମିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୯।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଡିସେମ୍ବର ୩ରେ 'ବିଶ୍ୱ ଭିନ୍ନକ୍ଷମ ଦିବସ' ଭାବେ ପାଳନ ହେବାକୁ ଯାଉଛି। ଏହି ଅବସରରେ ଓଡିଶା ସରକାରଙ୍କ ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସ୍‌ଏସ୍‌ଇପିଡି) ପକ୍ଷରୁ ଶୁକ୍ରବାରଠାରୁ ଭୁବନେଶ୍ୱରସ୍ଥ କଳିଙ୍ଗ ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ପାରା ସ୍ପୋର୍ଟ୍ସ ମିଟ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ସ୍ପୋର୍ଟ୍ସ ମିଟ୍‌କୁ ଏସ୍‌ଏସ୍‌ଇପିଡି ପବ୍ଲିକ୍ ଏଣ୍ଟରପ୍ରାଇଜ୍, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏସ୍‌ଏସ୍‌ଇପିଡି ବିଭାଗର ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ନିର୍ଦ୍ଦେଶକ ବ୍ରତାତୀ ହରିଚନ୍ଦନ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ ଜିଲାରୁ ଆସିଥିବା ୧୫୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ପ୍ରତିଯୋଗୀମାନଙ୍କ ମଧ୍ୟରେ ତିନିଚକିଆ ସାଇକେଲ ରେସ୍, ଶର୍ଟ ପୁଟ ଥ୍ରୋ, ଚେସ୍, ମ୍ୟୁଜିକ୍ ଚେୟାର, ହ୍ୱିଲ୍ ଚେୟାର ଚେସ୍, ହିଟ୍ ଥ୍ରୋ ଆଦି ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ବିଜେତା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ତେବେ ତରବରିଆ ଭାବେ ପ୍ରତିଯୋଗିତା ଆୟୋଜନ ଓ ମ୍ୟୁଜିକ ଚେୟାର, ବବଲ୍ ବଲ୍ ଓ ଅନ୍ୟକିଛି ଫନ୍ ଗେମ୍ ପାରା କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ କରାଯିବାକୁ କିଛି ପାରା ଖେଳାଳି ବିରୋଧ କରିଥିଲେ। ପାରା ପ୍ଲେୟାର ଫୋରମ୍ ସମ୍ପାଦକ ରାଖାଲ ସେଠୀ, ସଭାପତି ଦିଲେଶ୍ୱର ରାଓ ଓ ୨୦ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ଏହି ଫନି ଖେଳ ପାରା ଖେଳରେ ନ ଥାଏ ବୋଲି ଅଭିଯୋଗ କରିଥିଲେ। ତେବେ ସଚିବ ଭାସ୍କର ଶର୍ମା ଖେଳାଳିମାନଙ୍କୁ ବୁଝାଇ ଏ ବର୍ଷ କମ୍ ସମୟ ଥିବା କହିଥିଲେ। ଏଠାରେ ପ୍ରକାଶଯୋଗ୍ୟ, ପାରା ଖେଳର କୌଣସି ସଂଘକୁ ନ ପଚାରି 'ୱି ଫର୍ ୱୁ' ନାମକ ଏନ୍‌ଜିଓ ସଂସ୍ଥାକୁ ଖେଳ ଆୟୋଜନ ଦାୟିତ୍ୱ ଦିଆଯାଇଥିଲା।



# ନାଲ୍‌କୋ କପ୍: ବିବିଏ-ବିଏଏ ଫାଇନାଲ

କଟକ ଅଫିସ, ୨୯।୧୧

କଟକରେ ଚାଲିଥିବା ସିନିୟର ରାଜ୍ୟ ବାସ୍କେଟବଲ ଚାମ୍ପିୟନଶିପ ନାଲକୋ କପ୍-୨୦୧୯ର ମହିଳା ବର୍ଗରେ ଭୁବନେଶ୍ୱର ବାସ୍କେଟବଲ ଆସୋସିଏଶନ(ବିବିଏ) ଓ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ(ବିଏଏ) ଫାଇନାଲରେ ପ୍ରବେଶ କରିଛନ୍ତି । ପ୍ରଥମ ସେମିଫାଇନାଲରେ ବିବିଏ ୪୪-୨୧ ପଏଣ୍ଟରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟକୁ ପରାସ୍ତ କରିଛି। ଦ୍ୱିତୀୟ ସେମିଫାଇନାଲରେ ବିଏଏ ୫୬-୧୧ ପଏଣ୍ଟରେ କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନକୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଶୁକ୍ରବାର ଖେଳାଯାଇଥିବା ପୁରୁଷ ବର୍ଗର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ଷ୍ଟୁଡେଣ୍ଟ କ୍ଲବ ୮୩-୫୮ ପଏଣ୍ଟରେ କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନକୁ, ଗଞ୍ଜାମ ୯୮-୭୮ ପଏଣ୍ଟରେ ରାୟଗଡ଼ାକୁ ହରାଇ ସେମିରେ ପ୍ରବେଶ କରିଛି।



## ସଂକ୍ଷେପରେ

### ୱେଷ୍ଟଇଣ୍ଡିଜ୍ ବିଜୟୀ

ଲକ୍ଷ୍ନୌ,୨୯।୧୧(ପି.ଟି.): ଏଠାରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଶୁକ୍ରବାର ୯ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ ଅଫ୍ ସ୍ପିନର ରାଖିମ କର୍ଣ୍ଣୱାଲ କ୍ୟାରିୟର ଶ୍ରେଷ୍ଠ ୧୦ ଉଇକେଟ ଅକ୍ତିଆର କରି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ମାତ୍ର ୩ ଦିନ ମଧ୍ୟରେ ଆଫଗାନିସ୍ତାନ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ପ୍ରଥମ ଇନିଂସରେ ୬୮.୩ ଓଭରରେ ୧୮୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୨୭୭ ରନରେ ସୀମିତ ରହିଥିଲା। ଏହାପରେ ଦ୍ୱିତୀୟ ଇନିଂସରେ ଆଫଗାନିସ୍ତାନ ୪୩.୧ ଓଭରରେ ୧୨୦ ରନରେ ଅଲଆଉଟ ହୋଇଥିଲା। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୩୧ ରନ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ୱେଷ୍ଟଇଣ୍ଡିଜ ଗୋଟିଏ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

### ଗୋଟିଏ ଓଭରରେ ମିଥୁନଙ୍କୁ ୫ ଉଇକେଟ



ନୂଆଦିଲ୍ଲୀ,୨୯।୧୧- ହରିୟାଣାକୁ ୮ ଉଇକେଟ୍‌ରେ ହରାଇ କର୍ଣ୍ଣାଟକ ଚଳିତ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ହରିୟାଣା ପକ୍ଷରୁ ଧାର୍ଯ୍ୟ ୧୯୫ ରନର ଲକ୍ଷ୍ୟକୁ କର୍ଣ୍ଣାଟକ ଲୋକେଶ ରାହୁଲ (୬୬ ରନ) ଓ ଦେବଦତ୍ତ ପଡିକଲ (୮୭ ରନ)ଙ୍କ ଅର୍ଦ୍ଧଶତକ ବଳରେ ୨ ଉଇକେଟ୍ ହରାଇ ହାସଲ କରିନେଇଥିଲା। ସେହିଭଳି ଅନ୍ୟ ଦ୍ୱିତୀୟ ସେମିଫାଇନାଲରେ ରାଜସ୍ଥାନକୁ ୭ ଉଇକେଟ୍‌ରେ ହରାଇ ତାମିଲନାଡୁ ଫାଇନାଲରେ ପହଞ୍ଚିଛି। ଫଳରେ କର୍ଣ୍ଣାଟକ ଓ ତାମିଲନାଡୁ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ହରିୟାଣା ବିପକ୍ଷ ମ୍ୟାଚ୍‌ରେ କର୍ଣ୍ଣାଟକର ଅଭିଜ୍ଞ ପେସର ଅଭିମନ୍ୟୁ ମିଥୁନ ହ୍ୟାଟ୍ରିକ ସହ ଗୋଟିଏ ଓଭରରେ ୫ ଉଇକେଟ ନେଇ ଇତିହାସ ସୃଷ୍ଟି କରିଛନ୍ତି। ଚଳିତବର୍ଷ ଅଭିମନ୍ୟୁଙ୍କ ଏହା ଦ୍ୱିତୀୟ ହ୍ୟାଟ୍ରିକ। ପୂର୍ବରୁ ସେ ବିଜୟ ହଜାରେ ଟ୍ରଫିରେ ତାମିଲନାଡୁ ବିପକ୍ଷରେ ହ୍ୟାଟ୍ରିକ ନେଇଥିଲେ। ମିଥୁନ ହରିୟାଣା ଇନିଂସର ଅନ୍ତିମ ଓଭରର ପ୍ରଥମ ୩ଟି ବଲରେ ହିମାଂଶୁ ରାନା (୬୧), ରାହୁଲ ତେୱତିଆ (୩୨)ଓ ସୁମିତ କୁମାରଙ୍କୁ ଆଉଟ କରି ହ୍ୟାଟ୍ରିକ ପୂରଣ କରିଥିଲେ। ଚତୁର୍ଥ ବଲରେ ଅମିତ ମିଶ୍ରାଙ୍କୁ ଆଉଟ୍ କରିଥିବାବେଳେ ୫ମ ବଲ ୱାଇଡ ପକାଇବା ପରେ ଏକ ସିଙ୍ଗଲ ରନ୍ ବ୍ୟୟ କରିଥିଲେ। ଅନ୍ତିମ ବଲରେ ଜୟନ୍ତ ଯାଦବଙ୍କୁ ପ୍ୟାଭିଲିୟନ ବାଟ ଦେଖାଇଥିଲେ। ଦେଶର ପ୍ରଥମ ବୋଲର ଭାବେ ଘରୋଇ କ୍ରିକେଟର ୩ଟି ଯାକ ଫର୍ମାଟରେ ସେ ହ୍ୟାଟ୍ରିକ ନେବାର ସଫଳତା ପାଇଛନ୍ତି। ପୂର୍ବରୁ ୨୦୦୯ରେ ରଣଜୀ ଟ୍ରଫିରେ ପ୍ରଥମ ହ୍ୟାଟ୍ରିକ ନେଇଥିଲେ।

# ପାକିସ୍ତାନ ବିପକ୍ଷରେ ଭାରତ ଅଗ୍ରଣୀ

ଡେଭିସ୍ କପ୍



ରାମ୍‌କୁମାର ରମାନାଥନ ଏକ ରିଟର୍ନ ଶଟ୍ ମାରୁଛନ୍ତି।

ନୁର-ସୁଲତାନ,୨୯।୧୧(ପି.ଟି.)

କାଜାଖସ୍ତାନ ରାଜଧାନୀ ନୁର-ସୁଲତାନଠାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଡେଭିସ୍ କପ୍ ମ୍ୟାଚ୍ ଆରମ୍ଭ ହୋଇଛି। ରାମ୍‌କୁମାର ରମାନାଥନ ଓ ସୁମିତ ନାଗାଲଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ଶୁକ୍ରବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ୨-୦ରେ ଅଗ୍ରଣୀ ହାସଲ କରିଛି। ଓପନିଂ ସିଙ୍ଗଲ୍ସ ମ୍ୟାଚ୍‌ରେ ରାମକୁମାର ୧୭ ବର୍ଷୀୟ ପାକିସ୍ତାନ ଖେଳାଳି ମହମ୍ମଦ ସୋଏବଙ୍କୁ ମାତ୍ର ୪୨ ମିନିଟ୍‌ରେ ହରାଇ ବିଜୟୀ ହୋଇଥିଲେ। ସେକେଣ୍ଡ ସେଟ୍‌ର ଷଷ୍ଠ ଗେମ୍‌ରେ ସୋଏବ ଲଢ଼େଇ କରିବା ଭଳି ଲାଗୁଥିଲେ। ତେବେ ସେ ରାମକୁମାରଙ୍କ ସମ୍ମୁଖରେ ମାମୁଲି ପ୍ରଦର୍ଶନ କରି ବେଶ୍ ଅପରିପକ୍ୱ ଲାଗୁଥିଲେ। ଫଳରେ ରାମକୁମାର ୬-୦, ୬-୦ ସେଟ୍‌ରେ ବିଜୟୀ ହୋଇଥିଲେ।

ସେହିପରି ଦ୍ୱିତୀୟ ସିଙ୍ଗଲ୍ସ ମ୍ୟାଚ୍‌ରେ ସୁମିତ ୬-୦, ୬-୨ ସେଟ୍‌ରେ ହୁଫାଇଜା ମହମ୍ମଦ ରହମାନଙ୍କୁ ପରାସ୍ତ କରିଥିଲେ। ମାତ୍ର ୬୪ ମିନିଟରେ ସୁମିତ ମ୍ୟାଚ୍ ଜିତିନେଇଥିଲେ। ଏଥି ସହିତ ସୁମିତ କ୍ୟାରିୟରର ପ୍ରଥମ ଡେଭିସ କପ୍ ମ୍ୟାଚ୍ ବିଜୟ ହାସଲ କରିଥିଲେ। ପାକିସ୍ତାନର ଶ୍ରେଷ୍ଠ ଖେଳାଳିମାନେ ଏହି ଟାଇରୁ ଓହରିଯାଇଥିଲେ। ଇସ୍‌ଲାମାବାଦରୁ ନିରପେକ୍ଷ ଭେନ୍ୟୁକୁ ମ୍ୟାଚ୍ ସ୍ଥାନାନ୍ତର ନେଇ ଏମାନେ ବିରୋଧ କରିବା ସହ ଏହି ଗୁରୁତ୍ୱପୂର୍ଣ୍ଣ ଟାଇରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ।

ଏବେ ଅଭିଜ୍ଞ ଲିଆଣ୍ଡର ପେସ୍ ଓ ଡେଭିସ୍‌କପ୍ ପଦାର୍ପଣ କରିବାକୁ ଥିବା ଜୀବନ ନେଦୁନଚେଝିଆନ ଶନିବାର ଡବଲ୍ସ ରବରରେ ପାକିସ୍ତାନ ଯୋଡି ହୁଫାଇଜା ଓ ସୋଏବଙ୍କୁ ଭେଟିବେ। ଏପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନ ୬ଥର ପରସ୍ପରକୁ ଭେଟିଛନ୍ତି। ତେବେ ଭାରତ କୌଣସି ଟାଇରେ ପରାଜୟବରଣ କରିନାହିଁ। ଡବଲ୍ସ ରବରରେ ବିଜୟୀ ହେଲେ ଲିଆଣ୍ଡରଙ୍କ ପାଇଁ ଏକ ବଡ଼ ଉପଲବ୍ଧି ସାବ୍ୟସ୍ତ ହେବ। ଜିତିଲେ ଡେଭିସ୍ କପ୍ ଇତିହାସରେ ଲିଆଣ୍ଡର ସର୍ବାଧିକ ଡବଲ୍ସ ବିଜୟ ହାସଲ କରି ରେକର୍ଡ କରିବେ। ଏପର୍ଯ୍ୟନ୍ତ ଡେଭିସ୍ କପ୍‌ରେ ସେ ୪୩ଥର ବିଜୟୀ ହୋଇଛନ୍ତି। ପାକିସ୍ତାନକୁ ହରାଇ ଭାରତ ଏବେ ୱାର୍ଲ୍ଡ ଗ୍ରୁପ୍ କ୍ୱାଲିଫାୟର୍ସ ଖେଳିବାକୁ କ୍ରୋଏସିଆ ଯାତ୍ରା କରିବ। ଏହା ଆସନ୍ତା ମାର୍ଚ୍ଚ ୬ ଓ ୭ ତାରିଖରେ ଆୟୋଜନ ହେବ।


ସପ୍ତମ ଜନ୍ମଦିନ ଶୁଭେଚ୍ଛା



ଆରିୟନ୍ ପ୍ରିୟଦର୍ଶନ ପଟ୍ଟନାୟକ (ଡୁଗୁ)
ବାଙ୍କୁଆଳ, ଭୁବନେଶ୍ୱର
ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ ।
ଶୁଭେଚ୍ଛାସହ:
ଜେଜେମା', ଅଜା, ଆଇ, ବାବା, ମାମା, ଦାଦା, ମିନି ଅପା, ଅଲୁ ପିଇସା, ମାମି ଅପା, ଟୁଟୁ ପିଇସା, ମାନୁ ଅପା, ନବ ପିଇସା, ରାନୁ ଅପା, ଟିଲୁ ପିଇସା, ଲିପୁ ଭାଇ, ନବ୍ୟା, ଲିନା ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୪୬୮

ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା



ଅନନ୍ୟା ପାତ୍ର (ଗୁନୁ)
ଧ-୧୫୪୭୮

7th Anniversary



PABITRA & ELLORA
May Shree Jagannath Mahaprabhu shower his blessings upon both of you.
Wishing you a happy married life.
HAPPY ANNIVERSARY
D-63222

Marriage Wish



Santosh Bhaina & Sabita Apa
Nimapara
Wishing you happy, peace & healthy married life. Happy Married Anniversary to both.
With compliments from:
Tutu, Maama, Paree,
D-15469


# ଜାତୀୟ ବେଞ୍ଚ୍ ପ୍ରେସ୍: ଓଡ଼ିଶାକୁ ୩ ରୌପ୍ୟ

ଭୁବନେଶ୍ୱର,୨୯।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଦିଲ୍ଲୀର ଶିବାଜୀ ଷ୍ଟାଡିୟମରେ ଗତ ୨୩ରୁ ୨୭ ତାରିଖ ମଧ୍ୟରେ ଖେଳାଯାଇଥିବା ଜାତୀୟ ବେଞ୍ଚ୍ ପ୍ରେସ୍ ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳିମାନେ ୩ଟି ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶାର ରାକେଶ ଶତପଥୀ ସିନିୟର ୮୩ କେ.ଜି. ବିଭାଗରେ ୧୬୭. ୫ , ସୂର୍ଯ୍ୟକାନ୍ତ ପ୍ରଧାନ ୧୦୫ କେ.ଜି ବିଭାଗରେ ୧୭୫ ଓ ନାରାୟଣ ସେଠୀ ମାଷ୍ଟର୍ସ-୨ ବିଭାଗରେ ୬୬ କେ.ଜି. ବର୍ଗରେ ୧୦୦ କେ.ଜି. ଉତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପଟେ ସୁଜିତ କୁମାର ଗିରି, ବାଦଲ ବେହେରା ଓ ବିଜୟ ଚକ୍ରବର୍ତ୍ତୀ ନିଜ ନିଜ ବିଭାଗରେ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି।

ପାୱାର ଲିଫ୍ଟିଙ୍ଗ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ୮୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଓଡ଼ିଶା ଦଳର କୋଚ୍ ଭାବେ ଶକ୍ତିରଞ୍ଜନ ବାରିକ ଦାୟିତ୍ୱ ତୁଲାଇଥିଲେ। ଦଳର ସଫଳତା ପାଇଁ ସଭାପତି କଳିକେଶ ନାରାୟଣ ସିଂ ଦେଓ, ଉପସଭାପତି ପରି ପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଚିତ୍ତ ରଞ୍ଜନ ସ୍ୱାଇଁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ହାମିଲଟନ ଟେଷ୍ଟ: ଲଥାମଙ୍କ ଶତକ

ହାମିଲଟନ,୨୯।୧୧(ଏଏଫ୍‌ପି)

ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଓପନର ଟମ୍ ଲଥାମଙ୍କ ଅପରାଜିତ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୫୪.୩ ଓଭରରେ ୩ ଉଇକେଟ ହରାଇ ୧୭୩ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଲଥାମ ୧୦୧ ଏବଂ ହେନେରି ନିକୋଲ୍ସ ୫ ରନ କରି ଅପରାଜିତ ରହିଛନ୍ତି। ବର୍ଷା କାରଣରୁ ଖେଳ ଶୀଘ୍ର ସମାପ୍ତ ହୋଇଥିଲା। ଚା'ପାନ ବିରତି ପରେ ମାତ୍ର ୩ଟି ବଲ୍ ଖେଳା ଯିବାପରେ ପ୍ରଥମ ଦିନର ଖେଳ ସମାପ୍ତ ହୋଇଥିଲା।

# ୭ ମାସ ପରେ ଆଲୋକିତ ହେଲା ଷ୍ଟାଡିୟମ



କଟକ ଅଫିସ,୨୯।୧୧

ଗତ ମେ ୫ ତାରିଖ ପରଠାରୁ ଅନ୍ଧାର ହୋଇପଡ଼ିଥିବା ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ ପୁନର୍ବାର ଆଲୋକିତ ହୋଇଛି। ସାମୁଦ୍ରିକ ଝଡ଼ ଫନୀରେ ଉଜୁଡ଼ି ଯାଇଥିବା ବାରବାଟୀ ଷ୍ଟାଡିୟମରେ ପ୍ରାୟ ୭ ମାସ ପରେ ଫ୍ଲଡଲାଇଟ୍ ଶୁକ୍ରବାର ସମ୍ପୂର୍ଣ୍ଣ ଭାବେ ଜଳିଛି। ତେବେ ଏହା ପରୀକ୍ଷାମୂଳକ ଭାବେ ଜଳାଗଲା ।ଏବେ ନିୟମିତ ଭାବେ ଷ୍ଟାଡିୟମର ଫ୍ଲଡଲାଇଟ୍ ଜଳାଯିବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ କୁହାଯାଇଛି ।'ଦେବ ମସ୍କୋ' ଟିମ୍ ଫ୍ଲଡଲାଇଟ୍ ମରାମତି ଦାୟିତ୍ୱରେ ଅଛି । ଆଉ ୨୨ଦିନ ପରେ ଏଠାରେ ଭାରତ ଓ ୱେଷ୍ଟଇଣ୍ଡିଜ ଦଳ ମଧ୍ୟରେ ମୁକାବିଲା ହେବ। ଫ୍ଲଡଲାଇଟ୍ କାର୍ଯ୍ୟକ୍ଷମ ହେବା ପରେ ମ୍ୟାଚ୍‌କୁ ନେଇ କ୍ରିକେଟପ୍ରେମୀଙ୍କ ମହଲରେ ଉତ୍ସାହ ଦ୍ୱିଗୁଣିତ ହୋଇଛି।

**ବାରବାଟୀ ଦିନିକିଆ ଆଉ ୨୨ ଦିନ**

# ୱାର୍ନର, ଲାବୁସ୍କାନଙ୍କ ଶତକ

ଆଡିଲେଡ୍,୨୯।୧୧(ଏଏଫ୍‌ପି)



ଡେଭିଡ ୱାର୍ନର

ସ୍ଥାନୀୟ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ପାକିସ୍ତାନ ମଧ୍ୟରେ ଶୁକ୍ରବାର ଦିବାରାତ୍ର (ଦ୍ୱିତୀୟ) ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଓପନର ଡେଭିଡ ୱାର୍ନର ଓ ଯୁବ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସ୍କାନଙ୍କ ଅପରାଜିତ ଶତକ ସହାୟତାରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଷ୍ଟମ୍ପ ଅପସାରଣ ସୁଦ୍ଧା ୭୩ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ୩୦୨ ରନ ସଂଗ୍ରହ କରିଛି। ଖେଳ ଶେଷ ବେଳକୁ ୱାର୍ନର ୧୬୬ ଓ ଲାବୁସ୍କାନ ୧୨୬ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ଓପନର ଜୋ ବର୍ନ୍ସ ୪ ରନ କରିଥିବା ବେଳେ ଦ୍ରୁତ ବୋଲର ଶାହିନ ଶାହ ଆଫ୍ରିଦୀଙ୍କ ବଲରେ ଉଇକେଟକିପର ମହମ୍ମଦ ରିଜୱାନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ଦ୍ୱିତୀୟ ଉଇକେଟରେ ୱାର୍ନର ଓ ଲାବୁସ୍କାନ ରେକର୍ଡ ଅପରାଜିତ ୨୯୪ ରନ ସଂଗ୍ରହ କରି ଭ୍ରମଣକାରୀ ବୋଲରଙ୍କୁ ନିରାଶ କରିଥିଲେ।

ୱାର୍ନର ୨୨୮ଟି ବଲର ସମ୍ମୁଖୀନ ହୋଇ ୧୯ଟି ଚୌକା ମାରିଛନ୍ତି। ସେହିପରି ଲାବୁସ୍କାନ ୨୦୫ଟି ବଲର ସମ୍ମୁଖୀନ ହୋଇ ୧୭ଟି ଚୌକା ମାରିଛନ୍ତି। ଏହି ଦୁଇ ବ୍ୟାଟ୍ସମ୍ୟାନ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ୱାର୍ନର କ୍ରମାଗତ ଦୁଇଥର ୧୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରି ରେକର୍ଡ କରିଛନ୍ତି। ଏହା ୱାର୍ନର କ୍ୟାରିୟରର ୨୩ତମ ଟେଷ୍ଟ ଶତକ। ସେହିପରି ଲାବୁସ୍କାନ ଦ୍ୱିତୀୟ ଟେଷ୍ଟ ଶତକ ଅର୍ଜନ କରିଛନ୍ତି। ଗାବାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଲାବୁସ୍କାନ ୧୮୫ ଓ ୱାର୍ନର ୧୫୪ ରନର ଶତକୀୟ ପାଳି ଖେଳିଥିଲେ। ଏହି ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଏକ ଇନିଂସ ଓ ୫ ରନରେ ବିଜୟ ହୋଇଥିଲ।

# ଜାତୀୟ ଉପକନିଷ୍ଠ ଉଷୁ ପ୍ରତିଯୋଗିତାରେ ଓଡ଼ିଶାକୁ ୮ ପଦକ

ଭୁବନେଶ୍ୱର,୨୯।୧୧(ସ୍ପୋର୍ଟ୍ସ ବ୍ୟୁରୋ)

କୋଲକାତାର ସଲ୍ଟ ଲେକ ଷ୍ଟାଡିୟମ ପିରସରରେ ଅନୁଷ୍ଠିତ ହୋଇଥିବା ୧୯ତମ ଜାତୀୟ ଉପକନିଷ୍ଠ ଉଷୁ ପ୍ରତିଯୋଗିତାରେ ଓଡ଼ିଶାକୁ ୩ ସ୍ୱର୍ଣ୍ଣ ସହ ୮ ପଦକ ମିଳିଛି। ପଦକ ତାଲିକାରେ ରହିଛି ୪ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ। ଶ୍ୱେତାରାଣୀ ମହାନ୍ତ (୨୮ କେଜି, ବାଳିକା), ଅକିଲ ମୁଣ୍ଡା (୨୦ କେଜି) ଓ ମଦନ ମୁଣ୍ଡା (୨୪ କେଜି) ସାନସୋଉ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ରୌପ୍ୟ ପଦକ ଜିତିଥିବା ଖେଳାଳିମାନେ ହେଲେ ପ୍ରେମ ମୁଣ୍ଡା (୩୨ କେଜ), ସୁମିତ୍ରା ମୁଣ୍ଡା (୩୯ କେଜ, ବାଳିକା)ସାନ୍‌ସୋଉ ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ଆଶୁତୋଷ ମହାରଣା ଓ ଆଦିତ୍ୟ ଜେନା ଯଥାକ୍ରମେ ଗୁନ୍‌ସୁ ଓ ଜିଆନ୍‌ସୁ ବିଭାଗରେ ପୋଡିୟମରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବାଳିକା ବିଭାଗରେ ଯଶସ୍ୱିନୀ ମଲ୍ଲିକ ଦାଓସୁ ବିଭାଗରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୬ ବାଳିକା ଓ ୧୫ ବାଳକ ପ୍ରତିଯୋଗୀଙ୍କ ସହ ପ୍ରଶିକ୍ଷକ ପଙ୍କଜ ମହାନ୍ତ, ବିଚାରକ ପୃଥ୍ୱୀରାଜ ହରିଚନ୍ଦନ ଓ ଶରତ ଦାସ ଯୋଗ ଦେଇଥିଲେ।

# କ୍ୱାର୍ଟରରେ କିସ୍, ବୋର୍ଡ ହାଇସ୍କୁଲ

କଟକ ଅଫିସ,୨୯।୧୧

ୟୁନିୟନ ସ୍ପୋର୍ଟିଂ ଆନୁକୂଲ୍ୟରେ ସ୍ଥାନୀୟ ବୋଷ ଗ୍ରାଉଣ୍ଡରେ ଚାଲିଥିବା୧୪ତମ ପିଭିଆର ମୂର୍ତ୍ତି ସ୍ମାରକୀ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ କିସ୍ ଓ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ବିଜୟୀ ହୋଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। କିସ୍ ୧୦ ଉଇକେଟରେ କଲେଜଛକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଶିଶୁ ବିଦ୍ୟାମନ୍ଦିର ମାତ୍ର ୩୪ ରନରେ ଅଲଆଉଟ ହୋଇଥିଲା। କିସ୍ ପକ୍ଷରୁ କାର୍ତ୍ତିକ ଗମାଙ୍ଗ ଓ ମହେନ୍ଦ୍ର ମନଦିନ ୩ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ଦୁଇ ଓପନର ଏମ୍ ଶଙ୍କର(୧୮ରନ) ଓ ସଲମାନ ସିଲପୋଡ଼ିଆ(୧୭ରନ) କିସ୍‌କୁ ଜିତାଇଥିଲେ। ବୋର୍ଡ ହାଇସ୍କୁଲ ୮ ଉଇକେଟରେ ନ୍ୟୁ ଷ୍ଟିୱାର୍ଟ ସ୍କୁଲକୁ ପରାସ୍ତ କରିଛି। ମୟଙ୍କ ପଟ୍ଟନାୟକଙ୍କ ୨୧ରନ ସହାୟତାରେ ନ୍ୟୁ ଷ୍ଟିୱାର୍ଟ ସମସ୍ତ ଉଇକେଟ ହରାଇ ୭୧ରନ କରିଥିଲା। ବୋର୍ଡ ପକ୍ଷରୁ ସନ୍ତୋଷ ସେରଖାଲ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ୨ଉଇକେଟ ହରାଇ ବୋର୍ଡ ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ବିଜୟୀ ଦଳ ପକ୍ଷରୁ ସୌମ୍ୟ ରଞ୍ଜନ ସର୍ବାଧିକ ୧୮ରନ ସଂଗ୍ରହ କରିଥିଲେ।

# ଭାରତୀୟ ଫୁଟ୍‌ବଲ ଲାଗି ଶୁଭ ସଙ୍କେତ

ବାଇଚୁଙ୍ଗ୍ ଭୁଟିଆ

କେତେଦିନର ବିଶ୍ରାମ ପରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ପ୍ରତ୍ୟାବର୍ତ୍ତନ କରିଛି। ଏଥି ସହିତ ତାରକା ଫୁଟବଲରମାନେ ମଧ୍ୟ ମ୍ୟାଚ୍ ଖେଳିବା ପାଇଁ ପ୍ରସ୍ତୁତ ହେବା ସହ ପଡିଆକୁ ଫେରିବା ପାଇଁ ବ୍ୟଗ୍ର ରହିଛନ୍ତି। ଇତିମଧ୍ୟରେ ଭାରତୀୟ ଫୁଟବଲ୍‌ରେ ଏକ ବଡ଼ ଅଗ୍ରଗତି ଦେଖିବାକୁ ମିଳିଛି। ମାଞ୍ଚେଷ୍ଟର ସିଟି ଏବେ ଭାରତରେ ପହଞ୍ଚିଯାଇଛି। ବିଶ୍ୱବ୍ୟାପୀ ମାଞ୍ଚେଷ୍ଟର ସିଟିର ପ୍ରଶଂସକ ରହିଛନ୍ତି। ଏବେ ଭାରତୀୟ ଫୁଟବଲ୍‌ରେ ମଞ୍ଚେଷ୍ଟର ନିଜର ଉତ୍ସାହ ଦେଖାଇଛି। ଏହା ନିଶ୍ଚିତ ଭାବେ ଏକ ବଡ଼ କଥା। ମୁମ୍ବାଇ ସିଟି ଏଫ୍‌ସିର ୬୫ ପ୍ରତିଶତ ଅଂଶଧନ କ୍ରୟ କରି ମାଞ୍ଚେଷ୍ଟର ଏହାର ପ୍ରମାଣ ଦେଇଛି। ଅବଶ୍ୟ କେତେକେ ଏହାକୁ ଏକ ନକାରାତ୍ମକ ଦୃଷ୍ଟିରେ ଦେଖିବାକୁ ପିଛାଇବେ ନାହିଁ। ମାଞ୍ଚେଷ୍ଟର ମାତ୍ର ଗୋଟିଏ କ୍ଲବ୍ ଉପରେ ଧ୍ୟାନ ଦେଇଛି ବୋଲି କହିବେ। କିନ୍ତୁ ଏହା ଏକ ଆରମ୍ଭ ମାତ୍ର। ଭାରତୀୟ ଫୁଟବଲ ପାଇଁ ଏହା ଏକ ଶୁଭ ସଙ୍କେତ ବୋଲି କୁହାଯାଇପାରେ।

ବିଶ୍ୱର ବଡ଼ବଡ଼ କ୍ଲବ ଏବେ ଭାରତୀୟ ଫୁଟବଲକୁ ଅତି ନିକଟରୁ ଅନୁଧ୍ୟାନ କରୁଛନ୍ତି। ଭାରତୀୟ ମାର୍କେଟଙ୍କୁ ମଧ୍ୟ ସେମାନେ ଭଲ ଭାବେ ଉପଲବ୍ଧି କରିବା ଆରମ୍ଭ କଲେଣି। ତେଣୁ ନିଶ୍ଚିତଭାବେ ଏହା ଏକ ସକାରାତ୍ମକ ଘଟଣା। ଆଗରୁ କ'ଣ ଏଭଳି କେବେ ହୋଇଛି ?

ମାତ୍ର ଗୋଟିଏ ଦିନରେ ଏଭଳି ବିକାଶ ହୋଇ ନ ଥାଏ। ଦୀର୍ଘ ଦିନର ରିସର୍ଚ୍ଚ ଓ ବିଶ୍ଳେଷଣ ପରେ ଏପରି ଘଟଣା ଘଟିଥାଏ। ରାତାରାତି ଏପରି ହେବା ସମ୍ଭବ ନୁହଁ। ତେଣୁ ଭାରତୀୟ ଫୁଟବଲର ଏହି ବିକାଶର ଅୟମାରମ୍ଭକୁ ପ୍ରଶଂସା କରାଯିବା ଉଚିତ୍। ଏହି ପାର୍ଟନରଶିପ୍ କେବଳ ଗୋଟିଏ କ୍ଲବ ପାଇଁ ନୁହଁ ପୂରା ଭାରତୀୟ ଫୁଟବଲ ପାଇଁ ଲାଭଦାୟକ ହେଉ ବୋଲି ଆଶା କରାଯାଇପାରେ। ଭାରତୀୟ ଫୁଟବଲର ବିକାଶ ଏହା ଦ୍ୱାରା ସମ୍ଭବ ବୋଲି ମୁଁ ବିଶ୍ୱାସ କରୁଛି।

ମୁମ୍ବାଇର ଯୁବ ପ୍ରତିଭାମାନଙ୍କର ବିକାଶ ହେଉ ଓ ଏମାନେ ବଡ଼ବଡ଼ ଟୁର୍ଣ୍ଣାମେଣ୍ଟରେ ଖେଳି ନାମ କମାନ୍ତୁ ବୋଲି ଆଶା ରଖିଛି। ଭାରତ ଓ ଇଂଲଣ୍ଡରେ ଯୁବ ଫୁଟବଲରମାନେ ପ୍ରଶିକ୍ଷଣ ସୁବିଧା ହାସଲ କରନ୍ତୁ। ଏଥିପାଇଁ ଅବଶ୍ୟ ତୃଣମୂଳସ୍ତରରୁ ବିକାଶ ଆବଶ୍ୟକ। ଏଥିପାଇଁ ବିଭିନ୍ନ ଏକ୍ସଚେଞ୍ଜ୍ ପ୍ରୋଗ୍ରାମ, କୋଚ୍ ଏଡୁକେଶନର ଆବଶ୍ୟକତା ରହିଛି। ଫୁଟବଲର ଏହି ବିକାଶ ଦେଖିବାକୁ ମୁଁ ଅପେକ୍ଷା କରି ରହିଛି। ଅନ୍ୟ କ୍ଲବଗୁଡିକ ମଧ୍ୟ ଏହି ଭଳି ସୁବିଧା ପାଇବେ ବୋଲି ଆଶା କରୁଛି। ତେଣୁ ଆଗାମୀ କିଛି ବର୍ଷ ମଧ୍ୟରେ ବାର୍ସିଲୋନା, ରିଅଲ ମାଡ୍ରିଡ, ଚେଲସି ଭଳି ନାମୀଦାମୀ କ୍ଲବ ମଧ୍ୟ ଭାରତୀୟ ଫୁଟବଲ୍‌ରେ ନିଜର ଉତ୍ସାହ ଓ ଆଗ୍ରହ ଦେଖାଇବେ ବୋଲି ଆଶା କରାଯାଇପାରେ।

ଇଂଲଣ୍ଡର ଶ୍ରେଷ୍ଠ ଖେଳାଳିମାନେ ଆଇଏସ୍‌ଏଲ୍ ଖେଳିବାକୁ ନ ଆସିଲେ ମଧ୍ୟ ପ୍ରତିଭାସମ୍ପନ୍ନ ଫୁଟବଲମାନେ ଆସିବେ। ମୁମ୍ବାଇ ସିଟି ଚଳିତ ଆଇଏସ୍‌ଏଲ୍‌ରେ ୫ ମ୍ୟାଚ୍ ଖେଳି ୫ ପଏଣ୍ଟ ହାସଲ କରିଛି। ଦଳର ପ୍ରଦର୍ଶନ ଆଶାନୁରୂପ ହୋଇ ନାହିଁ। ତେବେ ମାଞ୍ଚେଷ୍ଟର ସିଟି ଦଳର ଅଂଶଧନ କିଣିବା ଖବର ଖେଳାଳିଙ୍କ ପାଇଁ ଉତ୍ସାହ ଆଣିଦେବ। ଫଳରେ ଦଳର ପ୍ରଦର୍ଶନ ଆଗକୁ ଭଲ ହେବ ବୋଲି ଆଶା କରାଯାଇପାରେ।

(ଗେମ୍ ପ୍ଲାନ୍)


#WhatDrivesYou
EXIDE



ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ଚନ୍ଦ୍ର ଶେଖର ଖାଡଙ୍ଗା
ବଡ଼ପଦର, ବେଗୁନିଆ, ଖୋର୍ଦ୍ଧା
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପତ୍ନୀ, ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ଗ୍ରାମବାସୀ ।
ଧ-୧୫୪୦୨

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରତ୍ନାକର ରଣା
ଦୁଲଣାପୁର, ଡମପଡ଼ା, ବାଙ୍କି, କଟକ
ଆବିର୍ଭାବ: ୦୩।୦୨।୧୯୩୫
ତିରୋଧାନ: ୨୦।୧୧।୨୦୧୯
ଆପଣଙ୍କର ପୁଣ୍ୟକର୍ମ, କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ସମସ୍ତ:
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀମାନେ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୮୭୧୪

ଚତୁର୍ଦ୍ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସ୍ୱର୍ଣ୍ଣଲତା ମହାପାତ୍ର
ଆବିର୍ଭାବ: ୨୪।୦୩।୧୯୬୫
ତିରୋଧାନ: ୧୮।୧୧।୨୦୧୯
ତୁମର ଚତୁର୍ଦ୍ଦଶାହରେ ଆମ୍ଭେ ସମସ୍ତ ପରିବାରବୃନ୍ଦ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛୁ।
ଶୋକସନ୍ତପ୍ତ:
ସୁଧାଂଶୁ, ଶଶାଙ୍କ, ଇପ୍‌ସିତା, ସବ୍ୟସାଚୀ ଓ ସ୍ୱାତୀ
ଧ-୬୮୫୧୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଦୁର୍ଗା ଚରଣ ବେହେରା
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୨୦।୦୪।୧୯୪୪
ସ୍ୱର୍ଗାରୋହଣ: ୨୦।୧୧।୨୦୧୯
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମ ନିକଟରେ ଚିରସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକାକୁଳ ପରିବାର ସହ:
ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୧୫୪୬୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ନଭେମ୍ବର ୩୦/୨୦୧୯ Bhubaneswar, Saturday, November 30/2019

# ସ୍ଥାଣୁ ପାଲଟିଛି ଭିଜିଲାନ୍ସର ସୋସିଆଲ ମିଡିଆ

## ପଡ଼ିରହିଛି ଶତାଧିକ ଅଭିଯୋଗ, ହେଉନି ତଦନ୍ତ

ନିର୍ମଳ ପଣ୍ଡା
କଟକ ଅଫିସ, ୨୯।୧୧

ଓଡ଼ିଶା ଭିଜିଲାନ୍ସ ବିଭାଗରେ ଶତାଧିକ ଦୁର୍ନୀତି ଅଭିଯୋଗ ତଦନ୍ତ ନ ହୋଇ ପଡ଼ିରହିଛି। ଏପରି ସ୍ଥଳେ ରାଜ୍ୟରେ ଦୁର୍ନୀତି କମିଛି ବୋଲି ନିକଟରେ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଇଣ୍ଡିଆ (ଟିଆଇଆଇ) ନାମକ ଏକ ଅଣସରକାରୀ ସଂସ୍ଥାର ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ତେଣୁ ଏହି ରିପୋର୍ଟକୁ ନେଇ ଅନେକେ ପ୍ରଶ୍ନ ଉଠାଇଛନ୍ତି। ଏଥିସହ ଭିଜିଲାନ୍ସର ସୋସିଆଲ ମିଡିଆ ସ୍ଥାଣୁ ପାଲଟିଥିବା ଅଭିଯୋଗ ଆଣିଛନ୍ତି। କଟକର ସାମାଜିକ କର୍ମୀ ବିଶ୍ୱଜିତ ମହାନ୍ତି, ନିଆଳିର ଚାଷୀ ବସନ୍ତ ଜେନା ଓ ବରଗଡର ଚାଷୀ ସୁରଜ ସାହୁ କହିଛନ୍ତି ଯେ, ବିଭିନ୍ନ ସମୟରେ କେତେକ ଦୁର୍ନୀତିକୁ ନେଇ ସେମାନେ ଭିଜିଲାନ୍ସରେ ଅଭିଯୋଗ କରିଛନ୍ତି। ହେଲେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏସବୁ ଦୃଷ୍ଟିରୁ ରାଜ୍ୟରେ ଦୁର୍ନୀତି ହ୍ରାସ ନେଇ ଟିଆଇଏ ଯେଉଁ ରିପୋର୍ଟ ଦେଇଛି ତାହାର ସତ୍ୟତା ତଦନ୍ତ ସାପେକ୍ଷ। ବିଶ୍ୱଜିତ କହିଛନ୍ତି, ଏକ ବିଦ୍ୟୁତ ଆବଣ୍ଟନ ସଂସ୍ଥା ୨୪୦୦ କୋଟି ଟଙ୍କାର ଦୁର୍ନୀତିରେ ସମ୍ପୃକ୍ତ ଥିବା ନେଇ ସେ ଭିଜିଲାନ୍ସରେ ବହୁ ଥର ଅଭିଯୋଗ କରିଛନ୍ତି। ଭିଜିଲାନ୍ସର ସୋସିଆଲ ସାଇଟରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇଛନ୍ତି। କିନ୍ତୁ ସୁଫଳ ମିଳି ନାହିଁ। ସେହିପରି ସୁରଜ କହିଛନ୍ତି, ବରଗଡ ଜିଲାର ଧାନ ଦୁର୍ନୀତିକୁ ନେଇ ସୋସିଆଲ ମିଡିଆ ଜରିଆରେ ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଇ ନାହିଁ। ବସନ୍ତଙ୍କ କହିବାନୁଯାୟୀ, ଅଗଭୀର ନଳକୂପ ଖନନକୁ ନେଇ ନିଆଳି ଅଞ୍ଚଳରେ ବ୍ୟାପକ ଦୁର୍ନୀତି ହୋଇଛି। ତଥ୍ୟ ପ୍ରମାଣ ସହିତ ଲିଖିତ ଭାବେ ଓ ସୋସିଆଲ ମିଡିଆରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଫଳ ଶୂନ। ଏସବୁ ଘଟଣାରୁ ଭିଜିଲାନ୍ସର ସୋସିଆଲ ମିଡିଆ ସକ୍ରିୟ ନ ଥିବା ସ୍ପଷ୍ଟ ହେଉଛି।

ସୂଚନାଯୋଗ୍ୟ, ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ ପ୍ରକ୍ରିୟାକୁ ସହଜ ଓ ସରଳ କରିବା ପାଇଁ ରାଜ୍ୟ ଭିଜିଲାନ୍ସ ବିଭାଗ ୨ବର୍ଷ ତଳେ ସୋସିଆଲ ମିଡିଆ ଉପରେ ଗୁରୁତ୍ୱ ଦେଇଥିଲା। ଫେସ୍‌ବୁକ, ଟୁଇଟର, ଟୋଲ ଫ୍ରି ନମ୍ବର, ଡେଡିକେଟେଡ ଟେଲିଫୋନ ଲାଇନ ସହିତ ୱେବସାଇଟରେ ଅଭିଯୋଗ ଗ୍ରହଣ କରିବା ଆରମ୍ଭ କରିଥିଲା। ୨୦୧୭ ଜୁଲାଇରୁ ଏହି ପଦ୍ଧତି ଆରମ୍ଭ ହୋଇଥିଲା। ରାଜ୍ୟରେ ପିସି କାରବାର ରୋକିବା ସହ ବିଭିନ୍ନ ଦୁର୍ନୀତିକୁ ହଟାଇବା ଏହାର ମୂଳ ଲକ୍ଷ୍ୟ ଥିଲା। ତେବେ ମହତ ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥାର ଦୟନୀୟ ଚିତ୍ର ଏବେ ସାମ୍ନାକୁ ଆସିଛି। ଚଳିତବର୍ଷର ତୃତୀୟ ତ୍ରୈମାସିକ ବୈଠକ (ଥାର୍ଡ କ୍ୱାର୍ଟର)ରେ ଏହାକୁ ନେଇ ଜୋର୍‌ଦାର ତର୍ଜମା କରାଯାଇଥିଲା। ଏହାପରେ ଏହି ବ୍ୟବସ୍ଥାକୁ ଗତିଶୀଳ କରିବା ପାଇଁ ଭିଜିଲାନ୍ସ ଏଆଇଜିଙ୍କୁ ଦାୟିତ୍ୱ ଦିଆଯାଇଛି। ତୃତୀୟ ତ୍ରୈମାସିକ ସୁଦ୍ଧା ଭିଜିଲାନ୍ସରେ ସୋସିଆଲ ମିଡିଆ ସମ୍ପର୍କିତ ଅଭିଯୋଗ ସଂଖ୍ୟା ୬୯୦ ଥିବା ବେଳେ ମାତ୍ର ୧୪ଟିର ତଦନ୍ତ ହୋଇ ଫଇସଲା ସରିଛି। ଏହି କ୍ରମରେ ଦେଖିଲେ ଟୋଲ ଫ୍ରି ନମ୍ବରରେ ୫୩୨ ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ମାତ୍ର ୯ଟିର ଫଇସଲା ହୋଇଛି। ଉକ୍ତ ୯ଟି ଅଭିଯୋଗ କେବଳ ବାଲେଶ୍ୱର ଡିଭିଜନର। ଅନ୍ୟ କୌଣସି ଡିଭିଜନରେ ଗୋଟିଏ ବି ଅଭିଯୋଗ ଫଇସଲା କରାଯାଇନାହିଁ। ସେହିପରି ୱେବସାଇଟରେ ମିଳିଥିବା ୫୬ ଅଭିଯୋଗ ପଡ଼ିରହିଛି। ଡେଡିକେଟେଡ ଟେଲିଫୋନ ନମ୍ବର ବ୍ୟବସ୍ଥାରେ ଆସିଥିବା ୩୬ ଅଭିଯୋଗ ମଧ୍ୟରୁ କେବଳ କଟକ ଡିଭିଜନର ୫ଟିର ଫଇସଲା ସରିଛି। ଫେସ୍‌ବୁକ ଓ ଟୁଇଟର ଆକାଉଣ୍ଟରେ ମଧ୍ୟ ଅନୁରୂପ ଚିତ୍ର ଦେଖିବାକୁ ମିଳିଛି। ଫେସବୁକ ମାଧ୍ୟମରେ ତୃତୀୟ କ୍ୱାର୍ଟର ସୁଦ୍ଧା ମିଳିଥିବା ସମସ୍ତ ୩୨ଟି ଅଭିଯୋଗ ସେମିତି ପଡ଼ିରହିଛି। ଟୁଇଟର ଆକାଉଣ୍ଟରେ ୪୮ ଅଭିଯୋଗ ଗଡୁଛି। ଏ ସମ୍ପର୍କରେ ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କୁ ପଚାରିବାରେ କହିଛନ୍ତି, ରାଜ୍ୟ ଭିଜିଲାନ୍ସ ବିଭାଗ କ୍ରିୟାଶୀଳ ଅଛି। ଦୁର୍ନୀତିକୁ ହଟାଇବା ପାଇଁ ଭିଜିଲାନ୍ସ ବଦ୍ଧପରିକର ହୋଇ କାମ କରୁଛି। ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ଭିଜିଲାନ୍ସର ପ୍ରଦର୍ଶନ ସନ୍ତୋଷଜନକ ନ ଥିଲେ ମଧ୍ୟ ଅନେକ ଦୁର୍ନୀତିର ପର୍ଦ୍ଦାଫାଶ କରିପାରିଛି। ବିଭାଗୀୟ ତଥ୍ୟ ଅନୁଯାୟୀ, ୨୦୧୯ ଜାନୁୟାରୀ ପହିଲାରୁ ଅକ୍ଟୋବର ୩୧ ମଧ୍ୟରେ ମୋଟ ୪୧୮ଜଣ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ୨୫୦ଟି ମାମଲା ରୁଜୁ ହୋଇଛି। ସେମାନଙ୍କ ମଧ୍ୟରେ ୩୪ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ଥିବାବେଳେ ୨୪ଜଣ ଦ୍ୱିତୀୟ ଶ୍ରେଣୀ, ୨୩୫ଜଣ ତୃତୀୟ ଶ୍ରେଣୀ, ୫ଜଣ ଚତୁର୍ଥ ଶ୍ରେଣୀ ଏବଂ ୨୮ଜଣ ଅନ୍ୟ ଲୋକସେବକ ଓ ୯୨ଜଣ ସାଧାରଣ ବ୍ୟକ୍ତି ରହିଛନ୍ତି। ତେବେ ଭିଜିଲାନ୍ସର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି, ଏହି ବିଭାଗରେ ମାନବ ସମ୍ବଳର ଘୋର ଅଭାବ ରହିଛି। ୫୫ଟି ଇନ୍ସପେକ୍ଟର ଓ ୧୦ରୁ ଅଧିକ ଡିସିପି ପଦବୀ ଫାଙ୍କା ପଡ଼ିଛି। ତେଣୁ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁନାହିଁ। ଭିଜିଲାନ୍ସରେ ମାନବ ସମ୍ବଳ ବୃଦ୍ଧି କରାଗଲେ ଦୁର୍ନୀତିକୁ ହଟାଯିବା ସହଜ ହୋଇପାରନ୍ତା।




## ବାରବାଟୀ-କଟକ ବିଧାନସଭା ନିର୍ବାଚନୀ ମାମଲା

# ଜବାବ ଦାଖଲ ପାଇଁ ସମୟ ନେଲେ ଆବେଦନକାରୀ

କଟକ ଅଫିସ,୨୯।୧୧

ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ନିର୍ବାଚନୀ ମାମଲାରେ ଆବେଦନକାରୀ ଦେବାଶିଷ ସାମନ୍ତରାୟ ଜବାବ ଦାଖଲ ପାଇଁ ସମୟ ଲୋଡିଛନ୍ତି। ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଆବେଦନକାରୀ ସାମନ୍ତରାୟଙ୍କ ଆବେଦନକୁ ଗ୍ରହଣ କରିବା ସହ ଉକ୍ତ ମାମଲାର ଶୁଣାଣି ପାଇଁ ଆସନ୍ତା ୬ତାରିଖକୁ ଦିନଧାର୍ଯ୍ୟ କରିଛନ୍ତି। ପୂର୍ବ ଶୁଣାଣି ଦିବସରେ ପ୍ରତିପକ୍ଷ ତଥା ବିଧାୟକ ମହମ୍ମଦ ମୋକିମଙ୍କ ପକ୍ଷରୁ ମାମଲାକୁ ଖାରଜ କରିବା ପାଇଁ ପିଟିଶନ ଦାଖଲ କରାଯାଇଥିଲା। ପିଟିଶନରେ ମୋକିମ ଦର୍ଶାଇଥିଲେ, ଆବେଦନକାରୀ ସାମନ୍ତରାୟ ଯେଉଁସବୁ ଅଭିଯୋଗ ଆଣିଛନ୍ତି ତା'ର କୌଣସି ସତ୍ୟାସତ୍ୟ ନାହିଁ। ତେଣୁ ଭିତ୍ତିଭୂମି ନ ଥିବା ଏଭଳି ପିଟିଶନକୁ ଶୁଣାଣି ପୂର୍ବରୁ ଖାରଜ କରିବାକୁ ମୋକିମ କୋର୍ଟଙ୍କୁ ନିବେଦନ କରିଥିଲେ। ମୋକିମଙ୍କ ନିବେଦନ ଉପରେ ଜବାବ ରଖିବା ପାଇଁ ହାଇକୋର୍ଟ ସାମନ୍ତରାୟଙ୍କୁ ନୋଟିସ ଜାରି କରିଥିଲେ। ମୋକିମଙ୍କ ପକ୍ଷରୁ ଆଡଭୋକେଟ ବିଦ୍ୟାଧର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ଡିସେମ୍ବର ଶେଷ ସୁଦ୍ଧା ସ୍ୱର୍ଗଦ୍ୱାର ନବୀକରଣ କାମ

ପୁରୀ ଅଫିସ, ୨୯।୧୧

- ଏକାସଙ୍ଗେ ଦାହ ହୋଇପାରିବ ୧୪ ମୃତଦେହ
- ୧ ଏକର ଜାଗାରେ ହେବ ପୁନରୁଦ୍ଧାର କାମ
- ରୋଡ ଓଭର ବ୍ରିଜ୍, ଘାଟର ବି ଯୋଜନା ଅଛି
- ପ୍ରବେଶ ପଥରେ ହେବ ଆକର୍ଷଣୀୟ ଗେଟ୍

ମହାପ୍ରସ୍ଥାନମ୍ କ୍ରିମେଟୋରିୟମ୍ ଢାଞ୍ଚାରେ ସ୍ୱର୍ଗଦ୍ୱାର ପାଇବ ନୂଆରୂପ। ବଦଳିବ ଏହାର ଚେହେରା। ପୁରୀ ପାଇଁ ଯେଉଁ ବିକାଶର ଚିତ୍ର ପରିକଳ୍ପନା କରାଯାଇଛି ସେଥିରେ ସ୍ଥାନ ପାଇଛି ସ୍ୱର୍ଗଦ୍ୱାର। ଏହାର ପ୍ରକ୍ରିୟା ବି ତ୍ୱରାନ୍ୱିତ ହୋଇଛି। ସ୍ୱର୍ଗଦ୍ୱାର ପ୍ରତି ଆସ୍ଥା ଏବଂ ବିଶ୍ୱାସ ରଖି ଦୂରଦୂରାନ୍ତରୁ ମୃତଦେହ ଦାହ ପାଇଁ ଆସୁଥିବା ସମ୍ପର୍କୀୟମାନେ ଯେପରି ତିକ୍ତ ଅନୁଭୂତି ନ ସାଉଣ୍ଟିବେ ସେଥିପ୍ରତି ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୫ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ସ୍ୱର୍ଗଦ୍ୱାରର ପୁନରୁଦ୍ଧାର କାମ ଆରମ୍ଭ ହେବ ବୋଲି କହିଛନ୍ତି ଜିଲାପାଳ ବଲୱନ୍ତ ସିଂ।

ସ୍ୱର୍ଗଦ୍ୱାର ବିକାଶର ରୂପରେଖ ସମ୍ପର୍କରେ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, ବର୍ତ୍ତମାନ ଥିବା ୧ ଏକର ଜମିରେ ସ୍ୱର୍ଗଦ୍ୱାରର ବିକାଶ କରାଯିବ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଏହାର ନକ୍ସା ଦେଖାଇବା ପରେ ସେ ଖୁସି ହୋଇଛନ୍ତି। ଏଠାକୁ ମୃତଦେହ ଦାହ କରିବାକୁ ଆସୁଥିବା ସମ୍ପର୍କୀୟମାନେ ଯେପରି ସାମାନ୍ୟତମ ଅସୁବିଧାରେ ନ ପଡିବେ ତାହାକୁ ନଜରରେ ରଖି ନିର୍ମାଣ କରାଯିବ। ଏହାମଧ୍ୟରେ କାର୍ଯ୍ୟାଳୟ, ମୃତଦେହ ରଖିବା ପାଇଁ ସ୍ଥାନ, ପୂଜା ସାମଗ୍ରୀ ବିକ୍ରି ଦୋକାନ, ୪ଟି ପଥଶ୍ରାଦ୍ଧ ପିଣ୍ଡି, କାଠ ରଖିବା ସ୍ଥାନ, ଶୌଚାଳୟ, ପରିଶ୍ରାଗାର, ପୋଷାକ ପରିବର୍ତ୍ତନ ଗୃହ ଆଦି ତିଆରି କରାଯିବ। ତେବେ ଏକସଙ୍ଗରେ ୧୪ ମୃତଦେହ ଦାହ କରାଯାଇପାରିବ। ମଝିରେ ଏକ କରିଡର ରହିବ। ଉଭୟ ପାର୍ଶ୍ୱରେ ୭ଟି ଲେଖାଏ ମୃତଦେହ ଦାହ ପିଣ୍ଡି ତିଆରି କରାଯିବ। ଗୋଟିଏ ପାର୍ଶ୍ୱ କାମ ସମ୍ପୂର୍ଣ୍ଣ ଭାବେ ତିଆରି ସରିବା ପରେ ଅପର ପାର୍ଶ୍ୱ କାମ ଆରମ୍ଭ କରାଯିବ। ବର୍ଷା, ପବନ ସମୟରେ ଯେପରି ଶବଦାହ ବାଧାପ୍ରାପ୍ତ ନ ହୁଏ ସେଥିଲାଗି ପ୍ରତ୍ୟେକ ପିଣ୍ଡି ଉପରେ ଛୋଟ ଶେଡ ରହିବ। ପବନକୁ ପ୍ରତିହତ ପାଇଁ ବାଡ଼ା ତିଆରି କରାଯିବ। ସମୁଦ୍ର କୂଳରେ ଏକ ଘାଟ କରାଯିବ। ଏଠାକୁ ଯିବା ପାଇଁ ରୋଡ ଓଭର ବ୍ରିଜ୍ (ଆରଓବି) ନିର୍ମାଣର ଯୋଜନା ରହିଥିବା ଜିଲାପାଳ କହିଛନ୍ତି। ତେବେ ସବୁଠୁ ଆକର୍ଷଣୀୟ ହେବ ପ୍ରବେଶ ପଥ ଫାଟକ। ବର୍ତ୍ତମାନ ୧ ଏକର ଜମିରେ ଏହା କରାଯିବ। ଆବଶ୍ୟକ ପଡିଲେ ଜବରଦଖଲ ଜମିକୁ ଉଚ୍ଛେଦ ନଚେତ ଅଧିଗ୍ରହଣ ହେବ ବୋଲି ଜିଲାପାଳ କହିଛନ୍ତି।

ସୂଚନାଥାଉ କି, ସ୍ୱର୍ଗଦ୍ୱାରରେ ଥିବା ବିଜୁ ପଟ୍ଟନାୟକଙ୍କ ସମାଧି ପୀଠ ହଟାଯିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ବିଜୁବାବୁ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଅଛନ୍ତି। ସ୍ୱର୍ଗଦ୍ୱାରରେ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ଯାହା ଥିଲା ସେ ସବୁ ଓଡ଼ିଶାବାସୀଙ୍କ ସେବାରେ ଲାଗିବ। ତେଣୁ ସ୍ୱର୍ଗଦ୍ୱାରର ବିକାଶରେ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି ମୁଖ୍ୟମନ୍ତ୍ରୀ।

# ବ୍ୟାଙ୍କ ସିକ୍ୟୁରିଟି ଗାର୍ଡଙ୍କ ବନ୍ଧୁକରୁ ଗୁଳି ଫୁଟି ଗ୍ରାହକ ଆହତ



## ଗାର୍ଡ ଅଟକ, ବନ୍ଧୁକ, ଗୋଟିଏ ଗୁଳି ଓ ଖୋଳା ଜବତ





ପୁରୀ ଅଫିସ, ୨୯।୧୧

ପୁରୀ କୁମ୍ଭାରପଡା ଥାନା ଅଧୀନ ପୁରୁଣା ସଦର ଥାନା ଛକ ସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ(ବିଓଆଇ)ର ସିକ୍ୟୁରିଟି ଗାର୍ଡଙ୍କ ବନ୍ଧୁକରୁ ଗୁଳି ଫୁଟି ଶୁକ୍ରବାର ଜଣେ ଗ୍ରାହକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କଲିକତାର ମୋନାନା। ମୋନାନା ଏବେ ସୋଲାଖିଆ ବରଗଛ ଛକ ନିକଟରେ ରହୁଛନ୍ତି। ଗୁଳି ତାଙ୍କ ବାମ ପାର୍ଶ୍ୱ ପାଦରେ ବାଜିଛି। ଘଟଣାସ୍ଥଳରେ ପ୍ରଚୁର ରକ୍ତଛିଟା ପଡିଛି। ତାଙ୍କୁ ପ୍ରଥମେ ପୁରୀର ଏକ ଘରୋଇ ଚିକିତ୍ସାଳୟ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କୁମ୍ଭାରପଡା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହିତ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବ୍ୟାଙ୍କ ସିସିଟିଭି ଯାଞ୍ଚ କରାଯାଉଛି। ସିକ୍ୟୁରିଟି ଗାର୍ଡଙ୍କୁ ଥାନାରେ ଅଟକ ରଖାଯାଇଛି। ଗୁଳି ଫୁଟିଥିବା ବନ୍ଧୁକ, ଗୋଟିଏ ଖୋଳା ଓ ଗୁଳି ଜବତ ହୋଇଛି। ଏନେଇ ଥାନାରେ ନଂ. ୩୦୨/୧୯ରେ ମାମଲା ରୁଜୁ ହୋଇଛି।

ସିଟି ଡିଏସ୍‌ପି କ୍ଷୀରସାଗର ନାୟକ କହିଛନ୍ତି ଯେ, ୨୦୧୬ରୁ ଏ.କେ ମହାରଣା ବ୍ୟାଙ୍କ ଅଫ ଇଣ୍ଡିଆ ପୁରୁଣା ସଦର ଥାନା ବ୍ରାଞ୍ଚରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଛନ୍ତି। ସେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ। ତାଙ୍କ ବାମ ପାର୍ଶ୍ୱରେ ବନ୍ଧୁକ ଧରିଥିଲେ। ହଠାତ୍ ବନ୍ଧୁକର ଫିତା ଛିଣ୍ଡିଯିବାରୁ ବନ୍ଧୁକଟି ହାତରୁ ଖସି ତଳେ ପଡି ଗୁଳି ଫୁଟିଥିଲା। ଏହି ସମୟରେ ଟଙ୍କା ଡିପୋଜିଟ୍ ଲାଗି ଆସିଥିବା ମୋନାନାଙ୍କ ବାମ ପାଦରେ ଗୁଳି ବାଜିଥିଲା। କୁମ୍ଭାରପଡା ଥାନା ଅଧିକାରୀ କୁଳମଣି ସେଠୀ ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ସିସିଟିଭି ଯାଞ୍ଚ କରାଯିବାରୁ ସିକ୍ୟୁରିଟି ଗାର୍ଡଙ୍କ କାନ୍ଧରୁ ବନ୍ଧୁକ ଫିତା ଛିଣ୍ଡିଯିବାରୁ ଗୁଳି ଫୁଟି ଏହି ଘଟଣା ଘଟିଥିବା ଜଣାପଡିଛି। ଘଟଣାର ତଦନ୍ତ ଜାରି ରହିଛି। ବ୍ୟାଙ୍କ ପରିଚାଳକ ଭବାନୀ ଶଙ୍କର ଜାଲିଙ୍କୁ ପଚାରିବାରେ ଟଙ୍କା ରିକୋଭରି ଲାଗି ବାହାରକୁ ଯାଇଥିଲି। ଖବରପାଇ ବ୍ୟାଙ୍କରେ ପହଞ୍ଚି ପୋଲିସକୁ ଖବରଦେଇଥିଲି। ଆହତ ଯୁବକଙ୍କୁ ପ୍ରଥମେ ପୁରୀ ପରେ ଭୁବନେଶ୍ୱର ସ୍ଥିତ ଏକ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବ୍ୟାଙ୍କ ବହନ କରିବ। ତେବେ ବ୍ୟାଙ୍କ ଭିତରେ ବିନା ସେଫ୍ଟି ବନ୍ଧୁକ ବ୍ୟବହାରକୁ ନେଇ କେତେଜଣ ଗ୍ରାହକ ଓ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି।




# ଅଶ୍ଳୀଳ ଭିଡିଓ ନାଁରେ ବ୍ଲାକ୍‌ମେଲିଂ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

- ଭାଇରାଲ ଧମକ ଦେଇ ଯୁବତୀଙ୍କୁ ମାଗୁଥିଲେ ୫୦ ହଜାର ଟଙ୍କା
- ୨ ହୋଟେଲ କର୍ମଚାରୀ ଗିରଫ



ବ୍ଲାକମେଲିଂର ଶିକାର ଯୁବତୀ

ରାଜଧାନୀର କୌଣସି ହୋଟେଲକୁ ମହିଳା ବନ୍ଧୁଙ୍କୁ ନେଇ ଯାଉଛନ୍ତି କି? ତା'ହାଲେ ସାବଧାନ ହୋଇଯାଆନ୍ତୁ। ହୋଟେଲକୁ ଗଲେ ରୁମ୍ ସାରା ଥରେ ଭଲ ଭାବେ ଯାଞ୍ଚ କରି ନିଅନ୍ତୁ। କାରଣ ହୋଟେଲ କର୍ମଚାରୀ ରୁମ୍‌ରେ ସିକ୍ରେଟ୍ କ୍ୟାମେରା ଲଗାଇ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରି ପରେ ଟଙ୍କା ମାଗିପାରନ୍ତି। ଟଙ୍କା ନ ଦେଲେ ଭିଡିଓ ଭାଇରାଲ କରିଦେବାର ଧମକ ଦେଇ ବ୍ଲାକମେଲିଂ କରିପାରନ୍ତି। ନୟାପଲ୍ଲୀ ଥାନା ଅଧୀନ ଏନ୍-୧ସ୍ଥିତ ଏକ ତାରକା ହୋଟେଲରେ ଘଟିଥିବା ଏଭଳି ଘଟଣା ଏବେ ସାମ୍ନାକୁ ଆସିଛି। ଉକ୍ତ ହୋଟେଲର କର୍ମଚାରୀଙ୍କ ବିରୋଧରେ ଏପରି ବ୍ଲାକ୍‌ମେଲିଂ ଅଭିଯୋଗ ହୋଇଛି। ବ୍ଲାକମେଲିଂର ଶିକାର ହୋଇଥିବା ଯୁବତୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ଶୁକ୍ରବାର ଉକ୍ତ ହୋଟେଲର ୨ ଜଣ କର୍ମଚାରୀଙ୍କୁ ଗିରଫ କରିଛି। ଏଥିସହ ଉକ୍ତ ହୋଟେଲ ଓ ସମ୍ପୃକ୍ତ କର୍ମଚାରୀ ଦ୍ୱୟଙ୍କ ମୋବାଇଲ୍ ଯାଞ୍ଚ କରିଥିଲେ ମଧ୍ୟ ଯୁବତୀଙ୍କର କୌଣସି ଅଶ୍ଳୀଳ ଭିଡିଓ ମିଳି ନାହିଁ। ତେବେ ତଦନ୍ତ ବେଳେ ଦୁଇଟି ରୁମ୍‌ର କବାଟ ଲକ୍‌ରେ କଣା ଥିବା ପୋଲିସ ଦେଖିବାକୁ ପାଇଛି। ସମ୍ପୃକ୍ତ କର୍ମଚାରୀ ଦ୍ୱୟ ଏହି କଣାରେ ଭିଡିଓ ରେକର୍ଡିଂ କରିଥିବା କୁହାଯାଉଛି। ପୋଲିସ ଏ ନେଇ ସିଆର୍‌ପିସି-୧୬୧ରେ ଯୁବତୀଙ୍କ ବୟାନ ରେକର୍ଡିଂ କରିବା ସହ ତଦନ୍ତ ଜାରି ରଖିଛି।

ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ନୟାପଲ୍ଲୀ ଏନ୍-୧ରେ ଥିବା ଏକ ବଡ ହୋଟେଲରେ ଜନ୍ମଦିନ ପାଳନ କରିବା ପାଇଁ ସେ ଓ ତାଙ୍କର ପୁରୁଷ ବନ୍ଧୁ ଅନ୍‌ଲାଇନରେ ଏକ ରୁମ୍ ବୁକ୍ କରିଥିଲେ। ସେମାନେ ଗତ ୫ତାରିଖ ରାତିରେ ଏହି ହୋଟେଲକୁ ଯାଇଥିଲେ। ସେଠାରେ ଜନ୍ମଦିନ ପାଳିଥିଲେ। ତେବେ ରାତି ଅଧିକ ହୋଇଯାଇଥିବାରୁ ଦୁହେଁ ଆଉ ଘରକୁ ନ ଫେରି ହୋଟେଲରେ ରହିଯାଇଥିଲେ। ଗତ ୮ତାରିଖରେ ଯୁବତୀଙ୍କ ଫୋନ୍ ନମ୍ବରକୁ ୪ଟି ଭିନ୍ନ ନମ୍ବରରୁ ଫୋନ୍ ଆସିଥିଲା। ଫୋନ୍‌ରେ ହୋଟେଲର କର୍ମଚାରୀ କହିଥିଲେ, ୫ ତାରିଖରେ ସେ ତାଙ୍କ ପୁରୁଷ ବନ୍ଧୁଙ୍କ ସହିତ ଯେଉଁ ଅନ୍ତରଙ୍ଗ ମୁହୂର୍ତ୍ତ ବିତାଇଥିଲେ ତାହାର ଫଟୋ ଓ ଭିଡିଓ ଆମ ନିକଟରେ ରହିଛି। ୫୦ହଜାର ଟଙ୍କା ଦେଲେ ଫଟୋ ଓ ଭିଡିଓ ଦିଆଯିବ। ନ ହେଲେ ସୋସିଆଲ ମିଡିଆରେ ଭାଇରାଲ କରିଦେବୁ। ଏହିଭଳି ସେମାନେ ବାରମ୍ବାର ଫୋନ୍ କରି ଧମକାଇବାରୁ ଯୁବତୀ ଜଣକ ମାନସିକ ଚାପରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ସାଙ୍ଗ ଓ ପରିବାର ଲୋକଙ୍କ ଉପସ୍ଥିତି ଯୋଗୁ ବର୍ତ୍ତି ଯାଇଥିଲେ। ସମ୍ପୃକ୍ତ ହୋଟେଲ କର୍ମଚାରୀ ଗୁରୁବାର ରାତିରେ ପୁଣି ଫୋନ୍ କରିବାରୁ ଶେଷରେ ସେ ଟଙ୍କା ଦେବା ପାଇଁ ସିଆର୍‌ପି ଛକକୁ ଆସିଥିଲେ। ସେଠାରେ ସେ କାନ୍ଦୁଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ଯୁବତୀଙ୍କୁ ଟଙ୍କା ଦେବା ପାଇଁ ହୋଟେଲ କର୍ମଚାରୀଙ୍କୁ ଡାକିବାକୁ କହିଥିଲେ। ୨ଜଣ କର୍ମଚାରୀ ଟଙ୍କା ନେବା ପାଇଁ ସିଆର୍‌ପି ଛକକୁ ଆସିଥିବାବେଳେ ଲୋକେ ସେମାନଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଦୁହିଁଙ୍କୁ ପଚରାଉଚରା ପରେ ଗିରଫ କରାଯାଇଛି। ଏହି ଘଟଣାରେ ହୋଟେଲର ଅନ୍ୟ କର୍ମଚାରୀ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ଏସବୁ ଅଭିଯୋଗ ଆଧାରରେ ହୋଟେଲର ମାଲିକ ଓ କାର୍ଯ୍ୟଶୈଳୀ ସମ୍ପର୍କରେ ଖୋଳତାଡ଼ ଚଳାଇଛି। ଅନ୍ୟପକ୍ଷରେ ଏ ନେଇ ହୋଟେଲ ପକ୍ଷରୁ ସଫେଇ ଦିଆଯାଇଛି ଯେ, ହୋଟେଲରେ କୌଣସି ହିଡେନ କ୍ୟାମେରା ଲଗାଯାଇ ନାହିଁ। ଏଭଳି ବ୍ଲାକମେଲିଂ କରିଥିବା ପିଲାଙ୍କୁ ଆମେ ଚାକିରିରୁ ନିଲମ୍ବିତ କରିଛୁ। ପୋଲିସର ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବୁ।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
-ମହାତ୍ମା ଗାନ୍ଧି



## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ସାଲେପୁର,୨୯।୧୧(ଡି.ଏନ.ଏ.):** ବାଇକ୍‌ରୁ ପଡ଼ି ଗୁରୁବାର ରାତିରେ ଜଣେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ବ୍ଲକ ପିକୋଳ ପଞ୍ଚାୟତ ବଣହରା ଗ୍ରାମର ମାନସ ରଞ୍ଜନ ରାଉତ(୩୯)। ମାନସ ଘରକୁ ଫେରୁଥିବାବେଳେ ସାଲେପୁର-କୁଆଁପାଳ ରାସ୍ତାର ଲୁଣାହାର ପୋଲ ନିକଟ ରାସ୍ତା ଉପରେ ଥିବା ଏକ ଖାଲରେ ତାଙ୍କ ବାଇକ୍ ପଡ଼ିଯିବାରୁ ସେ ଛିଟିକି ପଡ଼ିଥିଲେ। ଫଳରେ ତାଙ୍କର ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ସାଲେପୁର ହାଟରୁ ବାଇକ୍ ଚୋରି

**ସାଲେପୁର,୨୯।୧୧(ଡି.ଏନ.ଏ.):** ସାଲେପୁର ଥାନା ଅଧୀନ କୋଲଣପୁର ଗ୍ରାମର ମନୋଜ କୁମାର ସେଠୀଙ୍କ ଏକ ବାଇକ୍ ସାଲେପୁର ହାଟରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ମନୋଜ ତାଙ୍କ ବାପା ମହେନ୍ଦ୍ରଙ୍କ ନାମରେ ଥିବା ହିରୋହୁଣ୍ଡା ବାଇକ୍ ନଂ-ଓ.ଡି-୦୫-୩୦୩୩କୁ ନେଇ ହାଟକୁ ଯାଇଥିଲେ। ବାଇକ୍‌କୁ ଏକ ଆଳୁଗୋଦାମ ସମ୍ମୁଖରେ ରଖି ହାଟସଉଦା କରିଥିଲେ। ମାତ୍ର ଫେରିବାବେଳକୁ ସେଠାରେ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନ ପାଇବାରୁ ବାଇକ୍ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୩୩୧/୧୯ ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଥାନା ଅଞ୍ଚଳରେ କିଛିଦିନ ହେବ ଚୋରି, ରାହାଜାନି, ଲୁଟ୍‌ତରାଜ ଘଟୁଥିବା ପରିଲକ୍ଷିତ ହେଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ପୋଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ପୋଲିସ ଅଧିକାରୀଙ୍କ କାର ଧକ୍କାରେ ବୃଦ୍ଧ ମୃତ



**ରଘୁନାଥପୁର, ୨୯।୧୧ (ଡି.ଏନ.ଏ.):** କିଶନନଗର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ନାନପୁରଠାରେ ଏକ କାର ଧକ୍କାରେ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବୃଦ୍ଧ ଜଣକ ହେଲେ ସ୍ଥାନୀୟ ମାଣପୁର ଗାଁର କିଶୋର ଚନ୍ଦ୍ର ମିଶ୍ର(୬୫)। ସେ ସୋମପୁର ପଟୁ ସାଇକେଲରେ ଫେରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ନାଲି ରଙ୍ଗର କାର ନଂ. ଓଆର ୧୯ ଏଲ ୫୮୮୫ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କିଶୋର କାର ଉପରକୁ ଛିଟିକି ପଡି ଗୁରୁତର ହୋଇ ପଡିଥିଲେ। ତାଙ୍କ ଛାତି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ କିଶୋରଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଉକ୍ତ କାରଟି ପୁରୀ ଜିଲାର ଏକ ଥାନାରେ କାର୍ଯ୍ୟରତ ଆଇଆଇସି ଚିନ୍ମୟ ରାଉତଙ୍କର ବୋଲି ଜଣାପଡିଛି। ସେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ବିପରୀତ ପଟୁ ଆସୁଥିବା ନାଲି କାରଟି ତା'ର ଡାହାଣ ପାର୍ଶ୍ୱରେ କିଶୋରଙ୍କୁ ଧକ୍କା ଦେବା ସମ୍ପର୍କରେ କେତେଜଣ ବ୍ୟକ୍ତି ମତ ରଖିଥିବା ବେଳେ ଆଉ କେତେଜଣ ଏକ ମିନିଟ୍ରକ କାର ସମ୍ମୁଖକୁ ଚାଲି ଆସିବାରୁ କାର ଚାଳକ ନିୟନ୍ତ୍ରଣ ହରାଇ ଡାହାଣ ପାର୍ଶ୍ୱକୁ କାଟି ଦେବାରୁ କିଶୋର ଦୁର୍ଘଟଣାର ଶିକାର ହେଲେ ବୋଲି ଚର୍ଚ୍ଚା ହେଉଛି। ତେବେ ଥାନା ଅଧିକାରୀ ରାଉତ ନିଜେ କାର ଚଳାଉଥିବା ଜାଣିବାକୁ ମିଳିଛି। ଥାନାରେ ଏ ସମ୍ପର୍କରେ ଅଭିଯୋଗ ହୋଇଥିବାର ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ମାହାଙ୍ଗା ଫନୀ କେଳେଙ୍କାରୀ

# ତହସିଲ କର୍ମଚାରୀ ସମ୍ପର୍କୀୟଙ୍କୁ ଅନୁକମ୍ପା

■ଖୋଲୁଛି ଗୋଟିଏ ପରେ ଗୋଟିଏ ଗୁମର
■ଅଯୋଗ୍ୟ ହିତାଧିକାରୀ ଉଠାଉଛନ୍ତି ଫାଇଦା
■ସତ୍ୟତା ଥିଲେ ପଦକ୍ଷେପ ନିଆଯିବ: ଭାରପ୍ରାପ୍ତ ତହସିଲଦାର

**କଟକ ଅଫିସ/ ମାହାଙ୍ଗା (ସ୍ୱପ୍ର),୨୯।୧୧**

କଟକ ଜିଲା ମାହାଙ୍ଗାରେ ହୋଇଥିବା ଫନୀ କେଳେଙ୍କାରୀର ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ତହସିଲ କର୍ମଚାରୀଙ୍କ ପାଇଁ ଫନୀ ସହାୟତା ପାଇବାରୁ ଯୋଗ୍ୟ ହିତାଧିକାରୀମାନେ ବଞ୍ଚିତ ହୋଇଥିବାବେଳେ ଅଯୋଗ୍ୟ ହିତାଧିକାରୀମାନେ କିଭଳି ଫାଇଦା ଉଠାଇଛନ୍ତି ତାର ବଳିଷ୍ଠ ପ୍ରମାଣ ହସ୍ତଗତ ହୋଇଛି। ତହସିଲରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଶାଳକ ଓ ଶ୍ୱଶୁରଙ୍କ ନାମରେ ଦୁଇଟି ପୂର୍ଣ୍ଣ ଘରଭଙ୍ଗା ସହାୟତା ପ୍ରଦାନ କରାଯାଇଛି। ଉଭୟ ଅଯୋଗ୍ୟ ହିତାଧିକାରୀ ଫନୀ ସହାୟତା ବାବଦରେ ୯୫,୧୦୦ ଟଙ୍କା ଲେଖାଏ ନେଇଥିବାବେଳେ ଯୋଗ୍ୟ ହିତାଧିକାରୀମାନେ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଖୋଳତାଡ଼ରୁ ଜଣାପଡ଼ିଛି, ଏହି ତହସିଲର ଜଣେ କର୍ମଚାରୀ କୁରୁଜଙ୍ଗା ପଞ୍ଚାୟତରେ ଥିବା ନିଜ ଭାଇଙ୍କ ଶାଳକ ଓ ଶ୍ୱଶୁରଙ୍କୁ ଅହେତୁକ ଅନୁକମ୍ପା ଦେଖାଇଛନ୍ତି। କୁରୁଜଙ୍ଗା ଗ୍ରାମର କ୍ରମିକ ନଂ. ୧୧୭ ଓ ୧୨୮ରେ ୯୫,୧୦୦ ଟଙ୍କା ଲେଖାଏଁ ସହାୟତା ରାଶି ତାଲିକା ରହିଛି। ସରକାରଙ୍କ ନିୟମ ମୁତାବକ ଗୋଟିଏ ପରିବାରର ବାପା ଓ ପୁଅଙ୍କୁ ସହାୟତା ଦେବାର ବ୍ୟବସ୍ଥା ନ ଥିବାବେଳେ ତାହା ତହସିଲ କର୍ମଚାରୀଙ୍କ ସମ୍ପର୍କୀୟ ହୋଇଥିବାରୁ ଏଭଳି ଜାଲିଆତି କରାଯାଇଛି।

ଏ ସମ୍ପର୍କରେ ସମ୍ପୃକ୍ତ ତହସିଲ କର୍ମଚାରୀଙ୍କୁ ପଚରାଯିବାରୁ ସହାୟତା ପାଇଥିବା ୨ ଜଣ ବ୍ୟକ୍ତି ତାଙ୍କ ସମ୍ପର୍କୀୟ ବୋଲି ସ୍ୱୀକାର କରିଛନ୍ତି। ହେଲେ ଉକ୍ତ ଦୁଇ ଜଣଙ୍କ ନାମକୁ ତାଲିକାରେ ସାମିଲ କରିବାରେ ତାଙ୍କର କୌଣସି ଭୂମିକା ନ ଥିବା କର୍ମଚାରୀ ଜଣକ ସଫେଇ ଦେଇଛନ୍ତି। ଯାହା ହୋଇଛି ତଦନ୍ତ ଅଧିକାରୀଙ୍କ ରିପୋର୍ଟ ଆଧାରରେ ହୋଇଛି ବୋଲି ସେ କହିଛନ୍ତି। ମାତ୍ର ଉକ୍ତ ପଞ୍ଚାୟତ ଫନୀ ଘରଭଙ୍ଗା ତଦନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଶଙ୍କର ପ୍ରଧାନଙ୍କୁ ପଚାରିବାରୁ ଏଭଳି ଗୋଟିଏ ପରିବାରର ବାପପୁଅଙ୍କ ନାମ ମୁଁ ତାଲିକା ଦେଇନାହିଁ । ଯାହା କରାଯାଇଛି ତାହା ତହସିଲ କାର୍ଯ୍ୟାଳୟରେ ହୋଇଛି ବୋଲି ସେ କହିଛନ୍ତି ।

ଏଠାରେ ପ୍ରଶ୍ନ ଉଠୁଛି ଯଦି ତଦନ୍ତକାରୀ ରାଜସ୍ୱ ନିରୀକ୍ଷକ ଏଭଳି ତାଲିକା ଦେଇ ନ ଥିଲେ ତେବେ କିଏ ଏବଂ କିପରି ଏହି ତାଲିକା ପ୍ରସ୍ତୁତ କରିଛି। ଅର୍ଥାତ୍ ରାଜସ୍ୱ ନିରୀକ୍ଷକମାନେ ଦେଇଥିବା ତଦନ୍ତ ରିପୋର୍ଟକୁ ତହସିଲ ଅଫିସରେ ବଦଳାଯାଇ ଏଭଳି ଦୁର୍ନୀତି କରାଯାଇଥିବା ଘଟଣା କ୍ରମଶଃ ସ୍ପଷ୍ଟ ହେବାରେ ଲାଗିଛି। ତେଣୁ ତହସିଲର ଯେଉଁ କର୍ମଚାରୀମାନେ ଏହି ଜାଲିଆତିରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲର ଭାରପ୍ରାପ୍ତ ତହସିଲଦାର ଦିଲୀପ ନାୟକଙ୍କୁ ପଚାରିବାରୁ ଏହି ଘଟଣା ଯଦି ସତ୍ୟ ହୋଇଥାଏ ତେବେ ଯାହା ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ସୂଚନାଥାଉ କି, ମାହାଙ୍ଗା ତହସିଲ ଅଞ୍ଚଳରେ ଫନୀ ଘରଭଙ୍ଗାକୁ ନେଇ ବଡ଼ଧରଣର ଦୁର୍ନୀତି ହୋଇଛି। ତହସିଲ ଅଧୀନ ଉଷୁମା ଗ୍ରାମର ଜଣେ ହିତାଧିକାରୀଙ୍କ ଆକାଉଣ୍ଟକୁ ୯୫,୧୦୦ ଟଙ୍କା ଲେଖାଏ ଦୁଇଥର ଟଙ୍କା ପଠାଯାଇଥିବାବେଳେ ହଳଦିଆ ପଞ୍ଚାୟତରେ ଜଣେ ଜଣେ ହିତାଧିକାରୀଙ୍କ ନାମ ଏକାଧିକ ତାଲିକାରେ ସ୍ଥାନ ପାଇଥିବା ଓ ସେମାନଙ୍କୁ ସହାୟତା ଦିଆଯାଇଥିବା ଜଣାପଡିଛି। ଏବେ ସେଥିରେ ତହସିଲ କର୍ମଚାରୀଙ୍କ ଶାଳକ, ଶ୍ୱଶୁରଙ୍କୁ ସହାୟତା ମିଳିବା ଅଧିକ ବିବାଦ ସୃଷ୍ଟି କରିଛି।

## ଗୋଚର ଜମିରେ ପାଚେରି ନିର୍ମାଣକୁ ନେଇ ମାରପିଟ୍

# ଅଭିଯୁକ୍ତଙ୍କ ଗିରଫ ଦାବି: ଥାନା ଅଧିକାରୀଙ୍କୁ ଠେଲାପେଲା



ଥାନା ଆଗରେ ଧାରଣାରେ ବସିଥିବା ମହିଳାମାନେ।

**ଥାନା ଆଗରେ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ଧାରଣା**

**ଖୁଣ୍ଟୁଣୀ,୨୯।୧୧(ଡି.ଏନ୍.ଏ.)**

ଗୋଚର ଜମିରେ ପାଚେରି ନିର୍ମାଣକୁ ନେଇ ଗୁରୁବାର ଗୁରୁଡିଝାଟିଆ ଥାନା ବାଳୀ ଗ୍ରାମର ୨ପରିବାର ମଧ୍ୟରେ ମାରପିଟ୍ ହୋଇଛି। ଏ ନେଇ ଉଭୟ ପରିବାରଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା (ନଂ.୧୧୫/୧୯, ୧୧୬/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ଶୁକ୍ରବାର ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନାରେ ପହଞ୍ଚି ହୋହଲ୍ଲା କରିବା ସହ ଥାନା ଅଧିକାରୀ ବିଜୟ କେତନ ବିସିଙ୍କୁ ଠେଲାପେଲା କରିଥିଲେ। ପରେ ଥାନା ଆଗରେ ଧାରଣାରେ ବସିଥିଲେ।

ସୂଚନା ଅନୁଯାୟୀ, ବାଳୀ ଗ୍ରାମର ବାଗେଟି ସାହିର ନିତ୍ୟାନନ୍ଦ ରାଉତ, ରସାନନ୍ଦ ରାଉତ ଓ ପ୍ରେମାନନ୍ଦ ରାଉତଙ୍କ ଏକ ପାଚେରି ନିର୍ମାଣ ହେଉଥିଲା। ଏହା ଗୋଚର ଜମି ହୋଇଥିବାରୁ ପାଚେରି ନିର୍ମାଣ କଲେ ରାସ୍ତା ବନ୍ଦ ହୋଇଯିବ ବୋଲି କହି ନିତ୍ୟାନନ୍ଦଙ୍କ ପଡୋଶୀ ହରିହର ଦଳେଇ ପ୍ରତିବାଦ କରିଥିଲେ। ସର୍ବସାଧାରଣଙ୍କ ରାସ୍ତା ଉପରେ ହରିହର କାଠ ଗଦାକରି ରାସ୍ତା ଅବରୋଧ କରୁଛନ୍ତି ବୋଲି ନିତ୍ୟାନନ୍ଦଙ୍କ ପରିବାରର ରାଜେନ୍ଦ୍ର ଓ ଗାଣ୍ଡୁଆ ପାଲଟା ଅଭିଯୋଗ କରିବା ପରେ ଦୁଇ ପରିବାର ମଧ୍ୟରେ ମାରପିଟ୍ ହୋଇଥିଲା। ଏ ନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ସକାଳ ପ୍ରାୟ ୧୦ଟାରେ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ଥାନାରେ ପହଞ୍ଚି ହୋହଲ୍ଲା କରିବା ସହ ନିତ୍ୟାନନ୍ଦଙ୍କ ପରିବାର ସଦସ୍ୟଙ୍କୁ ଗିରଫ କରାଯିବା ନେଇ ଅଡି ବସିଥିଲେ। ଏହି ସମୟରେ ହରିହରଙ୍କ ସ୍ତ୍ରୀ କବିତା ସେଠାରେ ଅଚେତ ହୋଇପଡ଼ିଥିଲେ। ଥାନା ଅଧିକାରୀ ବିସି ତାଙ୍କୁ ଡାକ୍ତରଖାନା ନେବାକୁ ଉଦ୍ୟମ କରୁଥିବା ବେଳେ କେତେଜଣ ମହିଳା ତାଙ୍କୁ ଠେଲାପେଲା କରିବା ସହ କବିତାଙ୍କୁ ଛାଡି ନ ଥିଲେ। ଏହା ପରେ ଅଭିଯୁକ୍ତଙ୍କ ଗିରଫ ଦାବି କରି ପ୍ରାୟ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ପରେ ସେମାନେ ଆପେ ଆପେ ଧାରଣାରୁ ଉଠି ପଳାଇଥିଲେ। ଏହି ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ

**ତିଗିରିଆ,୨୯।୧୧(ଡି.ଏନ୍.ଏ.)**



ଅତିଥି ପ୍ରଦର୍ଶିତ ପ୍ରକଳ୍ପକୁ ବୁଲି ଦେଖୁଛନ୍ତି।

ତିଗିରିଆ ବ୍ଲକ ପୁରୁଣା ତିଗିରିଆସ୍ଥିତ ମହେଶ୍ୱର ନୋଡାଲ ବିଦ୍ୟାପୀଠରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଦର୍ଶନୀରେ ବ୍ଲକର ସିନିୟର ବିଭାଗରେ ବିନ୍ଧାଣିମା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରକଳ୍ପ ବାଇଓ ଟଏଲେଟ ୧ମ, ଜୁନିୟର ବିଭାଗର ଦଧିବାମନ ଜୀଉ ବିଦ୍ୟାପୀଠର ବାୟୁ ପ୍ରଦୂଷଣ ଓ ସବଜୁନିୟର ବିଭାଗର ମଲ୍ଲିକନାଥ ଉପ୍ରା ବିଦ୍ୟାଳୟର କୃଷି କ୍ଷେତ୍ରରେ ସୌରଶକ୍ତିର ବିନିଯୋଗ ୧ମ ସ୍ଥାନ ଅଧିକାର କରିଛି। ଉକ୍ତ ପ୍ରଦର୍ଶନୀକୁ ମୁଖ୍ୟ ଅତିଥିଭାବେ ତିଗିରିଆ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଡା. ଦୁର୍ଗାଚରଣ ନାୟକ ପୌରୋହିତ୍ୟ କରିଥିଲେ। ବିଜ୍ଞାନ ଶିକ୍ଷକ କାମରାଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମହେଶ୍ୱର ନୋଡାଲ ବିଦ୍ୟାପୀଠ ପ୍ରଧାନଶିକ୍ଷକ ଅମର ମହାରଣା ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ପବିତ୍ର ମୋହନ ବଦ୍ୟାପୀଠ ପ୍ରଧାନଶିକ୍ଷକ ସନ୍ତୋଷ ସେଠୀ ଯୋଗଦେଇ ବିଜ୍ଞାନ ଓ ଗଣିତ ପାଠର ଉପାଦେୟତା ଉପରେ ବକ୍ତବ୍ୟ ରଖିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ସିନିୟର, ଜୁନିୟର ଓ ସବଜୁନିୟର ବିଭାଗରେ ମୋଟ ୨୦୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସିନିୟର ବିଭାଗର ବିଚାରକଭାବେ ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ବିଜ୍ଞାନ ଅଧ୍ୟାପକ ଡ. ସୁବାସ ଚନ୍ଦ୍ର ଆସ, ଡ. ଚିତ୍ତରଞ୍ଜନ ମିଶ୍ର ଓ ଜୁନିୟର ବିଭାଗର ବିଜ୍ଞାନ ଶିକ୍ଷକ ଶତ୍ରୁଘ୍ନ ବାଇ, ନିରାକାର ମହାପାତ୍ର, ସବଜୁନିୟର ବିଭାଗରେ ଅନ୍ତର୍ଯ୍ୟାମୀ ସ୍ୱାଇଁ ଓ ଶୁସାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ସିନିୟର ବିଭାଗରେ ବିନ୍ଧାଣିମା ନୋଡାଲ ଉଚ୍ଚବିଦ୍ୟାଳୟର ଛାତ୍ର ସୌରଭ ସଂଗ୍ରାମ ରାଉତ ଓ ଶ୍ରୀକାନ୍ତ ରାଏ ୧ମ, ଜୁନିୟର ବିଭାଗରେ ଦଧିବାମନଜୀଉ ବିଦ୍ୟାପୀଠ ପାଗାଁର ଛାତ୍ର ଦିବ୍ୟରଞ୍ଜନ ବିଶ୍ୱାଳ ୧ମ, ସବଜୁନିୟର ବିଭାଗରେ ମଲ୍ଲିକା ନାଥ ଉ.ପ୍ରା. ବିଦ୍ୟାଳୟର ଛାତ୍ର ଗୌରବ ରାଉତ ଓ ସୌମ୍ୟରଞ୍ଜନ ମଲ୍ଲିକ ୧ମ ସ୍ଥାନ ଅଧିକାର କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ପରେଶ କୁମାର ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଗୌରହରୀ ପରିଡା, ପୁରୁଣାତିଗିରିଆ ସରପଞ୍ଚ ରଞ୍ଜନା ସାହୁ, ସମିତିସଭ୍ୟା ସନ୍ଧ୍ୟାରାଣୀ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୌଭାଗ୍ୟ ମହାନ୍ତି, ବ୍ଲକ ସହ ଶିକ୍ଷାଧିକାରୀ ରସାନନ୍ଦ ଲେଙ୍କା, ଅରୁଣ କୁମାର ସ୍ୱାଇଁ, ପ୍ରିୟରଞ୍ଜନ ହୋତା ଉପସ୍ଥିତ ଥିଲେ। ଅମର ମହାରଣା ଧନ୍ୟବାଦ ଦେଇଥିଲେ।

## ଜାନୁୟାରୀ ୬ରେ ବିକେ ବିଦ୍ୟାପୀଠ ଶତବାର୍ଷିକୀ ସମାରୋହ

**ବାଙ୍କୀ,୨୯।୧୧(ସ୍ୱ.ପ୍ର.)**

ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ଶତବାର୍ଷିକୀ ସମାରୋହ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ବିଦ୍ୟାପୀଠ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ବିଦ୍ୟାପୀଠ ପ୍ରାକ୍ତନ ଛାତ୍ର କୃତ୍ତିବାସ ପଣ୍ଡା ସଭା ସଂଯୋଜନା କରିଥିଲେ। ଶିକ୍ଷକ ଗୋପୀମୋହନ କର, ମୋ ସ୍କୁଲ ସଭାପତି ବଙ୍କିମ ସୁଧାଂଶୁ ମୋହନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିରଞ୍ଚି ଦାଶ, ବଳଭଦ୍ର ପଣ୍ଡା, ସମରେନ୍ଦ୍ର ମହାପାତ୍ର, ବୃନ୍ଦାବନ ପ୍ରଧାନ, ଦେବେନ୍ଦ୍ର ନାଥ ବେହେରା ଓ ଗୋପବନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ସମାରୋହକୁ ସରସ ସୁନ୍ଦର କରିବା ସହ ଏକ ସ୍ମରଣିକା ପ୍ରକାଶ କରାଯିବା ପାଇଁ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ ଉଦ୍‌ଯାପନୀ ଉତ୍ସବରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯିବା ପାଇଁ ସ୍ଥିର କରାଯାଇଛି। ଆସନ୍ତା ଜାନୁୟାରୀ ୬/୨୦୨୦ରେ ଶତବାର୍ଷିକୀ ସମାରୋହର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଜାନୁୟାରୀ ୬/୨୦୨୧ରେ ଶତବାର୍ଷିକୀ ସମାରୋହ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ପୁରାତନ ଛାତ୍ରଙ୍କ ପକ୍ଷରୁ ବିଭିନ୍ନ କମିଟି, ସବ୍ କମିଟି ଗଠନ କରାଯାଇ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ବୈଠକରେ କୁହାଯାଇଛି। ସଭାରେ ଜ୍ଞାନେନ୍ଦ୍ର ମୋହନ ମିଶ୍ର, କିଶୋର ନୀଳମାଧବ ମିଶ୍ର, ଶ୍ରୀନିବାସ ବେହେରା, ଅମର ବେହେରା, ବିକ୍ରମ କେଶରୀ ରାଉତରାୟ, ଗୌତମ ମିଶ୍ର, ପ୍ରଦୀପ ପୃଷ୍ଟି, ପ୍ରଭାକର ରଥ, ଶୁଭେନ୍ଦୁ ବରୁଣ ପଣ୍ଡା, ଡ.ଶରତ ଚନ୍ଦ୍ର ସ୍ୱାଇଁ, ଆଡ୍‌ଭୋକେଟ୍ ଧର୍ମପ୍ରସାଦ ମଙ୍ଗରାଜ, ବିଦ୍ୟାଧର ଖଟୁଆ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶିବିରରେ ବିଧାୟକ ଓ ଅନ୍ୟ ଅତିଥି ଉପସ୍ଥିତ।

**ନରସିଂହପୁର,୨୯।୧୧(ଡି.ଏନ.ଏ.)**

ନରସିଂହପୁର ବ୍ଲକ ଅଧୀନ ଅନନ୍ତ ନାରାୟଣ ହାଇସ୍କୁଲ ପରିସରରେ ସାମାଜିକ ସୁରକ୍ଷା ସଶକ୍ତୀକରଣ ବିଭାଗ ଓ ବ୍ଲକ ପ୍ରଶାସନ ସହଯୋଗରେ ଭୀମଭୋଇ ଭିନ୍ନକ୍ଷମ ସାମାର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ କିଶୋର ମିଶ୍ର, ଜିଲାପରିଷଦ ସଭ୍ୟ ନିର୍ମଳ କୁମାର ଜେନା, ପାଇକପଡାପାଟଣା ସରପଞ୍ଚ ବିଣାପାଣୀ ବେହେରା, ବ୍ଲକ ସହକାରୀ ଯନ୍ତ୍ରୀ ଦିଲୀପ ବେହେରା ଯୋଗ ଦେଇଥିଲେ। ବିଡିଓ ପ୍ରଶାନ୍ତ କୁମାର ତରାଇ ଅଧ୍ୟକ୍ଷତା କରିଥିଲେ। ଶିବିରରେ ମୋଟ୍ ୪୫୯ଜଣ ଦରଖାସ୍ତ କରିଥିଲେ। ସେଥିରୁ ୭ଜଣଙ୍କୁ ତତ୍କାଳୀନ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୩୬୨ଜଣ ପ୍ରମାଣପତ୍ର ପାଇବାକୁ ଥିବା ବେଳେ ସେମାନଙ୍କୁ କେଉଁ କାରଣରୁ ପ୍ରମାଣପତ୍ର ଦିଆଗଲା ନାହିଁ ତାହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶିବିରାର୍ଥୀଙ୍କ ମଧ୍ୟରୁ ୧୭୬ଜଣ ଛୋଟ ପିଲା ଏବଂ ୨୮୩ ବଡ ଥିଲେ। ଛୋଟ ପିଲାଙ୍କୁ ୧୮ଟି ବିଭିନ୍ନ ସହାୟତା ଓ ବଡ଼ଙ୍କୁ ୪୩ଟି ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିଲା। ଯେଉଁମାନେ ପ୍ରମାଣପତ୍ର ପାଇ ନାହାନ୍ତି କଟକ ବଡଡାକ୍ତରଖାନାରୁ ପ୍ରମାଣ ପତ୍ର ଆସିଲେ ସେମାନଙ୍କ ଠିକଣାରେ ପଠାଯିବ ବୋଲି ବିଡିଓ ତରାଇ କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୧୭ ଜଣ ଡାକ୍ତର ଓ ୧୪ ଜଣ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## 'ଶିକ୍ଷାର ଦାର୍ଶନିକ ଦିଗ, ଆଭିମୁଖ୍ୟ' ଶୀର୍ଷକ ଆଲୋଚନାଚକ୍ର

**ବାଙ୍କୀ,୨୯।୧୧(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ସ୍ନାତକୋତ୍ତର ବିଭାଗ ପକ୍ଷରୁ ଶୁକ୍ରବାର 'ଶିକ୍ଷାର ଦାର୍ଶନିକ ଦିଗ ଓ ଆଭିମୁଖ୍ୟ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଦୃଶ୍ୟଶ୍ରାବ୍ୟ ଗୃହରେ ଅନୁଷ୍ଠିତ ଆଲୋଚନାଚକ୍ରକୁ କଲେଜ ଅଧ୍ୟକ୍ଷ ପ୍ରଫେସର ସଦାନନ୍ଦ ବାରିକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଏସ୍‌ସିଇଆରଟିର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଦାମୋଦର ମହାପାତ୍ର ଯୋଗଦାନ କରି ଉଦାହରଣ ମାଧ୍ୟମରେ ଶିକ୍ଷାର ଦାର୍ଶନିକ ତତ୍ତ୍ୱ ସମ୍ପର୍କରେ ଅବତାରଣ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧାପିକା କଳାବତୀ ଶତପଥୀ ଆଲୋଚନାଚକ୍ରର ଆଭିମୁଖ୍ୟ କହିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ବିଭାଗ ସମୂହର ସଂଯୋଜକ ପ୍ରାଧାପକ ମନୋଜ ମହାପାତ୍ର ସ୍ୱାଗତ ଭାଷଣ ଓ ସଭା ପରିଚାଳନା କରିଥିଲେ। ସମ୍ମାନିତବକ୍ତା ଡ.ଅମରେନ୍ଦ୍ର ମିଶ୍ର, ଡ.ଦୁଷ୍ମନ୍ତ ରାଉତରାୟ, ଡ.ରଜନୀକାନ୍ତ ମହାପାତ୍ର, ଡ.କ୍ଷେତ୍ରମୋହନ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ପୁଷ୍ପଲତା ମାନସିଂହ, ଶିବାନୀ ରାଉତ, ବିପ୍ରବର ରାଉତ, କୁମୁଦୁନୀ ପ୍ରଧାନ, ଆକାଶ ମହାରଣା ଓ ରାଜରାଜଶ୍ରୀ ମିଶ୍ର ପ୍ରମୁଖ ସେମାନଙ୍କ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଜ୍ୟୋର୍ତିମୟୀ ପାଢୀ ଧନ୍ୟବାଦ ଦେଇଥିଲେ।

## ତାଳବସ୍ତ ସେବା ସମବାୟ ସମିତିରେ ଧାନ କିଣା ଆରମ୍ଭ

**ବାଙ୍କୀ,୨୯।୧୧(ବି.ପ୍ର.)**

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଡମପଡ଼ା ଶାଖା ଅଧୀନ ତାଳବସ୍ତ ସେବା ସମବାୟ ସମିତି ପକ୍ଷରୁ ଶୁକ୍ରବାରଠାରୁ ଖରିପ୍ ଧାନ କିଣା ଆରମ୍ଭ ହୋଇଛି। କଟକ ଜିଲା ଉପନିବନ୍ଧକ ସମବାୟ ସମିତି ସମୂହ ଲକ୍ଷ୍ମୀକାନ୍ତ ସୁବୁଦ୍ଧି, ଜିଲା ଯୋଗାଣ ଅଧିକାରୀ ଅମରେନ୍ଦ୍ର ମହାପାତ୍ର, ସହକାରୀ ଯୋଗାଣ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର, ସହକାରୀ ନିବନ୍ଧକ ସରୋଜକାନ୍ତ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆୟୋଜିତ କୃଷି ସଚେତନତା କାର୍ଯ୍ୟକ୍ରମରେ ପଞ୍ଜୀକୃତ ଚାଷୀଙ୍କଠାରୁ ପ୍ରତି ଶୁକ୍ରବାର ଧାନ କିଣାଯିବା, ଟୋକନର ଗୁରୁତ୍ୱ, ଇଣ୍ଟରନେଟ ସମସ୍ୟା ଥିଲେ ଧାନ କିଣାଯାଇ ନ ପାରିବା ଏବଂ ଅନଲାଇନ ମାଧ୍ୟମରେ ଧାନ କିଣା ସଫଳ ପ୍ରଦର୍ଶନ ହେଲେ ପଞ୍ଜୀକୃତ ଚାଷୀଙ୍କ ଦିଆଯାଇଥିବା ବ୍ୟାଙ୍କ ଜମାଖାତାକୁ ଧାନର ମୂଲ୍ୟ ଆସିବା ଓ ଚାଷୀଙ୍କୁ ଦିଆଯାଉଥିବା ପ୍ୟାକିଂ ଅଖା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ଧାନ କିଣାରେ ଅଧିକ ସ୍ୱଚ୍ଛତା ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦ୍ଧତି ସମ୍ପର୍କରେ ସୂଚନା ଦିଆଯାଇଥିଲା। ତାଳବସ୍ତ ସେବା ସମିତି ସଭାପତି ବିପିନି ବିହାରୀ ପ୍ରଧାନ, ମଣ୍ଡି କମିଟି ସଦସ୍ୟ ସତ୍ୟନାରାୟଣ ସାହୁ, ବ୍ରଜବନ୍ଧୁ ଦଳେଇ, ସୁରେନ୍ଦ୍ର ନାୟକ, ଧୀରେନ୍ଦ୍ର ଦାସ, ଆମ୍ବା ସଭାପତି ସଞ୍ଜୟ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଉପସହକାରୀ ନିବନ୍ଧକ ଜ୍ୟୋତିରଞ୍ଜନ ସେଠୀ ଏବଂ ଜିଲା ଧାନ କ୍ରୟ ମାନ ନିର୍ଦ୍ଧାରିକା ଭାଗ୍ୟଲକ୍ଷ୍ମୀ ବେହେରା ପ୍ରମୁଖ ଯୋଗଦେଇ ଧାନର କ୍ୱାଲିଟି ଏବଂ ଓଜନ ମାପ ତନଖି କରିଥିଲେ। ସେବା ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସମିତିରେ ପଞ୍ଜୀକୃତ ହୋଇଥିବା ୪୨୧ ଚାଷୀଙ୍କ ମଧ୍ୟରୁ ଶୁଭାରମ୍ଭ ଦିବସରେ ୧୦ଜଣ ଟୋକନଧାରୀଙ୍କଠାରୁ ୨୦୦ କୁଇଣ୍ଟାଲ ଧାନ କିଣାଯାଇଥିଲା। ସେହିପରି ଗୋପାଳପୁର ସେବା ସମବାୟ ସମିତି ପକ୍ଷରୁ ୧୦ଜଣ ଚାଷୀଙ୍କଠାରୁ ୨୦୦କୁଇଣ୍ଟାଲ ଧାନ କିଣାଯାଇଥିବା ସୂଚନା ମିଳିଛି।

# ୨୦୨ ବିଦ୍ୟାଳୟର ପ୍ରକଳ୍ପ ପ୍ରଦର୍ଶିତ

**ଆଠଗଡ଼,୨୯।୧୧(ସ୍ୱ.ପ୍ର.)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନେ।

**ଆଠଗଡ଼ରେ ବ୍ଲକସ୍ତରୀୟ ବିଜ୍ଞାନମେଳା**

ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧୀନ ୨୦୨ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ୨୭୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ବିଭାଗରୁ ୪୫ ପ୍ରକଳ୍ପ, କନିଷ୍ଠରୁ ୨୨୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ କାରଣରୁ ୫୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଅନୁପସ୍ଥିତ ଥିଲେ। ମେଳାରେ ଉତ୍କଳମଣି ବିଦ୍ୟାପୀଠ ଛଅଗାଁର ଚନ୍ଦ୍ରମା ସିଂ (୧୦ମ)ଙ୍କ ଦ୍ୱାରା ପ୍ରଦର୍ଶିତ ଭାରତୀୟ ସୀମା ସତର୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଥିଲା। ମାଧବପୁର ସରକାରୀ ବାଳିକା ବିଦ୍ୟାଳୟର ମେନକା ସମଦ ନାୟକ, (୯ମ) ଓ ହରିହର ଚୌଧୁରୀ(୯ମ), ବିଶ୍ୱନାଥ ବିଦ୍ୟାପୀଠ ଆଠଗଡ଼ର ରାସ୍ତା ସୁରକ୍ଷା ଓ ସ୍ୱୟଂଚାଳିତ ସୁରକ୍ଷା ଯନ୍ତ୍ର ପ୍ରକଳ୍ପ, ୨ୟ ଓ ୩ୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ମେଳାକୁ ଉନ୍ନୀତ ହୋଇଛନ୍ତି। କନିଷ୍ଠ ବିଭାଗରେ ବିଷ୍ଣୁପ୍ରିୟା ବେହେରା(୮ମ) ଅନନ୍ତ ଦଳେଇ ସ୍ମୃତି ନୋଡାଲ ବିଦ୍ୟାଳୟ କୁଲାଇଲୋ, ସ୍ମୃତି ଲୋପାମୁଦ୍ରା ବେହେରା(୮ମ) ଓ ଲକ୍ଷ୍ମୀପ୍ରିୟା ବେହେରା(୮ମ) ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଆଠଗଡ଼ ଯଥାକ୍ରମେ ପ୍ରଥମ, ୨ୟ ଓ ୩ୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ମେଳାକୁ ଉନ୍ନୀତ ହୋଇଛନ୍ତି। ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କଟକ ଜିଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆଠଗଡ଼ ତହସିଲଦାର ତପନ ଲେଙ୍କା, ଖୁଣ୍ଟୁଣୀ ରାଧାନାଥ ରଥ ବିଜ୍ଞାନ କଲେଜ ଅଧ୍ୟକ୍ଷ ଡ. ଶଶିଭୂଷଣ ମିଶ୍ର, ଗୋପବନ୍ଧୁ ବିଜ୍ଞାନ କଲେଜ ଅଧ୍ୟକ୍ଷ ହରେକୃଷ୍ଣ ପରିଡ଼ା, ବିଶ୍ୱନାଥ ବିଦ୍ୟାପୀଠ ପ୍ରଧାନଶିକ୍ଷକ ରୁଦ୍ରନାରାୟଣ ସାମଲ, କୁମାର ଆଚାର୍ଯ୍ୟ, ରବୀନ୍ଦ୍ରନାଥ ରାଉତ, ନୃସିଂହ ଚରଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ନୀଳମଣି ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମେଳାକୁ ଆସିବାକୁ ଥିଲେ ମଧ୍ୟ କୌଣସି କାରଣରୁ ଅନୁପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩୦ ନଭେମ୍ବର, ୨୦୧୯



“ ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

### ଉପସହକାରୀ ଅଡିଟର ଜେନେରାଲଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

**କଟକ ଅଫିସ,୨୯।୧୧:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ସମବାୟ ସମିତିର ଉପ ସହକାରୀ ଅଡିଟର ଜେନେରାଲ ଶିବ ପ୍ରସାଦ ମଲ୍ଲିକଙ୍କ ଘରେ ଭିଜିଲାନ୍ସ ଯାଞ୍ଚ କରିଛି। ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ମଲ୍ଲିକଙ୍କ ଭୁବନେଶ୍ୱରସ୍ଥିତ ଆବାସିକ କୋଠା, ଭୁବନେଶ୍ୱରରେ ଥିବା ସମ୍ପର୍କୀୟଙ୍କ ଘର, କେନ୍ଦ୍ରାପଡ଼ା କୁତରଙ୍ଗା ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘର ଓ କଟକସ୍ଥିତ ଅଫିସରେ ଏକକାଳୀନ ଯାଞ୍ଚ କରାଯାଇ ମୋଟ ୭୧ ଲକ୍ଷ ୨୫ହଜାର ୨୯ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମସ୍ତ ସମ୍ପତ୍ତି ମଲ୍ଲିକ ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ସମ୍ପତ୍ତିଗୁଡ଼ିକର ହୋଇଥିବା ମୂଲ୍ୟାୟନ ଅନୁଯାୟୀ ଭୁବନେଶ୍ୱରରେ ତାଙ୍କର ୪ ମହଲା କୋଠା ରହିଛି। ଏହାର ମୂଲ୍ୟ ୫୨ ଲକ୍ଷ ୫୦ହଜାର ୪୪୬ ଟଙ୍କା ହେବ ବୋଲି ଭିଜିଲାନ୍ସ କହିଛି। ସେହିପରି ଭୁବନେଶ୍ୱର ଓ କେନ୍ଦ୍ରାପଡ଼ାରେ ତାଙ୍କର ୮ଟି ପ୍ଲଟ ରହିଛି, ଯାହାର ମୂଲ୍ୟ ୯ ଲକ୍ଷ ୪୮ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଯାଞ୍ଚ ସମୟରେ ମଲ୍ଲିକଙ୍କ ଘରୁ ୨ ଲକ୍ଷ ୭୧ ହଜାର ୪୯୮ ଟଙ୍କାର ସୁନା, ରୂପା ଗହଣା ଠାବ କରାଯାଇଛି। ସେହିପରି ତାଙ୍କର ୪୨ ହଜାର ଟଙ୍କାର ଗୋଟିଏ ମୋଟରସାଇକେଲ ରହିଛି। ବିଭିନ୍ନ ବ୍ୟାଙ୍କରେ ମଲ୍ଲିକ ୧ ଲକ୍ଷ ୪୬ହଜାର ୫୮୩ ଟଙ୍କା ଜମା ରଖିଥିବାବେଳେ ଯାଞ୍ଚ ସମୟରେ ଘରୁ ନଗଦ ୩୯ହଜାର ଟଙ୍କା ଠାବ କରାଯାଇଛି। ସେହିପରି ମଲ୍ଲିକଙ୍କ ଘରୁ ୪ ଲକ୍ଷ ୨୭ହଜାର ୫୦୨ ଟଙ୍କାର ଆସବାବପତ୍ରକୁ ଭିଜିଲାନ୍ସ ଠାବ କରିଛି।

### ୧୦ ମିନିଟ୍‌ରେ ଗାନ୍ଧିଜୀଙ୍କ ପ୍ରତିକୃତି

ଓଡ଼ିଶାରେ ଗାନ୍ଧୀ ଭାବଧାରା ପହଞ୍ଚାଇବାକୁ ପ୍ରୟାସ

**କଟକ ଅଫିସ,୨୯।୧୧:** ସମଗ୍ର ଦେଶରେ ଗାନ୍ଧିଜୀଙ୍କ ୧୫୦ ତମ ଜୟନ୍ତୀ ପାଳନ କରାଯାଉଛି। ସରକାରୀ ଏବଂ ବେସରକାରୀ ଭାବେ ଏ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାବେଳେ କଟକର ଭାସ୍କର୍ଯ୍ୟ ଶିଳ୍ପୀ ରବିନାରାୟଣ ରଥ ଏକ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ମାତ୍ର ୧୦ମିନିଟ୍ ମଧ୍ୟରେ ମାଟିରେ ଗାନ୍ଧିଜୀଙ୍କ ପ୍ରତିକୃତି ତିଆରି କରି ରାଜ୍ୟବାସୀଙ୍କ ମନରେ ଗାନ୍ଧୀ ଭାବଧାରା ପହଞ୍ଚାଇବା ପାଇଁ ରଥଙ୍କ ଏହି ପ୍ରୟାସ। ଚଳିତବର୍ଷ ୧୫୦ଟି ସ୍ଥାନରେ ଗାନ୍ଧିଜୀଙ୍କ ପ୍ରତିକୃତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ଏହି କ୍ରମରେ ଶୁକ୍ରବାର କଟକରେ ଥିବା ଏକ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବରେ ପ୍ରାୟ ୧ହଜାର ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ସେ ଗାନ୍ଧିଜୀଙ୍କ ପ୍ରତିକୃତି ତିଆରି କରିଛନ୍ତି। ବିଶେଷକରି ଶିକ୍ଷାନୁଷ୍ଠାନଗୁଡିକରେ ସେ ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ଇଚ୍ଛୁକ ରହିଛନ୍ତି। ଗତ ଅକ୍ଟୋବର ୨ରୁ ସେ ଏହି କାର୍ଯ୍ୟ ଆରମ୍ଭ କରିଥିବାବେଳେ ଏବେ ସୁଦ୍ଧା ୧୩ଟି ସ୍ଥାନରେ ଗାନ୍ଧିଜୀଙ୍କ ପ୍ରତିକୃତି ପ୍ରସ୍ତୁତ କରି ସାରିଥିବା ରଥ କହିଛନ୍ତି। ଓଡ଼ିଶା ଲଳିତକଳା ଏକାଡ଼େମୀର ସଚିବ ଭାବେ ଦାୟିତ୍ୱ ନିର୍ବାହ କରି ରଥ ଚାକିରିରୁ ଅବସର ନେଇଛନ୍ତି।

# ଟ୍ରେଡ୍ ଲାଇସେନ୍ସ ସାର୍ଟିଫିକେଟ ନାହିଁ, ଚାଲିଛି ବ୍ୟବସାୟ ପ୍ରତିଷ୍ଠାନ

**■ସିଏମ୍‌ସିର ଚଢ଼ାଉ ପ୍ରସ୍ତୁତି**
**■କାଉନ୍‌ସିଲ ବୈଠକରେ ହେବ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି**

କଟକ ଅଫିସ,୨୯।୧୧

କଟକ ସହରରେ ଥିବା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ବିନା ଟ୍ରେଡ୍ ଲାଇସେନ୍ସରେ ବ୍ୟବସାୟ ଚଳାଇଛନ୍ତି। ବ୍ୟାଙ୍କଠୁ ଆରମ୍ଭ କରି ସରକାରୀ କ୍ୟାଣ୍ଟିନ ପର୍ଯ୍ୟନ୍ତ ସମସ୍ତେ ଟ୍ରେଡ୍ ଲାଇସେନ୍ସ କରାଇବା ଜରୁରୀ ଥିଲେ ମଧ୍ୟ କୋହଳ ନୀତି ଯୋଗୁ ଏମାନେ ବିନା ଦ୍ୱିଧାରେ ନିଜର ବ୍ୟବସାୟ ଚଳାଇଛନ୍ତି। ସେହିପରି ଟ୍ରେଡ୍ ଲାଇସେନ୍ସ ନ ଥିବା ପ୍ରତିଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମ୍ବିଧାନରେ କୌଣସି ଦଣ୍ଡବିଧାନର ବ୍ୟବସ୍ଥା ନାହିଁ। ଫଳରେ ସିଏମ୍‌ସି କର୍ତ୍ତୃପକ୍ଷ ଏମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେଇପାରୁନାହାଁନ୍ତି। ତେବେ ଟ୍ରେଡ୍ ଲାଇସେନ୍ସ ବିନା ବ୍ୟବସାୟ ଚଳାଉଥିବା ବ୍ୟବସାୟିକ ପ୍ରତିଷ୍ଠାନ ଚିହ୍ନଟ ପାଇଁ ସିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ସିଏମ୍‌ସି ସଚିବ ଲତାଶ୍ରୀ ବାଗ୍ କହିଛନ୍ତି। ଏ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏମାନେ ବ୍ୟବସାୟିକ ପ୍ରତିଷ୍ଠାନ ଯାଞ୍ଚ କରିବେ। ସେହିପରି ବିଭିନ୍ନ ୱାର୍ଡ଼ରେ କାର୍ଯ୍ୟରତ ଟ୍ୟାକ୍ସ କଲେକ୍ଟର(ଟିସି) ଏବଂ ୱାର୍ଡ ଅଫିସରମାନଙ୍କୁ ମଧ୍ୟ ବିନା ଟ୍ରେଡ୍ ଲାଇସେନ୍ସରେ ବ୍ୟବସାୟ ଚଳାଉଥିବା ପ୍ରତିଷ୍ଠାନ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସଚିବ ବାଗ୍ କହିଛନ୍ତି। ଏମାନଙ୍କ ବିରୋଧରେ କ’ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ସେଥିପାଇଁ ଆସନ୍ତା କାଉନ୍‌ସିଲ୍ ବୈଠକରେ ନିଷ୍ପତ୍ତି ନିଆଯିବ। ଏହାପରେ ଚଢ଼ାଉ ଜୋର୍‌ଦାର ହେବ ବୋଲି ସେ କହିଛନ୍ତି।

ପ୍ରତ୍ୟେକ ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ଟ୍ରେଡ୍ ଲାଇସେନ୍ସର ଆବଶ୍ୟକତା ରହିଛି। ଏହି ଲାଇସେନ୍ସ ବିନା କୌଣସି ଆର୍ଥିକ ଅନୁଷ୍ଠାନ ଅନେକ ସମୟରେ ସମ୍ପୃକ୍ତ ବ୍ୟବସାୟିକ ପ୍ରତିଷ୍ଠାନକୁ ଋଣ ଦେଇ ନ ଥାନ୍ତି। ହେଲେ ଏଥିପାଇଁ ବ୍ୟବସାୟୀମାନେ ଉଭୟ ଅଫ୍ ଲାଇନ୍ ଓ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଆବେଦନ କରିବା ପରେ ସିଏମ୍‌ସି କର୍ତ୍ତୃପକ୍ଷ ଏହି ପ୍ରତିଷ୍ଠାନର ଯାଞ୍ଚ କରି ଲାଇସେନ୍ସ ବାବଦ ଅର୍ଥ ନିର୍ଦ୍ଧାରଣ କରିଥାନ୍ତି। ବ୍ୟବସାୟିକ ପ୍ରତିଷ୍ଠାନ ପରିସର, ବାର୍ଷିକ ଟ୍ରାନଜାକସନ୍ ବିବରଣୀ ମିଳିବା ପରେ ଲାଇସେନ୍ସ ବାବଦ ଦେୟ ନିର୍ଦ୍ଧାରିତ ହୋଇଥାଏ। ଏହି ଅର୍ଥ ଡିପୋଜିଟ୍ ହେବାର ୧୫ଦିନ ପରେ ସମ୍ପୃକ୍ତ ଅନୁଷ୍ଠାନକୁ ଟ୍ରେଡ୍ ଲାଇସେନ୍ସ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥାଏ। ତେବେ ଏ ସମ୍ପର୍କରେ ସିଏମ୍‌ସି ପକ୍ଷରୁ ସଚେତନତା ଜରୁରୀ ରହିଥିବାବେଳେ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ଆମେ ଅନେକ ବ୍ୟବସାୟୀଙ୍କ ସହ କଥା ହୋଇଥିଲୁ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଟ୍ରେଡ୍ ଲାଇସେନ୍ସ ସାର୍ଟିଫିକେଟ ସମ୍ପର୍କରେ ଅବଗତ ନାହାନ୍ତି। ହେଲେ ଏହି ଲାଇସେନ୍ସର ଆବଶ୍ୟକତା ପଡ଼ି ନାହିଁ, ଆବଶ୍ୟକ ପଡ଼ିଲେ ଆବେଦନ କରିବେ ବୋଲି ସେମାନେ କହିଛନ୍ତି। ତେଣୁ ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ଟ୍ରେଡ୍ ଲାଇସେନ୍ସ ସମ୍ପର୍କରେ ସିଏମ୍‌ସି କର୍ତ୍ତୃପକ୍ଷ ବ୍ୟବସାୟୀମାନଙ୍କୁ ସଚେତନ କରାଇ ନାହାନ୍ତି।



ବିଭିନ୍ନ ଦାବି ନେଇ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଶୁକ୍ରବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## କାର୍ ଧକ୍କାରେ ବୃଦ୍ଧ ମୃତ

କଟକ ସଦର,୨୯।୧୧(ଡି.ଏନ୍.ଏ.)

କଟକ-ପାରାଦୀପ ରାଜ୍ୟ ରାଜପଥ ୧୨ନଂ.ର ନାନପୁର ନିକଟରେ ଶୁକ୍ରବାର କାର ଧକ୍କାରେ ଜେଣ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶନନଗର ଥାନା ଅନ୍ତର୍ଗତ ସରପୁର ଗ୍ରାମର କିଶୋର ଚନ୍ଦ୍ର ମିଶ୍ର(୬୫)। ସୂଚନା ଅନୁଯାୟୀ, କିଶୋର ସାଇକେଲରେ ଯାଉଥିବା ବେଳେ ପାରାଦୀପ ପଟୁ ଆସୁଥିବା ଏକ କାର(ଓଆର ୧୯ଏଲ ୫୮୮୫) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆମ ପୋଲିସ ସମିତି ବୈଠକ

ଚୌଦ୍ୱାର,୨୯।୧୧(ଡି.ଏନ୍.ଏ.)

ଚୌଦ୍ୱାର ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଶୁକ୍ରବାର ଥାନାର ମହିଳା ଓ ଶିଶୁଡେସ୍କ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ପଦ୍ମନାଭ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ବାଳକୃଷ୍ଣ ମହାନ୍ତି, ଶୁଭେନ୍ଦୁ ସାମଲ, କରୁଣାକର ସାହୁ, ଅମିୟ ବରାଳ, ଉମା ଚରଣ ସାହୁ, ଏସ.କେ ସାଜିଦ ଚାନ୍ଦ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, କିରଣବାଳା ନାୟକ, କଲ୍ୟାଣୀ ସାହାଣୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ମତବ୍ୟକ୍ତ କରିଥିଲେ।

## କ୍ଷୁଦ୍ରଶିଳ୍ପ ନିଗମ, ଆଇଟିଆଇ କଲେଜ ପରିଦର୍ଶନ କଲେ ମନ୍ତ୍ରୀ


ଖପୁରିଆ ଆଇଟିଆଇ ପରିସରରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସ୍କିଲ ମ୍ୟୁଜିୟମ ବୁଲି ଦେଖୁଛନ୍ତି।

କଟକ ଅଫିସ,୨୯।୧୧

ଶକ୍ତି, ଶିଳ୍ପ, ଏମ୍ଏସ୍ଏମ୍ଇ, ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର ଶୁକ୍ରବାର କଟକ ଖପୁରିଆସ୍ଥିତ ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ଓ ସରକାରୀ ଆଇଟିଆଇ କଲେଜ ପରିଦର୍ଶନ କରିଛନ୍ତ। କ୍ଷୁଦ୍ରଶିଳ୍ପ ନିଗମ ପରିଦର୍ଶନ ପରେ ମନ୍ତ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିଗମ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟାବଳୀ ଯଥା ଟାଟା ଷ୍ଟିଲ୍ ରଡ୍‌ର ବ୍ୟବସାୟ, ବିଟ୍ୟୁମେନ୍ (ପିଚୁ) ବିକ୍ରି, ଗ୍ରାମାଞ୍ଚଳ ବିଦ୍ୟୁତୀକରଣ, ବିଭିନ୍ନ ଏମ୍ଏସ୍ଏମ୍ଇର ଉତ୍ପାଦ ବିକ୍ରୟ ତଥା ବିଭିନ୍ନ ନିର୍ମାଣ କାର୍ଯ୍ୟର ସମୀକ୍ଷା ହୋଇଥିଲା। ନିଗମର ନବୀକରଣ ଦିଗରେ ପଦକ୍ଷେପ ନିଆଯିବା ଉପରେ ମନ୍ତ୍ରୀ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ନିଗମର ଅଧ୍ୟକ୍ଷ ଚିନ୍ମୟ ସାହୁ, ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ୍ତ କୁମାର ସାହାଣୀ ଏବଂ ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ଆଇଟିଆଇ କଲେଜ ପରିଦର୍ଶନ କରିବା ଅବସରରେ ଦକ୍ଷତା ସଂଗ୍ରହାଳୟରେ ସ୍ଥାନ ପାଇଥିବା ଛାତ୍ରୀଛାତ୍ରଙ୍କ କଳାକୃତି ବୁଲି ଦେଖିଥିଲେ। ଖପୁରିଆ ଆଇଟିଆଇ ଓଡ଼ିଶାର ଏକ ଅଗ୍ରଣୀ ଶିଳ୍ପ ତାଲିମ କେନ୍ଦ୍ର ବୋଲି ମନ୍ତ୍ରୀ ମିଶ୍ର କହିଥିଲେ। କଲେଜ ଅଧ୍ୟକ୍ଷ ଡ଼. ହୃଷୀକେଶ ମହାନ୍ତି, ଆଇଏଏସ ଜି. ରଘୁ, ଇତିଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ‘ପୋଲିସ ପାଇଁ ମୋ ଝିଅ ମରିଛି’

**ଥାନା ଅଧିକାରୀଙ୍କ ବହିଷ୍କାର ଦାବିରେ ଡିଜିପିଙ୍କୁ ସ୍ମାରକପତ୍ର**

କଟକ ଅଫିସ,୨୯।୧୧

ମୋ ଝିଅ ଆତ୍ମହତ୍ୟା କରିନି। ତାକୁ ଏଭଳି କରିବା ପାଇଁ ପୋଲିସ ପରୋକ୍ଷରେ ବାଧ୍ୟ କରିଛି। ତେଣୁ ଏହି ଥାନା ଅଧିକାରୀଙ୍କୁ ବହିଷ୍କାର କରାଯାଉ। ମୋ ଝିଅକୁ ବାରମ୍ବାର ବଳାତ୍କାର କରି ବଦ୍‌ନାମ କରିଥିବା ଗିରଫ ଯୁବକଙ୍କୁ ଫାଶୀ ଦିଆଯାଉ। ଏଭଳି ଅଭିଯୋଗ କରିଛନ୍ତି ଗତ ୭ତାରିଖରେ ନାଉଗାଁ ଥାନା ଅଞ୍ଚଳରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦଳିତ ଯୁବତୀଙ୍କ ମା’। ଏ ନେଇ ମୃତା ଯୁବତୀଙ୍କ ମା’ ଶୁକ୍ରବାର ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯୁବତୀଙ୍କ ମା’ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏହି ଯୁବକ ଜଣକ ତା’ଙ୍କ ଝିଅକୁ ଏକତରଫା ପ୍ରେମ କରୁଥିଲେ। ଝିଅ ପ୍ରେମ ନିବେଦନକୁ ପ୍ରତ୍ୟାଖାନ କରିବାରୁ ସେ ତାକୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଝିଅ ଓ ପରିବାର ଲୋକେ ନାଉଗାଁ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ ମଧ୍ୟ ପୋଲିସ ଅଭିଯୋଗ ଗ୍ରହଣ କରି ନ ଥିଲା। ଆମକୁ ଥାନାରୁ ତଡ଼ି ଦେଇଥିଲେ। ଫଳରେ ଯୁବକଜଣକ ବାରମ୍ବାର ମୋ ଝିଅକୁ ବଳାତ୍କାର କରିଥିଲେ। ଶେଷରେ ଗତ ୭ତାରିଖରେ ସେ ମୋ ଝିଅକୁ ବଳାତ୍କାର କରିବା ସହ ତା’ର ଖରାପ ଫଟୋ କାନ୍ଥରେ ଲଗାଇ ଦେଇଥିଲା। ଏହାକୁ ସହ୍ୟ କରି ନ ପାରି ମୋ’ ଝିଅ ରଶି ଲଗାଇ ଆତ୍ମହତ୍ୟା କଲା। ଥାନା ଅଧିକାରୀ ଯଦି ଆମ ଅଭିଯୋଗ ଶୁଣି ପୂର୍ବରୁ ଉକ୍ତ ଯୁବକକୁ ଗିରଫ କରିଥାନ୍ତେ ତେବେ ମୋ ଝିଅ ମରି ନ ଥାନ୍ତା ବୋଲି ମୃତ ଯୁବତୀଙ୍କ ମା’ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଯୁବକଙ୍କୁ କଠୋର ଦଣ୍ଡ ଦିଆଯିବା ସହ ଥାନା ଅଧିକାରୀଙ୍କୁ ବହିଷ୍କାର କରିବା ଦାବିରେ ସେ ଡିଜିପିଙ୍କ ନିକଟକୁ ଆସିଥିଲେ। ୧୫ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଷ୍ଟ୍ରୀୟ ଦଳିତ ମହାସଂଘ ରାଜ୍ୟ ସଭାପତି ଅଶୋକ ମଲିକ କହିଛନ୍ତି। ଏ ନେଇ ନାଉଗାଁ ଥାନା ଅଧିକାରୀ କୁହନ୍ତି, ଏହି ଘଟଣା ପୂର୍ବରୁ ପୀଡ଼ିତାଙ୍କ ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିଲା।

# ତହସିଲ କର୍ମଚାରୀ ସମ୍ପର୍କୀୟଙ୍କୁ ଅନୁକମ୍ପା

**ମାହାଙ୍ଗା ଫନୀ କେଲେଙ୍କାରୀ**

କଟକ ଅଫିସ/ମାହାଙ୍ଗା(ସ୍ୱପ୍ର),୨୯।୧୧

କଟକ ଜିଲା ମାହାଙ୍ଗାରେ ହୋଇଥିବା ଫନୀ କେଲେଙ୍କାରୀର ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ତହସିଲ କର୍ମଚାରୀଙ୍କ ପାଇଁ ଫନୀ ସହାୟତା ପାଇବାରୁ ଯୋଗ୍ୟ ହିତାଧିକାରୀମାନେ ବଞ୍ଚିତ ହୋଇଥିବାବେଳେ ଅଯୋଗ୍ୟ ହିତାଧିକାରୀମାନେ କିଭଳି ଫାଇଦା ଉଠାଇଛନ୍ତି ତାର ବଳିଷ୍ଠ ପ୍ରମାଣ ହସ୍ତଗତ ହୋଇଛି। ତହସିଲରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଶାଳକ ଓ ଶ୍ୱଶୁରଙ୍କ ନାମରେ ଦୁଇଟି ପୂର୍ଣ୍ଣ ଘରଭଙ୍ଗା ସହାୟତା ପ୍ରଦାନ କରାଯାଇଛି। ଉଭୟ ଅଯୋଗ୍ୟ ହିତାଧିକାରୀ ଫନୀ ସହାୟତା ବାବଦରେ ୯୫,୧୦୦ ଟଙ୍କା ଲେଖାଏ ନେଇଥିବାବେଳେ ଯୋଗ୍ୟ ହିତାଧିକାରୀମାନେ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଖୋଳତାଡ଼ରୁ ଜଣାପଡ଼ିଛି, ଏହି ତହସିଲର ଜଣେ କର୍ମଚାରୀ କୁରୁଜଙ୍ଗା ପଞ୍ଚାୟତରେ ଥିବା ନିଜ ଭାଇଙ୍କ ଶାଳକ ଓ ଶ୍ୱଶୁରଙ୍କୁ ଅହେତୁକ ଅନୁକମ୍ପା ଦେଖାଇଛନ୍ତି। କୁରୁଜଙ୍ଗା ଗ୍ରାମର କ୍ରମିକ ନଂ. ୧୧୭ ଓ ୧୨୮ରେ ୯୫,୧୦୦ ଟଙ୍କା ଲେଖାଏଁ ସହାୟତା ରାଶି ତାଲିକା ରହିଛି। ସରକାରଙ୍କ ନିୟମ ମୁତାବକ ଗୋଟିଏ ପରିବାରର ବାପା ଓ ପୁଅଙ୍କୁ ସହାୟତା ଦେବାର ବ୍ୟବସ୍ଥା ନ ଥିବାବେଳେ ତାହା ତହସିଲ କର୍ମଚାରୀଙ୍କ ସମ୍ପର୍କୀୟ ହୋଇଥିବାରୁ ଏଭଳି ଜାଲିଆତି କରାଯାଇଛି। ଏ ସମ୍ପର୍କରେ ସମ୍ପୃକ୍ତ ତହସିଲ କର୍ମଚାରୀଙ୍କୁ ପଚରାଯିବାରୁ ସହାୟତା ପାଇଥିବା ୨ ଜଣ ବ୍ୟକ୍ତି ତାଙ୍କ ସମ୍ପର୍କୀୟ ବୋଲି ସ୍ୱୀକାର କରିଛନ୍ତି। ହେଲେ ଉକ୍ତ ଦୁଇ ଜଣଙ୍କ ନାମକୁ ତାଲିକାରେ ସାମିଲ କରିବାରେ ତାଙ୍କର କୌଣସି ଭୂମିକା ନ ଥିବା କର୍ମଚାରୀ ଜଣକ ସଫେଇ ଦେଇଛନ୍ତି। ଯାହା ହୋଇଛି ତଦନ୍ତ ଅଧିକାରୀଙ୍କ ରିପୋର୍ଟ ଆଧାରରେ ହୋଇଛି ବୋଲି ସେ କହିଛନ୍ତି। ମାତ୍ର ଉକ୍ତ ପଞ୍ଚାୟତ ଫନୀ ଘରଭଙ୍ଗା ତଦନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଶଙ୍କର ପ୍ରଧାନଙ୍କୁ ପଚାରିବାରୁ ଏଭଳି ଗୋଟିଏ ପରିବାରର ବାପପୁଅଙ୍କ ନାମ ମୁଁ ତାଲିକା ଦେଇନାହିଁ । ଯାହା କରାଯାଇଛି ତାହା ତହସିଲ କାର୍ଯ୍ୟାଳୟରେ ହୋଇଛି ବୋଲି ସେ କହିଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଯଦି ତଦନ୍ତକାରୀ ରାଜସ୍ୱ ନିରୀକ୍ଷକ ଏଭଳି ତାଲିକା ଦେଇ ନ ଥିଲେ ତେବେ କିଏ ଏବଂ କିପରି ଏହି ତାଲିକା ପ୍ରସ୍ତୁତ କରିଛି। ଅର୍ଥାତ୍ ରାଜସ୍ୱ ନିରୀକ୍ଷକମାନେ ଦେଇଥିବା ତଦନ୍ତ ରିପୋର୍ଟକୁ ତହସିଲ ଅଫିସରେ ବଦଳାଯାଇ ଏଭଳି ଦୁର୍ନୀତି କରାଯାଇଥିବା ଘଟଣା କ୍ରମଶଃ ସ୍ପଷ୍ଟ ହେବାରେ ଲାଗିଛି। ତେଣୁ ତହସିଲର ଯେଉଁ କର୍ମଚାରୀମାନେ ଏହି ଜାଲିଆତିରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲର ଭାରପ୍ରାପ୍ତ ତହସିଲଦାର ଦିଲୀପ ନାୟକଙ୍କୁ ପଚାରିବାରୁ ଏହି ଘଟଣା ଯଦି ସତ୍ୟ ହୋଇଥାଏ ତେବେ ଯାହା ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ସୂଚନାଥାଉ କି, ମାହାଙ୍ଗା ତହସିଲ ଅଞ୍ଚଳରେ ଫନୀ ଘରଭଙ୍ଗାକୁ ନେଇ ବଡ଼ଧରଣର ଦୁର୍ନୀତି ହୋଇଛି। ତହସିଲ ଅଧୀନ ଉଷୁମା ଗ୍ରାମର ଜଣେ ହିତାଧିକାରୀଙ୍କ ଆକାଉଣ୍ଟକୁ ୯୫,୧୦୦ ଟଙ୍କା ଲେଖାଏ ଦୁଇଥର ଟଙ୍କା ପଠାଯାଇଥିବାବେଳେ ହଳଦିଆ ପଞ୍ଚାୟତରେ ଜଣେ ଜଣେ ହିତାଧିକାରୀଙ୍କ ନାମ ଏକାଧିକ ତାଲିକାରେ ସ୍ଥାନ ପାଇଥିବା ଓ ସେମାନଙ୍କୁ ସହାୟତା ଦିଆଯାଇଥିବା ଜଣାପଡିଛି। ଏବେ ସେଥିରେ ତହସିଲ କର୍ମଚାରୀଙ୍କ ଶାଳକ, ଶ୍ୱଶୁରଙ୍କୁ ସହାୟତା ମିଳିବା ଅଧିକ ବିବାଦ ସୃଷ୍ଟି କରିଛି।

## ବ୍ରାଣ୍ଡ ଫ୍ୟାକ୍ଟ୍ରି କଟକ ଷ୍ଟୋରରେ ଫ୍ରି ଶପିଂ ୱିକେଣ୍ଡ

ଭୁବନେଶ୍ୱର,୨୯-୧୧

ବ୍ରାଣ୍ଡ ଫ୍ୟାକ୍ଟ୍ରି କଟକ ଷ୍ଟୋର ପକ୍ଷରୁ ପ୍ରଥମଥର ଲାଗି ଫ୍ରି ଶପିଂ ୱିକେଣ୍ଡ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଡିସେମ୍ବର ୪ରୁ ୮ ତାରିଖ ଯାଏ ଚାଲିବ। କଟକ ଷ୍ଟୋରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲଷ୍ଟର ମ୍ୟାନେଜର ମାନସ ମହାନ୍ତି ଏବଂ ପୂର୍ବାଞ୍ଚଳ ଏରିଆ ମ୍ୟାନେଜର ଅମୀତ ହିରାୱତ ଏ ନେଇ ସୂଚନା ଦେଇଛନ୍ତି। ୨୦୦ରୁ ଅଧିକ ଓରିଜିନାଲ ବ୍ରାଣ୍ଡର କ୍ରୟ ଅଭିଜ୍ଞତା ଏହି ସମୟରେ ଗ୍ରାହକମାନେ ଲାଭ କରିପାରିବେ। ଗ୍ରାହକ ୫ ହଜାର ଟଙ୍କାର କିଣାକିଣି ଉପରେ ମାତ୍ର ୨୦୦୦ ଟଙ୍କା ପ୍ରଦାନ କରିବେ। ଏହାକୁ ୧୨୦୦ ଟଙ୍କାର ଗିଫ୍ଟ ଭାଉଚର, ୫୦୦ ଟଙ୍କା ମୂଲ୍ୟର ପୋଷାକ ଏବଂ ଫ୍ୟୁଚର ପେୱାଲେଟରେ ୩୦୦ ଟଙ୍କାର କ୍ୟାଶବ୍ୟାକ ଦ୍ୱାରା ଫେରି ପାଇବେ। ଅର୍ଥାତ କହିବାକୁ ଗଲେ ଗ୍ରାହକ ସମ୍ପୂର୍ଣ୍ଣ ମାଗଣାରେ ଏହି ଶପିଂ କରିବାର ସୁବିଧା ଲାଭ କରିବେ ବୋଲି ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ କୁହାଯାଇଛି। ପୁରୁଷ, ମହିଳା ଏବଂ ଶିଶୁଙ୍କ ବର୍ଗରେ ବିଭିନ୍ନ ବ୍ରାଣ୍ଡ ଏଠାରେ ରହିଛି। ଫ୍ରି ଶପିଂ ୱିକେଣ୍ଡ ଶୁଭାରମ୍ଭ କରି ଅତ୍ୟନ୍ତ ଖୁସି ବୋଲି ବ୍ରାଣ୍ଡ ଫ୍ୟାକ୍ଟ୍ରି ସିଇଓ ସୁରେଶ ସାଧୱାନି କହିଛନ୍ତି।

# ଏକତାର ମନ୍ତ୍ର ନେଇ ଥଙ୍ଗାରାଜାଙ୍କ ଦେଶ ପରିକ୍ରମା

କଟକ ଅଫିସ,୨୯।୧୧



ପଙ୍ଗୁ ଲଙ୍ଘୟତେ ଗିରି। ସଂସ୍କୃତରେ ଥିବା ଏହି ଶ୍ଳୋକକୁ ପ୍ରମାଣିତ କରିଛନ୍ତି କନ୍ୟାକୁମାରୀର ଆର୍. ଥଙ୍ଗାରାଜା(୪୦)। ଦୁଇଟି ଗୋଡ଼ ଅକର୍ମଣ୍ୟ ହୋଇଥିଲେ ମଧ୍ୟ ଏକ ସ୍ୱତନ୍ତ୍ର ସ୍କୁଟରରେ ଦେଶ ପରିକ୍ରମାରେ ସେ ବାହାରିଛନ୍ତି। ରାଜଧାନୀ ଦିଲ୍ଲୀ ହେଉକି ଦୁର୍ଗମ ଜମ୍ମୁ-କଶ୍ମୀର। ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଦେଶ ସାରା ଏକତାର ମନ୍ତ୍ର ବାଣ୍ଟୁଛନ୍ତି। ଏହି ସାହସୀ ଯୁବକ ଜଣଙ୍କ ଶୁକ୍ରବାର ସନ୍ଧ୍ୟାରେ କଟକରେ ପହଞ୍ଚିଥିଲେ। ଯୋବ୍ରା ରୋଡ୍‌ସ୍ଥିତ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଶାଖା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିବା ବେଳେ ଥଙ୍ଗାରାଜା ଉପସ୍ଥିତ ରହି ନିଜ ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ।

‘ଏକ ଭାରତ, ବିଜୟୀ ଭାରତ। ଦେଶବାସୀଙ୍କ ସାମୂହିକ ଅବଦାନର ସମୟ ଆସିଛି। ରାଷ୍ଟ୍ରବାସୀ ଏକ ହେଲେ ଦେଶର ନବନିର୍ମାଣ ହୋଇ ପାରିବ।’ ଏହା ହେଉଛି ଥଙ୍ଗାରାଜାଙ୍କ ବାର୍ତ୍ତା। ଇତି ମଧ୍ୟରେ ସେ ଅନେକ ରାଜ୍ୟ ଅତିକ୍ରମ କରି ସାରିଲେଣି। କଟକ ପରେ ସେ ଭୁବନେଶ୍ୱର, ସମ୍ବଲପୁର ଅଭିମୁଖେ ଯାତ୍ରା କରିବେ। ଏହାପରେ ସେ ଛତିଶଗଡ଼ ଅଭିମୁଖେ ଯାତ୍ରା ଆରମ୍ଭ କରିବେ ବୋଲି କହିଛନ୍ତି। କନ୍ୟାକୁମାରୀ ବିବେକାନନ୍ଦ କେନ୍ଦ୍ରର ସୂଚନା କେନ୍ଦ୍ରରେ ଥଙ୍ଗାରାଜା କାର୍ଯ୍ୟ କରନ୍ତି। ଗତ ସେପ୍ଟେମ୍ବର ୧୧ରେ ସେ ଯାତ୍ରା ଆରମ୍ଭ କରିଥିଲେ। କନ୍ୟାକୁମାରୀଠାରେ ୧୯୭୦ ମସିହାରେ ପ୍ରତିଷ୍ଠା ହୋଇଥିବା ବିଶାଳ ରାଷ୍ଟ୍ରୀୟ ସ୍ମାରକୀର ୫୦ତମ ପ୍ରତିଷ୍ଠା ବର୍ଷ ଅବସରରେ ତାଙ୍କର ଏହି ଯାତ୍ରା ବୋଲି ସେ କହିଥିଲେ। ଶ୍ରୀନଗର, ଲେହ୍, କାର୍ଗିଲ ଆଦି ସ୍ଥାନ ଯାତ୍ରା କରିବାର ଅନୁଭୂତି ନିଆରା ବୋଲି ଥଙ୍ଗାରାଜା କହିଛନ୍ତି। ଖବରଦାତା ସମ୍ମିଳନୀରେ କେନ୍ଦ୍ରର କଟକ ନଗର ସଂଗଠକ ରଶ୍ମିତା ନାୟକ, ପ୍ରାନ୍ତ ସଞ୍ଚାଳକ ସୁରସେନ ଜେନା, ‘ଏକ ଭାରତ ବିଜୟୀ ଭାରତ’ର ସଂଯୋଜକ ବିଭୂତି ଭୂଷଣ ମହାପାତ୍ର ଉପସ୍ଥିତ ଥିଲେ।

## ଗୋଚର ଜମିରେ ପାଚେରି ନିର୍ମାଣକୁ ନେଇ ମାରପିଟ୍

# ଅଭିଯୁକ୍ତଙ୍କ ଗିରଫ ଦାବି: ଥାନା ଅଧିକାରୀଙ୍କୁ ଠେଲାପେଲା

**ଥାନା ଆଗରେ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ଧାରଣା**

ଖୁଣ୍ଟୁଣୀ,୨୯।୧୧(ଡି.ଏନ୍.ଏ.)

ଗୋଚର ଜମିରେ ପାଚେରି ନିର୍ମାଣକୁ ନେଇ ଗୁରୁବାର ଗୁରୁଡିଝାଟିଆ ଥାନା ବାଲୀ ଗ୍ରାମର ୨ପରିବାର ମଧ୍ୟରେ ମାରପିଟ୍ ହୋଇଛି। ଏ ନେଇ ଉଭୟ ପରିବାରଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା(ନଂ.୧୧୫/୧୯, ୧୧୬/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ଶୁକ୍ରବାର ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନାରେ ପହଞ୍ଚି ହୋହଲ୍ଲା କରିବା ସହ ଥାନା ଅଧିକାରୀ ବିଜୟ କେତନ ବିସିଙ୍କୁ ଠେଲାପେଲା କରିଥିଲେ। ପରେ ଥାନା ଆଗରେ ଧାରଣାରେ ବସିଥିଲେ।


ଥାନା ଆଗରେ ଧାରଣାରେ ବସିଥିବା ମହିଳାମାନେ।

ସୂଚନା ଅନୁଯାୟୀ, ବାଲୀ ଗ୍ରାମର ବାଗେଟି ସାହିର ନିତ୍ୟାନନ୍ଦ ରାଉତ, ରସାନନ୍ଦ ରାଉତ ଓ ପ୍ରେମାନନ୍ଦ ରାଉତଙ୍କ ଏକ ପାଚେରି ନିର୍ମାଣ ହେଉଥିଲା। ଏହା ଗୋଚର ଜମି ହୋଇଥିବାରୁ ପାଚେରି ନିର୍ମାଣ କଲେ ରାସ୍ତା ବନ୍ଦ ହୋଇଯିବ ବୋଲି କହି ନିତ୍ୟାନନ୍ଦଙ୍କ ପଡୋଶୀ ହରିହର ଦଳେଇ ପ୍ରତିବାଦ କରିଥିଲେ। ସର୍ବସାଧାରଣଙ୍କ ରାସ୍ତା ଉପରେ ହରିହର କାଠ ଗଦାକରି ରାସ୍ତା ଅବରୋଧ କରୁଛନ୍ତି ବୋଲି ନିତ୍ୟାନନ୍ଦଙ୍କ ପରିବାରର ରାଜେନ୍ଦ୍ର ଓ ଗାଣ୍ଠୁଆ ପାଲଟା ଅଭିଯୋଗ କରିବା ପରେ ଦୁଇ ପରିବାର ମଧ୍ୟରେ ମାରପିଟ୍ ହୋଇଥିଲା। ଏ ନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ସକାଳ ପ୍ରାୟ ୧୦ଟାରେ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ଥାନାରେ ପହଞ୍ଚି ହୋହଲ୍ଲା କରିବା ସହ ନିତ୍ୟାନନ୍ଦଙ୍କ ପରିବାର ସଦସ୍ୟଙ୍କୁ ଗିରଫ କରାଯିବା ନେଇ ଅଡି ବସିଥିଲେ। ଏହି ସମୟରେ ହରିହରଙ୍କ ସ୍ତ୍ରୀ କବିତା ସେଠାରେ ଅଚେତ ହୋଇପଡ଼ିଥିଲେ। ଥାନା ଅଧିକାରୀ ବିସି ତାଙ୍କୁ ଡାକ୍ତରଖାନା ନେବାକୁ ଉଦ୍ୟମ କରୁଥିବା ବେଳେ କେତେଜଣ ମହିଳା ତାଙ୍କୁ ଠେଲାପେଲା କରିବା ସହ କବିତାଙ୍କୁ ଛାଡି ନ ଥିଲେ। ଏହା ପରେ ଅଭିଯୁକ୍ତଙ୍କ ଗିରଫ ଦାବି କରି ପ୍ରାୟ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ପରେ ସେମାନେ ଆପେ ଆପେ ଧାରଣାରୁ ଉଠି ପଳାଇଥିଲେ। ଏହି ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩୦ ନଭେମ୍ବର, ୨୦୧୯



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
-ମହାତ୍ମା ଗାନ୍ଧି



## ସଂକ୍ଷେପରେ

### ସାଇକେଲକୁ ଧକ୍କାଦେଲା କାର ମା' ମୃତ, ଝିଅ ଗୁରୁତର

ବାଲୁଗାଁ,୨୯।୧୧(ଡ଼ି.ଏନ.ଏ.): ବାଲୁଗାଁ ବାଇପାସ୍ ରାସ୍ତା ୧୬ନଂ. ଜାତୀୟ ରାଜପଥର ସୁବୁଦ୍ଧିପାଟଣା ଛକ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏକ କାର ଧକ୍କାରେ ସାଇକେଲ ଆରୋହୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଝିଅ ଗୁରୁତର ଆହତ ହୋଇଛନ୍ତି । ମୃତା ମହିଳା ହେଲେ ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅନ୍ତର୍ଗତ ବୋରିଆସାହିର କୈଳାସ ହାତୀଙ୍କ ସ୍ତ୍ରୀ ପରିଚ୍ଛା (୪୦), ଗୁରୁତର ଆହତ ହେଲେ ତାଙ୍କ ଝିଅ ହୀନା(୨୦)।

ବୋରିଆ ସାହିର ମା' ପରିଚ୍ଛା ଓ ଝିଅ ହୀନା କୌଣସି କାର୍ଯ୍ୟରେ ନିକଟସ୍ଥ ଗ୍ରାମକୁ ଯାଇ ଏକ ସାଇକେଲ ଯୋଗେ ବାଇପାସ ରାସ୍ତାରେ ଘରକୁ ଫେରୁଥିଲେ। ପୂର୍ବାହ୍ନ ପ୍ରାୟ ୧୧ଘଟିକା ସୁବୁଦ୍ଧି ପାଟଣା ଛକ ନିକଟରେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ନଂ. ସିଜି୦୭ ବିଏସ୍ ୫୭୧୩ କାର ଦ୍ରୁତଗତିରେ ଭାରସାମ୍ୟ ହରାଇ ସାଇକେଲ ପଛକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମା' ଓ ଝିଅ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କ ଚିକିତ୍ସା ଲାଗି ବାଲୁଗାଁ ଡାକ୍ତରଖାନା ଅଣାଯାଇଥିଲା। ମା' ପରିଚ୍ଛାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଝିଅ ହୀନା ଗୁରୁତର ଅବସ୍ଥାରେ ବାଲୁଗାଁ ଡ଼ାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଖବରପାଇ ବାଲୁଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଅବ୍ୟାହତ ରଖିଛି।

### ବଳାତ୍କାର ଅଭିଯୁକ୍ତଙ୍କୁ ସହଯୋଗ କରି ଭାଇ ଗିରଫ

ଖୋର୍ଦ୍ଧା ଅଫିସ,୨୯।୧୧:ବଳାତ୍କାର ଅଭିଯୁକ୍ତଙ୍କୁ ସହଯୋଗ କରିବା ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୋଲିସ ଲକ୍ଷ୍ମଣ ବଇରିଗଞ୍ଜନଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଲକ୍ଷ୍ମଣଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ୧୭ ତାରିଖରେ ନାବାଳିକା ଜଣକ ଜଣେ ସମ୍ପର୍କୀୟଙ୍କ ଘରୁ ନିଜ ଘରକୁ ଫେରୁଥିବାବେଳେ ଗଡଗୁଡୁମ୍ ନିକଟରେ ବୁଦ୍ଧେଶ୍ୱର ରଣସିଂ(୨୫) ତାଙ୍କୁ ଉଠାଇ ନେଇ ବଳାତ୍କାର ପରେ ଫେରାର ହୋଇଯାଇଥିଲେ। ଏ ନେଇ ପୀଡିତା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଦଫା ୩୭୬, ୫୦୬, ୫ ଓ ୬ ପୋକ୍‌ସୋ ଆକ୍ଟରେ ନଂ. ୧୬୧/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ବୁଦ୍ଧେଶ୍ୱରଙ୍କୁ ଫେରାର କରିବା ପଛରେ ବଡଭାଇ ଲକ୍ଷ୍ମଣଙ୍କ ସହଯୋଗ ଥିବା ଜଣାପଡିବା ପରେ ପୋଲିସ ଗିରଫ କରିଥିଲା।

## ■ ବିନା ଦଲାଲରେ ହେଉନି କାର୍ଯ୍ୟ
# ଲାଞ୍ଚ ନ ଦେଲେ ଅଟକୁଛି କାର୍ଯ୍ୟାଦେଶ, ବିଲ୍

ଖୋର୍ଦ୍ଧା ଅଫିସ/ବେଗୁନିଆ, ୨୯।୧୧ (ଡି.ଏନ୍.ଏ.)

- ■ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ୱଚ୍ଛତା ବାଟବଣା
- ■ ମୁଖ୍ୟ ଖସୁଛନ୍ତି, ତଳତଳିଆ ଫସୁଛନ୍ତି
- ■ ବାରମ୍ବାର ପ୍ରମାଣ ପରେ ବି ହେଉନି ଭିଜିଲାନ୍ସ ତଦନ୍ତ

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ଓ ବିଲ୍ ବିନା ଦଲାଲରେ ହେଉନାହିଁ। ଲାଞ୍ଚ ନ ଦେଲେ କାର୍ଯ୍ୟାଦେଶ ଓ ବିଲ୍ ଅଟକି ଯାଉଛି। ବ୍ଲକର ଏକାଧିକ ପଞ୍ଚାୟତରେ ଆବାସ ଯୋଜନାରେ ଦୁର୍ନୀତି ବାରମ୍ବାର ପ୍ରମାଣିତ ହେବା ପରେ ବି ଭିଜିଲାନ୍ସ ତଦନ୍ତ କରାଯାଉନି। ଏଠାରେ ଗରିବ ଲୋକ ହନ୍ତସନ୍ତ ହେଉଥିବା ବେଳେ ଦୁର୍ନୀତିରେ ଲିପ୍ତ ମୁଖ୍ୟ କାର୍ପେଟଦାର ଖସି ଯାଉଛନ୍ତି। ତେବେ ତଳତଳିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଦୁର୍ନୀତି ପ୍ରସଙ୍ଗକୁ ଶୀତଳଭଣ୍ଡାରକୁ ଫୋପାଡି ଦିଆଯାଉଛି। ଏଣୁ ବେଗୁନିଆ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ୱଚ୍ଛତା ନ ଥିବା ଅଭିଯୋଗ ରହିଛି।

ବ୍ଲକର ପୋଡାଡିହ ଗାଁରେ ଗରିବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନାହିଁ। ଲାଞ୍ଚ ଯିଏ ଦେଇପାରିଲା ସେ କାର୍ଯ୍ୟାଦେଶ ପାଇ ଘର କଲା। ଏଠାରେ ୨ରୁ ୩ ମହଲା ଛାତ ଘର ଥିବା ଲୋକ ଆବାସ ଯୋଜନା ପାଇଛନ୍ତି। ସେହିପରି ସ୍ୱାମୀ ଘର କରି ସାରିଲା ପରେ ପୁଣି ସ୍ତ୍ରୀ କାର୍ଯ୍ୟାଦେଶ ପାଇଛନ୍ତି। ଏ ନେଇ ବିଭୂତି ଦାଶ ନାମକ ଜଣେ ସାମାଜିକ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ତଦନ୍ତ ଚାଲୁ ରହିଛି। ଏହି ଦୁର୍ନୀତି ତଦନ୍ତ ପିଡି ଡିଆରଡିଏ କରୁଛନ୍ତି। ଦେଉଳି ପଞ୍ଚାୟତରେ ଜଣଙ୍କ ଘରକୁ ଅନ୍ୟ ଜଣେ ଦେଖାଇ ବିଲ୍ କରି ନେଇଛନ୍ତି। ଏ ସମ୍ପର୍କରେ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଜିଆରଏସ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ହେଲେ ବିଲ୍ ମଞ୍ଜୁର କରିଥିବା ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଗଡମାଣତୀର ପଞ୍ଚାୟତରେ ଯୋଗ୍ୟଙ୍କୁ ବାଦ୍ ଦିଆଯାଇ ଚୟନ ତାଲିକାରେ ଅଯୋଗ୍ୟ ହିତାଧିକାରୀଙ୍କ ନାମ ସାମିଲ କରାଗଲା। ଏହି ଦୁର୍ନୀତି ପାଇଁ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ମାଲାମାଲ ହୋଇଗଲେ। ତେବେ ଜିଲାପାଳଙ୍କ ହସ୍ତକ୍ଷେପ ପରେ ଗଡମାଣତୀର କଲେଜର ୪ର୍ଥ ଶ୍ରେଣୀ କର୍ମଚାରୀ ଶିଶିର ମଙ୍ଗରାଜଙ୍କୁ ବେଗୁନିଆ ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ତେବେ ପୋଲିସ ଦ୍ୱାରା ଗିରଫ ହେବା ପରେ ଦୁର୍ନୀତି ପ୍ରସଙ୍ଗ ପୁଣି ଶୀତଳଭଣ୍ଡାରକୁ ଚାଲିଯାଇଛି। କୁଞ୍ଜୁରୀ ଓ ବୋଡଳମା ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀ ଥାଉ ଥାଉ ଅଯୋଗ୍ୟ ହିତାଧିକାରୀ କାର୍ଯ୍ୟାଦେଶ ନେଇ ଘର କରିଲେଣି। ହେଲେ ଅଭିଯୋଗ ପରେ ଏହାର ତଦନ୍ତ କରାଯାଉନି। କୁଞ୍ଜୁରୀରେ ପ୍ଲିନ୍ଥ ଲେଭଲ୍ କାମ ହୋଇଛି। ତେବେ ଅନ୍ୟ ଘରକୁ ଦେଖାଇ ପାଇନାଲ୍ ବିଲ ମଞ୍ଜୁର ହୋଇଗଲାଣି। ଏଭଳିସ୍ଥଳେ ବେଗୁନିଆ ବ୍ଲକର ବିଭିନ୍ନ ପଞ୍ଚାୟତର ଆବାସ ଯୋଜନାରେ ଚାଲିଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରୁ ବୋଲି ହିତାଧିକାରୀ ମତପୋଷଣ କରିଛନ୍ତି। ସେହିପରି ଆବାସ ଯୋଜନାର ଦୁର୍ନୀତି କେଉଁ ବିଡିଓଙ୍କ ସମୟରେ ହୋଇଛି ତା'ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଯୋଗ୍ୟ ହିତାଧିକାରୀଙ୍କ ପକ୍ଷରୁ ଦାବି ହେଉଛି।



ଯୋଗ ମହୋତ୍ସବରେ ସାଂସ୍କୃତିକ ଝଲକ ।

## ଯୋଗ ମହୋତ୍ସବ

ଖୋର୍ଦ୍ଧା ଅଫିସ,୨୯।୧୧:

ଖୋର୍ଦ୍ଧାର ଗୀତା ଭବନ ପଡ଼ିଆରେ ଯୋଗ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ସରକାରୀ ଓକିଲ ବ୍ରଜ କିଶୋର ସାହୁ, ଗୀତା ଭବନ ଯୋଗକେନ୍ଦ୍ର ସଭାପତି ଦୁଃଶାସନ ସ୍ୱାଇଁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଏଥିରେ ପତଞ୍ଜଳି ଯୋଗ କେନ୍ଦ୍ରର ଯୋଗାଭ୍ୟାସୀମାନେ ଉପସ୍ଥିତ ଥିଲେ। ସାଂସ୍କୃତିକ ଆସର ମଧ ଲାଗି ରହିଥିଲା। ଇତିଶ୍ରୀ ସାହୁ, ଗୌରାଙ୍ଗ ମଣ୍ଡଳ, ଲଳିତ ସ୍ୱାଇଁ, ନୃସିଂହ ମହାପାତ୍ର ପ୍ରମୁଖ କାର୍ଯ୍ୟକମ ସଂଯୋଜନା କରିଥିଲେ । ଏହା ଡିସେମ୍ବର ୧ରେ ଉଦ୍‌ଯାପିତ ହେବ। ପ୍ରତ୍ୟହ ଭୋର ସାଢ଼େ ୫ଟାରୁ ଯୋଗ କାର୍ଯ୍ୟକ୍ରମ ଆରମ୍ଭ ହେବ।

## ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀଙ୍କ ଖୋର୍ଦ୍ଧା ଗସ୍ତ

ଖୋର୍ଦ୍ଧା ଅଫିସ,୨୯।୧୧ :



ଜଳ ସମ୍ପଦ କାର୍ଯ୍ୟରେ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ ।

ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଶୁକ୍ରବାର ପୂର୍ବାହ୍ନରେ ଅଚାନକ ଖୋର୍ଦ୍ଧା ଗସ୍ତ କରି ଜିଲା କ୍ଷୁଦ୍ର ଜଳସେଚନ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ମନ୍ତ୍ରୀ ଦାସ ପହଞ୍ଚି କାର୍ଯ୍ୟାଳୟର ଉପସ୍ଥାନ ଖାତା ଯାଞ୍ଚ କରିଥିଲେ। କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟ ସମ୍ପାଦନ ଉପରେ ମନ୍ତ୍ରୀ ଶ୍ରୀ ଦାସ ନିର୍ବାହୀ ଯନ୍ତ୍ରୀ ଜଗତଜ୍ୟୋତି ଶତପଥୀ ଏବଂ ଅନ୍ୟ ଯନ୍ତ୍ରୀମାନଙ୍କୁ ପଚାରି ବୁଝିବା ସହିତ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। କାର୍ଯ୍ୟାଳୟର ପରିବେଶକୁ ଅଧିକ ସଫାସୁତୁରା ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବିଦ୍ୟୁତ୍ ୱେୟାରିଂ ବ୍ୟବସ୍ଥା ଅବ୍ୟବସ୍ଥିତ ଥିବାରୁ ଏହାକୁ ତୁରନ୍ତ ମରାମତି କରି ବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟାଳୟରେ କେତେଜଣ କର୍ମଚାରୀ ପଦବୀ ଖାଲିଥିବାରୁ ନିର୍ବାହୀଯନ୍ତ୍ରୀ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ମନ୍ତ୍ରୀ ଖୋର୍ଦ୍ଧା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ମଧ ଅଚାନକ ପରିଦର୍ଶନ କରିଥିଲେ। ସେଠାରେ ସୂଚନା କେନ୍ଦ୍ର ଓ ପାଠାଗାର ପରିଦର୍ଶନ କରିବା ସହିତ ଇ-ଲାଇବ୍ରେରି କାର୍ଯ୍ୟକ୍ଷମ ହେବା ସମ୍ପର୍କରେ ଗ୍ରନ୍ଥାଗାରିକଙ୍କଠାରୁ ପଚାରି ବୁଝିଥିଲେ। ପାଠାଗାର ହଲର ଅବସ୍ଥାକୁ ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ହଲ୍‌ର କାନ୍ଥରେ ଜରାଜୀର୍ଣ୍ଣ ଭାବେ ଝୁଲାୟମାନ ଅବସ୍ଥାରେ ଥିବା ମହାପୁରୁଷ, ସାହିତ୍ୟିକ ଏବଂ ସାହିତ୍ୟିକାଙ୍କ ଫଟୋଚିତ୍ରକୁ ଦେଖି ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଥିଲେ। ଖୋର୍ଦ୍ଧା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀ ଖାଲି ପଡିଥିବା ଓ ଏହି ଦାୟିତ୍ୱରେ ଭୁବନେଶ୍ୱର ଅଧିକାରୀ ରହିଥିବାରୁ ଖୋର୍ଦ୍ଧା ଜିଲାରେ ବିଭାଗୀୟ କାର୍ଯ୍ୟ ପରିଚାଳନାରେ ଅସୁବିଧା ହେଉଥିବା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଖୁବ୍‌ଶୀଘ୍ର ଖୋର୍ଦ୍ଧା ଜିଲା ସଦର ମହକୁମାରେ ନିୟମିତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀ ପୂରଣ କରାଯିବା ନେଇ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଦାସ ସୂଚନା ଦେଇଥିଲେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

### ଶବର କପ ଫୁଟବଲ ଟୁର୍ନାମେଣ୍ଟ
## ଫାଇନାଲରେ ଶବର ସ୍ପୋର୍ଟସ୍ ଆସୋସିଏଶନ

ଯାଁଳା,୨୯।୧୧(ଡି.ଏନ.ଏ.):

ଯାଁଳା ରାଧାଚରଣପୁର ଖେଳପଡିଆରେ ଚାଲିଥିବା ଶବରକପ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ସେମିଫାଇନାଲ ମ୍ୟାଚ୍‌ରେ ଜଟଣୀର ଉତ୍କଳ ସ୍ପୋର୍ଟିଂକୁ ୪-୩ ଟାଇବ୍ରେକରରେ ପରାସ୍ତ କରି ଖୋର୍ଦ୍ଧା ଜିଲା ଶବର ସ୍ପୋର୍ଟସ ଆସୋସିଏସନ୍ ଫାଇନାଲରେ ପ୍ରବେଶ କରିଛି। ଖେଳର ନିର୍ଦ୍ଧାରିତ ସମୟରେ ଗୋଲ୍ ନ ହେବାରୁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଶବର ସ୍ପୋର୍ଟସ ଆସୋସିଏଶନ୍‌ର ଦାରା ସିଂ, ପ୍ରକାଶ ସିଂ, ସୁବାସ ସିଂ, ରାକେଶ ବେହେରା ଗୋଲ୍ ସ୍କୋର କରିଥିଲେ। ସେହିପରି ଉତ୍କଳ ସ୍ପୋର୍ଟିଂର ଆଶିଷ ପ୍ରଧାନ, ଦିଲୀପ ନାୟକ, ମିଟୁ ବେହେରା ଗୋଲ୍ କରିଥିଲେ। ଦିଗବିଜୟ ଦାସ ଖେଳ ପରିଚାଳନା କରିଥିବା ଲକ୍ଷ୍ମୀପ୍ରସାଦ ନାଇଡୁ ଓ ଅବିନାଶ ପଟ୍ଟନାୟକ ଲାଇନ୍‌ରେ ସହାୟତା କରିଥିଲେ। ରବିବାର କଟକର ମଙ୍ଗଳା କ୍ଲବ ଓ ଶବର ସ୍ପୋର୍ଟସ୍ ଆସୋସିଏଶନ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ■ ୪ର୍ଥ ଦିନରେ ପେସାଦାର ମତ୍ସ୍ୟଜୀବୀଙ୍କ ଧାରଣା
# ଘେରି ଉଚ୍ଛେଦ କରିବାରେ ପ୍ରଶାସନ ବିଫଳ

କୃଷ୍ଣପ୍ରସାଦ,୨୯।୧୧(ଡି.ଏନ.ଏ.)

କୃଷ୍ଣପ୍ରସାଦ ବ୍ଲକ ଚିଲିକା ଦ୍ୱୀପାଞ୍ଚଳର ପେସାଦାର ମତ୍ସ୍ୟଜୀବୀ ମହାସଂଘ ଘେରି ଉଚ୍ଛେଦକୁ ବିରୋଧ କରି ୪ ଦିନ ହେଲା ତହସିଲ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ସରକାରଙ୍କ ଚିଲିକାରୁ ଘେରି ଉଚ୍ଛେଦ ନିର୍ଦ୍ଦେଶ କାଗଜପତ୍ରରେ ରହିଯାଇଛି। ପ୍ରଶାସନକୁ ଚିଲିକା ମଧ୍ୟକୁ ଛାଡିବାକୁ ଆନ୍ଦୋଳନକାରୀମାନେ ସୁଯୋଗ ଦେଉନାହାନ୍ତି। ତହସିଲ କାର୍ଯ୍ୟାଳୟକୁ ପେସାଦାର ମତ୍ସ୍ୟଜୀବୀମାନେ ଘେରାଉ କରି ରଖିଥିବା ଯୋଗୁ ଅନ୍ୟ କାର୍ଯ୍ୟ ମଧ ବନ୍ଦ ହୋଇଯାଇଛି। କିଭଳି ଭାବେ ଚିଲିକାରୁ ବେଆଇନ ଘେରି ଉଚ୍ଛେଦ କରାଯିବ ତାକୁ ନେଇ ପ୍ରଶାସନର ନିଦ ହଜିଯାଇଛି। ଘେରି ଉଚ୍ଛେଦ ନେଇ ତହସିଲଦାର ଜିଲାପାଳଙ୍କ ସହ ଆଲୋଚନା ନିମନ୍ତେ ପୁରୀ ଯାଇ ଫେରିଥିଲେ। ହେଲେ ଆଲୋଚନାର ଫଳାଫଳ ଏଯାଏ ଆନ୍ଦୋଳନକାରୀମାନଙ୍କୁ ଜଣାଇନାହାନ୍ତି। ଘେରି ଉଚ୍ଛେଦ ନିର୍ଦ୍ଦେଶ ସରକାର ବାତଲ ନ କରିବା ଯାଏ ଧାରଣାରେ ଏଭଳି ବସିବେ ବୋଲି ମହାସଂଘର ସଭାପତି କେଲୁ ଚରଣ ଜେନା, ସମ୍ପାଦକ କବିରାଜ ମାଝି କହିଛନ୍ତି। ଏଥିରେ ଦୀନବନ୍ଧୁ ଜେନା, ଏକାଦଶୀ ପଲେଇ, ପ୍ରଦୀପ କୁମାର ମାଝି, ଶ୍ରୀଧର ପଲେଇ, ଗୋଲଖ ବିହାରୀ ସାହୁ, ହରମୋହନ ମାନସିଂହ ପ୍ରମୁଖ ଆନ୍ଦୋଳନକାରୀ ଧମକ ଦେଇଛନ୍ତି।

## ■ ଆବାସ୍ ଯୋଜନାରେ ଠକେଇ
# କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ, ପିଅନ ଗିରଫ

ବେଗୁନିଆ,୨୯।୧୧(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଆବାସ ଯୋଜନାର ଅନିୟମିତତା ଚରମ ସୀମା ଟପିଛି। ଇନ୍ଦିରା ଆବାସ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ଗରିବ ହିତାଧିକାରୀଙ୍କଠାରୁ ବାସ ଖଣ୍ଡିକ ଛଡାଇ ବହୁ ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ହେଲେ ଏହି ଅନିୟମିତତାରେ ବହୁ ସରକାରୀ ବଡବାବୁ, ଦଲାଲ ଏବଂ ଜନପ୍ରତିନିଧି ସମ୍ପୃକ୍ତ ଥିବା ନେଇ ପ୍ରମାଣ ଧୀରେ ଧୀରେ ପଦାକୁ ଆସୁଛି। ଆବାସ ଠକେଇରେ ଗାଡମାଣତୀର ପଞ୍ଚାୟତର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଏବେକାର ବାଲିପାଟଣା ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଥିବା ରବୀନ୍ଦ୍ର କୁମାର ପଣ୍ଡାଙ୍କୁ ଜିଲାପାଳ ସିଦ୍ଧାଂଶୁ କୁମାର ରାଉତ ଗୁରୁବାର ନିଲମ୍ବିତ କରିଥିଲେ। ଆବାସ ଠକେଇରେ ସମ୍ପୃକ୍ତ ଥିବା ଗଡମାଣତୀର ଅଞ୍ଚଳର ଦୁଇଜଣ ଦଲାଲଙ୍କୁ ପୋଲିସ ଖୋଜୁଥିବା ଜଣାପଡିଛି। ଠକେଇ ଅଭିଯୋଗରେ ବେଗୁନିଆ ଥାନା ପୋଲିସ ଜଣେ ଗାଁ ଦଲାଲଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ଗଡମାଣତୀର ଗାଁର ଶିଶିର ମଙ୍ଗରାଜ। ଶିଶିର ଗଡମାଣତୀର କଲେଜର ପିଅନ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି। ପୋଲିସ ସୂଚନା ମୁତାବକ, ଶିଶିର ଗଡମାଣତୀର ପଞ୍ଚାୟତ ଅଞ୍ଚଳର ଦଲାଲ ଗିରି କରି ବହୁ ଗରିବ ଲୋକଙ୍କର ସରକାରୀ ଯୋଜନାର ଅର୍ଥ ହରିଲୁଟ୍ କରୁଥିବା ଅଭିଯୋଗ ହୋଇଥିଲା। ଖୋର୍ଦ୍ଧା ପିଡି ଡିଆରଡିଏଙ୍କ ନିର୍ଦ୍ଦେଶ ମୁତାବକ ବିଡିଓ ଗୁରୁବାର ବେଗୁନିଆ ଥାନାରେ ଶିଶିରଙ୍କ ନାମରେ ଏଫଆଇଆର ଦାଖଲ କରିଥିଲେ। ଏ ନେଇ ପୋଲିସ ନଂ. ୨୧୧/୧୯ରେ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି।

## ହରମୋହନ ଖୁଣ୍ଟିଆ ପାଇବେ ଅକ୍ଷୟ ସମ୍ମାନ

ଖୋର୍ଦ୍ଧା ଅଫିସ,୨୯।୧୧:

ଖୋର୍ଦ୍ଧାର ଗୀତା ଭବନ ପଡ଼ିଆରେ ଓଡ଼ିଶା ଅକ୍ଷୟ ମହାନ୍ତି ଫାଉଣ୍ଡେଶନ ପକ୍ଷରୁ ସପ୍ତଦଶ ବାର୍ଷିକ ରାଜ୍ୟସ୍ତରୀୟ ଅକ୍ଷୟ ମହୋତ୍ସବ ୨୦୧୯ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର କବି, କଳାକାର, ସଂଗୀତଜ୍ଞ, ସାମାଜିକକର୍ମୀ, ସଂସ୍କୃତି ପ୍ରେମୀ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ପ୍ରଖ୍ୟାତ ତବଲା ବାଦକ ଡ. ହରମୋହନ ଖୁଣ୍ଟିଆଙ୍କୁ ଚଳିତ ବର୍ଷର ସର୍ବଶ୍ରେଷ୍ଠ ଅକ୍ଷୟ ସମ୍ମାନ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ।



ତହସିଲରେ ଧାରଣା ଦେଇଥିବା ପେସାଦାର ମତ୍ସ୍ୟଜୀବୀ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

ନିରାକାରପୁର, ୨୯।୧୧(ଡି.ଏନ.ଏ.):

ସ୍ଥାନୀୟ ଆର୍ଯ୍ୟବିହାରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଞ୍ଚ ବିଂଶତମ ବାର୍ଷିକ କ୍ରୀଡା ଉତ୍ସବ ସରକାରୀ ଉଚ୍ଚ ବିଦ୍ୟାଳୟର ରାମେଶ୍ୱର କ୍ରୀଡା ପ୍ରାଙ୍ଗଣରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୩ ଦିନିଆ ବାର୍ଷିକ କ୍ରୀଡା ଉଦ୍‌ଯାପନ ଉତ୍ସବରେ ଖୋର୍ଦ୍ଧା ଜିଲା କ୍ରୀଡା ଅଧିକାରୀ ଲଳିତ ମହାନ୍ତି ଯୋଗଦେଇ ଯେକୌଣସି ସଫଳତା ପାଇବାକୁ ହେଲେ ମାତାପିତା, ଶିକ୍ଷୟିତ୍ରୀଶିକ୍ଷକଙ୍କ ଆଶୀର୍ବାଦ ଦରକାର ବୋଲି କହିଥିଲେ। ଶିଶୁମନ୍ଦିରର ସଭାପତି ଉର୍ମିଳା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାମେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନ ଅଚାର୍ଯ୍ୟା ନଳିନୀ ରଥ ଧନ୍ୟବାଦ ଦେଇଥିଲେ। ଏହି କ୍ରୀଡାରେ ୪ଟି ବିଭାଗର ୭୫୨ ପ୍ରତିଯୋଗୀଙ୍କ ମଧ୍ୟରୁ ୪୮ଟି ଖେଳରେ ୯୯ ଜଣ ପ୍ରତିଯୋଗୀ ୧୪୪ଟି ପୁରସ୍କାର ଗ୍ରହଣ କରିଥିଲେ। କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ସହ ବନ୍ଧିତ ଜିଲାସ୍ତରୀୟ କ୍ରୀଡାରେ ଅଂଶଗ୍ରହଣ କରିବେ। ଏହାକୁ ରାଜକିଶୋର ଦାସ, ପ୍ରମୋଦ କୁମାର ଦାସ, ରାମେଶ୍ୱର ଉଚ୍ଚବିଦ୍ୟାଳୟର କ୍ରୀଡା ଶିକ୍ଷକ ଅଜୟ କୁମାର ସ୍ୱାଇଁ, ଅବିନାଶ ଦାସ ଓ ଚିନ୍ମୟ କୁମାର ଜଗଦ୍ଦେବ କ୍ରୀଡା ପରିଚାଳନା କରିଥିଲେ। ସମସ୍ତ ଗୁରୁମାଗୁରୁଜୀ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ।

## ■ ଦୂଷିତ ପାଣି ପଶୁଥିବାରୁ ନଷ୍ଟ ହେଉଛି ଚାଷଜମି
# ଓଡା କ୍ଷେତ : ଧାନ ଅମଳରେ ସମସ୍ୟା

ଜଟଣୀ,୨୯।୧୧(ଡି.ଏନ.ଏ.):

### ଚାଷୀ ଚିନ୍ତାରେ, ରେଳ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି



ଚାଷ ଜମିରେ ଦୂଷିତ ପାଣି ଜମି ରହିଛି ।



ରେଳ ଲାଇନ ଅଣ୍ଡରଗ୍ରାଉଣ୍ଡ ରାସ୍ତା ପୋତି ହୋଇଯାଇଛି ।

ବର୍ଷସାରା ଦୂଷିତ ପାଣି ଚାଷ ଜମିରେ ପଶୁଛି। ବର୍ତ୍ତମାନ ପାଣି କ୍ଷେତରେ ପଶି ଜମି ରହୁଥିବାରୁ ଧାନ କାଟି ଅମଳ କରିବା କଷ୍ଟକର ହୋଇପଡୁଛି। ଫଳରେ ଚାଷୀ ଚିନ୍ତାରେ ପଡିଛନ୍ତି। ଜଟଣୀ ମାଣିଆଛକ ନିକଟବର୍ତ୍ତୀ କୁଦିଆରୀ ଓ ଗୋଡିପୁଟ ମାଟିଆପଡା ମୌଜାରେ ଥିବା ୧୦୦ ଏକରରୁ ଊର୍ଦ୍ଧ୍ୱ ଚାଷଜମି ଏହାଦ୍ୱାରା ପ୍ରଭାବିତ ହେଉଛି। ହାଟବଜାର, ଗୋପୀନାଥପୁର, କୁଦିଆରୀ, ହରିପୁର, ବରପଦା, ଗୋଧାସାହି, ବଡଇଚ୍ଛାପୁର ଗାଁର ଚାଷୀ ବର୍ଷ ବର୍ଷ ଧରି ଏପରି ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଏଥିପାଇଁ ଅନେକ ଚାଷୀ ଚାଷ କାର୍ଯ୍ୟ ଛାଡି ସାରିଲେଣି। ଜଟଣୀରେ ଥିବା ରେଲୱେ ଷ୍ଟେଶନ, ମେଡିକାଲ, ରେଳ କଲୋନୀଗୁଡିକର ଦୂଷିତ ପାଣି ଯାଇ ଏପରି ଅବସ୍ଥା ସୃଷ୍ଟି ହେଉଛି। ଏହାଛଡ଼ା ଜଳଯୋଗାଣ ପାଇଁ ଦୟାନଦୀରୁ ରେଲୱେର ଆସିଥିବା ପାଇପ୍ ବିଭିନ୍ନ ସ୍ଥାନରେ ଫାଟି ଦୂଷିତ ପାଣି ସହ ମିଶି ଚାଷ ଜମିକୁ ଯାଉଛି। ବିଶେଷକରି ଅମଳ ସମୟରେ ପାଣି ପଶୁଥିବାରୁ ଚାଷ ହୋଇଥିବା ଧାନ କାଟିବାରେ ଚାଷୀ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

ଜଟଣୀ ହାଟବଜାର ଅଞ୍ଚଳର ଚାଷୀ ସୁଧାକର ଜେନା, ସୁନୀଲ କୁମାର ଜେନା କୁହନ୍ତି, ଖୋର୍ଦ୍ଧାରୋଡ ଷ୍ଟେଶନର ଦକ୍ଷିଣ ଦିଗ ଓ ପୁରୀକୁ ଯାଇଥିବା ରେଳ ଧାରଣାର ମାଣିଆଛକଠାରୁ ଏହି ଚାଷଜମି ସବୁ ଆରମ୍ଭ ହୋଇଛି। ରେଲୱେ କଲୋନୀ, ମେଡିକାଲରୁ ବାହାରୁଥିବା ଦୂଷିତ ପାଣି ହାଟବଜାର ପୋଖରୀ ନିକଟ ରେଳ ଧାରଣା ତଳ ଦେଇ ଯାଇଥିବା ଡ୍ରେନ୍‌ରେ ନିଷ୍କାସନ ହେଉଛି। ଏଠାରେ ଗୋଟିଏ ପାର୍ଶ୍ୱରେ ପାଣି ଯିବାକୁ ଓ ଏହାକୁ ଲାଗି ଅଣ୍ଡରଗ୍ରାଉଣ୍ଡ ବ୍ୟବସ୍ଥା ରହିଛି। ଏହି ଅଣ୍ଡରଗ୍ରାଉଣ୍ଡ ଦେଇ ହାଟବଜାର ଗୋପୀନାଥପୁରର ଚାଷୀମାନେ ଶଗଡ, ବଳଦ ଓ ଚାଷ ଉପକରଣ ନେଇ ରେଳଧାରଣା ଅପରପାର୍ଶ୍ୱରେ ଥିବା ଚାଷଜମିକୁ ଯାତାୟାତ କରୁଥିଲେ। ହେଲେ ଦୀର୍ଘବର୍ଷ ହେବ ଏହା ପୋତିହୋଇ ସଙ୍କୁଚିତ ହୋଇଗଲାଣି। ଯାହା କେବଳ ପାଣି ନିଷ୍କାସିତ ହେଉଛି। ଗୋଟିଏ ପକ୍ଷରେ ଦୂଷିତ ପାଣି ଯୋଗୁ ଚାଷଜମି ନଷ୍ଟ ହେଉଛି ଓ ଅନ୍ୟପକ୍ଷେ ଚାଷଜମିକୁ ଯିବାକୁ ଥିବା ଅଣ୍ଡରଗ୍ରାଉଣ୍ଡ ବନ୍ଦ ହୋଇଯାଇଥିବାରୁ ୪ରୁ ୫ କିମି ବୁଲିକି ଯିବାକୁ ପଡୁଛି। ଏଣୁ ଦୂଷିତ ପାଣି କିପରି ଯାଇ ନ ପାରିବ ଓ ହାଟ ବଜାର ନିକଟରେ ଥିବା ଅଣ୍ଡରଗ୍ରାଉଣ୍ଡ ବ୍ୟବସ୍ଥାର ପୁନରୁଦ୍ଧାର ଉପରେ ରେଲୱେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଜିଲା ପରିଷଦ ସଦସ୍ୟ ମଳୟ ମହାନ୍ତି କୁହନ୍ତି, ରେଲୱେ ଅଞ୍ଚଳର ପାଣି ନିଷ୍କାସନ ପାଇଁ ପୂର୍ବରୁ ଡ୍ରେନ୍ ବ୍ୟବସ୍ଥା ଥିଲା। ହାଟବଜାର ହୋଇ ରାସ୍ତାପାର୍ଶ୍ୱରେ ଥିବା ଡ୍ରେନ୍ ଦେଇ କାଂଶଶଙ୍ଖ, ଗୋଧିଖୁଣ୍ଟି ଛକ ହୋଇ ଦୟାନଦୀରେ ଏହି ପାଣି ମିଶୁଥିଲା। ହେଲେ ଦୀର୍ଘବର୍ଷ ହେବ ରେଲୱେର ଏହି ଡ୍ରେନ୍ ପୋତି ହୋଇଗଲାଣି। ଫଳରେ ଦୂଷିତ ପାଣି ସିଧାସଳଖ ଚାଷଜମିକୁ ଯାଉଛି। ରେଲୱେ କର୍ତ୍ତୃପକ୍ଷ ପୋତି ହୋଇଥିବା ଡ୍ରେନ୍‌ର ପୁନରୁଦ୍ଧାର କଲେ ଉପୁଜିଥିବା ସମସ୍ୟା ଦୂର ହୋଇପାରନ୍ତା। ଏ ନେଇ ଖୋର୍ଦ୍ଧାରୋଡ ରେଳ ଡିଭିଜନର ଏଡିଆର୍‌ଏମ୍ ରାଜକୁମାର କେବଳ ଫାଟିଥିବା ପାଇପ୍ ଉପରେ କହିଛନ୍ତି, ଦାୟିତ୍ୱରେ ଥିବା ବିଭାଗର ଅଧିକାରୀ ଏହାର ଅନୁସନ୍ଧାନ କରି ପ୍ରତିକାର ବ୍ୟବସ୍ଥା କରାଯିବ।



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
-ମହାତ୍ମା ଗାନ୍ଧି

## ସଂକ୍ଷେପରେ

### ଆର୍‌ଆଇ କହି ଠକିନେଲେ ୨୫ ହଜାର

ବ୍ରହ୍ମଗିରି,୨୯।୧୧(ଡି.ଏନ.ଏ.): ନିଜକୁ ଆର୍‌ଆଇ ପରିଚୟ ଦେଇ ବ୍ରହ୍ମଗିରି ଥାନା ଅନ୍ତର୍ଗତ କାଶିଆ ଗ୍ରାମର ଏକ ପରିବାରରୁ ୨୫ ହଜାର ଟଙ୍କା ସହ ୨ଟି ମଙ୍ଗଳସୂତ୍ର ଠକି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗ୍ରାମର ଯୁଧିଷ୍ଠିର ପ୍ରଧାନଙ୍କ ଘରେ କେହି ପୁରୁଷ ଲୋକ ନ ଥିବାର ସୁଯୋଗ ନେଇ ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ଘରେ ରହୁଥିବା ମହିଳାଙ୍କୁ ନିଜକୁ ଆର୍‌ଆଇର ପରିଚୟ ଦେଇଥିଲେ। ଏବଂ ସେମାନଙ୍କ ଫନୀ ସହାୟତାରେ ୩ଲକ୍ଷ ଟଙ୍କା ଆସିଯାଇଛି ବୋଲି କହି ତାଙ୍କ ଠାରୁ ଆଧାରକାର୍ଡ ଏବଂ ବ୍ୟାଙ୍କ ପାସବୁକ୍ ମାଗିଥିଲେ। ମହିଳାମାନେ ସବୁ ଦେବାପରେ ଯୁବକମାନେ ତାଙ୍କୁ ୪୦ ହଜାର ଟଙ୍କା ମାଗିବା ସହ ଟଙ୍କା ନ ଦେଲେ ତୁମକୁ ସହାୟତା ଟଙ୍କା ମିଳିବ ନାହିଁ ବୋଲି କହିଥିଲେ। ଶେଷରେ ମହିଳା ଜଣଙ୍କ ୨୫ ହଜାର ଟଙ୍କା ଦେବାପରେ ଯୁବକଦ୍ୱୟ ଅଧିକ ଟଙ୍କା ଦିଅ, ନଚେତ ଘରେ ଯାହା ସୁନା ଦେବାକୁ କହିଥିଲେ। ଏଥିରେ ମହିଳାଜଣଙ୍କ ବିଶ୍ୱାସ କରି ଦୁଇଟି ମଙ୍ଗଳସୂତ୍ର ଦେବାପରେ ଯୁବକମାନେ ତାହା ଧରି ଫେରାର ହୋଇଯାଇଥିଲେ। ସନ୍ଧ୍ୟାରେ ଘରକୁ ପୁରୁଷ ଲୋକେ ଫେରି ଏହି କଥା ଜାଣିବା ପରେ ବ୍ୟାଙ୍କ ଆକାଉଣ୍ଟ ଚେକ କରିଥିବାବେଳେ କୌଣସି ଟଙ୍କା ଆସି ନ ଥିବାରୁ ସନ୍ଦେହ ବଢିଥିଲା । ଶେଷରେ ଠକାମିର ଶିକାର ହୋଇଥିବା ଜାଣିପାରି ବ୍ରହ୍ମଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ମହିଳା, ଯୁବତୀଙ୍କୁ ଆପଦକାଳୀନ ଯନ୍ତ୍ର ବଣ୍ଟନ

ପୁରୀ ଅଫିସ, ୨୯।୧୧: ବିଭିନ୍ନ ସମୟରେ ମହିଳା ଏବଂ ଯୁବତୀ ଅସଦାଚରଣ ଶିକାର ହେଉଥିବା ଦେଖିବାକୁ ମିଳୁଛି। ଏମିତି କି ଏକୁଟିଆ ରାସ୍ତାରେ ଯିବା ବେଳେ ସେମାନଙ୍କ ସହିତ ଜୋରଜବରଦସ୍ତି କରାଯାଉଛି। ତେବେ ଏଥିରୁ ରକ୍ଷା ପାଇବା ପାଇଁ ଜାପାନର ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ମାସା ଓ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ମିଳିତ ଭାବେ ମହିଳା, ଯୁବତୀଙ୍କୁ ଆପାଦକାଳୀନ ଯନ୍ତ୍ର ବଣ୍ଟନ କରିଛନ୍ତି। ଶୁକ୍ରବାର ପୁରୀର ବହୁ ସଂଖ୍ୟକ ଯୁବତୀ ଓ ମହିଳାଙ୍କୁ ଏହି ଡିଭାଇସ ପ୍ରଦାନ କରାଯାଇଛି। ସେମାନେ ଯଦି କୌଣସି ଅସାମାଜିକ ଲୋକଙ୍କ ଶିକାର ହେବାକୁ ଯାଉଥାନ୍ତି ତେବେ ଏଥିରେ ଥିବା ସୁଇଚ୍‌କୁ ଚିପିଦେଲେ ଏହା ଖୁବ୍ ଜୋରରେ କିଛି ସମୟ ପର୍ଯ୍ୟନ୍ତ ବାଜି ଉଠିବ। ଆଖପାଖର ଲୋକେ ଏହି ଧ୍ୱନି ଶୁଣିବା ପରେ କୌଣସି ମହିଳା କିମ୍ବା ଯୁବତୀ ବିପଦରେ ପଡିଥିବା ଜାଣିପାରିବେ ଏବଂ ଘଟଣାସ୍ଥଳରେ ପହଞ୍ଚି ଦୁର୍ବୃତ୍ତଙ୍କଠାରୁ ତାଙ୍କୁ ରକ୍ଷା କରିପାରିବେ। ଯଦି ସମ୍ପୃକ୍ତ ବ୍ୟକ୍ତି ସମୟ ଅଭାବରୁ ଯାଇ ନ ପାରନ୍ତି ତେବେ ପୋଲିସକୁ ଫୋନ କରି ଜଣାଇ ପାରିବେ। ପୁରୀ ସହରରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଦେଶର ଅନ୍ୟାନ୍ୟ ସହରରେ ମଧ ଉପଲବ୍ଧ ହେବ ବୋଲି ସମ୍ପୃକ୍ତ ସଙ୍ଗଠନ କର୍ମକର୍ତ୍ତା କହିଛନ୍ତି। ସୂଚନାଯୋଗ୍ୟ, ଜାପାନର ମହିଳା ଓ ଯୁବତୀମାନେ ମଧ ପାଖରେ ଏହି ଡିଭାଇସ ରଖିଥାନ୍ତି।

# ବଗଳା ଧର୍ମଶାଳା ଜମି ଆବଣ୍ଟନକୁ ନେଇ କେଁ

ପୁରୀ ଅଫିସ, ୨୯।୧୧:

■ଜମି ଯାହାର ଯାଉଛି କଷ୍ଟ ସେ ହିଁ ଜାଣିଛି
■୩.୬ ଏକର ଘରୋଇ ଜମିରୁ ୧ ଏକରର ବିକ୍ରି କବଲା ସରିଛି

ଶ୍ରୀମନ୍ଦିର ସୁରକ୍ଷା ଜୋନ୍ ଯୋଗୁ ଜମି ହରାଇଥିବା ନିଯୋଗ, ଭବନ ଏବଂ ଲଜ୍ ମାଲିକଙ୍କୁ ବଡ଼ଦାଣ୍ଡସ୍ଥିତ ବଗଲା ଧର୍ମଶାଳା ଜମିରେ ଥଇଥାନ କରାଯିବ। ଏଥିପାଇଁ ବଗଲା ଧର୍ମଶାଳାର ଖାଲି ଜମିରେ ପ୍ଲଟିଂ କରାଯାଇଛି। ୨.୬୯ ଏକର ଜମିରେ ୨୮ଟି ପ୍ଲଟ ହୋଇଛି। ଏହି ନକ୍ସାର ପ୍ଲଟଗୁଡ଼ିକ କେଉଁ ହିତାଧିକାରୀ ପାଇବେ ତାହା ପ୍ରାୟ ଚୂଡ଼ାନ୍ତ ସରିଛି। ତେବେ ବଗଲା ଧର୍ମଶାଳା ଜମି ଆବଣ୍ଟନକୁ ନେଇ ଉଠିଛି କେଁ। ପୂର୍ବରୁ ବାହାରୁ ଆସୁଥିବା ଯାତ୍ରୀ ଏଠାରେ ସ୍ୱଳ୍ପ ମୂଲ୍ୟରେ ରହିପାରୁଥିଲେ। ମାତ୍ର ଏହା ଅସୁରକ୍ଷିତ ହେବପରେ ଭାଙ୍ଗିଦିଆଯାଇଥିଲା। ଏଠାରେ ନୂଆ କୋଠା ତିଆରି ଚାଲିଥିବାବେଳେ କାମ ବନ୍ଦ କରି ଏହାର ଜମି ବିସ୍ଥାପିତ ହେବାକୁଥିବା ଲଜ୍ ମାଲିକଙ୍କୁ ବାଣ୍ଟି ଦିଆଯାଇଛି। ଫଳରେ ବାହାରୁ ଆସୁଥିବା ଯାତ୍ରୀ କେଉଁଠି ରହିବେ ତାକୁ ନେଇ ଉଠିଛି ପ୍ରଶ୍ନ।

ଶ୍ରୀମନ୍ଦିର ସୁରକ୍ଷା ଜୋନ୍ ସ୍ଥିତି ସମ୍ପର୍କରେ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, ବିସ୍ଥାପିତ ହେବାକୁ ଥିବା ପ୍ରାୟ ସବୁ ଲୋକ ସହମତି ଦେଖାଇଛନ୍ତି। ସୁରକ୍ଷା ଜୋନରେ ଥିବା ୧୭୮ ଘରୋଇ ପ୍ଲଟ ମଧ୍ୟରୁ ୫୫ରୁ ଅଧିକ ପ୍ଲଟର ସେଲ୍‌ଡିଡ୍ (ବିକ୍ରି କବଲା) ସରିଛି। ୩.୬ ଏକର ଘରୋଇ ଜମି ଅଧିଗ୍ରହଣ ହେବାକୁ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧ ଏକରରୁ ଅଧିକ ଜମି ମିଳିସାରିଛି। ଅବଶିଷ୍ଟାଂଶ ଜମି ମଧ୍ୟରୁ ସର୍ବାଧିକ ଲଜ୍ ଜମି ରହିଛି। ଗୁରୁବାର ଲଜ୍ ମାଲିକଙ୍କ ସହ ସକାରାତ୍ମକ ଆଲୋଚନା ହୋଇଛି। ବଗଲା ଧର୍ମଶାଳା ପରିସରରେ ସେମାନଙ୍କୁ ଜମି ଦିଆଯିବ। ଏଥିପାଇଁ ଏ, ବି ଓ ସି କାଟେଗୋରି ପ୍ଲଟ କରାଯାଇଛି। ବୈଠକରେ ଉପସ୍ଥିତ ୧୩ ଲଜ୍ ମାଲିକଙ୍କ ମଧ୍ୟରୁ ୧୧ ଜଣଙ୍କୁ ପ୍ଲଟ ଦିଆଯାଇଥିବା ବେଳେ ୨ ଜଣ ଟଙ୍କା ନେବାକୁ କହିଥିଲେ। ତେବେ ଅଧିକ ୧୦ ପ୍ରତିଶତର ସମୟ ଅବଧି ସୋମବାର ପର୍ଯ୍ୟନ୍ତ ରହିଛି। ଏହି ସମୟ ମଧ୍ୟରେ ବିସ୍ଥାପିତ ହେବାକୁ ଥିବା ଲୋକେ ସେମାନଙ୍କ ଜମିର ସେଲ୍‌ଡିଡ୍ କରି ଏହାର ସୁବିଧା ନେଇପାରିବେ। ଶନିବାର ପ୍ରତିହାରୀ ଭବନର ବିକ୍ରିକବଲା ହେବାକୁ ଅଛି। ଅନ୍ୟପକ୍ଷରେ ଘରୋଇ ପ୍ଲଟ୍ ମଧ୍ୟରୁ ୨୦ଟି ପ୍ଲଟ୍‌କୁ ନେଇ କୋର୍ଟରେ କେସ୍ ରହିଛି। ସେମାନେ ତୁରନ୍ତ ଏହାର ସମାଧାନ କରି ସୋମବାର ସୁଦ୍ଧା ଅଧିକ ୧୦ ପ୍ରତିଶତର ସୁବିଧା ନେବା ପାଇଁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ସୂଚନାଥାଉ କି, ୧୯୬୦ରେ କହ୍ନେୟାଲାଲ ନାମକ ଜଣେ ବ୍ୟକ୍ତି ଏଠାରେ କୋଠା ନିର୍ମାଣ କରି ଜାଗା ଦାନ ଦେଇଥିଲେ। ତେଣୁ ବଗଲା ଧର୍ମଶାଳା ଜମିରେ ବିସ୍ଥାପିତଙ୍କୁ ଥଇଥାନ ନେଇ ଅନେକେ ନାପସନ୍ଦ କରିଛନ୍ତି। ଦାନରେ ମିଳିଥିବା ଜମି ବା କୋଠା କେବଳ ଦାତବ୍ୟ ଉଦ୍ଦେଶ୍ୟରେ ବ୍ୟବହାର ହୋଇପାରିବ। ଦୀର୍ଘବର୍ଷ ଧରି ଏହି ଧର୍ମଶାଳା ଗରିବ ଯାତ୍ରୀଙ୍କ ସାହାରା ପାଲଟିଥିଲା। ବହୁତ କମ୍ ଟଙ୍କା ଦେଇ ଯାତ୍ରୀ ଏଠାରେ ରହିପାରୁଥିଲେ। ପୁରୀର ଲଜିଂ ହାଉସ ଫଣ୍ଡ ଏହାକୁ ପରିଚାଳନା କରୁଥିଲା। ଏହାକୁ ଭଙ୍ଗାଯିବା ପରେ କେନ୍ଦ୍ରସରକାରଙ୍କ ପ୍ରସାଦ ଯୋଜନାରେ ବଗଲା ଧର୍ମଶାଳାର କାମ ଚାଲିଥିବାବେଳେ ଏହାକୁ ଅଧାରୁ ବନ୍ଦ କରାଯାଇ ପ୍ଲଟିଂ କରାଯାଇ ବଣ୍ଟାଯାଇଛି। ଏଥିରେ ସମୁଦାୟ ୨୮ଟି ପ୍ଲଟିଂ କରାଯାଇଛି। 'ଏ' ବର୍ଗ ପ୍ଲଟ୍‌ରେ ୧,୫୦୦ ବର୍ଗଫୁଟ, 'ବି' ବର୍ଗ ପ୍ଲଟ୍‌ରେ ୨୦୦୦ ବର୍ଗଫୁଟ ଏବଂ ସି ବର୍ଗର ପ୍ଲଟ୍‌ରେ ୩,୦୦୦ ବର୍ଗଫୁଟ୍ ଅଞ୍ଚଳ ରହିଛି। ଏଠାରେ ଭିତର ସେବାୟତ ନିଯୋଗକୁ ୨ଟି ପ୍ଲଟ୍ ଦିଆଯାଇଥିବା ବେଳେ ଅନ୍ୟ ଭବନ, ଲଜ୍ ମାଲିକଙ୍କୁ ଗୋଟିଏ ଲେଖାଏ ପ୍ଲଟ୍ ଦିଆଯାଉଛି।

### ଯାତ୍ରୀଙ୍କ ପାଇଁ ୧୦୦/୨୦୦ ଟଙ୍କାରେ ରହଣି ବ୍ୟବସ୍ଥା

ବଗଲା ଧର୍ମଶାଳା ଜମି ବଣ୍ଟନ ସମ୍ପର୍କରେ ଜିଲାପାଳ କହିଛନ୍ତି, ପୁରୀକୁ ଆସୁଥିବା ଯାତ୍ରୀଙ୍କ ସୁବିଧା ପାଇଁ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ସର୍ବଦା ଗୁରୁତ୍ୱ ଦେଇଆସୁଛନ୍ତି। ୧୦୦/୨୦୦ ଟଙ୍କାରେ ସାଧାରଣ ଯାତ୍ରୀମାନେ କିପରି ରହିପାରିବେ ସେ ବ୍ୟବସ୍ଥା କରାଯାଉଛି। ସେଥିପାଇଁ ସ୍ଥାନ ଚିହ୍ନଟ ଚାଲିଛି। ଯାତ୍ରୀଙ୍କ ରହଣି ଲାଗି ଯଦି କୌଣସି ଘରୋଇ ସଂସ୍ଥା ଯାତ୍ରୀନିବାସ କିମ୍ବା ଧର୍ମଶାଳା ତିଆରି କରିବାକୁ ଚାହିଁବେ ତାଙ୍କୁ ସହଯୋଗ କରାଯିବ। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୁରକ୍ଷା ଜୋନ୍‌ରେ ଯେଉଁମାନେ ପ୍ରଭାବିତ ହେବାକୁ ଯାଉଛନ୍ତି ତାଙ୍କ ଯନ୍ତ୍ରଣା ଅନ୍ୟ କେହି ଅନୁଭବ କରିପାରିବେ ନାହିଁ। ଯିଏ ଜମି ଦେଉଛନ୍ତି କଷ୍ଟ କ'ଣ ସେମାନେ ହିଁ ଅନୁଭବ କରୁଛନ୍ତି। କ୍ଷତିପୂରଣ ସହାୟତା ସେମାନଙ୍କ ଯନ୍ତ୍ରଣାକୁ କେବେହେଲେ ଲାଘବ କରିପାରିବ ନାହିଁ। ତେଣୁ ସେମାନଙ୍କ ପାଇଁ ସବୁଠୁ ଅଧିକ ଯାହା କିଛି ସମ୍ଭବ ତାହା କରାଯିବ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ସାରସ୍ୱତ ସାଧକମାନେ ।

# ପୁସ୍ତକ ମେଳା ମଞ୍ଚରେ ସାରସ୍ୱତ ଆସର

ପୁରୀ ଅଫିସ, ୨୯।୧୧:

ଶରଧାବାଲିଠାରେ ଚାଲିଥିବା ପୁରୀ ପୁସ୍ତକ ମେଳାର ଶୁକ୍ରବାର ଥିଲା ପଞ୍ଚମ ଦିନ। ଏହି ପଞ୍ଚମ ସନ୍ଧ୍ୟାରେ ଭକ୍ତ କବି ବଳରାମ ଦାସ ମଞ୍ଚରେ କବିତା ପାଠୋତ୍ସବ ଓ ସାରସ୍ୱତ ଆସର ଅନୁଷ୍ଠିତ ହୋଇଥିଲା। ଅନୁରାଗ ସାହିତ୍ୟ ସଂଗୋଷ୍ଠୀର ସଭାପତି ବିଜୟଲକ୍ଷ୍ମୀ ଦାଶଙ୍କ ପୌରହିତ୍ୟରେ ସାରସ୍ୱତ ଆଲୋଚନା ଏବଂ କବିତା ପାଠ କରାଯାଇଥିଲା। ସହ ସମ୍ପାଦକ ଦୟାନିଧି ପଣ୍ଡା ବେଦ ପାଠ ଏବଂ କାର୍ଯ୍ୟକାରୀ ସଭାପତି କବି ଶିବସୁନ୍ଦର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନାମ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାରସ୍ୱତ ଆଲୋଚନା ସଭାରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାସ ଓ ସମ୍ମାନିତ ଅତିଥି ଭାବେ କବି ସଦାଶିବ ମିଶ୍ର ଯୋଗଦେଇଥିଲେ। ବିଶ୍ୱକୁ ଜ୍ଞାନ ପ୍ରଦାନ କ୍ଷେତ୍ରରେ ଭାରତର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ତକ୍ଷଶିଳା, ନାଳନ୍ଦା ଭଳି ବିଶ୍ୱବିଦ୍ୟାଳୟର ଅବଦାନ ସର୍ବଦା ସ୍ମରଣୀୟ ହୋଇରହିବ ବୋଲି ଅତିଥିମାନେ କହିଥିଲେ। କବୟିତ୍ରୀ କ୍ରିଷ୍ଣା ମହାପାତ୍ର ଏବଂ କବି ଆଲୋକ କୁମାର ପ୍ରଧାନଙ୍କ ସଂଯୋଜନାରେ ବହୁ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। କବି ବିଶ୍ୱମ୍ଭର ସାହୁ ଧନ୍ୟବାଦ ଦେଇଥିଲେ। ପଞ୍ଚମ ସନ୍ଧ୍ୟାରେ ପୁସ୍ତକ ମେଳାରେ ବେଶ୍ ଭିଡ଼ ଦେଖିବାକୁ ମିଳିଥିଲା।





ପୁରୀ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଜିଲା ଯୁବ ମହୋତ୍ସବ ଉଦ୍‌ଯାପନୀ ଦିବସରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ଜିଲା ଯୁବ ଉତ୍ସବ ଉଦ୍‌ଯାପିତ

ପୁରୀ ଅଫିସ, ୨୯।୧୧:

ସଂସ୍କୃତି ଭବନରେ ଚାଲିଥିବା ଦୁଇଦିନିଆ ଜିଲା ଯୁବ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଏବଂ ନେହେରୁ ଯୁବକେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଶୀ ମଞ୍ଚାସୀନ ଥିଲେ। ସାଂସ୍କୃତିକ ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଚଳିତବର୍ଷ ଯୁବ ଉତ୍ସବରେ ଜିଲାର ୧୧ଟି ବ୍ଲକରୁ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଉଦ୍‌ଯାପନୀ ଦିବସରେ ସୁରେନ୍ଦ୍ର ନାୟକ, ସତ୍ୟପ୍ରିୟ ମହାପାତ୍ର, ଅଶୋକ କୁମାର ଦାସ, ନାରାୟଣ ପାଣ୍ଡେ, ଶକ୍ତିପ୍ରସାଦ ନାୟକ, ବିଜୟ କୁମାର ପଣ୍ଡା, ବିପିନ ବିହାରୀ ଦଳାଇ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ଲୋକ ସଙ୍ଗୀତରେ କ୍ରିଷ୍ଣାମୋହନ ଓଡ଼ିଶୀ ମ୍ୟୁଜିକ୍ ଆଣ୍ଡ ଡ୍ୟାନ୍ସ ଏକାଡେମୀ, ଲୋକନୃତ୍ୟରେ ଜୟ ଜଗନ୍ନାଥ କଳା ଓ ସାଂସ୍କୃତିକ ପରିଷଦ, ଓଡ଼ିଶୀ ନୃତ୍ୟରେ ଜି. ସଞ୍ଜୟ, କୁଚିପୁଡି ନୃତ୍ୟରେ ଅନେଶ୍ୱର ରାଉଲ, ମଣିପୁରୀ ନୃତ୍ୟରେ ସୌଭାଗିନୀ ସ୍ୱାଇଁ, ଭାରତନାଟ୍ୟମ୍‌ରେ ଏଲ୍.ଡିମ୍ପଲସାଇ ରେଡ୍ଡୀ, ବାକ୍‌ପଟୁତାରେ ଏଲ୍. ଡିମ୍ପଲସାଇ ରେଡ୍ଡୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପ୍ରଥମ ଦିନରେ ହିନ୍ଦୁସ୍ଥାନୀ ଭୋକାଲରେ ପୁରୀର ଶାଶ୍ୱତି ଦାଶ, ତବଲାରେ କଣାସର ବସନ୍ତ କୁମାର ସାହୁ, ମୃଦଙ୍ଗରେ ବ୍ରହ୍ମଗିରିର ତରୁଣ କୁମାର ବେହେରା, ବଂଶୀରେ ନିମାପଡ଼ାର ସୁବ୍ରତ ବେହେରା ଓ ହାରମୋନିୟମ୍‌ରେ ପୁରୀର ଚିନ୍ମୟ କୁମାର ମଲ୍ଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

### ଛୋଟିଯୋଡ଼ି ଗ୍ରାମରେ ଗୋଷ୍ଠୀ ସଂଘର୍ଷ ଘଟଣା, ୧୫ ଗିରଫ

କଣାସ,୨୯।୧୧(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଗଡସାନପୁଟ ପଞ୍ଚାୟତର ଛୋଟିଯୋଡି ଗ୍ରାମରେ ଗତ ୧୫ଦିନ ତଳେ ୨ଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହେବା ସହ ଜଣେ ଆହତ ହେବା ଘଟଣାରେ କଣାସ ପୋଲିସକୁ ସଫଳତା ମିଳିଛି। ଏ ନେଇ ଉଭୟ ପକ୍ଷରୁ ଥାନାରେ ମାମଲା ହୋଇଥିବା ବେଳେ ପୋଲିସ ତଦନ୍ତ ଚଳାଇଥିଲା। ତେବେ ଗୋଟିଏ ଗୋଷ୍ଠିରେ ୭ଜଣଙ୍କ ନାମରେ ମାମଲା ଥିଲାବେଳେ ସେଥିରୁ ଶୁକ୍ରବାର ୫ଜଣକୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଗୋଷ୍ଠୀର ୧୮ଜଣଙ୍କ ନାମରେ ମାମଲା ଥିବାବେଳେ ୧୦ଜଣକୁ ଗିରଫ୍ କରି କୋର୍ଟଚାଲଣ ହୋଇଛି। ଏହି ଗଣ୍ଡଗୋଳ ଯୋଗୁ କଣାସ ଥାନା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିଦିଆଯାଇଛି।

■ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା

# ୨୦ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ପୁରୀ ଅଫିସ, ୨୯।୧୧:

ବିଶ୍ୱମ୍ଭର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୁରୀ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ବୈଜ୍ଞାନିକମାନଙ୍କୁ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ପାଇଁ ଉତ୍ସାହିତ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା, ସମ୍ମାନିତ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ମମତା ମିଶ୍ର, ପୁରୀ ଜିଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ମିଶ୍ର, ଗଦାଧର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦାସ ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱମ୍ଭର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶୀଲ କୁମାର ବ୍ରହ୍ମାଙ୍କ ସଭାପତିତ୍ୱରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। କୃଷି, ସ୍ୱାସ୍ଥ୍ୟ, ବର୍ଜ୍ୟବସ୍ତୁ ପରିଚାଳନା, ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା, ଉଦ୍ୟୋଗ, ଯୋଗାଯୋଗ ଓ ପରିବହନ ସମ୍ବନ୍ଧୀୟ ୨୦୦ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଏଥିମଧ୍ୟରୁ ୨୦ଟି ପ୍ରକଳ୍ପ ଜିଲାସ୍ତରୀକୁ ମନୋନୀତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅରବିନ୍ଦ ପ୍ରଧାନ ଯୋଗଦେଇଥିଲେ। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସଭାରେ ଗଙ୍ଗାଧର ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଶ୍ୱମ୍ଭର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶିବରାମ ମିଶ୍ର ଧନ୍ୟବାଦ ଦେଇଥିଲେ।

# କୋଣାର୍କ ଉତ୍ସବ କାର୍ଯ୍ୟ ଅନୁଧ୍ୟାନ କଲେ ରାଜ୍ୟ ପର୍ଯ୍ୟଟନ ସଚିବ

କୋଣାର୍କ,୨୯।୧୧(ଡି.ଏନ.ଏ.)



ପର୍ଯ୍ୟଟନ ସଚିବ ବିଶାଳ ଦେବ , ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ଅନ୍ୟମାନେ ବାଲୁକାକଳା ମହୋତ୍ସବ ପ୍ରସ୍ତୁତି କାର୍ଯ୍ୟ ବୁଲି ଦେଖୁଛନ୍ତି ।

ଡିସେମ୍ବର ୧ ତାରିଖଠାରୁ ଆରମ୍ଭ ହେବାକୁ ଯାଉଛି କୋଣାର୍କ ଉତ୍ସବ ଓ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ। ଏ ନେଇ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ଚାଲିଥିବା ଫଟୋଚିତ୍ର କାର୍ଯ୍ୟ, ରଙ୍ଗ ପରିମଳ କାର୍ଯ୍ୟ ସହ ଉତ୍ସବ ଆୟୋଜିତ ମୁକ୍ତାକାଶ ରଙ୍ଗମଞ୍ଚ ସୌନ୍ଦର୍ଯ୍ୟ କାର୍ଯ୍ୟକୁ ପର୍ଯ୍ୟଟନ ବିଭାଗ ସଚିବ ବିଶାଳ ଦେବ ବୁଲି ଦେଖିଥିଲେ। ଏହାପରେ ସଚିବ ୧ରୁ ୫ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବାଲୁକା କଳା ମହୋତ୍ସବ କାର୍ଯ୍ୟ ମଧ ଦେଖିଥିଲେ। ଚନ୍ଦ୍ରଭାଗାରେ ହେବାକୁ ଥିବା ଏହି ମହୋତ୍ସବ ନିମନ୍ତେ ନିର୍ମାଣଧୀନ ବାଲୁକା ଷ୍ଟଲ ବୁଲିବା ଅବସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ହେଉଥିବା ଫୁଡ ଷ୍ଟଲ ସମ୍ମୁଖରେ ମ୍ୟାଟ ବିଛା କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତବର୍ଷ ଇଣ୍ଡୋନେସିଆର ନୃତ୍ୟ ପର୍ଯ୍ୟଟକଙ୍କ ମନକୁ ବିଶେଷ ଭାବେ ଆକର୍ଷିତ କରିବ ବୋଲି ପରିଦର୍ଶନ ଅବସରରେ ସଚିବ ଦେବ କହିଥିଲେ। ଏହି ଅବସରରେ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଯାଦବ, ଓଟିଡିସି ନିର୍ଦ୍ଦେଶକ ହେମାକାନ୍ତ ସାଏ, ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଭୁବନେଶ୍ୱର ପର୍ଯ୍ୟଟନ ଅଧିକାରୀ ନିଶିକାନ୍ତ ପଟ୍ଟନାୟକ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶିଶୁ ବିକାଶ କାର୍ଯ୍ୟାଳୟ ଘେରିଲେ ମହିଳା



ଶିଶୁ ବିକାଶ ଅଧିକାରୀ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କଣାସ,୨୯।୧୧(ସ୍ୱ.ପ୍ର.)

କଣାସ ବ୍ଲକରେ ଅବସ୍ଥାପିତ ଶିଶୁ ବିକାଶ ଅଧିକାରୀ ଜ୍ୟୋସ୍ନାମୟୀ ପଣ୍ଡାଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ଶୁକ୍ରବାର ୨୮ଟି ପଞ୍ଚାୟତର ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦକ ଏବଂ ସିରେଇ ପଞ୍ଚାୟତର ମହିଳା ଗୋଷ୍ଠୀର ମହିଳାମାନେ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ସୂଚନାଯୋଗ୍ୟ, ସିରେଇ ଗ୍ରାମର ଲକ୍ଷ୍ମୀନାରାୟଣ ଚମ୍ପତି ଦୀର୍ଘ ୨୦ବର୍ଷହେଲା ଦୈନିକ ୯୨ଟଙ୍କା ମଜୁରିରେ ଅସ୍ଥାୟୀ ପିଅନ ଭାବେ ଏହି ଅଫିସରେ କାର୍ଯ୍ୟ କରୁଥିଲେ। ସେହିଭଳି କଣାସ ଗ୍ରାମର ସାମ୍‌ସରା ଅଲ୍ଲୀ ୮ବର୍ଷ ହେବ ଅସ୍ଥାୟୀ ଡ୍ରାଇଭର ରୂପେ ଓ ମମତା ଯୋଜନାରେ ଜିଲାପାଳଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଦେବବ୍ରତ ପଲାଇ ଦେଢବର୍ଷ ହେବ ଡାଟା ଅପରେଟର କାର୍ଯ୍ୟ କରୁଥିଲେ। କିନ୍ତୁ ଏମାନଙ୍କୁ ଶିଶୁ ବିକାଶ ଅଧିକାରୀ ପଣ୍ଡା ଉଦ୍ଦେଶ୍ୟମୂଳକ ଭାବେ ଗତ ୧୫ଦିନ ହେଲା କାର୍ଯ୍ୟରୁ ବାହାର କରିଦେଇଛନ୍ତି। ଅନ୍ୟପକ୍ଷରେ ଇତି ମଧ୍ୟରେ ଶିଶୁ ବିକାଶ ଅଧିକାରୀ ନିଜ ମନମୁତାବକ ଅନ୍ୟ କର୍ମଚାରୀଙ୍କୁ ରଖିସାରିଲେଣି। ଏହାର ପ୍ରତିବାଦରେ ଏବଂ ସେମାନଙ୍କୁ ପୁନଃ ନିଯୁକ୍ତି ଦାବି ନେଇ ବିଭିନ୍ନ ଗ୍ରାମର ମହିଳା ଗୋଷ୍ଠୀର ମହିଳାମାନେ ଏହି ବିକ୍ଷୋଭ ପ୍ରଦର୍ଶନ କରିଥିବା କଣାସ ମହିଳା ମହାସଂଘର ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ଉଲାସ ସାମନ୍ତରାୟ କହିଛନ୍ତି। ପୂର୍ବରୁ ମହାସଂଘ ପକ୍ଷରୁ ବିକ୍ଷୋଭ କରିବାପାଇଁ ସୂଚନା ଦିଆଯାଇଥିବାବେଳେ ସିଡିପିଓ ଶିଶୁ ବିକାଶ ଅଧିକାରୀ ପଣ୍ଡା ଓ ସୁପରଭାଇଜରମାନେ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟାଳୟକୁ ଆସି ନ ଥିଲେ। ଶିଶୁବିକାଶ ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁ ଟେଲିଫୋନ୍( ୯୯୩୭୪୦୧୪୦୪) ଯୋଗେ ଯୋଗାଯୋଗ କରିଥିଲେ ମଧ ସେ ଉଠାଇ ନ ଥିଲେ।

### ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ନିମାପଡ଼ା,୨୯।୧୧(ଡି.ଏନ୍.ଏ.): ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୫ବର୍ଷୀୟା ନାବାଳିକା ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ପୋଲିସ ଏନେଇ(ନଂ.୩୦୫/୧୯)ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ୨୬ସନ୍ଧ୍ୟାରେ ନାବାଳିକା ଘର ବାହାରକୁ ଯାଇଥିବା ବେଳେ ତାଙ୍କୁ ଅପହରଣ କରାଯାଇଥିବା ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି।

■ ହଷ୍ଟେଲରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର ଘଟଣା

# ଡିସେମ୍ବର ୫ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମୋବାଇଲ ମନା

ପୁରୀ ଅଫିସ, ୨୯।୧୧ :

ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ସଦାଶିବ କ୍ୟାମ୍ପସର ପେଣ୍ଠକଟା ସ୍ଥିତ ବାଲ୍ମୀକି ଛାତ୍ରାବାସ ପରିସରରୁ ପ୍ରାକଶାସ୍ତ୍ରୀ ପ୍ରଥମ ବର୍ଷ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ବୁଧବାର ପୋଲିସ ଉଦ୍ଧାର କରିଥିଲା। ମୃତ ଛାତ୍ର ଜଣକ ମୋବାଇଲରେ ଆତ୍ମହତ୍ୟାର ଭିଡିଓ ରେକର୍ଡିଂ କରିଥିଲେ। ଏହି ଘଟଣାକୁ କଲେଜ କର୍ତ୍ତୃପକ୍ଷ ଗୁରୁତର ସହିତ ନେଇଛନ୍ତି। ଶୁକ୍ରବାର ଏନେଇ କଲେଜ ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ଜରୁରିକାଳୀନ ବୈଠକ ବସିଥିଲା। ନିଷ୍ପତ୍ତି କ୍ରମେ ଆସନ୍ତା ଡିସେମ୍ବର ୫ତାରିଖ ପର୍ଯ୍ୟନ୍ତ ବିଦ୍ୟାପୀଠ ଏବଂ ଉଭୟ ଛାତ୍ରାବାସରେ ମୋବାଇଲ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ପାଠପଢା ସମୟରେ ଅଧ୍ୟାପକ/ପ୍ରଫେସର ମାନେ ମୋବାଇଲ ସୁଇଚ ଅଫ କରିବେ। ଏନେଇ ପତ୍ରାଙ୍କ ୫୫୩/୨୮।୧୧।୧୯ ପ୍ରକାରେ କଲେଜରେ ବୋର୍ଡରେ ନୋଟିସ ଦିଆଯାଇଛି। ଅନ୍ୟପଟେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏପରି ନିର୍ଦ୍ଦେଶକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ଏହି ଘଟଣା ପାଇଁ ମୃତକଙ୍କ ପରିବାର ଲୋକେ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିଲେ। ଶୁକ୍ରବାର ସମୁଦ୍ରକୂଳ ଥାନା ପୋଲିସ କଲେଜରେ ପହଞ୍ଚି ସିସିଟିଭି ଯାଞ୍ଚ କରିଛି। ସେ କଲେଜରେ ରହିବା ସମୟରେ କେଉଁଠି ଥିଲେ, କାହା ସହିତ ମିଶିଛନ୍ତି, ସବୁ ଟିକିନିଖି ଯାଞ୍ଚ କରିଛି ପୋଲିସ। କଲେଜ ପରିସରରେ ଛାତ୍ରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶୋକସଭା ଆୟୋଜିତ ହୋଇଥିଲା। ଏଥିରେ କଲେଜର ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବାଲ୍ମୀକି ଛାତ୍ରାବାସ କୋଠରି ନଂ ୨୨୦ରେ ମୃତ ଛାତ୍ରଙ୍କ ସହ ଅନ୍ୟ ଦୁଇଜଣ ରହୁଥିଲେ। ଏହି କୋଠରୀକୁ କର୍ତ୍ତୃପକ୍ଷ ବନ୍ଦ କରିଦେଇଛନ୍ତି। ସେହି ରୁମରେ ରହୁଥିବା ଅନ୍ୟ ଦୁଇଜଣଙ୍କୁ ଅନ୍ୟ ରୁମକୁ ସିଫ୍ଟ କରାଯାଇଛି। ଘଟଣାର ନିରପେକ୍ଷ ତଦନ୍ତ ଲାଗି ଯୁବ କଂଗ୍ରେସ ନେତା ଆଲୋକ କୁମାର ଦାଶ ଦାବି କରିଛନ୍ତି। ଏନେଇ ସେ କଲେଜ କର୍ତ୍ତୃପକ୍ଷଙ୍କ ସହ ଭେଟି ଆଲୋଚନା କରିଥିବା କହିଛନ୍ତି।